ଶ୍ରୀ ହରିଶଙ୍କର

ଶ୍ରୀ ନିରାକାର ମହାଲିକ

Digitized by PPRACHIN, SOA

ଶ୍ରୀ ହରିଶଙ୍କର

ଶ୍ରୀ ନିରାକାର ମହାଲିକ

ଆଗାମୀ ସାହିତ୍ୟ ସଂସଦ, ପଦ୍ମପୁର

Digitized by PPRACHIN, SOA

ଶ୍ରୀହରିଶଙ୍କର

ଲେଖକ :
ଶ୍ରୀ ନିରାକାର ମହାଲିକ

ସ୍ୱତ୍ୱାଧିକାରିଣୀ :
ଶ୍ରୀମତୀ ସୁଷମା ମହାଲିକ

ପ୍ରଥମ ପ୍ରକାଶ :
ମହାଶିବରାତ୍ରୀ ୧୯୮୬
ପ୍ରଚ୍ଛଦ : ଶ୍ରୀ ନାରାୟଣ ପ୍ରୁଷେଠ୍
ଆଲୋକ ଚିତ୍ର : ଶ୍ରୀ କମଲ ପୁରୋହିତ
ପ୍ରକାଶକ :
ଆଗାମୀ ସାହିତ୍ୟ ସଂସଦ, ପଦ୍ମପୁର
ରାଜବୋରାସମ୍ବର, ସମ୍ବଲପୁର-୭୬୮୦୩୬
ମୁଦ୍ରଣ :
ନବଜୀବନ ପ୍ରେସ, କଟକ-୨
ମୂଲ୍ୟ : ଟ ୨୦.୦୦
ବନ୍ଧାଇ : ଟ ୨୨.୦୦

SRIHARISHANKAR
Writer :
SRI NIRAKAR MAHALIK

© Smt. Sushama Mahalik

Publisher :
Agami Sahitya Sansad,
Padampur, Rajborasambar
Sambalpur-768036
First Edition :
Mahasivaratri 1986
Printed at :
Nabajivan Press, Cuttack-2
Photo Art :
Sri Kamal Purohit
Cover Design :
Sri Narayan Pruseth
Price : Rs. 20.00
Bound Rs. 22.00

Digitized by PPRACHIN, SOA

ସଂସଦ ତରଫରୁ

ଶ୍ରୀନୃସିଂହନାଥ ଓ ଶ୍ରୀହରିଶଙ୍କର ଓଡ଼ିଶାର ପ୍ରାଚୀନ ଐତିହ୍ୟ ମଧ୍ୟରୁ ଅନ୍ୟତମ । ଧର୍ମଚେତନା, ସାଂସ୍କୃତିକ ପରମ୍ପରା ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ଏ ଦୁଇଟି ପୀଠ ଯେତେ ମହାନ୍, ଐତିହାସିକ ବୈଭବ ଦୃଷ୍ଟିରୁ ମଧ୍ୟ ସେତେ ଗୁରୁତ୍ୱପୂର୍ଣ୍ଣ ; ମାତ୍ର ଅନେକ ବିଦ୍ୱାନ୍ ଲେଖକଙ୍କଦ୍ୱାରା ବହୁ ନିବନ୍ଧ ଲେଖା ଯାଇଥିଲେ ମଧ୍ୟ, ଏ ଦୁଇଟି ସ୍ଥାନ ଉପରେ ଗୋଟିଏ ଗବେଷଣାମୂଳକ ଗ୍ରନ୍ଥ ଏ ପର୍ଯ୍ୟନ୍ତ ପ୍ରକାଶିତ ହୋଇପାରି ନ ଥିଲା । ଏ ଅଭାବ ଦୂର କରିବା ପାଇଁ ୧୯୮୪ ମସିହାରେ ଶ୍ରୀ ନିରାକାର ମହାଲିକଙ୍କର ଗବେଷଣାମୂଳକ ଗ୍ରନ୍ଥ "ଶ୍ରୀନୃସିଂହନାଥ : ତତ୍ତ୍ୱ, ମନ୍ଦିର ଓ କ୍ଷେତ୍ର ପରିଚୟ" ଆଗାମୀ ସାହିତ୍ୟ ସଂସଦ ତରଫରୁ ପ୍ରକାଶ କରା ଯାଇଥିଲା । ୧୯୮୫ ମସିହାରେ ସେହି ପୁସ୍ତକର ହିନ୍ଦୀ ରୂପାନ୍ତର ପ୍ରକାଶିତ ହୋଇଛି । ହିନ୍ଦୀ ଭାଷାରେ ଏହାର ରୂପାନ୍ତର କରିଛନ୍ତି ହିନ୍ଦୀ ଭାଷାର ବିଶିଷ୍ଟ ଯୁବ କବି ଓ ଲେଖକ ଶ୍ରୀ ସ୍ୱରାଜ ଦାସ 'କଙ୍କଣ' ।

'ଶ୍ରୀହରିଶଙ୍କର' ପୁସ୍ତକଟି ପ୍ରକାଶିତ ହେବାଦ୍ୱାରା ଆଉ ଏକ ଅଭାବ ଦୂର ହେଲା । ପୁସ୍ତକ ପ୍ରକାଶନ ପାଇଁ ଅନୁମତି ଦେଇଥିବାରୁ ମୁଁ ଆଗାମୀ ସାହିତ୍ୟ ସଂସଦ ତରଫରୁ ଶ୍ରୀ ମହାଲିକଙ୍କଠାରେ ଗଭୀର କୃତଜ୍ଞତା ପ୍ରକାଶ କରୁଛି ।

ଶ୍ରୀ ନାରାୟଣ ପୃଷେଠ୍
ସମ୍ପାଦକ,
ଆଗାମୀ ସାହିତ୍ୟ ସଂସଦ, ପଦ୍ମପୁର

Digitized by PPRACHIN, SOA

ଭୂମିକା

ଶ୍ରୀହରିଶଙ୍କର କ୍ଷେତ୍ରରେ ମୁଖ୍ୟ ବିମାନରେ ହରିହର ପୂଜା ପାଉଛନ୍ତି । ବିଭିନ୍ନ ଧର୍ମଶାସ୍ତ୍ରରୁ ପ୍ରମାଣ ମିଳେ ହରି ଓ ହର (ଶିବ) ଅଭିନ୍ନ ଏବଂ ଏମାନଙ୍କ ମଧ୍ୟରେ ଯିଏ ଭେଦବୁଦ୍ଧି କଳ୍ପନା କରେ ତାକୁ ନରକଗାମୀ ହେବାକୁ ପଡ଼େ । "ଏକ ସ୍ତ୍ରୀ ମୂର୍ତ୍ତିସ୍ତ୍ରୟୋ ଦେବାଃ ବ୍ରହ୍ମା ବିଷ୍ଣୁମହେଶ୍ୱରାଃ । ତ୍ରୟାଣାମନ୍ତରଂ ନାସ୍ତି ଗୁଣ ଭେଦାଃ ପ୍ରକୀର୍ତ୍ତିତାଃ ॥" (ପଦ୍ମ ପୁରାଣ-ଭୂମିଖଣ୍ଡ) । "ଅବିଦ୍ୟା ମୋହିତାତ୍ମନଃ ପୁରୁଷା ଭିନ୍ନଦର୍ଶିନଃ । ବଦନ୍ତି ଭେଦଂ ପଶ୍ୟନ୍ତି ଶିବୟୋରନ୍ତରଂ ହର ॥" (ବିଷ୍ଣୁ ପୁରାଣ ୫ । ୩୩ । ୪୯) "ଗଙ୍ଗା ଦୁର୍ଗା ହରୀଶାନାଂ ଭେଦକୃନ୍ନାରକୀ ଛଥା " (ବୃହଦ୍ଧର୍ମ ପୁରାଣ) । ଏଠାରେ ଗଙ୍ଗା, ଦୁର୍ଗା, ହରି ଓ ଈଶାନ (ହର) ସମସ୍ତ ଅଭିନ୍ନ ରୂପେ ପ୍ରତିପାଦିତ ।

ଏହି କ୍ଷେତ୍ରରେ ମଣିମୁକ୍ତା ଖଚିତ, ଯୋଗୀ-ବିଳାସୀ-ଗୃହବାସୀ, ବୈକୁଣ୍ଠବିହାରୀ ହରିଙ୍କ ପାର୍ଶ୍ୱରେ ଅନୁପମ ସୁନ୍ଦରୀ କମଳାତ୍ମିକା ଲକ୍ଷ୍ମୀ ଥିଲାବେଳେ ଶ୍ମଶାନବାସୀ, ସର୍ବତ୍ୟାଗୀ ଏକମାତ୍ର ଖର୍ପର ସମ୍ବଳ, ବିରୂପ, ବୈରାଗୀ-ସନ୍ନ୍ୟାସୀ ଶଙ୍କର (ଶିବ)ଙ୍କ ପାର୍ଶ୍ୱରେ ବିଶ୍ୱରୂପିଣୀ ତ୍ରିକୂଟ ଭୈରବୀ—ପାର୍ବତୀ ବିଦ୍ୟମାନ । ଏତେ ବିଭିନ୍ନତା ଥାଇ ମଧ୍ୟ ଆମର ସବୁ ଧର୍ମ ଶାସ୍ତ୍ର କହେ ଏମାନେ ଅଭିନ୍ନ ? ଶିବ ତ୍ୟାଗୀ-ବୈରାଗୀ-ସନ୍ନ୍ୟାସୀ ହୋଇ ସମସ୍ତ ଅହଂଭାବର ଅହମିକାକୁ ଭାଙ୍ଗି ଦେଇଛନ୍ତି ସତ୍ୟ, କିନ୍ତୁ ଜୀବ ଜଗତରୂପୀ ସଂସାରକୁ ହୃଦୟରେ ଧାରଣ କରିଛନ୍ତି । ତାଙ୍କର ନିଜ ସ୍ୱାର୍ଥକୁ ତ୍ୟାଗ କରି ମଧ୍ୟ ପରପାଇଁ ପ୍ରତ୍ୟେକ ଭୂତର ହିତ ସାଧନରେ ରତ, ତେଣୁ ସେ ଭୂତନାଥ । ସୁତରାଂ ଶଙ୍କର ସନ୍ନ୍ୟାସୀ ହୋଇ ମଧ୍ୟ ସଂସାରରେ ଲିପ୍ତ ।

ଗୋକୁଳବିହାରୀ ହରି (କୃଷ୍ଣ) ରାଧା ପ୍ରେମରେ ଉନ୍ମତ୍ତ । ରାଧାଙ୍କୁ ଦଣ୍ଡେ ନ ଦେଖିଲେ ସେ ପାଗଳ ପରି ହୋଇଯାଉଥିଲେ, ଯେପରି ସେ ରାଧାଙ୍କ ବିରହରେ ପ୍ରାଣ ଧାରଣ କରି ପାରିବେ ନାହିଁ । କିନ୍ତୁ ଯେତେବେଳେ ଅକ୍ରୂର ଆସି ମଥୁରା ଯିବାପାଇଁ ଖବର ଦେଲେ, ଶ୍ରୀକୃଷ୍ଣ

Digitized by PPRACHIN, SOA

ପ୍ରମୋଦବନ୍ଦା ଗୋପରମଣୀମାନଙ୍କ ଆକୁଳ ଆବେଦନକୁ ପ୍ରତ୍ୟାଖ୍ୟାନ କଲେ, ଏପରିକି ରାଧାଙ୍କଠାରୁ ବିଦାୟ ନେବାର ଆବଶ୍ୟକତା ମଧ୍ୟ ଅନୁଭବ କଲେ ନାହିଁ । ସେହିପରି ରାମଚନ୍ଦ୍ର (ହରି) ନିଜର କର୍ତ୍ତବ୍ୟ ପାଳନ ପାଇଁ ବିନା ଅପରାଧରେ ନିଜର ପତିପ୍ରାଣା ସୀତାଦେବୀଙ୍କୁ ବନକୁ ପଠାଇଥିଲେ । ସେ କେବେହେଲେ ନିଜ କର୍ତ୍ତବ୍ୟରେ ଅବହେଳା କରି ସ୍ତ୍ରୀ, ପୁତ୍ର ସଂସାରରେ ଆସକ୍ତ ହୋଇ ନାହାନ୍ତି । ତେଣୁ ହରି ଗୃହସ୍ଥ ହୋଇ ମଧ୍ୟ ନିର୍ଲିପ୍ତ ଏବଂ ଶଙ୍କର ସନ୍ନ୍ୟାସୀ ହୋଇ ମଧ୍ୟ ଲିପ୍ତ । ସୁତରାଂ ନିର୍ଲିପ୍ତ ଗୃହୀ ହରି ଓ ଲିପ୍ତ ସନ୍ନ୍ୟାସୀ ଶଙ୍କର ଅର୍ଥାତ୍ ହରି ଓ ଶଙ୍କର ଏକ ଆଉ ଅଭିନ୍ନ । ଏହି କ୍ଷେତ୍ରରେ ହରିଶଙ୍କର ସମସ୍ତ ଗୃହୀମାନଙ୍କୁ ହରିଙ୍କ ଆଦର୍ଶରେ ଏବଂ ସନ୍ନ୍ୟାସୀମାନଙ୍କୁ ଶଙ୍କରଙ୍କ ଆଦର୍ଶରେ ଜୀବନ ଗଠନ ପାଇଁ ପ୍ରେରଣା ଦେଇ ଆସିଛନ୍ତି ।

ଏହି ହରିଶଙ୍କର କ୍ଷେତ୍ରରେ ହରି, ହର, ଲକ୍ଷ୍ମୀ, ଭୈରବୀ, ଗଙ୍ଗା, ବୁଦ୍ଧ, ରାମ, ଦଧିବାମନ ସମସ୍ତଙ୍କୁ ଉପାସନା କଲେ ମଧ୍ୟ କେବଳ ସେହି ପରଂବ୍ରହ୍ମଙ୍କୁ ହିଁ ଉପାସନା କରାଯାଉଛି—ଏହା ଭଗବାନ ଶ୍ରୀକୃଷ୍ଣ ନିଜେ ଗୀତାରେ କହିଛନ୍ତି । "ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂ ସ୍ତଥୈବ ଭଜାମ୍ୟହଂ ।" (୪।୧୧) ତେଣୁ ଯେ କୌଣସି ଧର୍ମପ୍ରାଣ ବ୍ୟକ୍ତି ତାଙ୍କର ନିଜ ନିଜର ଇଷ୍ଟ ଦେବତାଙ୍କୁ ପୂଜା ଆରାଧନା କରିବାହିଁ ସେହି ଏକ ପରମେଶ୍ୱରଙ୍କ ଉପାସନା । ପରମ ଭକ୍ତ ହନୁମାନଙ୍କୁ ଥରେ ପ୍ରଶ୍ନ କରାଗଲା ଆପଣ କ'ଣ ରାମ କୃଷ୍ଣଙ୍କୁ ପୃଥକ ଜ୍ଞାନ କରୁଛନ୍ତି ? ସେ ହସି ହସି ଉତ୍ତର ଦେଇଥିଲେ—

"ଶ୍ରୀନାଥେ ଜାନକୀ ନାଥେ ଅଭେଦଃ ପରମାତ୍ମନି
ତଥାପି ମମ ସର୍ବସ୍ୱଂ ରାମଃ କମଳଲୋଚନଃ ॥"

ତେଣୁ ଏହି କ୍ଷେତ୍ରରେ ଯେ କୌଣସି ଧର୍ମପ୍ରାଣ ବ୍ୟକ୍ତି ନିଜ ନିଜର ଇଷ୍ଟଙ୍କୁ ପୂଜା କଲେ ମଧ୍ୟ ସେହି ଏକ ପରମେଶ୍ୱରଙ୍କୁହିଁ ଉପାସନା କରାଯାଏ ।

ଏହି କ୍ଷେତ୍ର ସମ୍ପର୍କରେ ମୋ'ର କେତେକ ଲେଖା 'ମାତୃଶକ୍ତି'ରେ ପ୍ରକାଶ ପାଇଛି ଏବଂ ଆକାଶବାଣୀ ସୌଜନ୍ୟରୁ ପ୍ରସାରିତ ହୋଇଛି । 'ଶ୍ରୀନୃସିଂହନାଥ: ତତ୍ତ୍ୱ, ମନ୍ଦିର ଓ କ୍ଷେତ୍ର ପରିଚୟ' ପୁସ୍ତକଟି ପ୍ରକାଶିତ ହେବା ସମୟରେ ସେହି ପୁସ୍ତକଟିରେ 'ହରିଶଙ୍କର' ଏକ ପରିଚ୍ଛେଦ ହୋଇ

Digitized by PPRACHIN, SOA

ପ୍ରକାଶିତ ହେବାର ଥିଲା, କିନ୍ତୁ ମୋର ବନ୍ଧୁ ସୁହୃଦ୍ ଗାନ୍ଧିକ ପ୍ରାଧ୍ୟାପକ ଶ୍ରୀ ନାରାୟଣ ପୃଷ୍ଟିଶେଠ୍ ଏହି ପରିଚ୍ଛେଦକୁ ଆଉ ଅଳ୍ପ ପରିବର୍ଦ୍ଧିତ କରି ଏକ ପୁସ୍ତକ ଆକାରରେ ପ୍ରକାଶ କରିବାକୁ ବାରମ୍ବାର ଉତ୍ସାହିତ କଲେ ଏବଂ ବିଭିନ୍ନ ସହାୟକ ପୁସ୍ତକ ଯୋଗାଇ ଦେଲେ । ପୁସ୍ତକ ରଚନା ଦିଗରେ ମୁଁ ସୁଖ୍ୟାତ ଐତିହାସିକ ଓ ପଣ୍ଡିତମାନଙ୍କ ଲେଖା ଏବଂ କେତେକ ପ୍ରାମାଣିକ ଗ୍ରନ୍ଥର ସହାୟତା ନେଇଛୁ ।

ପୁସ୍ତକରେ ସନ୍ନିବେଶିତ ଅଲୋକଚିତ୍ରଗୁଡ଼ିକୁ ସୌଖୀନ ଫଟୋଗ୍ରାଫର ଓ ରେଞ୍ଜ ଅଫିସର ଶ୍ରୀ କମଲ ପୁରୋହିତ ଯୋଗାଇ ଦେଇ-ଥିବାରୁ ସେ ଧନ୍ୟବାଦର ପାତ୍ର । ବ୍ୟାଖ୍ୟା ଚିତ୍ରଗୁଡ଼ିକୁ ଶ୍ରୀ ଅଶ୍ୱିନୀ କୁମାର ଶର୍ମା ଓ ଶ୍ରୀ ସରୋଜ କୁମାର ଦାଶ ଯୋଗାଇ ଦେଇଥିବାରୁ ସେମାନେ ମଧ୍ୟ ଧନ୍ୟବାଦର ପାତ୍ର । ବୈଦିକ ମାନଚିତ୍ରଟି ବନ୍ଧୁ ଶ୍ରୀ ନାରାୟଣ ପୃଷ୍ଟିଶେଠ୍ ଯୋଗାଇ ଦେଇଛନ୍ତି ଏବଂ ତାଙ୍କର ନିର୍ଦ୍ଦେଶରେ ଆବରଣ ଚିତ୍ରଟି ପ୍ରସ୍ତୁତ ହୋଇଥିବାରୁ ମୁଁ ପୁଣି ଥରେ ମୋର ଆନ୍ତରିକ ଧନ୍ୟବାଦ ଜଣାଉଛୁ । ପୁସ୍ତକଟି ଆଗାମୀ ସାହିତ୍ୟ ସଂସଦ, ଚନ୍ଦ୍ରପୁର ତରଫରୁ ହେଉଥିବାରୁ ସଂସଦର ସମସ୍ତ କର୍ମକର୍ତ୍ତାଙ୍କୁ ଆନ୍ତରିକ କୃତଜ୍ଞତା ଜଣାଉଛୁ । ପୁସ୍ତକଟିରେ ଯେଉଁ ସବୁ ତ୍ରୁଟି ରହି ଯାଇଛି ସହୃଦୟ ପାଠକ ପାଠିକାମାନେ ଏ ସମ୍ପର୍କରେ ମୋତେ ଜଣାଇଲେ ପରବର୍ତ୍ତୀ ସଂସ୍କରଣରେ ତା'ର ସଂଶୋଧନ କରାଯାଇ ପାରିବ । ପୁସ୍ତକଟି ସୁଧୀ ସମାଜରେ ଆଦୃତ ହେଲେ ମୋ'ର ଶ୍ରମ ସାର୍ଥକ ହେବ ।

ପରିଶେଷରେ ମହାପ୍ରଭୁ ଶ୍ରୀହରିଶଙ୍କରଙ୍କ ଚରଣ ତଳେ ପୁସ୍ତକଟି ସମର୍ପଣ କରି ପ୍ରଣତି ଜଣାଉଛୁ ।

ମହାଶିବରାତ୍ରୀ
୧୯୮୭

ବିନୀତ ଲେଖକ
ଶ୍ରୀ ନିରାକାର ମହାଳିକ

Digitized by PPRACHIN, SOA

ସୂଚୀପତ୍ର

ମୁଖବନ୍ଧ, ଭୂମିକା, ଚିତ୍ରସୂଚୀ

ପ୍ରଥମ ପରିଚ୍ଛେଦ :

ଉପକ୍ରମ—ଅବସ୍ଥିତି—ବୃଷ୍ଟିପାତ—ଉତ୍ତାପ—ଗମନାଗମନର ସୁବିଧା—ଭାଷା, ବିଶ୍ରାମାଗାର ସୁବିଧା । ୧-୩

ଦ୍ୱିତୀୟ ପରିଚ୍ଛେଦ :

ପଲେ-ମଲେ-କଲ (ପରିମଳଗିରି)—ମାଧ୍ୟମିକ ଦର୍ଶନ—ବୌଦ୍ଧ ଧର୍ମର ଶ୍ରେଣୀବିଭାଗ—ବୌଦ୍ଧଦେବତାଙ୍କର ହିନ୍ଦୁ ଦେବତାରେ କ୍ରମ ପରିବର୍ତ୍ତନ । ୪-୧୨

ତୃତୀୟ ପରିଚ୍ଛେଦ :

ସୋମବଂଶ—ସୋମବଂଶ କାଳରେ ଧର୍ମଧାରା—ତନ୍ତ୍ରପଦ୍ଧତିରେ ମନ୍ଦିର ନିର୍ମାଣ - କମ୍ବଦନ୍ତୀରେ ମନ୍ଦିର ନିର୍ମାଣ - ନୃସିଂହ ଚରିତରେ ମନ୍ଦିର ନିର୍ମାଣ ବର୍ଣ୍ଣନା - ନୃସିଂହନାଥର ଶିଳା ଲେଖ - ସୋମବଂଶୀ ରାଣୀ ବାସଟା, ଚୌହାନବଂଶୀ ରାଣୀ ଦୁର୍ଲଭ । ୧୩-୨୪

ଚତୁର୍ଥ ପରିଚ୍ଛେଦ:

ଶୈବଧର୍ମ - ବେଦ ପୁରାଣର ଆର୍ଯ୍ୟ-ଅନାର୍ଯ୍ୟ ଭାରତର ପ୍ରାଚୀନ ଅଧିବାସୀ ଏକଦେବ କାର୍ତ୍ତିକେୟ—ନନ୍ଦୀ (ବୃଷଭ)—ଶିବଙ୍କ ଭୂଷଣ ସର୍ପ—ଚନ୍ଦ୍ର—ଶିବଙ୍କର ତୃତୀୟ ନେତ୍ର—ଶିବଲିଙ୍ଗ—ହରିହର ତତ୍ତ୍ୱ । ୨୫-୪୭

ପଞ୍ଚମ ପରିଚ୍ଛେଦ:

ହରିଶଙ୍କର ପୀଠରେ ଭୈରବ ଉପାସନା—ପୁରାଣରେ ଭୈରବ—କାଳ ଭୈରବ—ଶ୍ରୀକ୍ଷେତ୍ରରେ ଭୈରବ—ଅନ୍ୟାନ୍ୟ ପୀଠରେ ଭୈରବମୂର୍ତ୍ତି—ମହାକାଳ—ଏକପାଦ ଭୈରବ ମୂର୍ତ୍ତି । ୪୮-୫୬

ଷଷ୍ଠ ପରିଚ୍ଛେଦ :

ଭୈରବୀ ଯାତ୍ରା ବା ବଳିପୂଜା ୫୭-୫୯

ସପ୍ତମ ପରିଚ୍ଛେଦ:

ହରିଶଙ୍କର ଅଞ୍ଚଳର କମ୍ବଦନ୍ତୀରେ ତନ୍ତ୍ରର ପ୍ରଭାବ—ଯୁଦ୍ଧ କ୍ଷେତ୍ରରେ ତନ୍ତ୍ରର ପ୍ରଭାବ । ରାଣୀ ପଦ୍ମାବତୀ—ସିଦ୍ଧକାରୀ ନଟେଇ ଧୋବଣୀ—ତନ୍ତ୍ର ସାଧନା । ୬୦

Digitized by PPRACHIN, SOA

ଅଷ୍ଟମ ପରିଚ୍ଛେଦ:

ମହାଲକ୍ଷ୍ମୀ ତନ୍ତ୍ରରେ ମହାଲକ୍ଷ୍ମୀ—ମହାଲକ୍ଷ୍ମୀ ତନ୍ତ୍ର—ମହାଲକ୍ଷ୍ମୀ ପୂଜା—ଗୁରୁବାର ଓଷା—ଲକ୍ଷ୍ମୀ ବିହୀନ ଜଗନ୍ନାଥ—ମହାଲକ୍ଷ୍ମୀଙ୍କ ଶ୍ରୀରାଧା ସ୍ୱରୂପ ୭୪-୮୪

ନବମ ପରିଚ୍ଛେଦ:

ହରିଶଙ୍କରରେ ମାତୃକା ପୂଜା—ବେଦ ଓ ପୁରାଣରେ ମାତୃକା ପୂଜା ମାତୃକାମାନଙ୍କ ଉତ୍ପତ୍ତି—ବୈଷ୍ଣବାଗମର ମାତୃକା—ସାରଳା ମହାଭାରତରେ ସପ୍ତମାତୃକା—ବ୍ରହ୍ମତନ୍ତ୍ରରେ ସପ୍ତମାତୃକା । ୮୫-୯୭

ଦଶମ ପରିଚ୍ଛେଦ:

ହରିଶଙ୍କର ପୀଠରେ ଗଣପତିଉପାସନା—ଗଣେଶ ମୂର୍ତ୍ତିର ଶ୍ରେଣୀ ବିଭାଗ—ଗଣେଶ ମୂର୍ତ୍ତିର ପ୍ରାଚୀନତା—ବେଦରେ ଗଣେଶ—ଆଦିବାସୀ ଗଣେଶ—ବୌଦ୍ଧ ଗଣପତି—ଗଣେଶଙ୍କ ଜନ୍ମରହସ୍ୟ—ଦେବତା ଗଣେଶ—ଗଣପତି ତନ୍ତ୍ର—ବୀର ଗଣେଶ—ଗଣେଶ କାର୍ତ୍ତିକେୟ କଳହ—ଗଣପତିଙ୍କ ବାହନ । ୯୮-୧୧୯

ଏକାଦଶ ପରିଚ୍ଛେଦ.

ଦଧିବାମନ—ଚକ୍ଷୁସୂଚୀ—ଏକାନଂଶା—ତନ୍ତ୍ରଭାବଧାରାରେ ଜଗନ୍ନାଥ । ୧୨୦-୧୨୮

ଦ୍ୱାଦଶ ପରିଚ୍ଛେଦ :

ଜାହ୍ନବୀର ଧରା ପୃଷ୍ଠକୁ ଅବତରଣ—ସାଂସ୍କୃତିକ ସଂଘର୍ଷ ପରେ ମହାସମନ୍ୱୟ—ଭୌଗୋଳିକ ଦୃଷ୍ଟିରୁ ଗଙ୍ଗା—ଭୌଗୋଳିକ ଓ ପୌରାଣିକ ସମ୍ପର୍କ—ତ୍ରିବେଣୀ । ୧୨୯-୧୪୨

ତ୍ରୟୋଦଶ ପରିଚ୍ଛେଦ :

ହରିଶଙ୍କର ବେଢ଼ା ପରିକ୍ରମା ୧୪୫

ଚତୁର୍ଦ୍ଦଶ ପରିଚ୍ଛେଦ:

ହରିଶଙ୍କରର ଦୈନିକ ନୀତି ନିର୍ଘଣ୍ଟ—ହରିଶଙ୍କର କ୍ଷେତ୍ରରେ ପର୍ବ ପର୍ବାଣୀ—ହରିଶଙ୍କରର ଖମାର ସମ୍ପତ୍ତି । ୧୪୬-୧୫୧

ସହାୟକ ଗ୍ରନ୍ଥସୂଚୀ ୧୫୨-୧୫୫

Digitized by PPRACHIN, SOA

ଚିତ୍ର ସୂଚୀ

ଚିତ୍ର ନଂ ୧ । ଶ୍ରୀ ହରିଶଙ୍କର ମହାପ୍ରଭୁ
୨ । ଯନ୍ତ୍ରାରୂଢ଼ ଗଣେଶ
୩ । ନବଗ୍ରହ
୪ । ଶ୍ରୀ ହରିଶଙ୍କର ମନ୍ଦିରର ମରାମତି ଦୃଶ୍ୟ
୫ । ଶ୍ରୀ ହରିଶଙ୍କର ମନ୍ଦିରର ମରାମତି ଦୃଶ୍ୟ
୬ । ଶ୍ରୀ ହରିଶଙ୍କର ମନ୍ଦିରର କାରୁକାର୍ଯ୍ୟ
୭ । ଭୈରବୀ
୮ । ଭୈରବ
୯ । ବୁଦ୍ଧ
୧୦ । ଧରାପୃଷ୍ଠକୁ ଗଙ୍ଗା ଅବତରଣ
୧୧ । ମହାଲକ୍ଷ୍ମୀ
୧୨ । ଯନ୍ତ୍ର
୧୩ । କଣ୍ଠା ଢୋଲ
୧୪ । ଶ୍ରୀ ବିଷ୍ଣୁ
୧୫, ୧୬, ୧୭ । ସପ୍ତମାତୃକାର କେତୋଟି ମୂର୍ତ୍ତି
୧୮ । ଶ୍ରୀ ହରିଶଙ୍କର ପ୍ରପାତ
୧୯ । ଶ୍ରୀ ହରିଶଙ୍କର ମନ୍ଦିରର ନକ୍ସା ଚିତ୍ର
୨୦ । ଶ୍ରୀ ହରିଶଙ୍କର ସୂଚୀ ମାନଚିତ୍ର ପୃ ୧୪୩
୨୧ । ଓଡ଼ିଶା ମାନଚିତ୍ର
୨୨ । ଋଗ୍‌ବୈଦିକ ଗଙ୍ଗା ମାନଚିତ୍ର ପୃ ୧୩୬
୨୩ । ଶ୍ରୀ ହରିଶଙ୍କର ବ୍ୟାଖ୍ୟା ମାନଚିତ୍ର ପୃ ୧୪୪

Digitized by PPRACHIN, SOA

'ଓଡ଼ିଶା ମାନଚିତ୍ର



R_1—ମହାନଦୀ, R_2—ଅଙ୍ଗନଦୀ, R_3—ତେଲନଦୀ, N—ନୃସିଂହନାଥ, H—ହରିଶଙ୍କର, M—ମାରବୁଡ଼ା, S—ଶ୍ରୀପୁର, J—ରଜମ୍, G—ଗନ୍ଧଗଡ଼, B—ବେଲଖଣ୍ଡି ।

Digitized by PPRACHIN, SOA

ଶ୍ରୀହରଶଙ୍କର ମନ୍ଦିର ନକ୍ସାଚିତ୍ର



(1) ମଣ୍ଡପ, (2) ଦେବଗୃହ, (3) ଜଗମୋହନ, (4) ମୁଖ୍ୟ ଦ୍ୱାର, (5) ମହାଲକ୍ଷ୍ମୀ ପୀଠ, (6) ହରଶଙ୍କର ମନ୍ଦିରର ପାର୍ଶ୍ୱ ରେଖାଚିତ୍ର

Digitized by PPRACHIN, SOA

ଚିତ୍ର ନଂ ୧ : ଶ୍ରୀ ହରଶଙ୍କର ମହାପ୍ରଭୁ

Digitized by PPRACHIN, SOA



ଚିତ୍ର ନଂ ୧୮ : ପ୍ରପାତମାଳିନୀ ହରିଶଙ୍କର (ଝରଣା)

Digitized by PPRACHIN, SOA

ଛବି ନଂ ୨ : ଯନ୍ତ୍ରାରୂଢ଼ ଗଣେଶ

ଚି.ଏ ନଂ ୩ : ନବଗ୍ରହ

Digitized by PPRACHIN, SOA



ଚିତ୍ର ନଂ ୪, ୫ : ଶ୍ରୀ ହରଶଙ୍କର ମନ୍ଦିର ମରାମତି ଦୃଶ୍ୟ

Digitized by PPRACHIN, SOA



ଚିତ୍ର ନଂ ୬ : ଶ୍ରୀ ହରିଶଙ୍କର ମନ୍ଦିର କାରୁକାର୍ଯ୍ୟ

Digitized by PPRACHIN, SOA

ଚିତ୍ର ନଂ ୭ : ଭୈରବୀ

ଚିତ୍ର ନଂ ୮ : ଭୈରବ

Digitized by PPRACHIN, SOA

ଚିତ୍ର ନଂ ୯ : ବୁଦ୍ଧ

ଚିତ୍ର ନଂ ୧୦ : ଧୂର୍ଜଟିଙ୍କୁ ଗଙ୍ଗାବତରଣ

Digitized by PPRACHIN, SOA

ଚିତ୍ର ନଂ ୧୧ : ଶ୍ରୀ ମହାଲକ୍ଷ୍ମୀ

ଚିତ୍ର ନଂ ୧୨ : ଯନ୍ତ୍ର

Digitized by PPRACHIN, SOA



ଚିତ୍ର ନଂ ୧୩ : ଝୁଲାଦୋଳ

ଚିତ୍ର ନଂ ୧୪ : ଶ୍ରୀବତ୍ସ

Digitized by PPRACHIN, SOA

ଶ୍ରୀ ଶ୍ରୀକ୍ଷେତ୍ର ଭାସ୍କର୍ଯ୍ୟ ଚିତ୍ର



୬୨ ନଂ ଚିତ୍ର



୬୨ ନଂ ଚିତ୍ର

୫୨ ନଂ ଚିତ୍ର

Digitized by PPRACHIN, SOA

ପ୍ରଥମ ପରିଚ୍ଛେଦ

ହରଶଙ୍କର

ଓଡ଼ିଶା ଦ୍ରାବିଡ଼ ଓ ଆର୍ଯ୍ୟ ସଂସ୍କୃତିର ମିଳନ କେନ୍ଦ୍ର ରୂପେ କେଉଁ ଆଦିମ ଯୁଗରୁ ପ୍ରସିଦ୍ଧି ଲାଭ କରିଛି । ଦକ୍ଷିଣ ଓ ଉତ୍ତର ଭାରତ ଏବଂ ପଶ୍ଚିମ ଓ ପୂର୍ବ ଭାରତର ଏକ ଆଧ୍ୟାତ୍ମିକ କେନ୍ଦ୍ରସ୍ଥଳରେ ଏ ରାଜ୍ୟ ଅବସ୍ଥିତ । ଏ ସଂସ୍କୃତିର ମିଳନ କେନ୍ଦ୍ରକୁ ଇନ୍ଧନ ଯୋଗାଇଛି, ମଧ୍ୟପ୍ରଦେଶ ଓ ଓଡ଼ିଶାର ସୀମାନ୍ତ ଅଞ୍ଚଳରେ ଥିବା ଗନ୍ଧଗିରି ବା ଗନ୍ଧମାର୍ଦ୍ଦନ ପର୍ବତର ସାଂସ୍କୃତିକ ଉତ୍ସ ଏବଂ ତା'ର ସ୍ମାରକୀ ଗନ୍ଧଗିରିର ଉତ୍ତର ଓ ଦକ୍ଷିଣ ପଟରେ ଥିବା ନୃସିଂହନାଥ ଓ ହରିଶଙ୍କର ମନ୍ଦିର । କେଉଁ ଅଜ୍ଞାତରୁ ହରିଶଙ୍କରରେ ଶଙ୍କରାଚାର୍ଯ୍ୟଙ୍କର ମନ୍ତ୍ର ଗଗନ ପବନ ନିନାଦିତ କରୁଛି ।

> ଶିବାୟ ଗୌରୀ ବଦନାବ୍ଜବୃନ୍ଦ
> ସୂର୍ଯ୍ୟାୟ ଦକ୍ଷାଧ୍ୱର ନାଶକାୟ
> ଶ୍ରୀ ନୀଳକଣ୍ଠାୟ ବୃଷଧ୍ୱଜାୟ
> ତସ୍ମୈ 'ଶି'କାରାୟ ନମଃ ଶିବାୟ ।

ଓଡ଼ିଶାର ପ୍ରଖ୍ୟାତ ଶୈବ କ୍ଷେତ୍ର ଭୁବନେଶ୍ୱର ସୋମବଂଶ ରାଜତ୍ୱରେ ଖ୍ୟାତି ଅର୍ଜନ କରିଥିଲା । ଏହି ବଂଶର ରାଜାରାଣୀମାନେ, ମୁକ୍ତେଶ୍ୱର, ଇନ୍ଦ୍ରେଶ୍ୱର, କେଦାରେଶ୍ୱର, ବ୍ରହ୍ମେଶ୍ୱର ଓ ଲିଙ୍ଗରାଜ ମନ୍ଦିର ନିର୍ମାଣ କରିଥିଲେ । ଏହି ଗନ୍ଧମାର୍ଦ୍ଦନ ସନ୍ନିକଟସ୍ଥ ବର୍ତ୍ତମାନ ରାୟପୁର ଜିଲ୍ଲାର ଶ୍ରୀପୁରରୁ ସୋମବଂଶୀ ରାଜା ଗଙ୍ଗାଜଳ ପରି ହରିଶଙ୍କର ଝରଣାର ପାପହାରିଣୀ ସ୍ୱଚ୍ଛ ଜଳରେ ଆକୃଷ୍ଟ ହୋଇ ତୋଳାଇଥିଲେ ଶିବାଳୟ । ସେହି ହରିଶଙ୍କର ମନ୍ଦିରରେ ପରବର୍ତ୍ତୀ କାଳରେ ହରିହରତ୍ୱ ଆରୋପିତ ହୋଇ ବିଖ୍ୟାତ ହୋଇଥିଲା ହରିଶଙ୍କର ମନ୍ଦିର ।

Digitized by PPRACHIN, SOA

ହରିଶଙ୍କର ମନ୍ଦିର ବଲାଙ୍ଗୀରଠାରୁ ୮୦ କିଲୋମିଟର ଦୂର ପାଟଣା ଗଡ଼ ସବଡିଭିଜନ ଅନ୍ତର୍ଗତ ଖପରାଖୋଲ ଥାନା ଅଧୀନସ୍ଥ ଗନ୍ଧମାର୍ଦ୍ଦନ ପର୍ବତର ପାଦ ଦେଶରେ ଅବସ୍ଥିତ । ପାଟଣାଗଡ଼ଠାରୁ ୫୦ କିଲୋମିଟର ଦୂରରେ ଅବସ୍ଥିତ ଏବଂ ମନ୍ଦିରଟି ଲଠୋର ବା ହରିଶଙ୍କର ରୋଡ଼ ରେଳ ଷ୍ଟେସନ (ବିଜୟନଗର—ରାୟପୁର ରେଳପଥ)ଠାରୁ ୩୨ କିଲୋମିଟର ଦୂର । ସ୍ଥାନଟି ୮୨°-୫୧'-୫୦" ପୂର୍ବ ଦ୍ରାଘିମା ଓ ୨୦°-୫୧'-୧୫" ଉତ୍ତର ଅକ୍ଷାଂଶରେ ଅବସ୍ଥିତ । ହରିଶଙ୍କରଠାରୁ ନୃସିଂହନାଥ ତୀର୍ଥ ପର୍ଯ୍ୟନ୍ତ ବର୍ତ୍ତମାନ ସଡ଼କ ପଥ ସଂଯୋଗ କରା ଯାଉଛି ।

ପାହାଡ଼ର ସର୍ବୋଚ୍ଚ ସ୍ଥାନଟି ସମୁଦ୍ର ପତନଠାରୁ ୩୨୯୭ ଫୁଟ (୧୦୦୫ ମିଟର) ଉଚ୍ଚ । ମନ୍ଦିରଟି ସମୁଦ୍ର ପତନଠାରୁ ୧୨୧୦ ଫୁଟ (୩୬୯ ମିଟର) ଉଚ୍ଚ ସ୍ଥାନରେ ଅବସ୍ଥିତ । ଏହି ସ୍ଥାନରେ ହାରାହାରି ବୃଷ୍ଟିପାତ ୧୪୫୯ ମିଲିମିଟର (୫୭.୪୦ଇଞ୍ଚ) । ସାଧାରଣତଃ ଗ୍ରୀଷ୍ମ ଦିନମାନଙ୍କରେ ଏଠାରେ ହାରାହାରି ଉତ୍ତାପ ୪୧-୪୦ ସେଣ୍ଟିଗ୍ରେଡ଼ (୧୦୭.୫ଫାରେନହିଟ୍) ଏବଂ ମେ ମାସରେ କେବେ କେବେ ୪୭° ସେଣ୍ଟିଗ୍ରେଡ଼ (୧୧୭.୫° ଫାରେନହିଟ୍) ହୋଇଯାଏ । ତେଣୁ ତୀର୍ଥଯାତ୍ରୀମାନେ ବୈଶାଖ ଚତୁର୍ଦ୍ଦଶୀରେ ହରିଶଙ୍କର ପ୍ରାକୃତିକ ପ୍ରପାତରେ ସ୍ନାନ କରିବାକୁ ପରମ ସୌଭାଗ୍ୟ ମଣନ୍ତି ।

ହରିଶଙ୍କର କ୍ଷେତ୍ରକୁ ଗମନାଗମନର ବିଶେଷ ସୁବିଧା ବଲାଙ୍ଗୀର, ପାଟଣାଗଡ଼, ଲଠୋର (ହରିଶଙ୍କର ରୋଡ଼)ରୁ ଅଛି । ଭୁବନେଶ୍ୱର ରାଜଧାନୀ ବସରେ କଣ୍ଟାବାଞ୍ଜି ଏବଂ ରାଜ-ଖଡ଼ିଆଳରୁ ଖପରାଖୋଲ ପର୍ଯ୍ୟନ୍ତ ଆସି ସେଠାରୁ ହରିଶଙ୍କର ପର୍ଯ୍ୟନ୍ତ ଯିବା ପାଇଁ ଅନ୍ୟ ବସ୍ ଧରିବାକୁ ହୁଏ ।

ହରିଶଙ୍କର କ୍ଷେତ୍ରରେ ଓଡ଼ିଆ ଭାଷାକୁ ସମସ୍ତେ ବୁଝିଲେ ମଧ୍ୟ ହିନ୍ଦିକୁ ସମସ୍ତେ ବୁଝି ପାରନ୍ତି । ଇଂରାଜୀ, ବଙ୍ଗଳା, ତେଲୁଗୁ ଅଳ୍ପ ସଂଖ୍ୟକ ଲୋକ ବୁଝି ପାରନ୍ତି । ସେଠାରେ ଆଦିବାସୀଙ୍କ ମଧ୍ୟରେ ବିଞ୍ଝାଲ, ଗଣ୍ଡ, କନ୍ଧ, ମିର୍ଦ୍ଧା, ମୁଣ୍ଡା, ଶବର ଓ ଲୋଧା ସମ୍ପ୍ରଦାୟର ଲୋକମାନେ ବାସ କରନ୍ତି ।

Digitized by PPRACHIN, SOA

ଏଠାରେ ଗୋଟିଏ ଜଙ୍ଗଲ ବିଭାଗର ବିଶ୍ରାମାଗାର ଅଛି । ଏଠାରେ ସ୍ଥାନ ସଂରକ୍ଷଣ ପାଇଁ ବଲାଙ୍ଗୀର ଜିଲ୍ଲା ବନ୍ୟ ଅଧିକାରୀଙ୍କଠାରୁ ଅନୁମତି ଆବଶ୍ୟକ ପଡ଼େ । ଜଙ୍ଗଲ ବିଭାଗଦ୍ୱାରା ଗୋଟିଏ କ୍ଷୁଦ୍ର ଚିଡ଼ିଆଖାନା (Zoo) ପରିଚାଳିତ ହେଉଛି । ପ୍ରଥମେ ହରିଶଙ୍କରର ପ୍ରାକୃତିକ ପରିବେଶ ମଧ୍ୟରେ ଏକ 'ମୃଗ ବିହାର'ରୁ ଏହାର ଜନ୍ମ । ଏଠାକାର ପଶୁ ଓ ପକ୍ଷୀମାନଙ୍କୁ ଦେଖିଲେ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀମାନଙ୍କ ମନରେ ବିଶେଷ ଆନନ୍ଦ ଜନ୍ମିଥାଏ । ରାଜସ୍ୱ ବିଭାଗର ଏଠାରେ ଗୋଟିଏ ବିଶ୍ରାମାଗାର ନିର୍ମିତ ହୋଇଛି । ମହକୁପଦର ଗ୍ରାମପଞ୍ଚାୟତ ସମିତି ତଥା ପର୍ଯ୍ୟଟକଙ୍କ ସୁବିଧା ପାଇଁ ପାନ୍ଥନିବାସ (ଧର୍ମଶାଳା) ନିର୍ମାଣ କରି ଏହାର ପରିଚାଳନା କରୁଛନ୍ତି ।

Digitized by PPRACHIN, SOA

ଦ୍ୱିତୀୟ ପରିଚ୍ଛେଦ

ପୋଲୋ-ମୋଲୋ-କିଲି ବିହାର

ଭାରତବର୍ଷର ବିସ୍ତୃତ ଅଞ୍ଚଳରେ ହିମାଳୟଠାରୁ କୁମାରିକା ପର୍ଯ୍ୟନ୍ତ କେଉଁଠି ନଦୀ ଝରଣାର ଉର୍ବର ଅବବାହିକା, କେଉଁଠି ନଦୀ ସାଗରର ସଙ୍ଗମସ୍ଥଳ, କେଉଁଠି ବା ପାହାଡ଼ ପର୍ବତ ଘେରା ଉପତ୍ୟକା ମଧ୍ୟରେ ବହୁ ସଭ୍ୟତା ଓ ସଂସ୍କୃତି ଖ୍ରୀଷ୍ଟପର ବହୁ ଶତାବ୍ଦୀ ପୂର୍ବରୁ ସ୍ତର ସ୍ତର ହୋଇ ଗଢ଼ି ଉଠିଛି । ସେହି ଅତୀତକୁ କଳ୍ପନା କରିବା ସହଜ-ସାଧ୍ୟ ନୁହେଁ । ଦୁର୍ନିବାର କାଳର ଗର୍ଭରେ ଯାହା ଭାଙ୍ଗି ପଡ଼ିବାର କଥା ତାହା ଭାଙ୍ଗି ପଡ଼ିଛି ; ମାଟି ତଳେ ସ୍ତର ସ୍ତର ହୋଇ ମିଶି ଯାଇଛି ; ନଦୀ, ସାଗର ଗର୍ଭରେ ଲୀନ ହୋଇ ଯାଇଛି । ଆଜିର ସାମୁଦ୍ରିକ ପ୍ରତ୍ନତତ୍ତ୍ୱବିତ୍-ମାନେ ସମୁଦ୍ର ଗର୍ଭରୁ ଦ୍ୱାରକାପୁରର ଭଗ୍ନାବଶେଷର ସନ୍ଧାନ ପାଇଲେଣି ! ମାଟି ତଳୁ ଖୋଳି ସିନ୍ଧୁ ଉପତ୍ୟକାର ମହେଞ୍ଜୋଦାରୋ ହରପ୍ପା ସଭ୍ୟତାକୁ ଆବିଷ୍କାର କଲେଣି । ପ୍ରବୀଣ ପଣ୍ଡିତ ମାର୍ଶାଲ୍ ଏ ସଭ୍ୟତାକୁ ଖ୍ରୀ:ପୂ: ୨୫୦୦ ବର୍ଷ ତଳର ବୋଲି ମତ ଦେଇଛନ୍ତି । ଏହି ସଭ୍ୟତାର ନଗର ନିର୍ମାଣ କୌଶଳ, ସ୍ନାନାଗାର, ରାଜପଥ ଇତ୍ୟାଦି ଦେଖିଲେ ବିସ୍ମିତ ଲାଗୁଛି । କେଉଁ ପୁରାତନ କାଳରୁ ଲୋକମାନେ କିପରି ସଭ୍ୟ ଥିଲେ ଏହା କଳ୍ପନା କରିବା ଆମ ପକ୍ଷରେ ସମ୍ଭବପର ନୁହେଁ ।

ଆମ ଓଡ଼ିଶାର କଳାହାଣ୍ଡି ଜିଲ୍ଲା ନୂଆପଡ଼ା ସବ୍‌ଡିଭିଜନ ଅନ୍ତର୍ଗତ ମାରାଗୋଡ଼ା ଉପତ୍ୟକାର ସଭ୍ୟତାକୁ ମାଟି ତଳୁ ଖୋଳା ହୋଇ ବାହାର କରାଗଲାଣି । ସେଠାରେ ଇଟାରେ ନିର୍ମିତ ହୋଇଥିବା ଗୃହର ଭଗ୍ନାବଶେଷର ସନ୍ଧାନ ମିଳିଛି । ସ୍ୱର୍ଗୀୟ ଐତିହାସିକ ଡଃ ନବୀନ କୁମାର ସାହୁ ଏହି ସ୍ଥାନକୁ ପ୍ରାଚୀନ ଦକ୍ଷିଣ କୋଶଳର ରାଜଧାନୀ ବୋଲି ଛନ୍ତି.

Digitized by PPRACHIN, SOA

କରିଛନ୍ତି । ସେହିପରି ଖ୍ରୀଷ୍ଟୀୟ ଦ୍ୱିତୀୟ ଶତକରେ ହୁଏନ୍-ସାଂ ଯେଉଁ ପରିମଳଗିରି ବିହାର ବିଷୟ ଉଲ୍ଲେଖ କରିଛନ୍ତି, ସେହି ପରିମଳଗିରି ବିହାରକୁ ହରିଶଙ୍କର ଏବଂ ନୃସିଂହନାଥ ମଧ୍ୟରେ ଥିବା ଗନ୍ଧଗିରି ବା ଗନ୍ଧମାର୍ଦ୍ଦନ ପର୍ବତ ସହିତ ଚିହ୍ନଟ କରିଛନ୍ତି ।

According to the accounts presented by the chinese pilgrim Yuan-Chwang, a great Buddhist monastery called Po-lo-mo-lo-ki-li flourished there in the 2nd century A. D. when the famous philosopher Nagarjuna was its chancellor. Po-lo-mo-lo-ki-li has been vestored as Parimalagiri and it is identified with Gandha Giri or Gandhamardan Giri according to Yuan-Chwang. This monastery was located about 300 li or 45 miles to the South-west of the Capital of South Kosala which has been identified with the present Maraguda valley in the Nuapada sub-division of Kalahandi District" ※ ଆନ୍ଧ୍ରର ସାତବାହନ ରାଜା ଗୌତମୀପୁତ୍ର ସାତକର୍ଣ୍ଣୀ ନାଗାର୍ଜ୍ଜୁନଙ୍କ ନିମନ୍ତେ ଏକ ବିରାଟ ସଂଘାରାମ ନିର୍ମାଣ କରାଇଥିଲେ । ନାଗାର୍ଜ୍ଜୁନ ସେଠାରେ ଏକ ମାଧ୍ୟମିକ ଦର୍ଶନ ଗଢ଼ି ମହାଯାନ ବୌଦ୍ଧଧର୍ମକୁ ଏକ ବିରାଟ ଦର୍ଶନ ଭିତରେ ଛିଡ଼ା କରାଇଥିଲେ ।

ମାଧ୍ୟମିକ ଦର୍ଶନ :

ଏହି ମାଧ୍ୟମିକ ଦର୍ଶନକୁ ଡଃ ସତ୍ୟବାଦୀ ମିଶ୍ର ସାବର୍ଲୀମ † ଭାବେ ବୁଝାଇଛନ୍ତି । ବିଷୟ ନିଃସ୍ୱଭାବ ହେଲେ ବିଷୟଜ୍ଞାନକୁ ମଧ୍ୟ ନିଃସ୍ୱଭାବ ବୋଲି ମାନି ନେବାକୁ ପଡ଼ିବ । ବିଷୟକୁ ଛାଡ଼ି ବିଷୟ ଜ୍ଞାନ ନାହିଁ । ଯଦି ବିଷୟ ଓ ବିଷୟ ଜ୍ଞାନ ଉଭୟେ ନିଃସ୍ୱଭାବ ହୁଅନ୍ତି, ତେବେ ସେମାନଙ୍କ

※ Orissa, Tourism News Letter, Vol. VIII, No 6 Feb.-March 83,
—Historical Importance of Nrusinghnath Hills.

† ଭାରତୀୟ ସଂସ୍କୃତରେ ବୌଦ୍ଧ ପରମ୍ପରା ।

Digitized by PPRACHIN, SOA

ମଧ୍ୟରେ ଥିବା କଳ୍ପିତ ସମ୍ବନ୍ଧରେ ମଧ୍ୟ ନିରାଶ ହେଲି ବୋଲି ମାନି ନେବାକୁ ପଡ଼ିବ । ସମ୍ବନ୍ଧର ଦୁଇଟି ପଦ ନିଃସ୍ୱଭାବ ହେଲେ, ସମ୍ବନ୍ଧର ସମ୍ଭାବନା ନିରସ୍ତ ହୁଏ । ଯଦି ସବୁ ନିଃସ୍ୱଭାବ, ସର୍ବଥା ନିରାଲମ୍ବନ, ତେବେ ବିଷୟ ଜ୍ଞାନକୁ ମଧ୍ୟ ନିଃସ୍ୱଭାବ କରିବାକୁ ପଡ଼ିବ । ଆମ ଜ୍ଞାନରେ ଆମେ କୌଣସି ବସ୍ତୁକୁ ଅସ୍ତି ବା ନାସ୍ତି ବୋଲି କହୁଛୁ ; ଚଳ ବା ଅଚଳ ବୋଲି ସ୍ୱୀକାର କରୁଛୁ, ନିତ୍ୟ ବା ଅନିତ୍ୟ ବୋଲି ବିବେଚନା କରୁଛୁ । କିନ୍ତୁ କୌଣସି ବସ୍ତୁକୁ 'ସତ୍' ବୋଲି କହିଲେ, ଅସତ୍‌ର ନିରାସ ; ଅସତ୍ କହିଲେ ସତ୍‌ର ନିରାସ ; ସଦା ସତ୍ କହିଲେ ଉଭୟ ନିରସ୍ତ । କୌଣସି 'ବସ୍ତୁ'କୁ 'ବସ୍ତୁ' ବୋଲି କହି ହେବ ନାହିଁ, ବସ୍ତୁରେ ଧର୍ମିତାର ନିରାସ, ଧର୍ମିତାରେ ବସ୍ତୁର ନିରାସ, ଅବୟବରେ ଅବୟବର ନିରାସ, ଅବୟବୀରେ ଅବୟବର ନିରାସ, ପକ୍ଷରେ ପ୍ରତିପକ୍ଷର ନିରାସ, ପ୍ରତିପକ୍ଷରେ ପକ୍ଷର ନିରାସ, ସର୍ବଥା ହିଁ ନିରାସ ବୋଲି ପ୍ରମାଣ କରି ହେବ ।

ଏହି ସର୍ବନିରାସବାଦରୁ ନାଗାର୍ଜ୍ଜୁନ ଓ ତାଙ୍କ ପରି ଅନ୍ୟାନ୍ୟ ମାଧ୍ୟମିକ ପଣ୍ଡିତମାନେ ଆମକୁ ଶୂନ୍ୟତା ଆଡ଼କୁ ନେଇଯାଇଛନ୍ତି । ଶୂନ୍ୟରୁ ଶୂନ୍ୟ ମହାଶୂନ୍ୟ ହିଁ ଆମ ବିଚାରର ଅନ୍ତିମ ପର୍ଯ୍ୟାୟ । ମାଧ୍ୟମିକମାନଙ୍କ ମତରେ ଏହି ଶୂନ୍ୟତାହିଁ ପରମ ଶୂନ୍ୟରୁ ଅନ୍ୟ କିଛି ଅଧମ ଓ ବାଧିତ । ଯଦି ସର୍ବଥା ହିଁ ଶୂନ୍ୟତା, ତେବେ ଦେହ ଧରି ସଂସାରରେ ବଞ୍ଚି ହେବ କିପରି ? ଅଗ୍ନିର ଦାହିକା ଶକ୍ତିକୁ ଶୂନ୍ୟ ବୋଲି କହି ଅଗ୍ନିରେ ଅଙ୍ଗୁଳି ପ୍ରବେଶ କରାଇଲେ ଅଙ୍ଗୁଳିର ଦାହ ହେବ, ଏଥିରେ ସନ୍ଦେହ କରାଯାଇ ନ ପାରେ । ଏହି ସତ୍ୟକୁ ଶୂନ୍ୟ କହିବା କିପରି ? ତେଣୁ ମାଧ୍ୟମିକ ପଣ୍ଡିତ ନାଗାର୍ଜ୍ଜୁନ ଦୁଇ ପ୍ରକାର ସତ୍ୟର ବିଷୟ ଉଲ୍ଲେଖ କରିଛନ୍ତି—ସମ୍ବୃତ ସତ୍ୟ ଓ ପରମାର୍ଥ ସତ୍ୟ । ଲୋକେ ସମ୍ବୃତ ସତ୍ୟରେ ଅଗ୍ନିର ଦାହିକା ଶକ୍ତିକୁ ଅସ୍ୱୀକାର କରିବାର କିଛି ନାହିଁ, କିନ୍ତୁ ପରମାର୍ଥତଃ ସବୁ ଶୂନ୍ୟ ।

"ଦ୍ୱେ ସତ୍ୟେସମୁପାଶ୍ରିତ୍ୟ ବୁଦ୍ଧାନାଂ ଧର୍ମ ଦେଶନା,
ଲୋକ ସମ୍ବୃତି ସତ୍ୟଂ ଚ ସତ୍ୟଂ ଚ ପରମାର୍ଥତଃ ।"

ନାଗାର୍ଜ୍ଜୁନ ଏଠାରେ ମାଧ୍ୟମିକ ଦର୍ଶନ ପ୍ରବର୍ତ୍ତନ କରିବା ସଙ୍ଗେ ସଙ୍ଗେ ଦର୍ଶନଭିତ୍ତିରେ 'ପ୍ରଜ୍ଞାପାରମିତା ଶାସ୍ତ୍ର' ପ୍ରଭୃତି ବହୁ ଶାସ୍ତ୍ର ପ୍ରଣୟନ

Digitized by PPRACHIN, SOA

କରିଥିଲେ । ହରିଶଙ୍କର କ୍ଷେତ୍ରରେ 'ପାରମିତାବାଦ'ର ଯେଉଁ ନୂତନ ଆଭି-ମୁଖ୍ୟ ଗ୍ରହଣ କରାଯାଇଥିଲା, ତାହାର ଫଳରେ ଓଡ଼ିଶା ମହାଯାନ ବୌଦ୍ଧ ଧର୍ମର ଆଦିଭୂମି ରୂପେ ଗୌରବ ଅର୍ଜନ କରି ପାରିଥିଲା । ତାଙ୍କ ପରେ ତାଙ୍କର ପ୍ରଧାନ ଶିଷ୍ୟ ଦାର୍ଶନିକ ଆର୍ଯ୍ୟଦେବ କଳିଙ୍ଗର ରାଜଧାନୀ ସିଂହ-ପୁରରେ ଜନ୍ମ ଗ୍ରହଣ କରି ପରିମଳ ଗିରି ତଥା ବର୍ତ୍ତମାନର ହରିଶଙ୍କର-ଠାରେ ବହୁ କାଳ ଗବେଷଣା କରିବା ସଙ୍ଗେ ସଙ୍ଗେ ଏହି ପରିମଳଗିରି ବିଶ୍ୱବିଦ୍ୟାଳୟକୁ କୁଳପତି ଦାୟିତ୍ୱସହକାରେ ଶୃଙ୍ଖଳା ସହ ପରିଚାଳନା କରୁଥିଲେ ।

ବୌଦ୍ଧଧର୍ମର ଶ୍ରେଣୀ ବିଭାଗ

ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀ ବେଳକୁ ଭାରତରେ ବିଭିନ୍ନ କାରଣରୁ ବୌଦ୍ଧଧର୍ମର ପ୍ରଭାବ ଲୋପ ପାଇ କ୍ରମଶଃ ତନ୍ତ୍ରବାଦର ଅଭ୍ୟୁଦୟ ଘଟିଲା । ସାର୍ ଜନ୍ ଉଡ୍‌ରଫ୍ ମତ ଦେଇଛନ୍ତି :—"By the true Buddhism made its appearance the pre-Buddhistic phase of Tantric worship had already established itself in India so widely, and so firmly that instead of dislodging it by its impetuous on-set all the force of which, by the by, was mainly spent on the tattering orthodoxy of vedic ritualism—Buddhism was itself swallowed up with-in three or four centuries by its perhaps best suspected opponent of this Tantrik worship and then wonderfully transformed and ejected on the arena as the Mahayana." *

ଓଡ଼ିଶା ଯେପରି ମହାଯାନ ବିକାଶର ଭିତ୍ତିଭୂମି ଥିଲା, ସେହିପରି ବୌଦ୍ଧ ତନ୍ତ୍ର ଶାସ୍ତ୍ରରେ ଆଦିଭୂମି ରୂପେ ବିଦିତ ହେଲା । ଏହି ସମୟରେ ବଲାଙ୍ଗୀର ଜିଲ୍ଲାର ସୋନପୁରଠାରେ ଜୟଦ୍ରଥଙ୍କ ଦ୍ୱାରା 'ଚଣ୍ଡ ସମ୍ବର ତନ୍ତ୍ର'ର ପ୍ରବର୍ତ୍ତନ କରାଯାଇଥିଲା ।

---

* 'Sakti and Sakta'—Sir John Woodrof.

Digitized by PPRACHIN, SOA

ସମ୍ବଲପୁରର ରାଜା ଇନ୍ଦ୍ରଭୂତି ତନ୍ତ୍ରଯାନକୁ ବଜ୍ରଯାନ ରୂପେ ପ୍ରକାଶ କଲେ । ଇନ୍ଦ୍ରଭୂତିଙ୍କଦ୍ୱାରା ପ୍ରବର୍ତ୍ତିତ ବଜ୍ରଯାନ କାଳକ୍ରମେ ସୋନପୁରର ରାଜବଧୂ ଲକ୍ଷ୍ମୀଙ୍କଦ୍ୱାରା ସହଜଯାନରେ ପରିଣତ ହେଲା ।

ଓଡ଼ିଶାରେ କେବଳ ଯେ ବୌଦ୍ଧଧର୍ମର ପରିବର୍ତ୍ତନ ଓ ଶ୍ରେଣୀ ବିଭାଗ ହେଲା ତାହା ନୁହେଁ ସମଗ୍ର ଭାରତବର୍ଷରେ ଏବଂ ଭାରତ ବାହାରେ ମଧ୍ୟ ଏହି ପରିବର୍ତ୍ତନର ସ୍ରୋତ ଆଗେଇ ଚାଲିଥିଲା । ଏହାର ଇତିହାସ ମଧ୍ୟ ବହୁ ପୁରାତନ । ବୁଦ୍ଧଙ୍କ ନିର୍ବାଣ ପରେ ପରେ ରାଜଗୃହରେ ଅଜାତଶତ୍ରୁଙ୍କ ରାଜତ୍ୱ କାଳରେ ଯେଉଁ ବୌଦ୍ଧ ପରିଷଦ୍ ଅନୁଷ୍ଠିତ ହୋଇଥିଲା, ସେଥିରେ 'ଆନନ୍ଦ' ଓ 'ମହାକଶ୍ୟପ'ଙ୍କ ମତଭେଦ ସାମ୍ପ୍ରଦାୟିକତାର କ୍ଷେତ୍ର ପ୍ରସ୍ତୁତ କରିଥିଲା । ଏହା ପରେ ଦ୍ୱିତୀୟ ବୌଦ୍ଧ ପରିଷଦ ପ୍ରାୟ ଶହେ ବର୍ଷ ପରେ ବୈଶାଳୀରେ ଅନୁଷ୍ଠିତ ହୋଇଥିଲା । ଏହି ପରିଷଦରେ ଭୂମୂଳ ବାଦାନୁବାଦ ପରେ 'ସ୍ଥବିର' ଓ 'ମହାସଂଘିକା'ମାନଙ୍କର ଦୁଇଟି ଭିନ୍ନ ସମ୍ପ୍ରଦାୟରେ ବିଭକ୍ତ ହୋଇ ଦୁଇଟି ଭିନ୍ନ ପରିଷଦ ଗଠିତ ହୋଇଥିଲା । କନିଷ୍କଙ୍କ ରାଜତ୍ୱ କାଳରେ ସ୍ଥବିରମାନେ ସାଧାରଣ ସମର୍ଥନ ଲାଭ କରି 'ହୀନଯାନ' ଓ ମହାସଂଘିକମାନେ 'ମହାଯାନ' ସଂପ୍ରଦାୟରେ ବିଭକ୍ତ ହେଲେ । *

ହୀନଯାନୀମାନେ ଲୋକସମର୍ଥନ ଲାଭ କରି ବୌଦ୍ଧ ପରମ୍ପରାକୁ ଏମାନେ ବଜାୟ ରଖିଛନ୍ତି ବୋଲି ଘୋଷଣା କଲେ । ଏମାନେ ଯତ୍ର, ସତ୍ର, ତତ୍ର, କ୍ଷଣିକମ୍‌ରୁ ସତ୍ତ୍ୱର କ୍ଷଣିକତା ସ୍ଥାପନ କରି 'ପୁଦ୍‌ଗଳ, ନୈରାତ୍ମ୍ୟ'ରେ ପହଞ୍ଚିଲେ । ବୁଦ୍ଧତ୍ୱ ଲାଭ କରିବା ହେଲା ମନୁଷ୍ୟର ଚରମ ସାର୍ଥକତା, ପରମ ପୁରୁଷାର୍ଥ । ବୁଦ୍ଧ ହେଲେ ଏହି ବୁଦ୍ଧତ୍ୱର ଦୀପସ୍ତମ୍ଭ—ଏହି ଦୀପ ସ୍ତମ୍ଭର ଆଲୋକ ନିର୍ବାଣର ମହାଯାତ୍ରା ପଥରେ ହେଲା ମନୁଷ୍ୟର ପଥ ପ୍ରଦର୍ଶକ, ବୁଦ୍ଧ ହେଲେ 'ବୁଦ୍ଧତ୍ୱ'ରେ ଅବଗାହୀ ପୁରୁଷ, ସେ ଯେଉଁ ପଥେ ପଥେ ଜଗୃ ଯାହାର ଦୀପ ଜାଳିଛନ୍ତି, ସେ ପଥରେ ହିଁ ମନୁଷ୍ୟକୁ ଯିବାକୁ ପଡ଼ିବ—ପରିସମାପ୍ତି ହେଉଛି ନିର୍ବାଣ, ମହାଶୂନ୍ୟର ଶୂନ୍ୟତା । ଏମାନଙ୍କର ପ୍ରଭାବ ଦକ୍ଷିଣ ଭାରତ, ସିଂହଳ, ବର୍ମା, ସୁମାତ୍ରା ପ୍ରଭୃତି ଅଞ୍ଚଳରେ ପ୍ରତିଷ୍ଠା ଲାଭ କରିଥିଲା ।

---

* ପାଲି ଧମ୍ମପଦ—ପ୍ରହ୍ଲାଦ ପ୍ରଧାନ ।

Digitized by PPRACHIN, SOA

ବୌଦ୍ଧ ଦେବତା, ହିନ୍ଦୁ ଦେବତାରେ କ୍ରମ ପରିବର୍ତ୍ତନ

ଭାରତର ଉତ୍ତରାଞ୍ଚଳରେ 'ମହାଯାନ'ର ପ୍ରଭାବ ଦୃଢ଼ୀଭୂତ ହେବାକୁ ଲାଗିଲା । ଓଡ଼ିଶା ତଥା ହରିଶଙ୍କର—ନୃସିଂହନାଥ ପାହାଡ଼ ମହାଯାନ-ବୌଦ୍ଧଧର୍ମର ଜନ୍ମଭୂମି ବା ଲାଳନ ପାଳନର ଭୂମିରୂପେ ବିବେଚିତ ହେଲା । ଏଠାରେ ମହାଯାନର ସୁବିଖ୍ୟାତ ମାଧ୍ୟମିକ ଦର୍ଶନ ସୃଷ୍ଟି ହୋଇ, ବୌଦ୍ଧନ୍ୟାୟର ଭିତ୍ତି ଓ ସୌଧ ନିର୍ମିତ ହୋଇଥିଲା । ଏମାନେ ସୁଦୂର ଚୀନ, ଜାପାନ ଓ ତିବ୍ବତ ପ୍ରଭୃତି ଦେଶରେ ପ୍ରଭାବ ବିସ୍ତାର କଲେ । ମହାଯାନୀମାନେ ବୁଦ୍ଧଙ୍କୁ ଆଉ 'ମାନୁଷ ବୁଦ୍ଧ' କରି ରଖିଲେ ନାହିଁ ; ସେ ହେଲେ ସର୍ବ୍ବ ମହାସତ୍ତ୍ୱ । 'ସଦ୍ଧର୍ମ ପୁଣ୍ଡରୀକ' ଗ୍ରନ୍ଥରେ ସେ ହେଲେ 'ଦେବାତିଦେବ' କ୍ରମ ପରିଣାମରେ ସେ ହେଲେ 'ପ୍ରଜ୍ଞାପାରମିତା', ପରମ ତତ୍ତ୍ୱ—ଉପନିଷଦର ପରମ ବ୍ରହ୍ମ 'ତଥାଗତ' ପ୍ରଜ୍ଞାପାରମିତାର ଜାଗତିକ ପ୍ରକାଶ—ବେଦାନ୍ତର 'ଈଶ୍ୱର' ।

ମହାଯାନୀମାନଙ୍କର ଏହି କ୍ରମପରିବର୍ତ୍ତନର ସୂତ୍ରପାତ ହେଲା ବେଳକୁ ବହୁ ହିନ୍ଦୁ ଦେବଦେବୀ ବୌଦ୍ଧଧର୍ମ ପୂଜା ପାଇଲେଣି । ଗୀତାର ପୁରୁଷୋତ୍ତମ ମହାଯାନୀଙ୍କ ପରିକଳ୍ପନାରେ ହେଲେ ସହସ୍ର ଶୀର୍ଷା ବୁଦ୍ଧ । 'ଶ୍ୱେତା-ଶ୍ୱେତର ଉପନିଷଦ'ରେ ଶିବଙ୍କୁ ମଧ୍ୟ ସେହିପରି କୁହାଯାଇଛି—

> "ସର୍ବତଃ ପାଣି ପାଦଂ ତତ୍ ସର୍ବତୋଽକ୍ଷି ଶିରୋମୁଖମ୍,
> ସର୍ବତଃ ଶ୍ରୁତିମତ୍ ଲୋକେ ସର୍ବମାବୃତ୍ୟ ତିଷ୍ଠତି ।"

ତାଙ୍କର ହାତ ଓ ଗୋଡ଼ ସର୍ବତ୍ର, ସବୁଠି ତାଙ୍କର ଆଖି, ମୁଣ୍ଡ, ମୁଖ, ସବୁଠି ତାଙ୍କ କାନ ଓ ସେ ସବୁକୁ ଆବରଣ କରି ବିଦ୍ୟମାନ । କିନ୍ତୁ ଏହି ଶୁଦ୍ଧ ପୁରୁଷୋତ୍ତମ ପୁଣି ଲୋକ ସ୍ତରରୁ ଆସି ପର୍ଯ୍ୟାୟକ୍ରମେ ବୁଦ୍ଧ କେତେ-ବେଳେ ବିଷ୍ଣୁଙ୍କ ଲକ୍ଷଣ ନେଇ ଅବଲୋକିତେଶ୍ୱର, ପଦ୍ମପାଣି ଓ ଅମିତାଭ ରୂପରେ, କେତେବେଳେ ଶିବଙ୍କ ଲକ୍ଷଣ ନେଇ ବିରୂପାକ୍ଷ ଓ ମହାକାଳ ରୂପରେ ପ୍ରକାଶିତ ହେଲେ । ତର୍ଭୋଲ ଥାନା ଗ୍ରାମରେ ଗୋଟିଏ ଅବ-ଲୋକିତେଶ୍ୱର ବୁଦ୍ଧଙ୍କ ମୂର୍ତ୍ତି ଭଗବତୀଙ୍କ ମନ୍ଦିର ସମ୍ମୁଖରେ ଦଣ୍ଡାୟମାନ । ତାଙ୍କ ଦକ୍ଷ କରହସ୍ତରେ ପଦ୍ମ ଓ ବୁଦ୍ଧ ମୁଦ୍ରା ଏବଂ ବାମ କରହସ୍ତରେ

Digitized by PPRACHIN, SOA

ଚକ୍ର ଓ ବରଦ ମୁଦ୍ରା ରହିଛି । ବାଣପୁର ନିକଟସ୍ଥ ହନୁଆଡ଼ର ଟିକରେଇ ଦେଉଳରେ ଅନ୍ୟ ଏକ ଅବଲୋକିତେଶ୍ୱର ପୂଜା ପାଉଛନ୍ତି । ଐତିହାସିକମାନେ ମତ ଦିଅନ୍ତି, ଏହି ବୌଦ୍ଧ ଅବଲୋକିତେଶ୍ୱର ମୂର୍ତ୍ତିଙ୍କୁ ହିନ୍ଦୁମାନେ ବିଷ୍ଣୁଭାବେ ପୂଜା କଲେ । ରତ୍ନଗିରିର ଏକ ମନ୍ଦିରରେ ମହାକାଳ ପୂଜା ପାଉଛନ୍ତି । ମହାକାଳ ମୂର୍ତ୍ତି ଦ୍ୱିଭୁଜ । ସେ ଉପବେସନ କରିଛନ୍ତି । ଦକ୍ଷ ହସ୍ତରେ ଛୁରିକା ଓ ବାମ ହସ୍ତରେ ପାନପାତ୍ର ଧରିଛନ୍ତି । ପରବର୍ତ୍ତୀ କାଳରେ ବୁଦ୍ଧ ତନ୍ତ୍ରର ଭୈରବ ଭାବେ ଆରାଧିତ ହୋଇଥିଲେ । ସେହିପରି ଖଡ଼ିପଦା ସଂଗୃହୀତ ଗୋଟିଏ ଅବଲୋକିତେଶ୍ୱର ମୂର୍ତ୍ତି ରାଜ୍ୟ ସଂଗ୍ରହାଳୟରେ ସଂଗୃହୀତ ହୋଇ ରଖା ଯାଇଛି ।

ମହାଯାନୀମାନଙ୍କୁ ପୁରାଣତନ୍ତ୍ର, ଶୈବତନ୍ତ୍ର, ଶାକ୍ତତନ୍ତ୍ର ଓ ବୈଷ୍ଣବ ତନ୍ତ୍ର ପ୍ରଭାବିତ କରିଥିଲା । 'ତଥାଗତ'ଙ୍କୁ ଶକ୍ତି ସହିତ ଉପାସନା କରିବାର ପରମ୍ପରା ସୃଷ୍ଟି ହେଲା । ତାରା, ମଞ୍ଜୁଶ୍ରୀ, ମାରିଚୀ, ହେରୁକ, ବଜ୍ରବରାହୀ ଓ କୁରୁକୁଲା ପ୍ରଭୃତି ଦେବୀଶକ୍ତି ମହାଯାନ ଧର୍ମର ଉପାସ୍ୟ ହେଲେ । ବଲାଙ୍ଗୀର ବନ୍‌କାଠାରେ ତାରା ଦେବୀଙ୍କର ଏକ ମନ୍ଦିର ଭଗ୍ନ ତାରପୁର ଗଡ଼ ମଧ୍ୟରେ ପୂଜା ପାଉଛନ୍ତି । ରତ୍ନଗିରିରେ ତାରାଙ୍କର କେତେକ ମୂର୍ତ୍ତି ପୂଜା ପାଉଛନ୍ତି । ସେହିପରି ମୂର୍ତ୍ତି ଉଦୟଗିରି, ଢେଙ୍କାନାଳର ଗରାମ, ଚନ୍ଦୋହୁଳା କୂଳର ନଗେସ୍‌ପୁରଠାରେ ଓ ତାରାପୁର ପ୍ରଭୃତି ସ୍ଥାନରେ ପୂଜା ପାଉଛନ୍ତି । ଜମାପଡ଼ା ନିକଟସ୍ଥ ଚୌରାଶୀଠାରେ ବରାହୀଙ୍କର ଏକ ସ୍ୱତନ୍ତ୍ର ମନ୍ଦିର ବୌଦ୍ଧ ତନ୍ତ୍ରର ସୂଚନା ଦିଏ । ସେହିଠାରେ ମହାଯାନୀଙ୍କର ଏକ ମଞ୍ଜୁଶ୍ରୀ ମୂର୍ତ୍ତି ରାଜ୍ୟ ସଂଗ୍ରହାଳୟରେ ସଂଗୃହୀତ ହୋଇଛି । ପଣ୍ଡିତ ସାର୍ ଜନ୍ ଉଡ୍‌ରଫ୍ ଲେଖିଛନ୍ତି —'It is to be noted that Buddist-Tantriks who practise this (Pancatattva) ritual are accounted Kaulas. Siva-replied 'Janarda' (Bishnu) is the excellent Deva in the form of Buddha (Buddh-rupi). It is said in Samayacara (ସମୟାଚାର) Tantra that Tara and Kalika in their different forms, as also Matangi, Bhairavi, Chhinnamasta and Dhumabati belong to the northern Amnaya." *

*Sakti and Sakta.

Digitized by PPRACHIN, SOA

ବଜ୍ରଯାନ-ପ୍ରତିଷ୍ଠାତା ଇନ୍ଦ୍ରଭୂତିଙ୍କ ପ୍ରବର୍ତ୍ତିତ ବଜ୍ରଯାନର ଶୂନ୍ୟ ଦର୍ଶନ ଉତ୍କଳୀୟ ଜନତାର-ଉପାସ୍ୟ ଦେବ ଜଗନ୍ନାଥଙ୍କ ଠାରେ ଲୀନ ହୋଇ ଯାଇଥିଲା । ଶ୍ରୀଜଗନ୍ନାଥଙ୍କୁ ବଜ୍ରଯାନୀମାନେ ଶୂନ୍ୟର ପ୍ରତୀକ ରୂପେ ଧ୍ୟାନ କରୁଥିଲେ । ମହାଯାନୀ 'ଜଗନ୍ନାଥ' (ବୁଦ୍ଧ)ଙ୍କ ଅସ୍ତିତ୍ୱର ପ୍ରକୃଷ୍ଟ ପ୍ରମାଣ ୭ମ ଶତାବ୍ଦୀରେ ଇନ୍ଦ୍ରଭୂତିଙ୍କ ରଚିତ 'ଜ୍ଞାନ ସିଦ୍ଧି" ଗ୍ରନ୍ଥର ପ୍ରାରମ୍ଭିକ ଶ୍ଳୋକରୁ ଜଣାପଡ଼େ ।

"ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜ୍ଞନ ବରାର୍ଚ୍ଚିତଂ,
ସର୍ବ ବୁଦ୍ଧମୟଂ ସିଦ୍ଧିବ୍ୟାପିନଂ ଗଗନୋପମମ୍ ।"

ଅଷ୍ଟମ ଶତାବ୍ଦୀରେ ଏକାଧାରରେ ବୌଦ୍ଧ ବିରୋଧୀ ଓ ପ୍ରଚ୍ଛନ୍ନ ବୌଦ୍ଧ ଶଙ୍କରାଚାର୍ଯ୍ୟ ହିଁ ପୁରୀରେ ମହାଯାନୀ ଜଗନ୍ନାଥଙ୍କୁ ହିନ୍ଦୁ ଜଗନ୍ନାଥରେ ପରିଣତ କରିଥିଲେ । ମହାଯାନୀ ଜଗନ୍ନାଥ (ବୁଦ୍ଧ) ହିନ୍ଦୁ ଧର୍ମରେ ଏକ ଅବତାର ହୋଇଗଲେ । 'ଗୀତଗୋବିନ୍ଦ'ର କବି ତାଙ୍କ ପାଇଁ ଲେଖିଲେ—

"ନିନ୍ଦସି ଯଜ୍ଞବିଧେରହହ ଶ୍ରୁତିଜାତଂ
ସଦୟ ହୃଦୟ ଦର୍ଶିତ ପଶୁ ଘାତମ୍
କେଶବ ଧୃତ ବୁଦ୍ଧ ଶରୀର ଜୟ ଜଗଦୀଶ ହରେ ।"

ବିଷ୍ଣୁଙ୍କର ଏହି ନବମ ଅବତାରକୁ ବନ୍ଦନା କଲାବେଳେ ପରମ ବୈଷ୍ଣବ ଭକ୍ତ କବି ପ୍ରାଣରେ ବିରାଜିତ ଥିଲେ ଆମର ଚକାଡୋଳା ଜଗନ୍ନାଥ । 'ଜଗନ୍ନାଥ' ଶବ୍ଦଟି ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କ ପରି ଏକ ନାମବାଚକ ପଦ ନୁହେଁ । ଏହା ଗୌତମ ବୁଦ୍ଧଙ୍କର ଏକ ବିଶେଷଣ ପଦ । ଜଗନ୍ନାଥ ପରି 'ଲୋକନାଥ' ଶବ୍ଦଟି ମଧ୍ୟ ବୁଦ୍ଧଙ୍କର ଏକ ବିଶେଷଣ ପଦ । ତେଣୁ ପୁରୀ କ୍ଷେତ୍ରରେ ଉଭୟ 'ଜଗନ୍ନାଥ ଓ ଲୋକନାଥ'ଙ୍କ ଅଧିଷ୍ଠାନହିଁ ହରିହର କ୍ଷେତ୍ରରେ ମହତ୍ତ୍ୱ ପ୍ରତିପାଦନ କରିବା ସଙ୍ଗେ ସଙ୍ଗେ ବୌଦ୍ଧ ଐତିହ୍ୟର ସ୍ପଷ୍ଟ ସୂଚନା ଦିଏ ।

ସେହିପରି ପରିମଳଗିରିର ଦୁଇ ପାର୍ଶ୍ୱରେ ନୃସିଂହନାଥ ଓ ହରଶଙ୍କର, ହରିହର ତତ୍ତ୍ୱର ସମନ୍ୱୟ ପ୍ରତିପାଦନ କରିବା ସଙ୍ଗେ ସଙ୍ଗେ ବୌଦ୍ଧ ସଂସ୍କୃତିକୁ ଉଦ୍ଘୋଷିତ କରୁଛି । ବର୍ତ୍ତମାନ ହରଶଙ୍କର

Digitized by PPRACHIN, SOA

ମନ୍ଦିରର ମୁଖ୍ୟ ଦ୍ୱାରର ବାମ ପାର୍ଶ୍ୱରେ ଥିବା ଚମ୍ପାବୃକ୍ଷ ମୂଳରେ ବୁଦ୍ଧଦେବଙ୍କର ଏକ ମୂର୍ତ୍ତି ରହିଛି । ଚଟାଣ ଉପରୁ ମୂର୍ତ୍ତିଟିର ଉଚ୍ଚତା ସାଢ଼େଚାରି ଫୁଟ ହେବ । ମୂର୍ତ୍ତିଟିର ମସ୍ତକକୁ ଆବୃତ କରି ସପ୍ତଫଣା ବିଶିଷ୍ଟ ନାଗ ବିଦ୍ୟମାନ । ଅନ୍ୟାନ୍ୟ ମୂର୍ତ୍ତି ସମ୍ଭବତଃ କାଳ ଗର୍ଭରେ ଆଜି ବିଲୁପ୍ତ । ଏହିପରି ଏକ ମୂର୍ତ୍ତି ଭୁବନେଶ୍ୱର ଶିଶିରେଶ୍ୱର ମନ୍ଦିରରେ ଅଛି—ଯାହାକୁ ଐତିହାସିକ କେଦାରନାଥ ମହାପାତ୍ର 'ପଞ୍ଚମ ଧ୍ୟାନୀ ବୁଦ୍ଧ ଅମୋଘ ସିଦ୍ଧି' ବୋଲି ଉଲ୍ଲେଖ କରିଛନ୍ତି । ସେହି ମୂର୍ତ୍ତି ପଛରେ ସପ୍ତଫଣା ବିଶିଷ୍ଟ ନାଗ ବିଦ୍ୟମାନ । ହରିଶଙ୍କର କ୍ଷେତ୍ରରେ ସପ୍ତଫଣା ବିଶିଷ୍ଟ ବୁଦ୍ଧ ବୌଦ୍ଧ ଧର୍ମର ସ୍ମୃତି ବହନ କରି ଏହି କ୍ଷେତ୍ରର ମହତ୍ତ୍ୱ ପ୍ରତିପାଦନ କରୁଛି । ଏହି ପରି ଅଣ୍ଟାଠାରୁ ତଳକୁ ନାଗଶରୀର, ଅଣ୍ଟାରୁ ମସ୍ତକ ପର୍ଯ୍ୟନ୍ତ ମନୁଷ୍ୟ ଶରୀର ଏବଂ ମସ୍ତକକୁ ସପ୍ତଫେଣୀ ନାଗ ଆବୃତ କରି ରହିଥିବା କୋଣାର୍କର ନାଗ ମୂର୍ତ୍ତିମାନ ଦେଖାଯାଏ । * ଏହିପରି ସପ୍ତଫଣା ବିଶିଷ୍ଟ ନାଗମୂର୍ତ୍ତି ଅଜନ୍ତାର ଊନବିଂଶ ଗୁମ୍ଫାରେ ଦେଖାଯାଏ । ସେଠାରେ ନାଗରାଜା ସମ୍ପୂର୍ଣ୍ଣ ମନୁଷ୍ୟ ଶରୀର ; କେବଳ ସପ୍ତଫେଣା ବିଶିଷ୍ଟ ନାଗ ମସ୍ତକକୁ ଆବୃତ କରି ରହିଛି । ପ୍ରଫେସର ଭୋଗଲ ଲେଖିଛନ୍ତି—"The Nagas or snake demons as water spirits and bringers of rain, had special importance for the tillers of the soil. They are portrayed as hybrid creatures, partly human, partly reptile, but Buddhist art both in India and Java represents them, as a rule in human shape with a hood of snake-heads, which encircles the head like an aureole." †

---

* Konarak—Debala Mitra.

† A Pictorial Guide to Aurangabad, Daulatabad, Ellora, Ajanta—S. Siddiq.

Digitized by PPRACHIN, SOA

ତୃତୀୟ ପରିଚ୍ଛେଦ

ସୋମବଂଶୀ

ଓଡ଼ିଶାରେ ଖ୍ରୀଷ୍ଟୀୟ ଅଷ୍ଟମ-ନବମ ଶତାବ୍ଦୀକୁ ବୌଦ୍ଧ ଧର୍ମ ଓ ଶୈବ ଧର୍ମର ସନ୍ଧିକାଳ ବୋଲି ଧରାଯାଏ । ଏହାର ପ୍ରମାଣ ହରିଶଙ୍କର କ୍ଷେତ୍ରର ପରିମଳଗିରି ବୌଦ୍ଧ ବିହାରରୁ ମିଳେ । ଏଠାରେ ଦ୍ୱିତୀୟ ଶତାବ୍ଦୀରୁ ସପ୍ତମ ଶତାବ୍ଦୀ ପର୍ଯ୍ୟନ୍ତ ବିକଶିତ ହୋଇଥିବା ବୌଦ୍ଧଧର୍ମ କ୍ରମେ ମହାଯାନ, ବଜ୍ରଯାନ ଓ ସହଜଯାନରେ ପରିଣତ ହୋଇ ରାଜ-ଶକ୍ତିର ସମର୍ଥନ ହରାଇଲା । ଓଡ଼ିଶାର ଭୌମକର ବଂଶର ରାଜାମାନେ ପ୍ରଥମେ ବୌଦ୍ଧ ଥିଲେ ମଧ୍ୟ ସେମାନେ ସମୟକ୍ରମେ ଶୈବ ଧର୍ମର ଆନୁଗତ୍ୟ ସ୍ୱୀକାର କରି ଶୈବ ଧର୍ମର ପୃଷ୍ଠପୋଷକତା କରିଥିଲେ । ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀର ଆରମ୍ଭରୁ ଅର୍ଥାତ୍ ଖ୍ରୀ: ୭୦୦ରୁ ନୃସିଂହନାଥ ହରିଶଙ୍କର କ୍ଷେତ୍ରଟି ସୋମବଂଶୀ ରାଜା ତ୍ରିଭୁବନଦେବଙ୍କର ଶାସନାଧୀନ ଥିଲା । ତାଙ୍କର ଶାସନ ମଧ୍ୟପ୍ରଦେଶ ଅନ୍ତର୍ଗତ ମହାନଦୀ କୂଳର ଶ୍ରୀପୁରଠାରୁ ଆରମ୍ଭ କରିଥିଲେ । ଏହା ସରଭପୁରୀୟ ରାଜବଂଶର ଶେଷ ରାଜା ସୁଦେବ ରାଜ (ଦ୍ୱିତୀୟ)ଙ୍କର ରାଜଧାନୀ ଥିଲା ।

ବୌଦ୍ଧ ଧର୍ମର ଗ୍ଲାନି ଘଟି ଯେଉଁ ପରିବର୍ତ୍ତନ ହେଲା ତାହା ସେହି ସମୟର ରାଜବଂଶ କେଉଁ ଧର୍ମର ଆନୁଗତ୍ୟ ସ୍ୱୀକାର କରିଛନ୍ତି ତାହା ଅନୁଧ୍ୟାନ କରିବାର କଥା । କାରଣ ରାଜାନୁଗତ ଧର୍ମଃ, ରାଜବଂଶର ପୃଷ୍ଠ-ପୋଷକତାରେ ହିଁ ଧର୍ମର ପ୍ରଚାର ଓ ପ୍ରସାର ହୋଇଥାଏ । ସୋମବଂଶୀ ତ୍ରିଭୁବନଦେବଙ୍କଠାରୁ ରାଣୀ ବାସଟା ଦେବୀଙ୍କ ପର୍ଯ୍ୟନ୍ତ ବୈଷ୍ଣବ ଧର୍ମ ପ୍ରତି ଆକୃଷ୍ଟ ହେଲେ ମଧ୍ୟ ବୌଦ୍ଧ ଧର୍ମ ଓ ଶୈବ ଧର୍ମ ସମାନ୍ତରାଳ ଭାବେ ଗତି କରୁଥିଲା । ରାଣୀ ବାସଟା ଦେବୀ ତାଙ୍କ ପୁତ୍ର ବାଳାର୍ଜ୍ଜୁନଙ୍କ * ବିଷୟ ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ବିଦ୍ୟା ଦେହେଜିଆ ଲେଖିଛନ୍ତି—The Famous Somavamsi ruler Balarjuna was an ardent Saivite

---

*Early Stone Temples of Orissa.

Digitized by PPRACHIN, SOA

who gave generously towards the maintenance of Siva Temple while his mother Vasata was an equally ardent Vaishnavite who built the renowned Lakshmana temple at Sripur. Religious tolerance was the norm through ancient Orissa." †

ହର୍ଷଗୁପ୍ତଙ୍କ ପୁତ୍ର ବାଳାର୍ଜ୍ଜୁନ ଖ୍ରୀ: ୭୫୦ ଠାରୁ ଖ୍ରୀ: ୮୧୦ ପର୍ଯ୍ୟନ୍ତ ପ୍ରାୟ ୬୦ ବର୍ଷ ନନ୍ଦର୍ଦ୍ଧନରେ ରାଜ୍ୟ ଶାସନ କରିଥିଲେ । ସେ ସମୟରେ ଶୈବ ବିଦ୍ୟାଳୟରେ ସେ ଶିକ୍ଷାଲାଭ କରିଥିଲେ । ସେ ପରମ ମାହେଶ୍ୱର ଥିଲେ । ତାଙ୍କର ମାତୁଳ ମଗଧର ରାଜା ଭାସ୍କର ବର୍ମନ୍ ବୌଦ୍ଧଧର୍ମର ପୃଷ୍ଠପୋଷକ ଥିଲେ । ବାଳାର୍ଜ୍ଜୁନ ଶିବଙ୍କର ପରମ ଭକ୍ତ ଥିଲେ । ସେ ତାଙ୍କର ମାତା ବାସଟା ଦେବୀ ଆରମ୍ଭ କରିଥିବା ସମସ୍ତ କାର୍ଯ୍ୟ ସମାପନ କରିଥିଲେ । ରାଣୀ ବାସଟା ନୃସିଂହନାଥ ମନ୍ଦିର ନିର୍ମାଣ କରିଥିଲେ ହେଁ ବାଳାର୍ଜ୍ଜୁନ ପଞ୍ଚୁପାଣ୍ଡବ ଘାଟରେ ଥିବା ଏକ ବିରାଟ ଶିଳାର ଉପରିଭାଗରେ ଶିବପାର୍ବତୀ ଓ ନନ୍ଦୀ, ସୂର୍ଯ୍ୟ, ଚନ୍ଦ୍ର ପ୍ରଭୃତି ଖୋଦନ କରାଇ ଥିଲେ । ସେ ସମୟରେ ବୌଦ୍ଧଧର୍ମର ମହାଯାନୀମାନେ ବାଳାର୍ଜ୍ଜୁନଙ୍କୁ ବିଶେଷ ସହାୟତା କରୁଥିଲେ ।

ସୋମବଂଶ କାଳରେ ଧର୍ମଧାରା

ପରିମଳ ଗିରିର ଏକ ପାର୍ଶ୍ୱରେ ବୌଦ୍ଧଧର୍ମ ମହାଯାନୀମାନେ ସମୟକ୍ରମେ ଶୂନ୍ୟବାଦରୁ ମୂର୍ତ୍ତି ଗଠନ କରିବା ଆରମ୍ଭ କଲା ବେଳକୁ ସେଠାକାର ଗିରିଜନମାନେ ଭୈରବ ଖୋଲରେ ଭଇଁରୋ ଦେବତାଙ୍କୁ ଭୁରୁକଆର ସାତଝିଅମାନେ ପୂଜା ଆରମ୍ଭ କରି ଦେଲେଣି । ସପ୍ତମାତୃକାମାନେ ସାତ ବଖରାରେ ପୂଜା ପାଇଲା ପରେ ଦୁର୍ଗେଇଖୋଲରେ କନ୍ଧ କବି ଯୁଗଦାସଙ୍କ 'ଦୁର୍ଗାଦେବୀ ରହିଲେ ସେ ପର୍ବତର ଶିଖେ । ଖଣ୍ଡା ଖପରିହି ଶୂଳ ଶ୍ରୀହସ୍ତରେ ଧରି' (ଶ୍ରୀ ନୃସିଂହନାଥ ତତ୍ତ୍ୱ, ମନ୍ଦିର ଓ କ୍ଷେତ୍ର ପରିଚୟ ପୃ: ୧୦୫) ପୂଜା ପାଇଲେଣି । ଶିବ ଭକ୍ତ ବାଳାର୍ଜ୍ଜୁନ ଗିରିଜନ ବିଶେଷତଃ କନ୍ଧ ସଂପ୍ରଦାୟର ଲୋକମାନଙ୍କୁ ବିଶେଷ ସମ୍ମାନ ଦେଇ ହରିଶଙ୍କର ମନ୍ଦିର

† ଶ୍ରୀପୁର ପ୍ରସ୍ତର ଲିପି— ପ୍ରାଚୀନ ଉତ୍କଳ, ୨ୟ ଭାଗ—ଜଗବନ୍ଧୁ ସିଂହ ପୃ ୧୮୬

Digitized by PPRACHIN, SOA

ନିର୍ମାଣ କରିଥିଲେ । ଯେଉଁଠାରେ ଭଇରବ ଦେବତା, ସପ୍ତମାତୃକା, କମଳାମ୍ବିକା, ଶିବ ଏବଂ ତାଙ୍କର ମାତା ବାସିଷ୍ଠା ଦେବୀଙ୍କୁ ସମ୍ମାନ ଦେଇ ହରିହରଙ୍କ ସହାବସ୍ଥାନ କରି ଯାଇଛନ୍ତି । ପରବର୍ତ୍ତୀ ଅଧ୍ୟାୟ-ମାନଙ୍କରେ ସଂସ୍ତ ଦେବ ଦେବୀଙ୍କର ସ୍ୱତନ୍ତ୍ର ଅଧ୍ୟାୟମାନଙ୍କରେ ବିଶେଷ ଆଲୋଚନା ହୋଇଛି । ବାଳାର୍ଜ୍ଜୁନ ଯେଉଁ ମନ୍ଦିର ନିର୍ମାଣ କରିଥିଲେ ସେ ମନ୍ଦିରଟି ପଞ୍ଚଦଶ ଶତାବ୍ଦୀର ଆରମ୍ଭ ବେଳକୁ ଜୀର୍ଣ୍ଣ ହୋଇପଡ଼ିଥିଲା । ପାଟଣାର ଚୌହାଣ ନରପତି ପ୍ରଥମ ବୈଜଳଦେବଙ୍କ ରାଣୀ ମନ୍ଦିରର ମୂଳଦୁଆ ପତନଠାରୁ ପଥର କାନ୍ଥମା ଉପରେ ଇଟାରେ ଉପରଭାଗଟି ନିର୍ମାଣ କରାଇଥିଲେ । ବର୍ତ୍ତମାନ ଯେଉଁ ମନ୍ଦିରଟି ଦେଖିବାକୁ ପାଉଛୁ ତାହା ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ତରଫରୁ ସିମେଣ୍ଟରେ ପଲସ୍ତରା ହୋଇ ପୁରାତନ ମନ୍ଦିରକୁ ୧୯୮୫ ମସିହାରେ ସୁରକ୍ଷା କରାଯାଇଛି । ମୁଖ୍ୟ ମନ୍ଦିର ଫାଟକର ଉପରଭାଗରେ ନବଗ୍ରହ ଓ ଲକ୍ଷ୍ମୀଙ୍କର ମୂର୍ତ୍ତି ଖୋଦିତ ହୋଇଛି । ମୁଖଶାଳା ବା ଜଗ-ମୋହନର ପ୍ରବେଶ ଦ୍ୱାରରେ ଗଜଲକ୍ଷ୍ମୀ ବସି ଡାହାଣ ଗୋଡ଼ଟିକୁ ତଳକୁ ଲମ୍ବାଇଛନ୍ତି । ମୁଖ୍ୟ ମନ୍ଦିରକୁ ଲାଗି ଦକ୍ଷିଣ ପଟରେ ଭୈରବ ଓ ଭୈରବୀଙ୍କର ସ୍ୱତନ୍ତ୍ର ମନ୍ଦିର ଅଛି ।

ତନ୍ତ୍ରପଦ୍ଧତିରେ ମନ୍ଦିର ନିର୍ମାଣ :

ବୌଦ୍ଧମାନଙ୍କ ଦୃଷ୍ଟିରେ ପ୍ରଜ୍ଞା ହେଉଛି ଶକ୍ତିର ସ୍ୱରୂପ । ଏହାର ପ୍ରତୀକ ତ୍ରିକୋଣ ଯେଉଁଠାରେ ଛ'ଟି ଧାତୁ ବିଦ୍ୟମାନ । ଏହାର ଛ'ଟି ଗୁଣ, ଯଥା ସମଗ୍ର ଐଶ୍ୱର୍ଯ୍ୟ, ରୂପ, ଯଶ, ଶ୍ରୀ, ଜ୍ଞାନ ଓ ଅର୍ଥବେତ୍ତା । ସେଥିପାଇଁ ତନ୍ତ୍ରରେ କୁହାଯାଇଛି:—

ତ୍ରିକୋଣଂ ଭଗମିତ୍ୟୁକ୍ତଂ ବିୟତ୍‌ସ୍ଥଂ ଗୁପ୍ତମଣ୍ଡଳମ୍
ଇଚ୍ଛାଜ୍ଞାନଂ କ୍ରିୟାକୋଣଂ ତନ୍ମଧ୍ୟେ ଚିଞ୍ଚିଣୀକମମ୍ ।

ଶକ୍ତିର ଏହି ପ୍ରତୀକ ତ୍ରିକୋଣର ତିନି କୋଡ଼ରେ ରହିଛି ତିନି ବିନ୍ଦୁ ଓ କେନ୍ଦ୍ରରେ ଅଛି ମଧ୍ୟ ବିନ୍ଦୁ । ମଧ୍ୟ ବିନ୍ଦୁଦ୍ୱାରା ତିନି ବିନ୍ଦୁର ସମାହାର ହୁଏ । ପଣ୍ଡିତ ସାର୍ ଜନ୍ ଉଡ୍‌ରଫ୍ ଲେଖିଛନ୍ତି, "Passing to Yantric symbols, the Male Power-holder Siva is represented

Digitized by PPRACHIN, SOA

by a triangle standing on its base. A triangle is selected as being the only geometric figure which represents—Trinity is Unity—The many Triads such as, Willing, Knowing and Acting in which one consiousness (chit) displays itself. Power or the feminine principle or Sakti is necessarily represented by the same figure, for Power and Power-holder are one. The triangle however is shown reversed—that is standing on its apex." ❊ ହରିଶଙ୍କର କ୍ଷେତ୍ରରେ ଏହି ତ୍ରିକୋଣ ଦେଖିବାକୁ ମିଳେ । ଏହି ଶୈବ କ୍ଷେତ୍ର ତ୍ରିକୋଣର ତିନି ବିନ୍ଦୁରୁ ପ୍ରତ୍ୟେକ ବିନ୍ଦୁରେ ଗୋଟିଏ ଗୋଟିଏ ଶିବଲିଙ୍ଗ ଅଧିଷ୍ଠାନ କରିଛନ୍ତି । ହରିଶଙ୍କର ମୁଖ୍ୟ ମନ୍ଦିର ବାମ ପଟରେ 'ଭୁବନେଶ୍ୱର ଶିବ' ପ୍ରତିଷ୍ଠିତ ହୋଇଛନ୍ତି । ତ୍ରିକୋଣ ଭୂମିର ଅନ୍ୟ ଏକ ବିନ୍ଦୁ ମୁଖ୍ୟ ମନ୍ଦିରର ଦକ୍ଷ ପଟରେ ଝରଣା କୂଳରେ ଅବସ୍ଥିତ । ସେ ହେଉଛନ୍ତି 'ଜଳେଶ୍ୱର ଶିବ' ଏକ କ୍ଷୁଦ୍ର ମନ୍ଦିରରେ ଅଧିଷ୍ଠାନ କରିଛନ୍ତି । ତ୍ରିକୋଣର ଶୀର୍ଷବିନ୍ଦୁ—ମୁଖ୍ୟ ମନ୍ଦିରର ପଶ୍ଚାତ୍ ଭାଗରେ ଅବସ୍ଥିତ । ଝରଣା କୂଳରେ ଅନ୍ୟ ଏକ କ୍ଷୁଦ୍ର ମନ୍ଦିରରେ ଏହି ଶୀର୍ଷ ବିନ୍ଦୁରେ ଅଧିଷ୍ଠାନ କରିଛନ୍ତି 'ପାଦୁକା ମହାଦେବ' । ଏହି ମନ୍ଦିରର ଏକ ପାର୍ଶ୍ୱରେ ଦୁଇଟି ଚକରେ ଯନ୍ତ୍ର କଟାହୋଇ ପୂଜା ହେଉଛନ୍ତି । ଏହି ତିନି ବିନ୍ଦୁର ମଧ୍ୟରେ, ଅର୍ଥାତ୍ ତ୍ରିକୋଣର କେନ୍ଦ୍ର ବିନ୍ଦୁରେ ଅଧିଷ୍ଠାନ କରିଛନ୍ତି ଶଙ୍କର ଏବଂ ହରି ମଧ୍ୟ ସେଠାରେ ଅଛନ୍ତି—ଏହା ଶିବ ଶକ୍ତିଙ୍କ ଆସନ । ଏହି ତ୍ରିକୋଣ ମଣ୍ଡଳ ଚିତ୍ କଳା ଆଭାରେ ଉଜ୍ଜ୍ୱଳ ।

ଜନ୍ ଉଡ୍‌ରଫ୍ ଏହି ତ୍ରିକୋଣର ମଧ୍ୟବିନ୍ଦୁ ବିଷୟରେ ଆଲୋଚନା କରି କହିଛନ୍ତି—"The great symbol of the Mother is the Sriyantra from the centre of which she arises like the solar orb at morn but in a blaze of light excelling the brilliance of countless midday suns and the coolness of innumerable moons. The centre is

---

❊ Sakti and Sakta

Digitized by PPRACHIN, SOA

the point, or Bindu—that is the mother as concentrated power ready to create. Around Her is the Universe together with its Divinities or Directing Intelligences. From this point world issues. Into it on dissolution, it enters. The extended universe then collapses into an unextended point, which itself then subsides like a bubble on the surface of the causal waters, which are the Immense." * ସୃଷ୍ଟି ଓ ଲୟ ନିମିତ୍ତ ଦୁଇଟି ତ୍ରିକୋଣର କଳ୍ପନାରୁ ଷଟ୍ କୋଣର ଉଦୟ । ସମଗ୍ର ବିଶ୍ୱ ସୃଷ୍ଟି ଏହି ତ୍ରିକୋଣ ମଧ୍ୟରେ ଅବସ୍ଥିତ । ସମସ୍ତ ଜୀବ ମଧ୍ୟ ପ୍ରଳୟ । ପରେ ତ୍ରିକୋଣ ମଧ୍ୟରେ ଆତ୍ମପ୍ରକାଶ କରିଥାନ୍ତି । ଏହି ତ୍ରିକୋଣ ବାହାରେ କ୍ରମ ବିନ୍ୟସ୍ତ ଭାବେ ଶାନ୍ତ୍ୟାତୀତ ଶାନ୍ତି, ବିଦ୍ୟା, ପ୍ରତିଷ୍ଠା ଓ ନିବୃତ୍ତି କଳାର ଆଭାମୟ ସ୍ତର ସବୁ ଅବସ୍ଥିତ । ଏହି ସବୁ ସ୍ତରର ସମଷ୍ଟି ହେଉଛି ବିଶ୍ୱ । ତେଣୁ ଭୂପୁରଠାରୁ ମହାବିନ୍ଦୁ ପର୍ଯ୍ୟନ୍ତ ବିସ୍ତୃତ ସମଗ୍ର ବିଶ୍ୱଚକ୍ର ହେଉଛି ସେହି ମହାଶକ୍ତିର ବିକାଶ । ମଧ୍ୟ ତ୍ରିକୋଣ ବିନ୍ଦୁ ବିସର୍ଗମୟ । ଏହାର ପ୍ରତି ରେଖା ହେଉଛି ପଞ୍ଚସ୍ୱରମୟ । ଏହି ତ୍ରିକୋଣ ସ୍ପନ୍ଦନ ହେଲେ ଷଟ୍ କୋଣର ଉଦୟ ହୁଏ ଓ ଆଭାମୟ ଭୂପୁର ପ୍ରକାଶ ପାଏ । ଏହି ତ୍ରିକୋଣ ବା ଷଟ୍ କୋଣ ମଧ୍ୟରେ ଥିବା ରୌଦ୍ରୀ ଶକ୍ତି ସ୍ପନ୍ଦନ ଫଳରେ ଅଷ୍ଟକୋଣ ସୃଷ୍ଟି କରନ୍ତି । ଏହାକୁ ଅଷ୍ଟଦଳ ପଦ୍ମ ପାଖୁଡ଼ା କୁହାଯାଏ । ଏହା ହେଉଛି ଏକ ଚକ୍ର ସ୍ୱରୂପ—ଶ୍ରୀ·ଶ୍ରୀ ହରିଶଙ୍କର ମହାପ୍ରଭୁ ଏହି ଚକ୍ରରେ ଅବସ୍ଥାନ କରିଛନ୍ତି ।

କିମ୍ବଦନ୍ତୀରେ ମନ୍ଦିର ନିର୍ମାଣ :

ହରିଶଙ୍କର ମନ୍ଦିର ନିର୍ମାଣ ସମ୍ବନ୍ଧରେ ଭିନ୍ନ ଭିନ୍ନ କିମ୍ବଦନ୍ତୀର ପ୍ରଚଳନ ଅଛି । ଏକ କିମ୍ବଦନ୍ତୀରୁ ଜଣାଯାଏ ଏକଦା ଜଣେ ବୃଦ୍ଧ ଆଦିବାସୀ କନ୍ଧ ହରିଶଙ୍କର ନିକଟସ୍ଥ ପାହାଡ଼କୁ କନ୍ଦା ଖୋଳି ଆସିଥିଲା । କନ୍ଦା ଖୋଳୁ ଖୋଳୁ ଏକ ଶିବଲିଙ୍ଗ ଆକୃତିର ଶିଳା ଦେହରେ ଖଣ୍ତି ବାଜିବାରୁ ସେଥିରୁ ରକ୍ତ ବାହାରିଲା । ସେ ଏହି ବିଷୟ ପଡ଼ୋଶୀମାନଙ୍କୁ କହିଲା ଏବଂ ସେ ଦିନ ରାତିରେ ଏକ ସ୍ୱପ୍ନ

* Sakti and Sakta

Digitized by PPRACHIN, SOA

ଦେଖିଲା 'ସେ ହେଉଛନ୍ତି ହରିଶଙ୍କର ଶିବ, ତାଙ୍କୁ ପୂଜା ଅର୍ଚ୍ଚନା କରି ମନ୍ଦିର ତୋଳାଅ' । ତେଣୁ କନ୍ଧ ପରିବାରର ସମସ୍ତ କନ୍ଧ ତତ୍କାଳୀନ ପାଟଣାର ନରପତି ରମେଇ ଦେବଙ୍କୁ ସମସ୍ତ ବୃତ୍ତାନ୍ତ କହିଲେ । ଚୌହାନ ବଂଶର ପ୍ରତିଷ୍ଠାତା ରାଜା ରମେଇ ଦେବ ସମସ୍ତ ବିଷୟ ବୁଝି ସାରିଲା ପରେ ସେ ନିଜେ ଗତ ରାତିରେ ସେହିପରି ଏକ ସ୍ୱପ୍ନ ଦେଖିଥିବାର କହିଥିଲେ ଏବଂ ସମସ୍ତ କନ୍ଧ ସଂପ୍ରଦାୟର ସାହାଯ୍ୟରେ ମନ୍ଦିରଟି ନିର୍ମାଣ କରିଥିଲେ । ଏହି କିମ୍ବଦନ୍ତୀକୁ ବିଶ୍ୱାସ କଲାଗଲେ ମନ୍ଦିରଟି ଖ୍ରୀଷ୍ଟୀୟ ଚତୁର୍ଦ୍ଦଶ ଶତାବ୍ଦୀରେ ଅର୍ଥାତ୍ ଖ୍ରୀ: ୧୩୫୫ ରୁ ୧୩୮୦ ମଧ୍ୟରେ ନିର୍ମିତ ହୋଇଛି ।

ଅନ୍ୟ ଏକ କିମ୍ବଦନ୍ତୀରୁ ଜଣାଯାଏ ଯେ ନୃସିଂହନାଥ ହରିଶଙ୍କର କ୍ଷେତ୍ରରେ ମହାଭାରତର ପାଣ୍ଡବ ପାଞ୍ଚଭାଇ ବନବାସ ସମୟରେ ଥିଲେ । କବି କବି ଯୁଗଦାସଙ୍କ ରଚିତ ଶ୍ରୀ ନୃସିଂହ ଚରିତରେ ଭୀମଙ୍କର ଆମ୍ବଭାର ଆଣି ଦ୍ରୌପଦୀଙ୍କୁ ଦେବା ବିଷୟ ଉଲ୍ଲେଖ କରାଯାଇଛି ।

ବକୋଦର ବୋଇଲା ଆଣିଛି ଆମ୍ବଭାର
ଦ୍ରୁପଦୀ ବୋଇଲେ ବାବୁ ଧିରେଣ ଉତାର ।
ଦେଖିଣ ଯୁଧିଷ୍ଠି ଦେବ ହରଷ ହୋଇଲେ
କୁଦଶା ଯାଇ ସୁଦଶା ହେଇଲା ବୋଇଲେ । (୧୨୮୦)

ପାଣ୍ଡବମାନଙ୍କର ବନବାସ ସମୟରେ ପିତୃ ଶ୍ରାଦ୍ଧ ପାଇଁ ଅର୍ଜୁନ ଗଣ୍ଡା ଅନ୍ୱେଷଣରେ ହରିଶଙ୍କର ଜଙ୍ଗଲକୁ ଆସିଥିଲେ । ସେହି ସମୟରେ ହରିଶଙ୍କର ଶିବଲିଙ୍ଗ ଉପରେ ଗୋଟିଏ ଗାଈ ଆସି ପ୍ରତିଦିନ ପରି ସେ ଦିନ କ୍ଷୀର ଦେଉଥାଏ । ଅର୍ଜୁନ ଦୂରରୁ ଗାଈକୁ ଗଣ୍ଡା ଭାବି ଶର ନିକ୍ଷେପ କଲେ । ଅର୍ଜୁନଙ୍କ ଶର ଅଣଲେଉଟା । ଶରଘାତରେ ଗାଈଟି ଶିବଲିଙ୍ଗ ଉପରେ ଟଳି ପଡ଼ିଲା । ଅର୍ଜୁନ ସେଠାରେ ଆସି ଦେଖିଲେ ଶିବଲିଙ୍ଗ ଉପରେ କ୍ଷୀର ଦେଉଥିବା ବେଳେ ଗାଈଟି ଟଳି ପଡ଼ିଛି । ସେ ସେଠାରେ ଘୋର ତପସ୍ୟାରେ ନିମଗ୍ନ ରହିଲେ । ହରିଙ୍କ ନାମ କୀର୍ତ୍ତନ କରିବାରୁ ହରି ଓ ସେଠାରେ ଥିବା ହର ଉଭୟେ ଅର୍ଜୁନଙ୍କୁ ଆଶୀର୍ବାଦ କଲେ ଓ ମୃତ ଗାଈଟି ଜୀବିତ ହୋଇ ଉଠିଲା । ସେହିଦିନଠାରୁ 'ହରିଶଙ୍କର' ପୂଜା ପାଇ ଆସୁଛନ୍ତି । ପରବର୍ତ୍ତୀ ସମୟରେ ଚୌହାନ ନରପତିମାନେ ମନ୍ଦିର ତୋଳାଇଛନ୍ତି ।

Digitized by PPRACHIN, SOA

ଶ୍ରୀ ନୃସିଂହ ଚରିତରେ ମନ୍ଦିର ନିର୍ମାଣ ବର୍ଣ୍ଣନା:

ତ୍ରେତୟା ଯୁଗରେ ମୂଷିକଦୈତ୍ୟର ଉପଦ୍ରବରେ ସମସ୍ତ ଦେବ ଦେବୀ ବ୍ୟସ୍ତ ହୋଇ ପିତାମହ ବ୍ରହ୍ମାଙ୍କୁ ସମସ୍ତେ ପ୍ରାର୍ଥନା କଲେ । ବ୍ରହ୍ମା କହିଲେ ମୂଷିକ ଦୈତ୍ୟ ଈଶ୍ୱରଙ୍କଠାରୁ ଅମର ବର ପାଇଛି । କେବଳ ନୃସିଂହ ରୂପ ଦେଖିଲେ ସେ ଭୟ କରିବ । ଅନ୍ୟ କେହି ତାକୁ ଯୁଦ୍ଧରେ ପରାସ୍ତ କରି ପାରିବେ ନାହିଁ । ରାମଚନ୍ଦ୍ର ସ୍ୱୟଂ ବିଷ୍ଣୁ । ସିଏ କ କେବଳ ନରସିଂହ ରୂପ ହୋଇ ପାରିବେ । ତେଣୁ ଦେବଦେବୀମାନେ ଅଯୋଧ୍ୟା ଯାଇ ଶ୍ରୀରାମ ଲକ୍ଷ୍ମଣଙ୍କୁ ଗୁହାରି କରିବାରୁ ସ୍ୱୟଂ ରାମଚନ୍ଦ୍ର ନରସିଂହ ରୂପ ହୋଇ ଦୈତ୍ୟଙ୍କୁ ଗୋଡ଼ାଇଲେ । ଦୈତ୍ୟ ଭୟ ପାଇ ଗନ୍ଧଗିରି ପାଖରେ ଶରଣ ପଶିଲା । ଗନ୍ଧଗିରି ଗୋଟିଏ ପାର୍ବତ୍ୟ ସୁଡ଼ଙ୍ଗରେ ତାକୁ ଆଶ୍ରୟ ଦେଲା । ନୃସିଂହ ଯେତେ ବେଳେ ଗନ୍ଧଗିରି ତାଙ୍କ ପାଦ ତଳେ ଗୁହାରି କଲା, 'ଶରଣ ପ୍ରାର୍ଥୀକୁ ମରଣ ଦିଅନାହିଁ ପ୍ରଭୁ !' ତେଣୁ ରାମଚନ୍ଦ୍ର ନୃସିଂହ ରୂପରେ ସେଇ ସୁଡ଼ଙ୍ଗ ନିକଟରେ ଅର୍ଥାତ୍ ମାର୍ଜାର-କେଶରୀ ବେଶରେ ନୃସିଂହନାଥ ତୀର୍ଥରେ ଜଗିରହିଛନ୍ତି । ଯୁଗଦାସ ଲେଖିଛନ୍ତି—

ବିମ୍ବରେ ମୂଷାରୂପେ ପଶିଲା ଅସୁର
ମର୍ଜ୍ଜାରୀ ରୂପ ଧରି ରହିବୁ ପାତାଳର
ପାତାଳ ବିମ୍ବରେ ଆମ୍ଭେ ଗୁପତେ ରହିଥିବୁ
ଦ୍ୱାପର ଯୁଗ ଅନ୍ତେ ପୂଜାହିଁ ନେବୁ ॥ ୭୨୬ ॥

ରାମଚନ୍ଦ୍ରଙ୍କର ଆଦେଶରେ ଲକ୍ଷ୍ମଣ ଶଙ୍କର ବେଶରେ ହରିଶଙ୍କର ସ୍ଥାନରେ ଗୁପ୍ତରେ ରହିଲେ ।

ପର୍ବତ ଦକ୍ଷିଣ ଦିଗେ ତୁହି ରହିଥିବୁ
ଶଙ୍କର ରୂପ ଧରିଣ ପୂଜା ତୁ ପାଇବୁ । ॥ ୭୨୮ ॥

କବି ଯୁଗଦାସ ତ୍ରେତୟା ଯୁଗରୁ ଲକ୍ଷ୍ମଣ ଗୁପ୍ତ ଶିବ ଲିଙ୍ଗ ହୋଇ ରହିଥିବା ଦର୍ଶାଇଛନ୍ତି । ଦ୍ୱାପର ଯୁଗ ଅର୍ଥାତ୍ କଳି ଯୁଗରେ ଚୌହାନ ବଂଶର ବୈଜଳ ଦେବଙ୍କ ରାଣୀ ଦୁର୍ଲଭା ଦେବୀଙ୍କୁ ଶଙ୍କର ରୂପୀ ଲକ୍ଷ୍ମଣ ସ୍ୱପ୍ନରେ ଦୃଶ୍ୟ ହୋଇଛନ୍ତି—

ଲକ୍ଷ୍ମଣହିଁ ପୁଣ ଯେ ଶଙ୍କର ରୂପ ବହି
ଗୁପତେ ଥିଲେ ଯେ ପାତାଳଗାମୀ ହୋଇ ।

Digitized by PPRACHIN, SOA

ଦୁର୍ଲଭ ଦେଈ ରାଣୀଙ୍କ ହୋଇଲେ ପ୍ରସନ୍ନ
ସପନରେ ଦୃଶ୍ୟ ତାଙ୍କୁ ହେଲେ ତ୍ରିଲୋଚନ ।। ୧୪୪ ।।

ଏଠାରେ ଦୁର୍ଲଭ ଦେବୀଙ୍କୁ ମନ୍ଦିର ତୋଳାଇବାକୁ କହିଛନ୍ତି । ରାଣୀ ବୈଜଳ ଦେବଙ୍କ ଆଦେଶରେ ସେଠାରେ ମନ୍ଦିର ତୋଳାଇଛନ୍ତି । ଚୌହାନ ନରପତି ବତ୍ସରାଜ ଦେବଙ୍କ ପୁତ୍ର ପ୍ରଥମ ବୈଜଳ ଦେବ, ପାଟଣା ଗଡ଼ଠାରେ ଖ୍ରୀ: ୧୪୧୦ ରୁ ୧୪୩୫ ମଧ୍ୟରେ ରାଜତ୍ୱ କରୁଥିଲେ ।

ନୃସିଂହନାଥର ଶିଳା ଲେଖ :

ଶ୍ରୀ ନୃସିଂହନାଥ ମନ୍ଦିର ମୁଖଶାଳାର ଦକ୍ଷିଣ ପଟ ବାହାର କାନ୍ଥରେ ଥିବା ଶିଳାଲେଖରୁ ଜଣାଯାଏ ଯେ, ପାଟଣାର ରାଜା ଶ୍ରୀ ବୈଜଳ ଦେବ ବିକାଶି ନାମକ ସମ୍ବତ୍ସରରେ ଏହି ମନ୍ଦିର ତିଆରି କରିଥିଲେ । ଏହି ଶିଳାଲେଖରେ ଲେଖାଯାଇଛି—

"ଓଁ ନମଃ ଶ୍ରୀ ନୃସିଂହାୟ ସ୍ୱସ୍ତି ସ୍ୱସ୍ତି, ଶ୍ରୀ ବିକାଶି ନାମ ସମ୍ବତ୍ସରରେ ଚୈତ୍ର ପୂର୍ଣ୍ଣିମୀ ଶୁକ୍ରବାରେ, ହସ୍ତା ନକ୍ଷତ୍ରେ ପାଟଣା ନଗର ସ୍ଥିତେ ବଛରାଜଦେବ, ରାଜାଙ୍କର ପୁତ୍ର ବୈଜଳଦେବ ରାଜାଙ୍କର ପାପହରଣ ଅର୍ଥେ ଗନ୍ଧମାର୍ଦ୍ଦନ ପର୍ବତେ ବିଡ଼ାଳ ନରସିଂହନାଥ ସ୍ୱାମୀଙ୍କର ଦେଉଳ ତୋଳାଇଲେ । ତ୍ରିଭୂଷଣ ରତ୍ନମାଳା ଗାଈ ଶତେକ, ଲୋଇସିଂହା ଗ୍ରାମ ଦତ୍ତ । ଆଦିତ୍ୟ ଚନ୍ଦ୍ରାବନଲାନଳୈଚ ଜ୍ୟୋତିର୍ଭୂମିରାପେ ହୃଦୟଂସମସ୍ତ, ଅହସ୍ତ, ରବିସ୍ତ, ଉଭେଚ ସନ୍ଧ୍ୟେ ଧର୍ମୋହି ଜାନାତି ଜନସ୍ୟ ବୃତ୍ତଂ ଶାଳଗ୍ରାମ ପୁରାଣ × × × ଦେବ ପ୍ରଶସ୍ତି କାରୟାମାସ ନରସିଂହସ୍ୟ ପ୍ରୀତୟେ ।" ❋

ଏହି ଶିଳା ଲେଖର ସମୟ ଖ୍ରୀ: ୧୪୧୩ ବୋଲି ନିର୍ଦ୍ଧାରିତ ହୋଇଛି । ଏହି ବିଷୟରେ ବିସ୍ତୃତ ଆଲୋଚନା 'ଶ୍ରୀ ନୃସିଂହନାଥ ତତ୍ତ୍ୱ, ମନ୍ଦିର ଓ କ୍ଷେତ୍ର ପରିଚୟ' ପୁସ୍ତକର ପୃ ୧୨ରେ ବିଶେଷଭାବେ ଆଲୋଚିତ ହୋଇଛି । ହରିଶଙ୍କର ଭୈରବ ମନ୍ଦିରରେ ଭୈରବ ଶିଳାରେ ଯେଉଁ ଶିଳାଲେଖ ଅଛି ତାହା ପ୍ରାଚୀନ ଓଡ଼ିଆ ଲିପିରେ ଲିଖିତ । ତାହା ପଢ଼ି

❋ 'ନୃସିଂହ ଚରିତ' ସମ୍ପାଦନା: ଶ୍ରୀ ନାରାୟଣ ପୁରୋହିତ

Digitized by PPRACHIN, SOA

ହେଉ ନାହିଁ । ସେ ଗୁଡ଼ିକ ପଢ଼ାଯାଇ ପାରିଲେ ମନ୍ଦିର ସମ୍ବନ୍ଧରେ ଅଜ୍ଞାତ ତଥ୍ୟ ମିଳି ପାରନ୍ତା । ଶ୍ରୀ ନୃସିଂହନାଥ ଶିଳାଲେଖକୁ ଧରାଗଲେ ହର-ଶଙ୍କର ମନ୍ଦିର ସମସାମୟିକ ବୋଲି ଧରାଯାଇ ପାରେ । ଶିଳା ଲେଖରୁ ବୈଜଳ ଦେବଙ୍କୁ ମନ୍ଦିର ନିର୍ମାତା ବୋଲି କୁହାଯାଉଥିବା ଯୁକ୍ତିକୁ ଆର୍କିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆର ଶ୍ରୀ ଆର. ଜି. ଭଣ୍ଡାରକର୍ ପୂର୍ଣ୍ଣରୂପେ ଗ୍ରହଣ କରି ନାହାନ୍ତି । ତାଙ୍କର ମତ ହେଲା ଆମ୍ଭେମାନେ ଜାଣୁ, କେତେକ ରାଜା ମନ୍ଦିର ମାନଙ୍କର ଜୀର୍ଣ୍ଣ ସଂସ୍କାର କରାଇ ନିଜେ ତୋଳାଇ ଥିବା କଥା ଶିଳା ଲେଖରେ ଲେଖି ଯାଇଛନ୍ତି । ଡଃ ଭଣ୍ଡାର୍-କର୍ ଅନୁମାନ କରନ୍ତି ଯେ ମନ୍ଦିରର ମହାମଣ୍ଡପ ବା ଜଗମୋହନ ହେଉଛି ଆଧୁନିକ ତିଆରି । ଏହାର ତୁଳନାରେ ମନ୍ଦିର ହେଉଛି ନିଶ୍ଚିତ ରୂପେ ପ୍ରାଚୀନ । ତେଣୁ ବୈଜଳଦେବ ଏହି ପ୍ରାଚୀନ ମନ୍ଦିର ନିର୍ମାଣ ନ କରି ଏହାର ସାମାନ୍ୟ ପରିବର୍ତ୍ତନ କରି ଜଗମୋହନଟିକୁ ପୁନଃ ନିର୍ମାଣ କରାଇଥିଲେ । ସେହିପରି ହରଶଙ୍କର ମୁଖ୍ୟ ମନ୍ଦିରର ମୂଳଦୁଆ ପତନରୁ ପ୍ରାପ୍ତ ଆଠ ଫୁଟ ଉଚ୍ଚ ପଥରରେ ନୃସିଂନାଥଙ୍କ ମନ୍ଦିରର ଶୈଳୀରେ ନିର୍ମିତ ହୋଇଛି ଏବଂ ଉପର ଅଂଶଟି ପୋଡ଼ା ଇଟାରେ ନିର୍ମିତ ହୋଇଛି । (ଚିତ୍ର) ସମ୍ଭବତଃ ବୈଜଳ ଦେବଙ୍କ ରାଣୀ ଦୁର୍ଲଭା ତା'ର ପୁନଃ ନିର୍ମାଣ ଖ୍ରୀ: ୧୪୧୩ ମସିହାରେ କରିଥିଲେ ।

ସୋମବଂଶୀୟ ରାଣୀ ବାସଟା
ଚୌହାନ ବଂଶୀ ରାଣୀ ଦୁର୍ଲଭା :

ଶ୍ରୀ ନୃସିଂହ ଚରିତରେ କବି କବି ଯୁଗ ଦାସ ମନ୍ଦିର ନିର୍ମାଣ ସମ୍ବନ୍ଧରେ ଯେଉଁ ସୂଚନା ଦେଇଛନ୍ତି—

"ଶୁଣି ମୋହାରାଜା ଯେ କଲେକ ସନମତ
ଯାଅ ବୋଲି ଆଜ୍ଞା ଦେଲେ ରାଜା ହରିନାଥ ॥
ଭାଇ ବଇଜଳ ସିଂହକୁ କଣ୍ଟକ ରାଇଟିଲ
ଭାଉଜ ସଙ୍ଗେ ବାବୁ ଯାଅ ଯା ବୋଇଲେ ॥" ॥ ୧୪୬୧ ॥

ଏଠାରେ ରାଜା ହରିନାଥଙ୍କୁ ସମ୍ଭବତଃ ସୋମବଂଶୀ ରାଜା ହର୍ଷଗୁପ୍ତଙ୍କ ସହିତ ଚିହ୍ନିତ କରାଯାଇପାରେ । ତାଙ୍କର ସାନ ଭାଇ ବୈଜଳ ସିଂହଙ୍କୁ ତାଙ୍କର

Digitized by PPRACHIN, SOA

ରାଣୀ ବାସଟା ଦେବୀଙ୍କ ସହିତ ସମ୍ଭବତଃ ମନ୍ଦିର ପ୍ରତିଷ୍ଠା ପାଇଁ ପଠାଇଛନ୍ତି । ଇତିହାସରୁ ଜଣାଯାଏ, ହର୍ଷଗୁପ୍ତ ଖ୍ରୀ: ୭୫୩ରେ ପ୍ରାଣତ୍ୟାଗ କରିଛନ୍ତି । "In the Samangada plate it is stated that the Rastrakuta king Dantidurga, overpower, Kanchi Kerala, Cholo, Pandya etc. and also Sriharsa and Vajarata. Sriharsa of this inscription is idenified with the Somavamsi king Harsagupta of Kosala." ❋

ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରେ ମଧ୍ୟ ପ୍ରଦେଶର ଶ୍ରୀପୁର, ମହାନଦୀ କୂଳରେ ଏକ ପ୍ରତିଷ୍ଠିତ ନଗର ଏବଂ ସରଭପୁରୀୟ ରାଜବଂଶର ଶେଷ ରାଜଧାନୀ ଥିଲା । ସେହି ରାଜବଂଶର ଅବସ୍ଥାନ ପରେ ସୋମବଂଶୀୟ ରାଜାମାନେ ସେଠାରେ ରାଜତ୍ୱ କଲେ । ଶ୍ରୀପୁର: ନୃସିଂହନାଥ, ହରିଶଙ୍କରଠାରୁ ଝାରବନ୍ଧ ବାଟେ ଅତି ଅଳ୍ପ ଦୂର । ରାଜା ହର୍ଷଗୁପ୍ତ ସେଠାରେ ରାଜ୍ୟ ଶାସନ କଲା ସମୟରେ ତାଙ୍କର ରାଣୀ ବାସଟା ଦେବୀ ଏଠାକୁ ଆସି ମନ୍ଦିର କାର୍ଯ୍ୟ ଆରମ୍ଭ କରିଥିବା ସମ୍ଭବ ।

କବି ଯୁଗଦାସ ଲେଖିଛନ୍ତି ହରିଶଙ୍କର ପଟକୁ ଘୋଡ଼ା, ହାତୀ ଅନାବଶ୍ୟକ, କାରଣ ଦୁର୍ଗମ ପଥ ଦେଇ କେବଳ ପାଦରେ ଚାଲି ଯାଇ ହେବ । ତେଣୁ ତାଙ୍କୁ ସହଦେବ ଶବର ଯାହାର ଘର ନୃସିଂହନାଥ ନିକଟସ୍ଥ ମନଭଙ୍ଗ ପର୍ବତ ପାଖରେ, ନିଜେ ରାଣୀଙ୍କୁ କାନ୍ଧରେ ବସାଇ ପର୍ବତ ପାର କରାଇଛନ୍ତି ।

"ସାତଶ ବନ୍ଦିଣୀ ଯେ ସଇନ ଲେଖା ନାହିଁ
ପାଦଗାମୀ ହୋଇଣ ପର୍ବତ ଚଳି ଯାଇ
ଦୁର୍ଲଭା ରାଣୀ କ ସେହୁ ଯେ କାନ୍ଧରେ ବସାଇ
ସହଦେବ ଶବର ନେଲା ପର୍ବତେ ଚଢ଼ାଇ ।" ॥ ୧୪୭୫ ॥

ରାଣୀ ଦୁର୍ଲଭାଙ୍କୁ ହରିନାଥ ବା ହର୍ଷଗୁପ୍ତଙ୍କ ରାଣୀଙ୍କ ସଙ୍ଗେ ଚିହ୍ନିତ କରା ଯାଇପାରେ । ରାଣୀ ବାସଟା ଶ୍ରୀପୁର ରାଜଧାନୀଠାରୁ ନୃସିଂହନାଥ ଆସି

❋ History of Orissa—Dr N. K. Sahu, Dr. P. K. Mishra, Dr. J. K. Sahu.

Digitized by PPRACHIN, SOA

ଗନ୍ଧଗିରି ପର୍ବତକୁ ପାର ହୋଇ ଅନ୍ୟ ପଟରେ ହରଶଙ୍କର ଶିବଲିଙ୍ଗ ଦର୍ଶନ କରିଥିଲେ ।

"ପର୍ବତ ଆର ପାଖେ ହୋଇଲେ ପ୍ରବେଶ
ଦ୍ରୃଶନ କଲେ ଯାଇ ଝୋଲାଲିଙ୍ଗ ମହେଶ" ॥ ୧୪୬୭ ॥

ରାଣୀ ଦୁର୍ଲଭା ଯଦି ଚୌହାନ ରାଜା ବୈଜଳଦେବ ହୋଇଥାନ୍ତେ, ତାଂହେଲେ ରାଣୀ ଆଉ ଦୁର୍ଗମ ପାର୍ବତ୍ୟ ପଥ ଅତିକ୍ରମ ନ କରି ପାଟଣାଗଡ଼ଠାରୁ ହରଶଙ୍କର ପର୍ଯ୍ୟନ୍ତ ଯାଇପାରିଥାନ୍ତେ । ଏଠାରେ ଯେଉଁ ବୈଜଳ ସିଂହ ଉଲ୍ଲେଖ କରାଯାଇଛି ସେ ହେଉଛନ୍ତି ରାଣୀ ଦୁର୍ଲଭାଙ୍କର ଦେବର । ରାଣୀ ଦୁର୍ଲଭା ହେଉଛନ୍ତି ବାମନ ବା ବର୍ମନ ରାଜାଙ୍କ ଝିଅ—

"ଦେଖିଣ ଦୁଲଭେ ରାଣୀ ଉଲଗିଲେ ହାଁ
ଉଠି ନମସ୍କାର କଲେ ବାମନ ରାଜା ଝିଅ ।" ॥ ୧୪୯୧ ॥

ହର୍ଷଗୁପ୍ତଙ୍କ ରାଣୀ ହେଉଛନ୍ତି ମଗଧରାଜ ସୂର୍ଯ୍ୟବର୍ମନଙ୍କ ଝିଅ, ⁕ ତେଣୁ କବି ଏଠାରେ ବର୍ମନ ବଂଶର ଝିଅ ବୋଲି ଉଲ୍ଲେଖ କରିଛନ୍ତି, କାରଣ ସାଙ୍ଗିଆ ଧରି ଝିଅର ନାମ ଡାକିବାର ପ୍ରଚଳନ ଆମର ଓଡ଼ିଆ ଘରେ ଏକ ପ୍ରାଚୀନ ପରମ୍ପରା । ରାଣୀ ବାସଟାଙ୍କ ପିତାଙ୍କ ନାମ ମଧ୍ୟ ସୂର୍ଯ୍ୟ ବର୍ମନ । ସୂର୍ଯ୍ୟର ଅନ୍ୟ ନାମ ବାମନ, ତେଣୁ ରାଣୀଙ୍କୁ ବାମନ ରଜା ଝିଅ ବୋଲି ଉଲ୍ଲେଖ କରିବା ସମୀଚୀନ ପରି ମନେ ହୁଏ । ରାଜା ହର୍ଷଗୁପ୍ତଙ୍କ ଅକାଳ ବିୟୋଗ ପରେ ତାଙ୍କ ପୁତ୍ର ବାଲାର୍ଜ୍ଜୁନ ନାବାଳକ ଥିଲେ । ସମ୍ଭବତଃ ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀର ମଧ୍ୟଭାଗରେ ଚିତ୍ରକୂଟ ଆକ୍ରମଣ ହୋଇଥିଲା । ସେଠାରେ ଦାନ୍ତିଦୁର୍ଗଙ୍କ ବିରୁଦ୍ଧରେ ଯୁଦ୍ଧ ହୋଇ ରାଜା ହର୍ଷଗୁପ୍ତ ଏବଂ ତାଙ୍କର ଭାଇ ବୈଜଳ ମୃତ୍ୟୁ ମୁଖରେ ପଡ଼ିଥିଲେ । ତେଣୁ ତାଙ୍କର ବିଧବା ରାଣୀ ବାସଟା ଦେବୀଙ୍କୁ ରାଜ୍ୟ ଶାସନ ଭାର ଗ୍ରହଣ କରିବାକୁ ପଡ଼ିଲା । ସେ ତାଙ୍କର ଭାଇ ମଗଧ ରାଜ ଭାସ୍କର ବର୍ମନଙ୍କ ସହାୟତାରେ ରାଜ୍ୟ ଶାସନ କଲେ । ରାଣୀ ବାସଟା ଶ୍ରୀ ନୃସିଂହନାଥ ମନ୍ଦିର ନିର୍ମାଣ କରାଇଥିଲେ ଏବଂ ସେ ମଧ୍ୟ ହରଶଙ୍କର ମନ୍ଦିର ତୋଳାଇଥିବେ ; କିନ୍ତୁ ସେ ପରମ ବୈଷ୍ଣବୀ ଥିଲେ । ତାଙ୍କର ଶ୍ରୀପୁର ଅଭିଲେଖରୁ ଜଣାପଡ଼େ ସେ ଜଣେ

⁕ ଶ୍ରୀପୁର ପ୍ରସ୍ତର ଲିପି—ପ୍ରାଚୀନ ଉତ୍କଳ—ଜଗବନ୍ଧୁ ସିଂହ ପୃ ୧୮୭ ।

Digitized by PPRACHIN, SOA

ମହୀୟସୀ ମହିଳା ଓ ତାଙ୍କର କାର୍ଯ୍ୟକଳାପର ଭୂୟସୀ ପ୍ରଶଂସାର ପରିଚୟ ମିଳେ । ଯେଉଁ ଶିଳା ଫଳକରେ ଉକ୍ତ ଅଭିଲେଖ ଉତ୍କୀର୍ଣ୍ଣ ହୋଇଛି ତାହା ବର୍ତ୍ତମାନ ଶ୍ରୀପୁରରୁ ଅଣାଯାଇ ରାୟପୁରସ୍ଥ ମ୍ୟୁଜିୟମରେ ସଂରକ୍ଷିତ ହୋଇଛି । ରାଣୀ ବାସଟାଙ୍କ ପୁତ୍ର ବାଳାର୍ଜ୍ଜୁନ ଖ୍ରୀ: ୭୫୦ରୁ ଖ୍ରୀ:୮୧୦ ପର୍ଯ୍ୟନ୍ତ—ମହାନଦୀ କୂଳ ଶ୍ରୀପୁରରୁ ଶାସନ କରୁଥିଲେ । ସେ ନିଜେ ପରମ ମାହେଶ୍ୱର ଥିଲେ । ଡ଼ନବୀନ କୁମାର ସାହୁ ଲେଖିଛନ୍ତି—The somavansi kings from Tivaradeva to Harshagupta were all devoted Vaishnavas. But the religious ideology of the family changed with Balarjuna who constructed a number of Siva temples and called himself Paramamaheswar. Balarjuna was however a patron of Buddhism and two of the inscriptions of his time found at Sirpur and Mallar indicate that, Buddhism flourished with great vigour in his kingdom side by side with Saivism." ❊

ମହାରାଜା ବାଳାର୍ଜ୍ଜୁନ ନୃସିଂହନାଥଙ୍କଠାରେ ଶିବଙ୍କୁ ଦେଖିପାରି ଥିଲେ ଏବଂ ହରିଶଙ୍କରଠାରେ ଶଙ୍କରଙ୍କ ମଧ୍ୟରେ ହରିଙ୍କୁ ଦେଖିପାରି ଥିଲେ । ସେ ଏଠାରେ ହରିଶଙ୍କରଙ୍କ ପାଇଁ ଏକ ମନ୍ଦିର ନିର୍ମାଣ କରିଥିଲେ । ମନ୍ଦିରଟି ଜୀର୍ଣ୍ଣ ହୋଇ ପଡ଼ିବାରୁ ମୂଳ ମନ୍ଦିରଟିକୁ ସମ୍ପୂର୍ଣ୍ଣ ନ ଭାଙ୍ଗି ମନ୍ଦିରର ପତନଠାରୁ ୮ ଫୁଟ ଉଚ୍ଚରୁ ପୋଡ଼ା ଇଟାରେ ଚୌହାନ ରାଜା ବୈଜଳଦେବଙ୍କର ରାଣୀ ଦୁର୍ଲଭା ପୁନଃ ନିର୍ମାଣ କରାଇଥିଲେ ।

❊ A Survey of the History of South Kosala—by Dr. N. K. Sahu —New Aspects of History of Orissa.

Digitized by PPRACHIN, SOA

ଚତୁର୍ଥ ପରିଚ୍ଛେଦ

ଶୈବ ଧର୍ମ

ଓଡ଼ିଶାରେ ଶୈବ ଧର୍ମ ଅତ୍ୟନ୍ତ ପ୍ରାଚୀନ ଧର୍ମ ଏବଂ ଅତ୍ୟନ୍ତ ଲୋକପ୍ରିୟ ଥିଲା । ହରିଶଙ୍କର କ୍ଷେତ୍ରରେ ଶୈବ ଧର୍ମ ଯେ ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରୁ ଆରମ୍ଭ ହେଲା ତାହା ନୁହେଁ, ଏହା ବୌଦ୍ଧଧର୍ମ ସହିତ ସମାନ୍ତରାଳ ଭାବେ ଗତି କରୁଥିଲା । ଖ୍ରୀଷ୍ଟୀୟ ୩ୟ ୪ର୍ଥ ଶତକରେ ଓଡ଼ିଶାର କେନ୍ଦୁଝର ଅଞ୍ଚଳରେ ଶିବପୂଜା ପ୍ରଚଳିତ ଥିବାର ପ୍ରମାଣ ଆସନ ପାଟରୁ ଆବିଷ୍କୃତ ନୃତ୍ୟରତ ଶିବବିଗ୍ରହରୁ ପ୍ରମାଣିତ ହୋଇଛି । ଖ୍ରୀଷ୍ଟୀୟ ଷଷ୍ଠ ଶତକରେ ପ୍ରାଚୀନ ଗଙ୍ଗ ଶାସକ ସାମନ୍ତ ବର୍ମାଙ୍କଦ୍ୱାରା ମହେନ୍ଦ୍ର ପର୍ବତ ଶିଖରରେ ଗୋକର୍ଣ୍ଣେଶ୍ୱର ମହାଦେବଙ୍କ ମନ୍ଦିର ନିର୍ମିତ ହୋଇଥିବା ଜଣାଯାଏ । ହରି-ଶଙ୍କର କ୍ଷେତ୍ରର ନିକଟବର୍ତ୍ତୀ କଳାହାଣ୍ଡି ଜିଲ୍ଲା ନୂଆପଡ଼ାର ମାରଗୋଡ଼ା ଖନନରୁ ମିଳିଥିବା ଶୈବ ମଠ—ଯାହାକି ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀରେ ପ୍ରବଳ ପରାକ୍ରମୀ ନଳରାଜା ଭବଦତ୍ତଙ୍କଦ୍ୱାରା ନିର୍ମିତ ହୋଇଥିବା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ପୂର୍ବତନ ପରାମର୍ଶଦାତା ଡଃ ନବୀନ କୁମାର ସାହୁ ମତ ଦେଇଛନ୍ତି । ଏହି ମଠରେ ଶିକ୍ଷାଦାନର ବ୍ୟବସ୍ଥା ସହିତ ଚିତ୍ତ-ବିନୋଦନ ଓ ଧ୍ୟାନ କରିବା ପାଇଁ ମଧ୍ୟ ସ୍ଥାନର ବ୍ୟବସ୍ଥା ରହିଛି ।

ମହାଭାରତରେ ସ୍ୱୟଂ ଶ୍ରୀକୃଷ୍ଣ ଶତରୁଦ୍ରୀୟ ମନ୍ତ୍ରରେ ଶିବଙ୍କର ଉପାସନା କରୁଥିବାର ଜଣାଯାଏ । ପରେ ତଣ୍ଡିଋଷିଙ୍କ ତୁଣ୍ଡରୁ ଶିବ-ସହସ୍ରନାମ ମହାଭାରତରୁ ଉପଲବ୍ଧ । ଅର୍ଜ୍ଜୁନ କିରାତବେଶୀ ଶିବଙ୍କ-ଠାରୁ ପାଶୁପତ ଅସ୍ତ୍ର ବର ରୂପେ ପାଇଥିଲେ । ତେଣୁ ଆମେ ମହାଭାରତ ସମୟରେ ଉନ୍ନତସ୍ତରର ଶିବଙ୍କୁ ଦେଖୁ । ପ୍ରଥମରେ ପ୍ରାଚୀନ ଶିବ,

Digitized by PPRACHIN, SOA

ଦ୍ୱିତୀୟରେ ବ୍ରାତ୍ୟ ଶିବ ଓ ବୈଦିକ ଶିବଙ୍କର 'କଲ୍ୟାଣମୟୀ ଶିବ'ରେ ପରିଣତ ହେବା ଏବଂ ତୃତୀୟରେ ରୁଦ୍ର ବା ଭଗବଦ୍ ଗୀତାର ଈଶ୍ୱରଙ୍କ ପରି ଭଗବାନ୍ ଓ 'ପରମ ମହେଶ୍ୱର' ଶରସ୍ତବମାସ୍ତୁ ସେହି ଭୁବନେଶ ମୀଡ୍ୟଂରେ ପରିଣତ ହେବା ଐତିହାସିକ କମାରକର କହନ୍ତି—"To the first period may be referred the expressions Maha-Yoges'vara, Maha-Sepanagna, Urdhva Linga, Dig-vasas and Urdhva-reta, which indicate the early, yogic and nude representations of Siva familiar to the Mohenjodaro period. The close association of the Naga tribe with Siva is suggested by the mention of the seven-hooded serpent with reference to Siva" ❋

ପ୍ରାଚୀନ ଶୈବ ଧର୍ମର ପ୍ରକୃତ ରୂପ ହରପ୍ପା ଓ ମହେଞ୍ଜୋଦାରୋ ଭୂଖୋଦନରୁ ପ୍ରାପ୍ତ ଶିବମୂର୍ତ୍ତିରୁ ଜଣାପଡ଼େ । ସେଠାରେ ଗୋଟିଏ ଚତୁଃ-କୋଣ ଶିଲ ମୋହରରେ ଖୋଦିତ ତ୍ରିମୁଖ, ତ୍ରିଶୃଙ୍ଗ, ଦ୍ୱିଭୁଜ ଓ ଯୋଗାସନରେ ଉପବିଷ୍ଟ ଏକ ମୂର୍ତ୍ତି ଖୋଦିତ ହେବାର ଦେଖିବାକୁ ମିଳେ । ସାର୍ ଜନ୍ ମାର୍ଶାଲ ଏହାକୁ ଅଣଆର୍ଯ୍ୟ ଶିବଙ୍କର ସ୍ୱରୂପ ବୋଲି କହନ୍ତି ; ଏ: ଡ: ପୁସଲକର କହନ୍ତି—"Among the male gods the most remarkable is a three faced deity wearing a horned-head dress, seated cross-legged on a throne with penis erected and surrounded by elephant, tiger, buffalo & rhinoceros with deer appearing under the seat. It wears a number of bangles and has a pectoral round the neck and an inscription of seven letters appearing at the top." † ଉକ୍ତ ଶିଲ୍ ମୋହରରୁ ଜଣାଯାଏ ଶିବଙ୍କର ଏହି ଅଣଆର୍ଯ୍ୟ ଦ୍ରାବିଡ଼ (ତାମିଲ) ରୂପ ତିନୋଟି ଅବସ୍ଥାରେ ପୂଜା ପାଉଥିଲା । ପ୍ରଥମରେ ଏହା ତ୍ରିମୁଖ ଦେବତା,

---

❋ Cultural Heritage of India Vol. II

† 'The Vedic Age' Vol. I

Digitized by PPRACHIN, SOA

ଦ୍ୱିତୀୟରେ ମୂର୍ତ୍ତିଟି ଏକାଧାରରେ ଲିଙ୍ଗ ଓ ପଶୁମାନଙ୍କଦ୍ୱାରା ଆବୃତ ଦେବତା ଅର୍ଥାତ୍ ପଶୁପତି ଏବଂ ତୃତୀୟରେ ଯୋଗେଶ୍ୱର ବା ମହାଯୋଗୀ । ପ୍ରଥମ ଓ ଦ୍ୱିତୀୟ ଅବସ୍ଥା, ମୂର୍ତ୍ତିଟିରୁ ପରିଷ୍କାର ଜଣାପଡ଼େ । ଆର୍ଯ୍ୟ ସଭ୍ୟତାର ଆଗମନ ପୂର୍ବରୁ ଭାରତୀୟ ଉପମହାଦେଶରେ ଶିବ, ଜନନ ବା ସୃଷ୍ଟିର ପ୍ରତୀକ ଲିଙ୍ଗ ରୂପେ ଓ ଜୀବରାଜ ବା ପଶୁପତି ରୂପେ ପ୍ରତିଷ୍ଠିତ ହୋଇ ସାରିଥିଲେ । ତୃତୀୟ ଅବସ୍ଥାଟି ମୂର୍ତ୍ତିର ପଦ୍ମାସନରେ ଉପବିଷ୍ଟ ହୋଇ ଚକ୍ଷୁ ଦୁଇଟିକୁ ନାସାଗ୍ରେ ସ୍ଥାପନ ଭାବରୁ ଯୋଗେଶ୍ୱର ବା ମହାଯୋଗୀ ଭାବ ଜଣାପଡ଼େ । ଅଣଆର୍ଯ୍ୟ ଦ୍ରାବିଡ଼ମାନେ ଶିବଙ୍କୁ ସେତେବେଳେ ଜନନ ବା ସୃଷ୍ଟିର ପ୍ରତୀକ ଲିଙ୍ଗ, ପଶୁପତି ରୂପେ ପୂଜା କରୁଥିଲେ ମଧ୍ୟ ତାରିସ୍ଥବମୀୟ 'ଯୋଗେଶ୍ୱର' ରୂପେ ପୂଜା କରିବାର ପ୍ରମାଣ ଏହି ମହେଞ୍ଜୋଦାରୋ ସଭ୍ୟତାରୁ ଜଣାଯାଏ, ଯାହାକୁ ଆର୍ଯ୍ୟମାନେ ପରେ ଗ୍ରହଣ କରି ନେଇଛନ୍ତି । କାଳିଦାସଙ୍କ ସମୟ (ଖ୍ରୀ: ୪୦୦) ବେଳକୁ ଶିବ ଯୋଗୀଶ୍ୱର ଓ ମହେଶ୍ୱର ହୋଇ ସାରିଥିଲେ । ଡଃ ବୈଜନାଥ ପୁରୀ ଦର୍ଶାଇଛନ୍ତି ପାତଞ୍ଜଳି (ଖ୍ରୀ: ପୂ: ୧୫୦) ସମୟରେ ଲିଙ୍ଗପୂଜା ଆର୍ଯ୍ୟମାନେ ଗ୍ରହଣ କରି ନ ଥିଲେ । ⁂

ଦ୍ୱିତୀୟରେ ବ୍ରାତ୍ୟ ଶିବ ଓ ବୈଦିକ ଶିବଙ୍କର କଲ୍ୟାଣମୟ ଶିବ ଆଶୁତୋଷରେ ପରିଣତ ହେବା ବିଷୟ ଐତିହାସିକ କରମାରକର କହିଛନ୍ତି—"The reference to the fierce and malevolent Rudra, the Krutivasa, the Makhaghna, the destroyer of Pusan's teeth and also the Satarudriya and the ,Rudra-homa' as well as to the mujvat mountain, the residence of Siva and Parvati, are related to the second, namely the vedic brahmanic period." † ଆର୍ଯ୍ୟମାନେ ପ୍ରଥମେ ଅନାର୍ଯ୍ୟ ଲିଙ୍ଗୋପାସକମାନଙ୍କୁ ଶିଶ୍ନଦେବାଃ ବୋଲି ଘୃଣା କରୁଥିଲେ । ଋଗ୍‌ବେଦରେ ଦୁଇଟି ସ୍ଥାନରେ 'ଶିଶ୍ନଦେବାଃ' ଅର୍ଥାତ୍ ଲିଙ୍ଗକୁ ଦେବତା ମାନୁଥିବା ଲୋକଙ୍କ ବିଷୟରେ

⁂ The Cultural Heritage of India Vol.II

† India in the Time of Patanjali—B. N. Puri P. 177.

Digitized by PPRACHIN, SOA

କୁହାଯାଇଛି । ଏଥିରେ ଶିଶ୍ନଦେବମାନଙ୍କ ସହିତ ଯଜ୍ଞକାରୀ—ଆର୍ଯ୍ୟ ମାନଙ୍କର ବିରୋଧାଭାଷର ଇଙ୍ଗିତ ସୁସ୍ପଷ୍ଟ । ଏଥିରେ କୁହାଯାଇଛି 'ଶିଶ୍ନ-ଦେବାଃ ଅଭିବର୍ପସାଭୂତଃ' ଅର୍ଥାତ୍ ଇନ୍ଦ୍ର ଯେପରି ନିଜ ତେଜରେ ଶିଶ୍ନଦେବଗଣଙ୍କୁ ଅଭିଭୂତ କରନ୍ତୁ । ପୁରାଣବର୍ଣ୍ଣିତ ଯଜ୍ଞକାରୀ ଆର୍ଯ୍ୟ ଦକ୍ଷଙ୍କ ସଭାକୁ ଦ୍ରାବିଡ଼ ହରପ୍ପା ସମାଜର ଶିବଙ୍କୁ ନିମନ୍ତ୍ରଣ କରି ନ ଯାଇଥିବା ଏହି ଭାବର ପ୍ରତୀକ । ବହୁ ପୂର୍ବରୁ ସୈନ୍ଧବ ଉପତ୍ୟକାରେ ଯେଉଁ ମହେଞ୍ଜୋଦାରୋ-ହରପ୍ପା ସଭ୍ୟତା ଗଢ଼ି ଉଠିଥିଲା, ଉତ୍ତର ଦେଶୀୟ ଆର୍ଯ୍ୟମାନଙ୍କ ସହିତ ଗୋଷ୍ଠୀ ସଂଘର୍ଷ ଫଳରେ ଆର୍ଯ୍ୟମାନେ ବିଜୟୀ ହୋଇ ସେ ସଭ୍ୟତାକୁ ନଷ୍ଟଭ୍ରଷ୍ଟ କରି ଦେଇଥିଲେ । ପୁରାଣର ଦକ୍ଷ-ଯଜ୍ଞ ଭଙ୍ଗ ପରେ ଦେବତାମାନେ ମଧ୍ୟ ଉଚ୍ଛନ୍ନ ହୋଇ ପଡ଼ିଥିଲେ । ଶେଷରେ ସେମାନଙ୍କ ମଧ୍ୟରେ ସହାବସ୍ଥାନ ହୋଇ ବିଜେତା ଓ ବିଜିତଙ୍କ ମଧ୍ୟରେ ପରସ୍ପରକୁ ବହୁଭାବରେ ପ୍ରଭାବିତ କରି ଉଭୟବଂଶୀୟ ହରପ୍ପା-ସମାଜ ସହିତ କ୍ରମେ ଆର୍ଯ୍ୟମାନଙ୍କର ବୈବାହିକ ସମ୍ବନ୍ଧ ଘଟିଥିବ । ଶେଷରେ ଆର୍ଯ୍ୟ-ଦ୍ରାବିଡ଼ ସଂଘର୍ଷ-ମିଳନର ଆଳଙ୍କାରିକ ରୂପକ ପୁରାଣ ଉପନିଷଦରେ ସ୍ଥାନ ପାଇ ଯୌନ-ପ୍ରତୀକ ଶିବ ପୂଜା ଆର୍ଯ୍ୟ ସମାଜରେ ସ୍ଥାନ ପାଇଥିବ ।

ବେଦ-ପୁରାଣର ଆର୍ଯ୍ୟ-ଅନାର୍ଯ୍ୟ:

ବେଦରେ 'ଦାସ-ଦସ୍ୟୁ' ଓ ଋଗ୍‌ବେଦ ସଂହିତାରେ ଆର୍ଯ୍ୟ-ଅନାର୍ଯ୍ୟର ଯୁଦ୍ଧ ଯେ ଗୌରବର୍ଣ୍ଣ ଆର୍ଯ୍ୟ ଓ କୃଷ୍ଣ-ପୀତାଭ ବା ତମ୍ରାଭ ନିଷାଦ କିମ୍ବା ଦ୍ରାବିଡ଼ମାନଙ୍କ ଯୁଦ୍ଧ କହିବା ନିଷ୍ପ୍ରୟୋଜନ ।

ଋକ୍‌ବେଦରେ ସମ୍ବର ନାମକ ଦାସର ବର୍ଣ୍ଣନା ବୋଧହୁଏ ପୁରାଣ ଯୁଗର ସମ୍ବରାସୁର ବର୍ଣ୍ଣନା ସଙ୍ଗେ ସମାନ । ବୈଦିକ ସାହିତ୍ୟରେ ଦନୁ୍ୟ ନାମକ ଦସ୍ୟୁ ଇନ୍ଦ୍ରଙ୍କଦ୍ୱାରା ପରାଜିତ । ଆର୍ଯ୍ୟ ରାଜା ସୁଦାସଙ୍କଦ୍ୱାରା ପରାଜିତ । ବେଦରେ ସମ୍ବର ବର୍ଚ୍ଚୀର ଓ ପିପ୍ରୁ ପ୍ରଭୃତି ପ୍ରତାପଶାଳୀ ଦସ୍ୟୁମାନଙ୍କ ବର୍ଣ୍ଣନା ଅଛି । ପୁରାଣର ବଳୀରାଜା ଇନ୍ଦ୍ରଙ୍କୁ ପରାସ୍ତ କରି ତ୍ରିପୁର ବିଜୟୀ ହୋଇଥିଲେ ; କିନ୍ତୁ ବିଷ୍ଣୁମାୟାରେ ପୁଣି ପାତାଳଗାମୀ ହେଲେ । ଆର୍ଯ୍ୟମାନେ ହେଲେ ଯାଯାବର । ଋଗ୍‌ବେଦରେ ଦାସମାନଙ୍କର ଦୁର୍ଗ ଓ ନଗର ବର୍ଣ୍ଣନା ଅଛି । ତାହାର ପ୍ରମାଣ ପ୍ରତ୍ନତତ୍ତ୍ୱବିତ୍‌ମାନେ

Digitized by PPRACHIN, SOA

ପାଇସାରଛନ୍ତି ; ମହେଞ୍ଜୋଦାରୋ-ହରପ୍ପାରୁ ଖ୍ରୀ: ପୂ: ୨୫୦୦-୩୦୦୦ ବର୍ଷ ତଳର ଏହି ସଭ୍ୟତାରେ ନଗର ନିର୍ମାଣ, କୌଶଳ, ସ୍ନାନାଗାର, ରାଜପଥ ପ୍ରଭୃତିର ପରିପାଟୀ ଦେଖିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ । ହରପ୍ପା ଯୁଗର ଏହି ଅନାର୍ଯ୍ୟ, ଦ୍ରାବିଡ଼, ଦାସ ଗୋଷ୍ଠୀମାନେ ଯେ ପ୍ରଭାବଶାଳୀ ଓ ସଭ୍ୟତାରେ ଉନ୍ନତ ଥିଲେ ଏହା ଅନସ୍ୱୀକାର୍ଯ୍ୟ ।

ଭାରତର ପ୍ରାଚୀନ ଅଧିବାସୀ :

ଭାରତ ପ୍ରାଚୀନ ଗଣ୍ଡୱାନାଲ୍ୟାଣ୍ଡର ଏକ ଅଂଶ । ପୃଥିବୀର ପ୍ରଥମ ମନୁଷ୍ୟ ଜାଭା ବା ଯବଦ୍ୱୀପ, ମଧ୍ୟ-ଏସିଆର ଦକ୍ଷିଣ ଭାଗ, ଅଷ୍ଟ୍ରେଲିଆ, ଆଫ୍ରିକା ଏବଂ ଭାରତର କୌଣସି ଏକ ଅଂଶରେ ଜନ୍ମଗ୍ରହଣ କରିଥିବାର କେତେକ ପଣ୍ଡିତ ବିଶ୍ୱାସ କରନ୍ତି । ଏହି ଆଦିବାସୀଙ୍କୁ ଅଷ୍ଟ୍ରୋ-ଏସୀୟ (Austro-Asiya) ଜାତି କୁହନ୍ତି । ଅନ୍ୟ କେତେକ କୋହ୍ଲ ବା ମୁଣ୍ଡାରି ଗୋଷ୍ଠୀ ବୋଲି କହିଥାନ୍ତି । ଓଡ଼ିଶାର ଛୋଟନାଗପୁର ଅଞ୍ଚଳ ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ବାଲେଶ୍ୱର ଅଞ୍ଚଳରେ ଦେଖାଯାଆନ୍ତି । ଏମାନଙ୍କ ସହିତ ଆସାମର ଖାସୀ, ବ୍ରହ୍ମଦେଶର ମନ, ନିଉଗିନିର ପପାନ୍, ମାଳୟ ଉପଦ୍ୱୀପର ରେମାଙ୍ଗ, ଫିଲିପାଇନ୍‌ସର ଆଏଟା ଓ ଆଣ୍ଡାମାନ ଓ ଜାଭାର କଲଙ୍ଗ (ଓଡ଼ିଆ—କଳିଙ୍ଗ)ମାନଙ୍କ ସହିତ ଘନିଷ୍ଠ ସମ୍ପର୍କ ରହିଛି । ଖ୍ରୀଷ୍ଟୀୟ ପ୍ରଥମ ଓ ଦ୍ୱିତୀୟ ଶତକରେ ପରିବ୍ରାଜକ ପ୍ଲିନ୍ ଓ ଟେଲେମି ଏମାନଙ୍କୁ ମଣ୍ଡି (Mandi) ବୋଲି କହିବାର ଉଲ୍ଲେଖ ଅଛି ।

ଏହି ଆଦିବାସୀମାନେ ବହୁ ସମୟ ଭାରତରେ ରହିଲା ପରେ ଅନ୍ୟ ଏକ ଜାତି ଭୂମଧ୍ୟସାଗର ଅଞ୍ଚଳରୁ ଗ୍ରୀସ ଦେଶର ଏଜିଆନ (Aegean Sea) ସାଗରର କୌଣସି ଏକ ଅଞ୍ଚଳରୁ ଆସି ପଞ୍ଜାବର ହରପ୍ପା ଓ ସିନ୍ଧୁର ମହେଞ୍ଜୋଦାରୋରେ ବସତି ସ୍ଥାପନ କଲେ । ଆଜି କାଲିର ଦ୍ରାବିଡ଼ ସେମାନଙ୍କର ବଂଶଧର । ଏହି ଦ୍ରାବିଡ଼ ତେଲୁଗୁ, ତାମିଲ, କାନାଡ଼ି ଓ ମାଲୟାଲମଙ୍କ ସଭ୍ୟତାକୁ ଭୂମଧ୍ୟସାଗରୀୟ ବା ସୁମେରୀୟ ସଭ୍ୟତା କୁହାଯାଏ । ଏମାନଙ୍କ ଭାଷା ଥିଲା ପ୍ରାଚୀନ ଦ୍ରାବିଡ଼ ଭାଷା (ତାମିଲ) ।

ବର୍ତ୍ତମାନ ଆଦିବାସୀ କୋହ୍ଲ (ସାନ୍ତାଳ), ମୁଣ୍ଡା ସେମାନଙ୍କର ପ୍ରଧାନ ଦେବତା ସୂର୍ଯ୍ୟଦେବ ବା ସିଙ୍ଗବୋଙ୍ଗା (Sin-Bonga), ଚନ୍ଦ୍ର

Digitized by PPRACHIN, SOA

ଦେବୀ—ନିନ୍ଦଚ୍ଛନ୍ଦୋ (Ninda-Chando) ଏବଂ ବଣ୍ଡାମାନଙ୍କର ସିଙ୍ଗି-ଅର୍କେ (Singi-Arke) କିମ୍ବା ରମାଇ-ଭିମାଇ (Ramai-Bhimai) ମହାପ୍ରଭୁ ସୂର୍ଯ୍ୟ ଓ ଚନ୍ଦ୍ର † ଏବଂ କନ୍ଧମାନଙ୍କର ସୂର୍ଯ୍ୟଦେବ (ବେଲ ପେନୁ) ଓ ଚନ୍ଦ୍ରଦେବୀ (ସୋହାଡପେନୁ) ପରି ଆର୍ଯ୍ୟମାନେ ପ୍ରଥମେ ଦ୍ୟୁଲୋକ ଦେବତା (Sky-Father—Dyaushpati) ଏବଂ ଭୂଲୋକ ଦେବୀ (Earth-Mother—Prithvi Mata)ଙ୍କୁ ପୂଜା କରୁଥିଲେ । କାରଣ ଆକାଶ ଦେବତା ବର୍ଷା ଦେବ ଏବଂ ପୃଥିବୀ ମାତା ଶସ୍ୟ ଉତ୍ପନ୍ନ କରିଦେବେ । କିନ୍ତୁ ହରପ୍ପା ସଭ୍ୟତା ପ୍ରଥମେ ଶକ୍ତି ପୂଜା ଶିଖାଇଲା ଆର୍ଯ୍ୟମାନଙ୍କୁ ।

ଆର୍ଯ୍ୟମାନଙ୍କର 'ଶିବ' ଏବଂ 'ଉମା' ପ୍ରଥମେ ତାମିଲ ଶବ୍ଦରୁ ଆସିଥିବା ଏ: ଡ: ପୁସଲକର କହିଛନ୍ତି—ତାମିଲ ଶବ୍ଦ ଶିବନ୍ (ଚିବନ୍) Sivan (Chivan) ର ଅର୍ଥ ଲାଲ୍ । ଆର୍ଯ୍ୟମାନଙ୍କର ଦେବତା 'ନୀଳ ଲୋହିତ' କଣ୍ଠି ପୁରାଣର ନୀଳକଣ୍ଠ । ସେହିପରି ଅନ୍ୟ ଏକ ତାମିଲ ଶବ୍ଦ ଚେମ୍ପୁ (Chempu or Sembu) ଯାହାର ଅର୍ଥ ତମ୍ବା (Copper) । ଏହି ଚେମ୍ପୁ ବା ଶେମ୍ବୁ ଶବ୍ଦରୁ ଆର୍ଯ୍ୟମାନେ ଶମ୍ଭୁ (Sambhu) ଶବ୍ଦର ଉଚ୍ଚାରଣ କରିଥିବାର ଜଣାଯାଏ । ଏହି ତମ୍ବାଧାତୁ (red-metal)ରୁ ବେଦର ରୁଦ୍ର ଶବ୍ଦ ଆସି ଥାଇପାରେ । ଏସିଆ ମାଇନର ଓ ପୂର୍ବ ଭୂମଧ୍ୟସାଗରସ୍ଥ ଲୋକମାନଙ୍କର 'ମା' ଶବ୍ଦରୁ ଉମା ଶବ୍ଦ ଅସି ଯାଇଥିବା ସେ ମତ ଦେଇଛନ୍ତି । ପାଶ୍ଚାତ୍ୟ ଗବେଷକ P. M. Oursel, H. W. Grabowska and P. Stern ରୁଦ୍ର କପରି ଶିବରେ ପରିଣତ ହୋଇଛନ୍ତି ଦର୍ଶାଇଛନ୍ତି—

"Rudra the Roarer, personifies all that cattle-owners fear—storm and plague. His sons are the marnuts, the hurricanes which descend from the Mountains where he dwells. Since the protection of the living depends on him, he is supposed to have remedies for the pests which he lets loose. So

† Bondo-Highlander—Verrier Elwin—Page—135

Digitized by PPRACHIN, SOA

Rudra is a first sketch of the destroyer, whom men afterwards to conciliate him--called the propitious Siva." †

ହିମାଳୟର ପ୍ରଭଞ୍ଜନ ଦେବତା ଓ ଶ୍ମଶାନ ବା ମୃତ୍ୟୁର ଦେବତା 'ରୁଦ୍ର' କଲ୍ୟାଣମୟ 'ଶିବ'ରେ ପରଣତ ହୋଇଛନ୍ତି । ଶ୍ୱେତାଶ୍ୱେତର ଉପନିଷଦରେ 'ରୁଦ୍ର ଯତ୍ତେ ଦକ୍ଷିଣଂ ମୁଖଂ ତେନମାଂ ପାହି ନିତ୍ୟଂ' (୪।୨୧) ହେ ରୁଦ୍ର, ତୁମର ପ୍ରସନ୍ନ ଯେଉଁ ମୁଖ ତାହାର ଦ୍ୱାରାହିଁ ମତେ ତୁମେ ସର୍ବଦା ରକ୍ଷା କର । କର୍ଣ୍ଣାଟକ ବିଶ୍ୱବିଦ୍ୟାଳୟର ସଂସ୍କୃତ ପ୍ରଫେସର ଡ: ଏମ: ଆପଟେ, ଆରଣ୍ୟକ ବ୍ରାହ୍ମଣରୁ ଉଦାହରଣ ଦେଇ କହିଛନ୍ତି— "Rudra a Bhutapati is a dread figure, who usurped the dominion of Prajapati over all cattle when the latter committed incest with his daughter. He appears at the sacrifice in black raiment and claims the sacrificial victims. This Rudra not merely a development of the Rigvedic Rudra, but an adaptation of him by amalgamation with a popular god, an aboriginal god of vegetation closely connected with pastoral life. He is thus the 'great god' (Mahadeva) and has already received the appelation 'Siva' (The 'Auspicious one') which became later his chief name."

ପୂର୍ବରୁ ଯେଉଁ 'ମୁଜ୍‌ବତ୍‌' ପର୍ବତର ବର୍ଣ୍ଣନା କରାଯାଇଛି, ବେଦର ଆର୍ଯ୍ୟମାନେ ସେଠାରୁ 'ସୋମ' ସଂଗ୍ରହ କରୁଥିଲେ । ଋଗ୍‌ବେଦର ସୋମ ଯାଗର ଅନୁଷ୍ଠାନ ଅତ୍ୟନ୍ତ ପବିତ୍ର ଓ ମହତ୍ତ୍ୱପୂର୍ଣ୍ଣ ଥିଲା । 'ମୁଜ୍‌ବତ୍‌' ପର୍ବତ ଥିଲା 'ସୋମ'ର ଜନ୍ମସ୍ଥଳୀ, ଯେଉଁଠାରୁ ଅର୍ଥାତ୍ ପଞ୍ଜାବର ଉତ୍ତର ଅଞ୍ଚଳରୁ ପ୍ରଥମେ ଯଜ୍ଞ କର୍ମ ଆରମ୍ଭ ହୋଇଥିଲା । ସାର୍ ଜନ୍ ମାର୍ଶାଲ, ହରପ୍ପା-ସଭ୍ୟତାରୁ 'ରୁଦ୍ର' (ଶିବ) ଧର୍ମ ଆର୍ଯ୍ୟମାନେ ଗ୍ରହଣ କରିଛନ୍ତି ବୋଲି ଦର୍ଶାଇଛନ୍ତି; କାରଣ ଅନ୍ୟ ସମସ୍ତଙ୍କୁ ଯଜ୍ଞରେ ଆହୂତ ଦେଲାବେଳକୁ କେବଳ ରୁଦ୍ର ଓ ରୁଦ୍ରଗଣଙ୍କୁ ସମର୍ପଣ କରୁଥିଲେ । କଲିକତା ବିଶ୍ୱବିଦ୍ୟାଳୟର

† Ancient India and Indian civilisation.

Digitized by PPRACHIN, SOA

ପ୍ରଫେସର କ୍ଷ: କେ: ଘୋଷ କହିଛନ୍ତି, "Sir John Marshall declared that the cult of Siva—Pasupati (Rudra) was borrowed by the vedic Aryans from the Mahenjodaro culture. Now it is hardly an accident that precisely this Rudra—and no other deity—is regarded in vedic cult and religion as an apotropaeic god of aversion—to be feared but not adored. Offering to all other god are sacrificed into the fire but those to Rudra and his servants (Rudriyas) are simply deposited at cross-roads or various forbidding places." ଭାରତବର୍ଷର ଏହି ମାଟି, ପାଣି ପବନରେ ପ୍ରାଚୀନ ହରପ୍ପା ସଭ୍ୟତାର ସେହି ଲିଙ୍ଗ ପୂଜା କ୍ରମ-ସୂକ୍ଷ୍ମ-ବିବର୍ତ୍ତନ ଦେଇ ବୈଦିକ ଯୁଗରେ ରୁଦ୍ର (ଶିବ) ଦେବ ଦେବ, ପରମ ମହେଶ୍ୱର ହୋଇ ଉଠିଲେ । ଶ୍ୱେତାଶ୍ୱେତର ଉପନିଷଦରେ ସକଳ ଆତଙ୍କ ଓ ବାଧିଷ୍ଠିକାର ଦେବତା ରୁଦ୍ର—କଲ୍ୟାଣମୟି (ଶିବ)ରେ ପରିଣତ ହେଲେଣି ।

ତମୀଶ୍ୱରାଣାଂ ପରମଂ ମହେଶ୍ୱରଂ
ତଂ ଦେବତାନାଂ ପରମଂ ଚ ଦୈବତମ୍
ପତିଂ ପତୀନାଂ ପରମଂ ପରସ୍ତାଦ
ବିଦାମ ଦେବଂ ଭୁବନେଶମୀଡ଼୍ୟଂ ॥ (୬।୭)

ଏକଦେବ :

ତନ୍ତ୍ରଶାସ୍ତ୍ର ସ୍ତରରେ ଶିବ କିପରି ବେଦର ଏବଂ ଦ୍ରାବିଡ଼ଙ୍କର ବହୁ ଦେବତାରୁ ଏକ ହୋଇଛନ୍ତି ଦର୍ଶାଯାଇଛି । ପୁରାଣ ଯୁଗରେ ବେଦର, ଇନ୍ଦ୍ର, ବରୁଣ, ମିତ୍ର, ଅଗ୍ନି, ସୋମ, ଉଷା, ପୂଷାନ, ପର୍ଜ୍ଜନ୍ୟ ଇତ୍ୟାଦି ଅସ୍ତ ହୋଇ ନ ଥିଲେ କିନ୍ତୁ ସେମାନଙ୍କର ପ୍ରଭା ନ ଥିଲା । ପୁରାଣ ଯୁଗରେ ପୁଣି ଆବିର୍ଭୂତ ହେଲେ ବହୁ ଦେବତା—ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ଦୁର୍ଗା, ଲକ୍ଷ୍ମୀ; ସାବିତ୍ରୀ, ଗଣେଶ, କାର୍ତ୍ତିକେୟ, ହନୁମନ୍ତ, ରାମ, ସୀତା, ଲକ୍ଷ୍ମଣ ଇତ୍ୟାଦି । ପୁରାଣର ବହୁ ଦେବ ଦେବୀଙ୍କୁ ପଛରେ ପକାଇ ଦେଇ ଶିବ-ଉମା, ବିଷ୍ଣୁ (ରାମ କୃଷ୍ଣ ଅବତାର)-ଶ୍ରୀ ମୁଖ୍ୟ ଦେବତା ହୋଇଗଲେ । ପ୍ରଫେସର କମାରକର କହିଛନ୍ତି—

Digitized by PPRACHIN, SOA

"To the third period belongs to the accounts of Nilakantha or Sitikantha ; amrita-mathana, Siva's birth, his bearing the crescent, his association with Nandini and Ganga, the episodes of Daksa (destroyer of Daksa's sacrifice), Andhak Tripura (Smiter of Tripura) and the version of eleven Rudras. Like Vishnu, Siva also is described as the supreme Being, the All-in-all, the omniscient Ruler of the universe, through his principal role as that of its destroyer."

ବେଦର ପୁରୁଷ 'ଏ ·ଦେବଂ ସର୍ବମ୍' ତୈତ୍ତିରୀୟ ଆରଣ୍ୟକର 'ନାରାୟଣାୟ ବିଦ୍ମହେ, ବାସୁଦେବାୟ ଧୀମହି, ତନ୍ନୋ ବିଷ୍ଣୁଃ ପ୍ରଚୋଦୟାତ୍' ଗୀତାରେ 'ଅବିଭକ୍ତଂ ଚ ଭୂତେଷୁ, ବିଭକ୍ତମିବ ଚ ସ୍ଥିତଂ । ଭୂତଭର୍ତ୍ତୃ ଚ ତଜ୍‌ଜ୍ଞେୟଂ, ଗ୍ରସିଷ୍ଣୁ ପ୍ରଭବିଷ୍ଣୁ ଚ' (୧୩।୧୭) ''ସେହି ଈଶ୍ବର ବା ପୁରୁଷ ସର୍ବଭୂତରେ ଅଭିନ୍ନ ଭାବରେ ବିରାଜିତ । ସେ ହିଁ ଭୂତମାନଙ୍କର ସୃଷ୍ଟିକର୍ତ୍ତା, ପାଳନକର୍ତ୍ତା ଓ ସଂହାରକର୍ତ୍ତା । ଗୀତାର ଈଶ୍ବରଙ୍କ ପରି ଶ୍ବେତାଶ୍ବେତର ଉପନିଷଦ୍‌ରେ ଶିବଙ୍କୁ ସେହିପରି ପରମ ଅଦ୍ୱୈତ ସତ୍ତା ଭାବରେ ପ୍ରତିଷ୍ଠା କରାଯାଇଛି—'ଏକୋଽହଂ ରୁଦ୍ରୋ ନ ଦ୍ୱିତୀୟାୟ ତ ସ୍ଥୁର୍ଯ୍ୟ, ଇମାଲ୍ଲୋକାନ ଇଶତ୍ ଇଶନୀଭିଃ ।' ଗୀତାର ପଞ୍ଚମ ଅଧ୍ୟାୟରେ ଶ୍ରୀ ଭଗବାନ ଯଜ୍ଞ ଓ ତପସ୍ୟାର ପାଳକ ସର୍ବଜଗତର ପ୍ରଭୁ ଓ ସର୍ବ ପ୍ରାଣୀଙ୍କର ସୁହୃଦ ଇତ୍ୟାଦି ବିଶେଷଣଦ୍ୱାରା ଚିହ୍ନାଇ ଦେଇ ଅର୍ଜୁନଙ୍କୁ କହିଛନ୍ତି, ମୋତେ ସୂକ୍ଷ୍ମ ଭାବେ ଜାଣିଲେ ଅଜ୍ଞାନ ପାଶରୁ ମୁକ୍ତି ପ୍ରାପ୍ତ ହେବ ।

'ଭୋକ୍ତାରଂ ଯଜ୍ଞତପସାଂ ସର୍ବଲୋକ ମହେଶ୍ବରଂ
ସୁହୃଦଂ ସର୍ବଭୂତାନାଂ ଜ୍ଞାତ୍ୱା ମାଂ ଶାନ୍ତିମୃଚ୍ଛତି ।।' (୫।୨୯)

ସେହିପରି ଶ୍ବେତାଶ୍ବେତର ଉପନିଷଦର ଶିବ ନିର୍ଗୁଣ ବ୍ରହ୍ମ ସର୍ବବ୍ୟାପୀ, ସର୍ବ ଜଗତର ପ୍ରଭୁ, ସର୍ବପ୍ରାଣୀଙ୍କର ସର୍ବଭୂତାନ୍ତରାତ୍ମା (The All-in-all) ହୋଇ ଗଲେଣି ।

Digitized by PPRACHIN, SOA

'ଏକୋ ଦେବଃ ସର୍ବଭୂତେଷୁ ଗୂଢ଼ଃ
ସର୍ବବ୍ୟାପୀ ସର୍ବଭୂତାନ୍ତରାତ୍ମା
କର୍ମାଧ୍ୟକ୍ଷ ସର୍ବଭୂତାଧିବାସଃ
ସାକ୍ଷୀଚେତା କେବଳୋ ନିର୍ଗୁଣଶ୍ଚ ।' (୬।୧୧)

କାର୍ତ୍ତିକେୟ :

ଭାରତୀୟ ସଂସ୍କୃତିରେ ସର୍ବଲୋକ-ମହେଶ୍ୱର ତାଙ୍କର ସତୀ ଓ ହୈମବତୀ ଉମାଙ୍କ ସହିତ ବୈବାହିକ ସମ୍ବନ୍ଧ ସ୍ଥାପନ ହୋଇ ଶିବ-ସତୀ ଓ ଶିବ-ପାର୍ବତୀଙ୍କ ମନୋହର ମିଳନ କାହାଣୀ ବିଶ୍ୱ ସାହିତ୍ୟରେ ମହାସ୍ଥାନ ହୋଇ ଉଠିଲି । ଶିବ-ପାର୍ବତୀଙ୍କର ମିଳନ କାହାଣୀ ପରେ ଜନ୍ମ ନେଇଛନ୍ତି ସେନାପତି କାର୍ତ୍ତିକେୟ—ସ୍କନ୍ଦ । କାର୍ତ୍ତିକେୟଙ୍କର ମୂର୍ତ୍ତି ପତଞ୍ଜଳିଙ୍କ ପୂର୍ବର ବୋଲି ଡଃ ବି: ଏନ୍: ପୁରୀ ଦର୍ଶାଇଛନ୍ତି । † ତା'ପରେ ଗଣେଶଙ୍କର ଜନ୍ମ । ପ୍ରଫେସର କମାରକର କହିଛନ୍ତି—"The epics describe Kartikeya as the son of Agni and Akasaganga or of Agni & Svaha and his marriage to Devasena. He is also spoken of as the son of Durga & Siva—all the three together form the early triad."

କଲିକତା ବିଶ୍ୱବିଦ୍ୟାଳୟର ପ୍ରଫେସର S. K. Chattarji କାର୍ତ୍ତିକେୟଙ୍କୁ ଦ୍ରାବିଡ଼ମାନଙ୍କର ଦେବତା ବୋଲି ବର୍ଣ୍ଣନା କରିଛନ୍ତି—

'Another Dravidian God of Youthand youth-full powers of bravery and war as Marukan, who in the puranic composite puranic mythology became Kumar or Skanda, the son of Siva.'

ବଳର ଅଧିଷ୍ଠାତା ଦେବତା କାର୍ତ୍ତିକେୟ । ମନୁଷ୍ୟ ମଧ୍ୟରେ ଯେଉଁ ବଳ, ବୀର୍ଯ୍ୟ, ତେଜ, ରୂପ ଲାବଣ୍ୟ ରହିଛି ତାହାହିଁ କାର୍ତ୍ତିକେୟ । କାର୍ତ୍ତି-କେୟ ବୀରସେନ ନାମରେ ପରିଚିତ । ଶାସ୍ତ୍ରାନୁସାରେ ଅନ୍ନ, ଜଳ ଗ୍ରହଣ ନ କଲେ ସୁସ୍ଥ ଶରୀର, ରୂପ, ଲାବଣ୍ୟ ସମ୍ଭବ ନୁହେଁ । ସୁସ୍ଥ ଶରୀର ଓ

---

† India In The Time of Patanjali—B. N. Puri Page 171.

Digitized by PPRACHIN, SOA

ରୂପ ଲାବଣ୍ୟ ରକ୍ଷିବା ହିଁ—କାର୍ତ୍ତିକେୟ ସାଧନା । କାର୍ତ୍ତିକ ମାସ ଶେଷ ରାସ ପୂର୍ଣ୍ଣିମୀ ବା ମାର୍ଗଶୀର ଆଦ୍ୟ ସଂକ୍ରାନ୍ତି ସମୟରେ କାର୍ତ୍ତିକେଶ୍ୱରଙ୍କ ପୂଜା ଅନୁଷ୍ଠିତ ହୋଇଥାଏ ।

ନନ୍ଦୀ (ବୃଷଭ) :

ହିନ୍ଦୁ ଦେବ ଦେବୀମାନେ ବିଭିନ୍ନ ପଶୁ ପକ୍ଷୀମାନଙ୍କୁ ନେଇ ବାହନ କରିଥାନ୍ତି । ଦେବତାମାନଙ୍କୁ ବିଭିନ୍ନ ମନୁଷ୍ୟ ଶରୀରରେ ପଶୁ ମୁଣ୍ଡ ଥାଇ କଳ୍ପନା କରି ପୂଜା କରାଯାଏ । ହନୁମନ୍ତ, ଗଣେଶ ପ୍ରଭୃତି ଦେବ, ବରାହୀ ଓ ଅନ୍ୟାନ୍ୟ ତାନ୍ତ୍ରିକ ଦେବୀ (୬୪ ଯୋଗିନୀ)ଙ୍କର ଏହିପରି ରୂପ ଦେଖାଯାଏ । ସେହିପରି ବୃଷଭ (ନନ୍ଦୀ) ଶିବଙ୍କର ବାହନ ରୂପେ ଧରା ଯାଏ । ପ୍ରଫେସର ଏସ୍: କେ: ଚାଟାର୍ଜି କହିଛନ୍ତି—"Zoomorphic divinities or lower animals as typifying the forces of nature and supplying symbols or figures for the super natural or the God head, appear to have been known to the Aryans only to a limited extent. Thus Indra and other powerful gods have been compared with bulls or rams and Agni with the horse and there is also the divine horse named Dadhikravan in the veda.' ଋଗ୍ ବେଦରେ ବୃହସ୍ପତି, ରୁଦ୍ର, ଇନ୍ଦ୍ର ପ୍ରଭୃତି ଦେବତାମାନଙ୍କୁ ତାଙ୍କର ଶ୍ରେଷ୍ଠତ୍ୱ ପ୍ରକାଶ ଲାଗି, ବୃଷଭ କୁହାଯାଇଛି । ଶିବଙ୍କର ଅନ୍ୟ ନାମ ବୃଷଧ୍ୱଜ ବା ବୃଷାଙ୍କ । ବୃଷଭକୁ କେବଳ ଭାରତରେ ନୁହେଁ, ମିଶର, ସିରିଆ ଏବଂ ଜାପାନ ପ୍ରଭୃତି ଦେଶରେ ପବିତ୍ର ପଶୁ ରୂପେ ଗ୍ରହଣ କରାଯାଏ । ପ୍ରଫେସର ଚାଟାର୍ଜି, ଦ୍ରାବିଡ଼-ମାନଙ୍କ ପ୍ରାଚୀନ ଜନ୍ମଭୂମି ଗ୍ରୀସ୍ ଓ ଏସିଆମାଇନରରେ ଉପାସ୍ୟ ଦେବ-ଦେବୀ ବୃଷରୂପୀ ଓ ସିଂହରୂପିଣୀ ଥିଲେ ବୋଲି କହିଛନ୍ତି—"Ma or Kubele (cybele) and Atthis or Hepit and Teshup, the great Asianic Mother—Goddess and Father—God, the former having as her symbol or vehicle the lion, the latter the bull form undoubtedly on the bases on which the Siva-Uma cult of Hindu

Digitized by PPRACHIN, SOA

India grew up.' ପରବର୍ତ୍ତୀ ସମୟରେ ଏହି ଦେବଦେବୀ ବୃଷାରୋହୀ ଦେବ ଓ ସିଂହବାହିନୀ ଦେବୀ ରୂପେ ପୂଜା ପାଇଲେ ।

'ମନୁ ସଂହିତା'ରେ ଧର୍ମକୁ ବୃଷଭ ବୋଲି କୁହାଯାଇଛି, ଏବଂ ଯିଏ ଧର୍ମକୁ ନଷ୍ଟ କରେ ତାକୁ ବୃଷଳ ଆଖ୍ୟା ଦିଆଯାଇଛି ।

"ବୃଷୋ ହି ଭଗବାନ୍ ଧର୍ମସ୍ତସ୍ୟ ଯଃ କୁରୁତେ ହ୍ୟଳମ୍
ବୃଷଳଂ ତଂ ବିଦୁର୍ଦ୍ଦେବାସ୍ତସ୍ମାଦ୍ଧର୍ମଂ ନ ଲୋପୟେତ୍ ॥" (୮/୧୬)

ଅଥର୍ବ ବେଦରେ ବୃଷଭକୁ ପୃଥିବୀର ଧାରକ, ଉତ୍ପାଦକ, ଫଳଦାତା କୁହାଯାଇଛି । ବୃଷଭ କୃଷିର ସହାୟକ ଓ ଗୋ ସମ୍ପଦର ରକ୍ଷା ଲାଗି ବୃଷଭର ଭୂମିକା ଗୁରୁତ୍ୱପୂର୍ଣ୍ଣ । ବୃଷଭକୁ ବଳ, ତେଜ, ଶକ୍ତି, ଏବଂ ପୁଂ-ପ୍ରଜନନ ପାଇଁ ଉର୍ବରତାର ପ୍ରତୀକ ରୂପେ ଧରାଯାଏ ।

ତନ୍ତ୍ରରେ ବୃଷଭକୁ ଶବ୍ଦର ପ୍ରତୀକ ରୂପେ ଗ୍ରହଣ କରାଯାଏ । ସଂସ୍କୃତରେ 'ଗୋ'ର ଅର୍ଥ ବୃଷଭ ଓ ଶବ୍ଦକୁ ବୁଝାଏ । ତନ୍ତ୍ରରେ ଶିବତ୍ୱ ଲାଭ କରିବା ପାଇଁ ମନ୍ତ୍ର ଉଚ୍ଚାରଣ ଶବ୍ଦକୁ ଆୟତ୍ତ କରିବାକୁ ହୁଏ । ତେଣୁ ଶବ୍ଦର ପ୍ରତୀକ ରୂପେ ବୃଷଭକୁ ଗ୍ରହଣ କରାଯାଇଛି । ସାର୍ ଜନ୍ ଉଡ୍‌ରଫ୍ ଲେଖିଛନ୍ତି †—

"The cult of Bull is an ancient one and it may be that originally the animal had no significance as sound, but subsequently, owing to the sameness the sanskrit term for Bull and sound the animal became a symbol for sound." ତନ୍ତ୍ରରେ ତିନି ପ୍ରକାର ସାଧକରୁ, ପଶୁ, ବୀର, ଦିବ୍ୟ ଓ ସାଧକ ମଧ୍ୟ ଦେଇ ଗତି କରିବାକୁ ହୁଏ । ଶିବଙ୍କ ସହିତ ବୃଷଭର ସମ୍ପର୍କ ଥିଲେ ମଧ୍ୟ ପଶୁରୁ ସିଧା ଦିବ୍ୟରେ ପ୍ରବେଶ କରି ହୁଏ ନାହିଁ । ବୀର ଭାବେ ସାଧନା ଆରମ୍ଭ କରି ଶକ୍ତିକୁ ମୂଳ କରି ନିଜକୁ ନିର୍ଲିପ୍ତ କଲେ ଦିବ୍ୟାଶ୍ରମରେ ପ୍ରବେଶ କରି ହୁଏ । ତେଣୁ ବୃଷଭ ଉପରେ ଶିବ ଏହାର ପ୍ରତୀକ ବୋଲି ଧରାଯାଏ ।

---

† Sakti and Sakta

Digitized by PPRACHIN, SOA

ଶିବଙ୍କ ଭୂଷଣ ସର୍ପ :

ସର୍ପ ପୂଜା ଆର୍ଯ୍ୟମାନଙ୍କ ମଧ୍ୟରେ ବହୁ ପୂର୍ବରୁ ଚଳି ଆସୁଛି । ମହେଞ୍ଜୋଦାରୋ-ହରପ୍ପା ସଭ୍ୟତା ସମୟରେ କେତେକ ମୋହରରେ ସର୍ପର ଛବି ଥିବାର ଜଣାଯାଏ । ପ୍ରଫେସର ପୁସଲକର କହିଛନ୍ତି— "From a faience tablet showing a seated deity with a worshiper on either side and a hooded cobra over the head, it appears that some form of Naga worship was practised." † ଏହି ସର୍ପ ପୂଜା ହରପ୍ପା ଦ୍ରାବିଡ଼-ମାନଙ୍କର ସଭ୍ୟତା ଥିବାରୁ ଆର୍ଯ୍ୟମାନେ ଏହାକୁ ଘୃଣା କରୁଥିଲେ । ମହାଭାରତରେ ସର୍ପରାଜ ତକ୍ଷକ ଆର୍ଯ୍ୟମାନଙ୍କର ରାଜା ପରୀକ୍ଷିତଙ୍କୁ ଦଂଶନ କରିବା ଏବଂ ପରୀକ୍ଷିତଙ୍କ ପୁତ୍ର ଜନ୍ମେଜୟ ନାଗମାନଙ୍କୁ ନାଶ କରିବା ପାଇଁ ସର୍ପ ଯଜ୍ଞର ଆୟୋଜନ—ଦ୍ରାବିଡ଼ ଆର୍ଯ୍ୟମାନଙ୍କର ବିଦ୍ୱେଷଭାବର ପରିଚ୍ଛାୟକ ।

ଦ୍ରାବିଡ଼ମାନଙ୍କର ପ୍ରାଚୀନ ଜନ୍ମସ୍ଥାନ ଏଜିଆନ୍ ସାଗର କୂଳରେ ଗ୍ରୀସ୍, ବେବିଲୋନିଆ ଓ ଏସିଆମାଇନରରେ ସର୍ପମାନଙ୍କୁ ପୂଜା କରୁଥିଲେ । ପ୍ରଫେସର ଘୁର୍ଯ୍ୟେଙ୍କ ମତରେ ସର୍ପ ପୂଜା ପ୍ରଥମେ ପ୍ରୋଟୋ-ଅଷ୍ଟ୍ରୋଲଏଡ଼ମାନଙ୍କଠାରୁ ଆସିଥିବାର ଜଣାଯାଏ ।

"The submerged totemism of the proto-Australoids possibly was the oldest and most powerful source of influence for this, and the worship of the Nagas or serpentine deities and water spirits would appear to have come from the proto-Australoids".

ମନୁସଂହିତାରେ କୁହାଯାଇଛି, ଯକ୍ଷ, ନାଗ, ସର୍ପ, ଅସୁର ପ୍ରଭୃତି ମନୁଷ୍ୟ ବର୍ଗମାନଙ୍କୁ ବ୍ରହ୍ମା ସୃଷ୍ଟି କଲେ ।

ଯକ୍ଷ ରକ୍ଷଃ ପିଶାଚାଂଶ୍ଚ ଗନ୍ଧର୍ବା ଅପସ୍‌ରୋଽସୁରାନ୍ ।
ନାଗାନ୍ ସର୍ପାନ୍ ସୁପର୍ଣ୍ଣାଂଶ୍ଚ ପିତୃଣାଂ ଚ ପୃଥକ୍ ଗଣାନ୍ ॥
(୧/୩୭)

† The Vedic Age.

Digitized by PPRACHIN, SOA

ଅର୍ଥାତ୍, ନାଗ, ସର୍ପ ପୂଜା କରୁଥିବା ଲୋକମାନଙ୍କୁ ସେହି ସେହି ବର୍ଗ ଅନୁସାରେ ବିଭକ୍ତ କରାଯାଇଥିବାର ଜଣାଯାଏ । ସର୍ପ ପୂଜାର ପ୍ରତୀକ ସ୍ୱରୂପ ବିଭିନ୍ନ ସମ୍ପ୍ରଦାୟର ଦେବଦେବୀଙ୍କର ସର୍ପପୂଜା ପ୍ରଚଳନ ଅଛି । ଯଥା : ହରିଶଙ୍କର କ୍ଷେତ୍ରରେ ଯେଉଁ ବୌଦ୍ଧ ମୂର୍ତ୍ତି ଅଛି ସେଠାରେ ସପ୍ତମୁଖୀ ନାଗ ବୁଦ୍ଧଙ୍କ ମସ୍ତକରେ ଫଣା ଟେକି ରହିଥିବାର ଜଣାଯାଏ । ଶିବଲିଙ୍ଗ ଉପରେ ତମ୍ବା ତିଆରି ନାଗ ରହିଥିବା ସମସ୍ତ ଶିବ ମନ୍ଦିରରେ ଏକ ସାଧାରଣ ଘଟଣା । ଦୁର୍ଗାଙ୍କ ସର୍ପ ଧାରଣ କରିବା ଏବଂ ଗଣପତିଙ୍କର ସର୍ପ ଉପବୀତ ଇତ୍ୟାଦି ଅଳଙ୍କାର ବା ଭୂଷଣ ଦେଖାଯାଏ । ତେଣୁ ପ୍ରତ୍ୟେକ ଧର୍ମ ସଂପ୍ରଦାୟ, ଯଥା: ବୈଷ୍ଣବ, ସୌର, ବୌଦ୍ଧ, ଜୈନ, ଶାକ୍ତ ଓ ଗାଣପତ୍ୟର ସର୍ପ ପୂଜାର ଘନିଷ୍ଠ ପରମ୍ପରା ବିଦ୍ୟମାନ । ସର୍ପ ଶିବଙ୍କର କେବଳ ଭୂଷଣ ନୁହେଁ, ଶିବଙ୍କର ସଂହାର ଶକ୍ତିର ପ୍ରତୀକ । ବ୍ରହ୍ମା ସୃଷ୍ଟିକର୍ତ୍ତା, ବିଷ୍ଣୁ ପାଳନକର୍ତ୍ତା ଓ ଶିବ ସଂହାର କର୍ତ୍ତା । ସର୍ପ କାଳର ପ୍ରତୀକ । ମହାକାଳ ଶିବଙ୍କ କଣ୍ଠରେ ସର୍ପ ହିଁ କାଳ ସ୍ୱରୂପ ।

ପୁରୀ କରାର ଆଶ୍ରମର ସାଧୁ କ୍ରିୟାଯୋଗୀ ସ୍ୱାମୀ ହରିହରାନନ୍ଦ ଗିରି କହିଛନ୍ତି, ଶିବଙ୍କର ଗଳା ଦେଶରେ ଯେଉଁ ନାଗସାପ ଆମେ ଦେଖୁ ତାହା ଏକ ସୂକ୍ଷ୍ମ ସତ୍ତା ।

ସର୍ପ ଏହି ସୂକ୍ଷ୍ମ ସତ୍ତାର ବହିଃପ୍ରକାଶ । ମେରୁଦଣ୍ଡ ସୁଷୁମ୍ନା ଗର୍ଭର ତଳେ ବୃହତ୍ ମୁଖ ନେଇ କୁଣ୍ଡଳୀ ଆବୃତ୍ତ କରି ସର୍ପ ରହିଥାଏ । କ୍ରିୟା ଯୋଗ ସାଧନା କରି ଅତି ସହଜରେ ଏହା କୁଣ୍ଡଳିନୀ ଆକାର ତ୍ୟାଗ କରି ମେରୁଦଣ୍ଡର ନିମ୍ନ ସ୍ଥାନରୁ ସହସ୍ରାର ଉପର ପର୍ଯ୍ୟନ୍ତ ସରଳରେଖା ଭଳି ସୁଷୁମ୍ନା ଗର୍ଭ ମଧ୍ୟରେ ସମସ୍ତ ସ୍ଥାନ ଅଧିକାର କରିପାରେ ଏବଂ ସହସ୍ରାର ଭେଦ କରି ଏହା ମସ୍ତକ ଉପରେ ଜୀବ ଶିବ ରୂପରେ ଈଶାନ ରୂପରେ ପ୍ରକାଶିତ ହୁଅନ୍ତି । ଏହି ସୁଷୁମ୍ନା ମଧ୍ୟରେ ଯେଉଁ ସାତଚକ୍ର ବିଦ୍ୟମାନ, ତାହା ଶିବଙ୍କ ଚକ୍ରପଥ । ଏହି ସପ୍ତ ଚକ୍ର ଭେଦ କରି ମସ୍ତକ ଉପରେ ଯେଉଁ ସର୍ପର ବହିଃ ଆବିର୍ଭାବ ଆମେ ଦେଖିପାରୁ ତାହାହିଁ ଶିବଙ୍କର ଜୀବ ସ୍ୱରୂପ ଈଶାନ ମୂର୍ତ୍ତି । ଏହା ସାପ ନୁହେଁ, ଜୀବନ୍ତ ଶିବମୂର୍ତ୍ତି ।

ଚନ୍ଦ୍ର :

ଶିବଙ୍କ ମସ୍ତକରେ ଚନ୍ଦ୍ର ରହିଥିବାରୁ ଶିବଙ୍କର ଅନ୍ୟ ନାମ ଚନ୍ଦ୍ରଚୂଡ଼ ଏବଂ ଶଶୀଖଣ୍ଡ ମୌଳି । ସୂର୍ଯ୍ୟ ଏବଂ ଚନ୍ଦ୍ରଙ୍କର ବହୁଳ

Digitized by PPRACHIN, SOA

ବର୍ଣ୍ଣନା ବେଦରେ ଦେଖିବାକୁ ମିଳେ । ସୂର୍ଯ୍ୟ ଚନ୍ଦ୍ର ମସୌ ଧାତା ଯଥା ପୂର୍ବମକଳ୍ପୟତ୍ । (ଋଗ୍‌: ୧୦।୬୦।୩) ସେହି ଈଶ୍ୱର ଏହି ସୂର୍ଯ୍ୟ ଓ ଚନ୍ଦ୍ରଙ୍କୁ ପୂର୍ବ କଳ୍ପନାନୁଯାୟୀ ନିର୍ମାଣ କରିଥିଲେ । ବର୍ତ୍ତମାନ ପ୍ରଶ୍ନ ହେଉଛି ଶିବଙ୍କର ମସ୍ତକରେ କାହିଁକି ଚନ୍ଦ୍ର ଶୋଭା ପାଉଛନ୍ତି ? ବଶିଷ୍ଟ ପଣ୍ଡିତ ଜନ୍ ଉଡ଼୍‌ରଫ୍‌ଙ୍କ ମତରେ ଏହି ଅର୍ଦ୍ଧଚନ୍ଦ୍ର ହେଉଛି ସୃଷ୍ଟିର ସମସ୍ତ ଜୀବର ବୀଜପାତ୍ର ସଦୃଶ । 'Sound as lallared speech is the vehicle of thought, and mind is a vehicle of consciousness for world experience. × ×. Nada as inchoate stressing sound is shown in the form of a crescent-moon on His head. × ×. It is here note worthy that the crescent moon worn by Diana and used in the worship of other goddesses is said to be the arc or vessel of boat like shape, symbol of fertility or the container of the germ of all life.'†
ଅର୍ଦ୍ଧଚନ୍ଦ୍ର ଯେତେବେଳେ ପୂର୍ଣ୍ଣଚନ୍ଦ୍ରରେ ପରିଣତ ହୁଏ ଏହା ବିନ୍ଦୁ ସଦୃଶ । ଏହି ବିନ୍ଦୁ ହିଁ ସୃଷ୍ଟିର ବୀଜ ସଦୃଶ । ପୂର୍ଣ୍ଣଚନ୍ଦ୍ର ହିଁ ଶିବ ଓ ଶକ୍ତିଙ୍କ ସଂଯୋଗରୁ ସୃଷ୍ଟି ।

ନାଥଧର୍ମ ଶୈବଧର୍ମର ନାମାନ୍ତର ବୋଲି ପଣ୍ଡିତମାନଙ୍କର ମତ । ଯୋଗ ସାଧନା ପଦ୍ଧତିକୁ ନାଥଧର୍ମରେ କାୟା ସାଧନା ବା ଓଲଟ ସାଧନା କୁହାଯାଏ । ମୂଳାଧାର ଚକ୍ରସ୍ଥିତା କୁଣ୍ଡଳିନୀ ଶକ୍ତିକୁ ସାଧକ, ଯୌଗିକ ଉପାୟରେ ସୁଷୁମ୍ନା ମାର୍ଗଦେଇ ସହସ୍ରଦଳ ଚକ୍ରକୁ ନେଇ ସେଠାରେ ଥିବା ଶିବଙ୍କ ସହିତ ମିଳିତ କରାଇବା କାୟା ସାଧନାର ମୂଳ କଥା । ଏହାଦ୍ୱାରା ସାଧକର ମନ ପ୍ରାଣ ସ୍ଥିର ହୋଇଥାଏ ।

ସେ ଜ୍ୟୋତି ଦର୍ଶନ କରି ଅନାହତ ଧ୍ୱନି ଶ୍ରବଣ କରେ ଏବଂ ଖେଚରୀ ମୁଦ୍ରାଦ୍ୱାରା ସହସ୍ରାରୁ ଅମୃତ ପାନ କରି ଅମରତ୍ୱ ଲାଭ କରେ । ପାତଞ୍ଜଳଙ୍କର ଯୋଗ ଦର୍ଶନରେ ଉଲ୍ଲେଖ ଥିବା ଦେହ ମଧ୍ୟସ୍ଥ ସାତଟି ଚକ୍ର ଯଥା: ମୂଳାଧାର, ସ୍ୱାଧିଷ୍ଠାନ, ମଣିପୁର, ଅନାହତ, ବିଶୁଦ୍ଧ, ଆଜ୍ଞା ଓ ସହସ୍ରାର ଚକ୍ର ମଧ୍ୟ ଦେଇ ଯୋଗ ସାଧନା କରାଯାଏ । ଯୋଗୀମାନେ ଆଜ୍ଞା

† Sakti and Sakta.

Digitized by PPRACHIN, SOA

ଦୁଇ ଚକ୍ର, ଲଲନା ସଂଜ୍ଞକ ଚକ୍ର (ତାଳୁଚକ୍ର) ଏବଂ ସୋମ ଚକ୍ର (ଗୁରୁଚକ୍ର) ବ୍ରହ୍ମ ରନ୍ଧ୍ରରେ ଅବସ୍ଥିତ କହନ୍ତି ।

ମୂଳାଧାର ଚକ୍ରସ୍ଥିତ କୁଣ୍ଡଳୀନୀ ଶକ୍ତିଙ୍କର ଊର୍ଦ୍ଧ୍ୱମୁଖୀ ଗତିକୁ ନାଥ ସାହିତ୍ୟରେ ସୂର୍ଯ୍ୟ ରୂପେ ଏବଂ ସହସ୍ରଦଳ ଚକ୍ରସ୍ଥିତ ଶିବଙ୍କୁ ଅଧୋମୁଖୀ ତଥା ଅମୃତସ୍ରାବୀ ଚନ୍ଦ୍ର ରୂପେ ବର୍ଣ୍ଣନା କରାଯାଇଛି । ଏହି ଚନ୍ଦ୍ରଙ୍କର ଷୋଳ କଳା ଦେହରେ ଷୋଳ ଗୋଟି ସ୍ଥାନରେ ପରିବ୍ୟାପ୍ତ ହୋଇଛି । ସହସ୍ର ଦଳ ଚକ୍ରରେ ଶିବଙ୍କ ଆସ୍ଥାନ । ସେଥିପାଇଁ ସେଠାରେ ଚନ୍ଦ୍ର ରହିବା ଯୁକ୍ତିଯୁକ୍ତ ।

ଶିବଙ୍କର ତୃତୀୟ ନେତ୍ର:

ଶରୀର ମଧ୍ୟରେ ଜୀବାତ୍ମାର ସ୍ଥାନ ତିନ ଅବସ୍ଥାରେ ତିନୋଟି ସ୍ଥାନରେ, ଯଥା: ସୁଷୁପ୍ତି ଅବସ୍ଥାରେ ହୃଦୟରେ, ସ୍ୱପ୍ନାବସ୍ଥାରେ କଣ୍ଠ ଦେଶରେ ଏବଂ ଜାଗ୍ରତରେ ଜୀବାତ୍ମାର ସ୍ଥିତି ନେତ୍ରରେ ବୋଲି ଉପନିଷଦରେ କୁହାଯାଇଛି—

"ଯ ନୈଷ ଏତତ୍ ସୁପ୍ତୋଽଭୂଦ୍ ଯ ଏଷ ବିଜ୍ଞାନମୟଃ ।
ପୁରୁଷସ୍ତଦେଷାଂ ପ୍ରାଣାନାଂ ବିଜ୍ଞାନେନ
ବିଜ୍ଞାନମାଦାୟ ଯ ଏଷୋଽନ୍ତ ହୃଦୟ ଆକାଶସ୍ତସ୍ମିଞ୍ଛେତେ ।
(ବୃହ: ୨ । ୧ । ୧୭)

ପ୍ରଗାଢ଼ ସୁଷୁପ୍ତାବସ୍ଥାରେ ଏହି ପୁରୁଷ ଏହି ଇନ୍ଦ୍ରିୟମାନଙ୍କର ବିଜ୍ଞାନଦ୍ୱାରା, ବିଜ୍ଞାନକୁ ନେଇ ଏହି ହୃଦୟ ମଧ୍ୟରେ ଯେଉଁ ଆକାଶ ଅଛି ସେହିଠାରେ ବିଶ୍ରାମ କରିଥାଏ । କିନ୍ତୁ ସ୍ୱପ୍ନାବସ୍ଥାରେ ପୂର୍ବରୁ ଅନୁଭୂତ ପଦାର୍ଥ କଣ୍ଠସ୍ଥିତ ହିତା ନାମକ ଏକ ନାଡ଼ିରେ, ଯାହାକି ଗୋଟିଏ କେଶର ସହସ୍ର ଭାଗରୁ ଏକ ଭାଗ ପରିମାଣର ମୋଟ ଅଟେ, ତହିଁରେ ରହିଥିବାର କୁହାଯାଇଛି । ଜାଗ୍ରତ ଅବସ୍ଥାରେ ଜୀବାତ୍ମାର ସ୍ଥିତି ନେତ୍ରରେ ବୋଲି ଉପନିଷଦରେ କୁହାଯାଇଛି ।— ଯ ଏଷୋଽକ୍ଷିଣି ପୁରୁଷ ଦୃଶ୍ୟତ ଏଷ ଆତ୍ମେତି (ଛାନ୍ଦୋ: ୮।୭।୪) ଅର୍ଥାତ୍ ଏହି ଆଖିରେ ଯେ ପୁରୁଷ ଦେଖୁଅଛୁ, ଏହା ଆତ୍ମା ଅଟେ । ସମ୍ପ୍ରଜ୍ଞାତ-ସମାଧିରେ ଜୀବାତ୍ମାର ସ୍ଥାନ, ଆଜ୍ଞାଚକ୍ର କୁହଯାଇ ପାରେ, କାରଣ ଏହାହିଁ ଦିବ୍ୟ ଦୃଷ୍ଟିର ସ୍ଥାନ ଅଟେ । ଏହାକୁ ଦିବ୍ୟ ନେତ୍ର ବା 'ଶିବ ନେତ୍ର' କୁହନ୍ତି ।

Digitized by PPRACHIN, SOA

ଶିବଲିଙ୍ଗ :

ପ୍ରଜନନ ଦେବତା ଶିବଙ୍କର ପ୍ରତୀକ ହେଉଛି ଲିଙ୍ଗ । ଋଗ୍ ବେଦରେ ଲିଙ୍ଗୋପାସନାର କୌଣସି ଉଲ୍ଲେଖ ନ ଥିଲେ ମଧ୍ୟ କେତେକ ସ୍ଥାନରେ 'ଶିଶ୍ନଦେବାଃ' ଅର୍ଥାତ୍ ଲିଙ୍ଗ ଉପାସକ ବୋଲି ଯଜ୍ଞକାରୀ ଆର୍ଯ୍ୟମାନେ ଘୃଣା କରୁଥିବାର ଇଙ୍ଗିତ ସ୍ପଷ୍ଟ । ଦ୍ରାବିଡ଼ ବା ଅନାର୍ଯ୍ୟମାନଙ୍କର ଏ ଯୌନ ପ୍ରତୀକବାହୀ ଦେବତା ଆର୍ଯ୍ୟମାନଙ୍କ ଚକ୍ଷୁରେ ବହୁ ଶତାବ୍ଦୀ ଧରି ହେୟ ହୋଇ ରହିଥିଲେ । ଲିଙ୍ଗ ପୂଜା ପ୍ରାୟ ଖ୍ରୀଷ୍ଟପୂର୍ବ ପାଞ୍ଚହଜାର ବର୍ଷର ବୋଲି ହରପ୍ପା, ମହେଞ୍ଜୋଦାରୋରୁ ମିଳିଥିବା କେତେକ ମୂର୍ତ୍ତିରୁ ଜଣାଯାଏ । ପରେ ଆର୍ଯ୍ୟମାନେ ଲିଙ୍ଗୋପାସନାକୁ ଗ୍ରହଣ କଲେ ମଧ୍ୟ ଏଥିରେ ଉନ୍ନତ ଆର୍ଯ୍ୟ ଈଶ୍ୱରଧାରା ଅନୁସାରେ ନୂତନ ମୂଲ୍ୟବୋଧର ପ୍ରତିଷ୍ଠା କଲେ । ଲିଙ୍ଗର ବାହ୍ୟ ଆକାରର କୌଣସି ପରିବର୍ତ୍ତନ ନ ହୋଇ ଶିବଙ୍କର ନିର୍ଗୁଣ ବ୍ରହ୍ମସ୍ୱରୂପର ସଙ୍କେତ ରୂପେ ପୂଜା ପାଇଲେ । ଲିଙ୍ଗ ପୂଜା ଇନ୍ଦ୍ରିୟ ବିଶେଷର ପୂଜା ନୁହେ ବୋଲି, ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ତାଙ୍କ ଜ୍ଞାନୀଗୁରୁ ଗ୍ରନ୍ଥରେ ଦର୍ଶାଇଛନ୍ତି—

"ଆଳୟଂ ଲିଙ୍ଗମିତ୍ୟାହୁର୍ନଲିଙ୍ଗଂଲିଙ୍ଗ ମୁଚ୍ୟତେ ।
ଯସ୍ମିନ ସର୍ବାଣି ଭୂତାନି ଲୀୟନ୍ତେ ବୁଦ୍‌ବୁଦାଇବ ।"

ଇନ୍ଦ୍ରିୟ ବିଶେଷକୁ ଲିଙ୍ଗ କୁହାଯାଏ ନାହିଁ । ଆଳୟକୁ ହିଁ ଲିଙ୍ଗ କୁହାଯାଏ । ଆଳୟ ଅର୍ଥାତ୍ ସର୍ବଭୂତ ଯେଉଁଥିରେ ଲୟପ୍ରାପ୍ତ ହୁଅନ୍ତି । ସମୁଦ୍ରରେ ଯେପରି ସମୁଦ୍ରୋତ୍‌ଥିତ ବୁଦ୍ ବୁଦ୍ ଲୟପ୍ରାପ୍ତ ହୁଏ, ସେହିପରି ଶିବଙ୍କଠାରୁ ଉଦ୍ଭୂତ ବୁଦ୍‌ବୁଦ୍ ସ୍ୱରୂପ ଜୀବଗଣ ଯାହାଙ୍କଠାରେ ଲୟପ୍ରାପ୍ତ ହୁଅନ୍ତି ତାହାଙ୍କୁ ହିଁ ଲିଙ୍ଗ କୁହନ୍ତି ।

ସୂକ୍ଷ୍ମ ଶରୀରକୁ ଲିଙ୍ଗଶରୀର କୁହନ୍ତି । ଅଙ୍ଗୁଷ୍ଠ ମାତ୍ରଃ ପୁରୁଷଃ । ('କଠ', ଶ୍ରୁତି) ପରମ ପୁରୁଷ ଶିବ ସର୍ବମୟ ହେଲେ ମଧ୍ୟ ସେ ସାଧକଙ୍କ ହୃଦୟ ମଧ୍ୟରେ ଅଙ୍ଗୁଷ୍ଠ ପରିମିତ ସ୍ଥାନରେ ଅବସ୍ଥିତ, ତେଣୁ ସେ ଲିଙ୍ଗ ସ୍ୱରୂପ ।

'ଆକାଶଂ ଲିଙ୍ଗମିତ୍ୟାହୁଃ ପୃଥ୍ୱୀ ତସ୍ୟ ପୀଠିକା ।
ଆଳୟଃ ସର୍ବଦେବାନାଂ ଲୟନାଲ୍ଲିଙ୍ଗମୁଚ୍ୟତେ ।'

Digitized by PPRACHIN, SOA

ଅର୍ଥାତ୍ ଆକାଶ ଲିଙ୍ଗ, ଏବଂ ପୃଥିବୀ ତାହାର ଆସନ । ମହାପ୍ରଳୟ କାଳରେ ସମୁଦାୟ ଦେବତା-ଗଣଙ୍କ ବିନାଶ ହୋଇ ଏକ ମାତ୍ର ଲିଙ୍ଗ ରୂପୀ ମହାଦେବ ବର୍ତ୍ତମାନ ଥିଲେ ; ତେଣୁ ସେ ଲିଙ୍ଗ ଶବ୍ଦରେ ଅଭିହିତ । ଶିବ ଲିଙ୍ଗ ନିର୍ଗୁଣ ବ୍ରହ୍ମ ହୋଇଥିବାରୁ ଶିବଲିଙ୍ଗ ସହିତ ଶକ୍ତି ପୀଠର ସଂଯୋଗ କରି ଉପାସନା କରିବାର ବିଧି ପ୍ରଚଳନ ଅଛି ।

> 'ଯନ୍ମନସା ନ ମନୁତେ ଯେନାହୁର୍ମନୋମତମ୍
> ତଦେବ ବ୍ରହ୍ମତ୍ୱଂ ବିଦ୍ଧିନେଦଂ ଯଦିଦମୁପାସତେ ॥' (ଶ୍ରୁତି)

ବ୍ରହ୍ମ ନିର୍ଗୁଣ । ନିର୍ଗୁଣ ଉପାସନା ସମ୍ଭବପର ନୁହେ; ଶକ୍ତିଙ୍କ ସହିତ ତାଙ୍କର ଉପାସନା କରିବା ବିଧି । ତେଣୁ ଲିଙ୍ଗମୟ ଈଶ୍ୱର ଚୈତନ୍ୟଙ୍କ ସହିତ ଯୋନୀ ପୀଠ ସଂସ୍ଥାପନ କରାଯାଇଛି । ଅତଏବ ଶିବଲିଙ୍ଗ ପୂଜା ସଗୁଣ ବ୍ରହ୍ମଙ୍କର ଉପାସନା ବୋଲି ବୁଝିବାକୁ ହେବ ।

ହରିହର:

ଶୈବଧର୍ମ ଓ ବୈଷ୍ଣବ ଧର୍ମର ପ୍ରଭାବରେ ଶିବ ଏବଂ ବିଷ୍ଣୁ ନିଜ ନିଜ ଧର୍ମରେ ପରମେଶ୍ୱର ହୋଇ ଉଠିଲେ । ରାଣୀ ବାସଟା ଦେବୀ ବୈଷ୍ଣବ ଧର୍ମର ଉତ୍କର୍ଷ ସାଧନ କରି ତିନୋଟି ବିଷ୍ଣୁ ମନ୍ଦିର, ପୁରୁଷୋତ୍ତମ ନୃସିଂହଙ୍କ ଉପାସନା ପାଇଁ ନିର୍ମାଣ କରିଥିଲେ । ପ୍ରଥମ ମନ୍ଦିର ନିଜ ରାଜଧାନୀ ମହାନଦୀ କୂଳର ଶ୍ରୀପୁର(ପାଟ)ରେ, ଦ୍ୱିତୀୟ ମନ୍ଦିର ନୃସିଂହ-ନାଥ ମନ୍ଦିର ଏବଂ ତୃତୀୟ ମନ୍ଦିର ବଲାଙ୍ଗୀର ଜିଲ୍ଲା ସଇଁତଲା ଗ୍ରାମରେ ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରେ ନିର୍ମିତ ହୋଇଥିଲା । ବର୍ତ୍ତମାନ ସଇଁତଲା ମନ୍ଦିର ଆଉ ନାହିଁ । ମନ୍ଦିରର ଦ୍ୱାରବନ୍ଧର ଯେଉଁ କେତେ ଭଗ୍ନ ଖଣ୍ଡ ଉଦ୍ଧାର କରାଯାଇଛି ସେଥିରେ ନୃସିଂହନାଥ ମନ୍ଦିର କାରୁକାର୍ଯ୍ୟ ପରି, ଗଙ୍ଗା ଯମୁନାର ମୂର୍ତ୍ତି ଅଙ୍କିତ ହୋଇଛି । ଏହି ଗଙ୍ଗା ଯମୁନା ମୂର୍ତ୍ତି ଏବଂ ନୃସିଂହନାଥ ମନ୍ଦିର ନିର୍ମାଣ ବିଷୟରେ ଡ: ଆର୍: ଭଣ୍ଡାରକର ଖ୍ରୀ ୧୯୦୪-୦୫ ପ୍ରତ୍ନତାତ୍ତ୍ୱିକ ସର୍ଭେ ରିପୋର୍ଟରେ ଦର୍ଶାଇଛନ୍ତି:—"From a strictly architectural point, the construction of the black pagoda (Konarka) has been ascribed by Fergusson to the latter half of the ninth century

Digitized by PPRACHIN, SOA

and our temple which correspond to it in style cannot be of a latter period. The deeply and artistically sculptured doors of the jagamohan and especially the carving of the Ganga and Yamuna at the bottom of one of them, which are met with only in very early temples, are alone sufficient to show that our temple could not have been constructed latter than the ninth century."

ଉକ୍ତ ବିଷ୍ଣୁ ମନ୍ଦିର ଭିତ୍ତିକୁ ସୁଦୃଢ଼ କରୁଛି ଦୁଇଟି ବିଷ୍ଣୁ ମୂର୍ତ୍ତି ଏବଂ ଦଶ ଅବତାର ମୂର୍ତ୍ତି, ସେହି ଗ୍ରାମରୁ ଉଦ୍ଧାର କରାଯାଇ, ସଇଁତଳା ଭଗ୍ନଚଣ୍ଡି ମନ୍ଦିରରେ ସ୍ଥାପିତ ହୋଇ । ସୋମବଂଶୀ ରାଣୀ ବାସଠାଙ୍କ ପୁତ୍ର ବାଳାର୍ଜ୍ଜୁନ ଠିକ୍ ସେହିପରି ଶୈବଧର୍ମର ଉତ୍କର୍ଷ ସାଧିତ କରିଥିଲେ । କିନ୍ତୁ ବାଳାର୍ଜ୍ଜୁନଙ୍କର, ମାତା ବାସଠା ଦେବୀଙ୍କର ବୈଷ୍ଣବ ଧର୍ମ ଏବଂ ମାତୁଳ ମଗଧର ରାଜା ଭାସ୍କର ବର୍ମନଙ୍କର ବୌଦ୍ଧଧର୍ମ ପ୍ରତି ସହାନୁଭୂତି ଥିଲା । ବିଶିଷ୍ଟ ପ୍ରତ୍ନତାତ୍ତ୍ୱିକ ବିଦ୍ୟା ଦେହେଜିଆ କେତେକ ଶିଳାଲେଖର ଉଲ୍ଲେଖ କରି ଏହିପରି ମତ ଦେଇଛନ୍ତି—

"The famous Somavansi ruler Balarjuna was, by contrast, a saivite and he called himself Paramamahesvar, and had a bull as the emblem on his seals. The Senakapat stone inscription of the time of Balarjuna commences with two verses, one in praise of Siva and the other describing Parvati. The third verse describes Balarjuna as a devotee of Siva while the fourth verse represents him as an incarnation of Vishnu and implies the sub-servience of Vishnu to Siva. This particular epigarh records the construction of a Siva temple by a vassal chief of the ruller. There are also several grants towards Buddhist establishment."

Digitized by PPRACHIN, SOA

ଉପରୋକ୍ତ ଶିଳାଲିପିରୁ ଜଣାଯାଏ, ସୋମବଂଶୀ ଶାସକ ବାଳାର୍ଜୁନ ହରିଶଙ୍କର କ୍ଷେତ୍ରରେ 'ହରିହର'ଙ୍କୁ ପ୍ରତିଷ୍ଠା କରି ପୂଜା ଆରମ୍ଭ କରିଥିଲେ । ସେ ହରିହରଙ୍କୁ ଏକ ପରଂବ୍ରହ୍ମ ରୂପେ ପୂଜା କରି ଶୈବ ଏବଂ ବୈଷ୍ଣବଙ୍କ ମଧ୍ୟରେ ବିବାଦ ମେଣ୍ଟାଇଦେଇ ହିନ୍ଦୁଧର୍ମରେ ସମନ୍ୱୟ ପ୍ରତିଷ୍ଠା କରିଥିଲେ । ହିନ୍ଦୁଧର୍ମ କହେ ଏକ ପରମାତ୍ମା ସର୍ବବ୍ୟାପୀ ସବୁ ସ୍ଥାନରେ ବିଦ୍ୟମାନ ।

ଏକୋ ଦେବଃ ସର୍ବଭୂତେଷୁ ଗୂଢ଼ଃ
ସର୍ବବ୍ୟାପି ସର୍ବ ଭୂତାନ୍ତରାତ୍ମା
କର୍ମାଧ୍ୟକ୍ଷଃ ସର୍ବଭୂତାଧିବାସଃ
ସାକ୍ଷୀ ଚେତା କେବଳୋ ନିର୍ଗୁଣଶ୍ଚ । (ଶ୍ରୁତି)

ଏକମାତ୍ର ଦେବତା ସକଳ ଭୂତରେ ଗୂଢ଼ ବା ଗୁପ୍ତ ଭାବରେ ଅଧିଷ୍ଠିତ ; ସେ ସର୍ବବ୍ୟାପୀ, ସର୍ବଭୂତର ଅନ୍ତରାତ୍ମା, କର୍ମର ଅଧ୍ୟକ୍ଷ, ସାକ୍ଷୀ, ଚୈତନ୍ୟ, କେବଳ ଓ ନିର୍ଗୁଣ । ଶ୍ରୀମଦ୍‌ଭଗବତ୍‌ ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି—'ଅହମାତ୍ମା ଗୁଡ଼ାକେଶ ! ସର୍ବଭୂତାଶୟସ୍ଥିତଃ' (୧୦/୨୦) ଅର୍ଥାତ୍ ହେ ଗୁଡ଼ାକେଶ ! ମୁଁ ସର୍ବ ପ୍ରାଣୀଙ୍କର ଅନ୍ତଃକରଣ ସ୍ଥିତ ଆତ୍ମା । ହିନ୍ଦୁଧର୍ମରେ ଶିବ-ଶକ୍ତି ପୁଣି ଏକାକାର କରିଦେଇଛି । ବାୟୁ ପୁରାଣରେ ଅଛି—

'ଯଥା ଶିବସ୍ତଥା ଦେବୀ ଯଥା ଦେବୀ ତଥା ଶିବଃ ।
ନାନୟୋରନ୍ତରଂ ବିଦ୍ୟଚ୍ଚନ୍ଦ୍ର ଚନ୍ଦ୍ରିକୟୋର୍ଯଥା ॥'

ଚନ୍ଦ୍ରଠାରୁ ଚନ୍ଦ୍ର କିରଣର ଯେପରି ପୃଥକ୍ ସତ୍ତା ନାହିଁ, ସେହିପରି ଶିବ ଏବଂ ଶକ୍ତିଙ୍କର ମଧ୍ୟ ପୃଥକ୍ ସତ୍ତା ନାହିଁ । ତେଣୁ ଯେଉଁଠାରେ ଶିବ ସେହିଠାରେ ହିଁ ଶକ୍ତି ଏବଂ ଯେଉଁଠାରେ ଶକ୍ତି ସେହିଠାରେ ହିଁ ଶିବ ବୋଲି ଜାଣିବ ।

ସେହିପରି ବ୍ୟାସଦେବ ମଧ୍ୟ ଗଙ୍ଗା ଓ ଦୁର୍ଗା ଏବଂ ହରିହରଙ୍କ ମଧ୍ୟରେ କିଛି ପ୍ରଭେଦ ନାହିଁ ବୋଲି କହିଛନ୍ତି—

ଯୁ କୁର୍ବନ୍ତି ଦେବତାଞ୍ଚ ଭେଦୟନ୍ ନରକଂ ବ୍ରଜେତ୍ ।
ଗଙ୍ଗା-ଦୁର୍ଗା-ହରିଣାନାଂ ଭେଦକୃନ୍ନାରକୀ ଯଥା ॥

(ବୃହଦ୍ଧର୍ମ ପୁରାଣ)

Digitized by PPRACHIN, SOA

ଗଙ୍ଗା ଓ ଦୁର୍ଗା ଏବଂ ହରି ଓ ହରଙ୍କ ମଧ୍ୟରେ ଭେଦ କଳ୍ପନାକାରୀ ଯେପରି ନରକଗାମୀ ହୁଅନ୍ତି, ସେହିପରି ଗୁରୁ, ତନ୍ତ୍ର ଏବଂ ଦେବତାଙ୍କ ମଧ୍ୟରେ ଭେଦଜ୍ଞାନ କଲେ ନରକଗାମୀ ହେବାକୁ ପଡ଼େ । ସେହିପରି ଏକ ବ୍ରହ୍ମ ତିନି ଦେବ ବୋଲି କୁହାଯାଇଛି—

'ଏକଂ ବ୍ରହ୍ମ ତ୍ରୟୋଦେବା ବ୍ରହ୍ମା ବିଷ୍ଣୁ ମହେଶ୍ୱରାଃ ॥'

ଏକ ବ୍ରହ୍ମ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର—ଏହି ତ୍ରିମୂର୍ତ୍ତି ଧାରଣ କରିଥିଲେ । ଧର୍ମର ତତ୍ତ୍ୱକୁ ଉପଲବ୍ଧି କରି ସୋମବଂଶୀ ରାଜା ବାଣାର୍ଜ୍ଜୁନ ହରିଶଙ୍କର କ୍ଷେତ୍ରରେ ହରି ଓ ହରଙ୍କୁ ସ୍ଥାପନ କରିଥିଲେ । ପରବର୍ତ୍ତୀ କାଳରେ ବ୍ରହ୍ମପୁରାଣରେ ବିଷ୍ଣୁ ସ୍ୱମୁଖରେ ଶିବାଳୟ ପ୍ରତିଷ୍ଠା ପାଇଁ ପ୍ରଶଂସା କରିଛନ୍ତି—

'ଶିବ ସଂସ୍ଥାପିତ ବିପ୍ର ମମ ସଂସ୍ଥାପନଂ ଭବେତ୍
ମାବୟୋରନ୍ତରଂ କଶ୍ଚିଦେକ ଭାବୌ ଦ୍ୱିଧା କୃତୌ ॥ (୬୯)
ଯୋ ରୁଦ୍ରଃ ସ ସ୍ୱୟଂ ବିଷ୍ଣୁ ଯୋ ବିଷ୍ଣୁ ସ ମହେଶ୍ୱରଃ
ଉଭୟୋରନ୍ତରଂ ନାସ୍ତି ପବନାକାଶୟୋରିବ ॥' (୭୦)
(ବ୍ରହ୍ମ ପୁରାଣ ୫୬ ଖ)

ଅର୍ଥାତ୍ ପ୍ରଭୁ ଶିବଙ୍କୁ ସଂସ୍ଥାପନ କଲେ ମୋତେ ସଂସ୍ଥାପନ କରାଗଲା । ଆମ ହରି ଓ ହର ମଧ୍ୟରେ କିଛି ପ୍ରଭେଦ ନାହିଁ ।

ଆମେ ଏକ ମୂର୍ତ୍ତି ଦୁଇ ଭାଗ ହୋଇ ଅଛୁଁ । ଯେ ରୁଦ୍ର ସେ ବିଷ୍ଣୁ, ଯେ ବିଷ୍ଣୁ ସେ ରୁଦ୍ର । ପବନ ଓ ଆକାଶ ମଧ୍ୟରେ ଯେପରି ପ୍ରଭେଦ ନାହିଁ, ସେହିପରି ହରି ଓ ହରଙ୍କ ମଧ୍ୟରେ ପ୍ରଭେଦ ନାହିଁ । ହରିଶଙ୍କର ମନ୍ଦିରର ସମକାଳୀନ ଆଉ ଏକ ମନ୍ଦିର ବୌଦଠାରୁ ୧୨ କିଲୋମିଟର ଦୂର ଜଗତି ନିକଟରେ ଗନ୍ଧରାଡ଼ିର ହରି ଓ ହରଙ୍କ ମନ୍ଦିର ନୀଳ ମାଧବ ବିଷ୍ଣୁଙ୍କର ଏବଂ ସିଦ୍ଧେଶ୍ୱର ଶିବଙ୍କ ପାଇଁ ନିର୍ମିତ । ଏହା ହରିଶଙ୍କର ମନ୍ଦିର ପରେ ନିର୍ମାଣ କରାଯାଇଛି । ପ୍ରତ୍ନତାତ୍ତ୍ୱିକ ଫାବ୍ରି ଏହା ପୁରାତନ ମନ୍ଦିର ଏବଂ ଏହି ମନ୍ଦିର ଭୁବନେଶ୍ୱରର ପର୍ଶୁରାମେଶ୍ୱର ଓ ମହାନଦୀ କୂଳର ସିଂହନାଥ ମନ୍ଦିରର ସମକାଳୀନ ବୋଲି ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି—
"The obvious conclusion is that the Nilamadhav and the Siddheswar temples of Gandharadi belong

to the same period, the same architectural development, the same century" † କିନ୍ତୁ ପ୍ରତ୍ନତାତ୍ତ୍ୱିକ ବିଦ୍ୟା ଦେବେହଜଆ ଏଥିରେ ଏକମତ ନ ହୋଇ ଏହାର ମୁଖ୍ୟ ମନ୍ଦିର ଓ ଜଗମୋହନର କାରୁକାର୍ଯ୍ୟ ଏବଂ ଦ୍ୱାରବନ୍ଧ କାରୁକାର୍ଯ୍ୟର ନାଗବନ୍ଧ ମୂର୍ତ୍ତିକୁ ତୁଳନା କରି ଏହା ଟ୍ରାଞ୍ଜିସନ ଫେଜ୍ ଖ୍ରୀ: ୭୦୦ରୁ ଖ୍ରୀ: ୮୫୦ ମଧ୍ୟରେ ବୋଲି ଯୁକ୍ତି ଦର୍ଶାଇଛନ୍ତି ।

ସେ ଆହୁରି ମଧ୍ୟ ଗନ୍ଧବାଡ଼ି ମନ୍ଦିରର ଶୀର୍ଷ ଭାଗକୁ ତୁଳନା କରି ଏହା ଭାରତର ଅଦ୍ୱିତୀୟ ବୋଲି ବର୍ଣ୍ଣନା କରିଛନ୍ତି, "The crowning chakra of Nilamadhav temple and the crowning linga of Siddheswar are carved of fine-grained chlorite. Siva temples are normally crowned with a trident and as far as we are aware, this appears to be the only example in India of a crowning linga".

ସୋମବଂଶୀ ରାଜା ଚଣ୍ଡିହର ଯଯାତିଙ୍କ ନିର୍ମିତ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ହରିହର ପୂଜା ପାଇଁ ଖ୍ୟାତି ଲାଭ କରିଛି । ଏଠାରେ କୋଶଳ ପ୍ରଥା ଅନୁସାରେ ମାଳାକାର ପୂଜାରୀ ପୂଜା କରନ୍ତି । 'ହରି ହର' ଏକ ସ୍ଥାନରେ ଅବସ୍ଥାନ କରୁଥିବାରୁ ସେଠାରେ ଅନ୍ନ ଭୋଗ ହୁଏ । ସେହିପରି ହରିଶଙ୍କର ମନ୍ଦିରରେ କନ୍ଧ ପୂଜାରୀ ପୂଜା କରନ୍ତି ଏବଂ ଏଠାରେ ମଧ୍ୟ ଅନ୍ନ ଭୋଗ ହୁଏ ।

ଶୈବ ଏବଂ ବୈଷ୍ଣବ ସଂପ୍ରଦାୟ ମଧ୍ୟରେ ଯେଉଁ ବିବାଦ ଥିଲା ତାର ସମାଧାନ ପରେ ହରିହର ହୋଇଛନ୍ତି ତାର ସମନ୍ୱୟ ରୂପ । ଅର୍ଦ୍ଧନାରୀଶ୍ୱର ମୂର୍ତ୍ତିରେ ଅର୍ଦ୍ଧେକ ନର ଓ ଅର୍ଦ୍ଧେକ ନାରୀ ଅଙ୍ଗ ଥିବାପରି ହରିହର ମୂର୍ତ୍ତିରେ ହରି ଓ ହରଙ୍କର ମିଶ୍ରିତ ରୂପ ଦେଖାଯାଏ । କିନ୍ତୁ ଏହିପରି ମୂର୍ତ୍ତି ଗଠନ ବେଶୀ ଦିନ ତିଷ୍ଠି ପାରିଲା ନାହିଁ । * ସମୁଦ୍ର ମନ୍ଥନରୁ

† Charles Fabri—History of the Art of Orissa.

* The Culture and Civilisation of Ancient India in Historical Outline—D. D. Kosambi (P-205)

Digitized by PPRACHIN, SOA

ପ୍ରାପ୍ତ ଅମୃତ ବଣ୍ଟନ ସମୟରେ ବିଷ୍ଣୁ ଯେଉଁ ମୋହିନୀ ବେଶ ଧାରଣ କରି ଥିଲେ, ହର ତାଙ୍କର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ବିବାହ କରିବାକୁ ପଶ୍ଚାଦ୍ଧାବନ କଲେ ଏବଂ ଶେଷରେ ଦୁହିଁଙ୍କର ମିଳନ ହେଲା । ସେହି ମିଳନ ଫଳରେ ଜାତ ପୁତ୍ର 'ହରିହର ପୁତ୍ର' ବା 'ଆୟେପ୍ପନାର' ନାମରେ ଖ୍ୟାତ ହେଲେ । କେରଳରେ 'ହରିହର ପୁତ୍ର' ବା ଆୟେପ୍ପନାରଙ୍କ ପୂଜା ପ୍ରଚଳିତ ଅଛି । ଦାକ୍ଷିଣାତ୍ୟର ଚାଲୁକ୍ୟ ବଂଶୀୟ ଜଣେ ରାଜପୁତ୍ର ମଙ୍ଗଳୀଶ ୫୦୦ ଶକାବ୍ଦ (ଖ୍ରୀ:ଅ: ୫୭୮)ରେ ଏକ ଗୁମ୍ଫା କରାଇ ସେଥିରେ ବିଷ୍ଣୁ ପ୍ରତିମା ପ୍ରତିଷ୍ଠା କରିଥିଲେ । ସେଠାରେ ହରି ଓ ହରଙ୍କର ମିଳିତ ତନୁ 'ହରିହର' ମୂର୍ତ୍ତି ରହିଛି ।



ପଞ୍ଚମ ପରିଚ୍ଛେଦ

ହରିଶଙ୍କର ପୀଠରେ ଭୈରବ ଉପାସନା

ହରିଶଙ୍କର ପୀଠରେ ଭୈରବ ଭାରତୀୟ ଧର୍ମଧାରାର ଦୁଇ ପ୍ରଧାନ ଶାଖା ଶୈବ ଓ ଶାକ୍ତ ଧର୍ମଧାରାର ସମନ୍ୱୟ । ଓଡ଼ିଶାର ଶକ୍ତିପୂଜା ପ୍ରାଚୀନ କାଳରୁ ଅନ୍ୟ ଦେବତାମାନଙ୍କ ସହିତ ସମାନ ଭାବେ ପ୍ରଚଳିତ ହୋଇ ଆସୁଛି । ହିନ୍ଦୁମାନଙ୍କର ପଞ୍ଚଦେବତା ବିଷ୍ଣୁ, ଶିବ, ସୂର୍ଯ୍ୟ, ଗଣପତି ଏବଂ ଶକ୍ତି, ସେମାନଙ୍କର ପାରମ୍ପରିକ ପଞ୍ଚପୀଠ, ପୁରୀ, ଭୁବନେଶ୍ୱର, କୋଣାର୍କ, ମହାବିନାୟକ ଓ ଯାଜପୁରରେ ପ୍ରାଚୀନ କାଳରୁ ପୂଜା ହୋଇ ଆସୁଛନ୍ତି । ଓଡ଼ିଶାର ଶକ୍ତି ପୂଜାର ପ୍ରାଚୀନତମ ପ୍ରମାଣ ଭୁଷ୍ଟିକର ଦେବଙ୍କର ଏକ ତାମ୍ରଫଳକ ଅନୁଦାନରୁ ମିଳିଥାଏ । ଭୁଷ୍ଟିକର ଦେବ, ଖ୍ରୀଷ୍ଟୀୟ ୫ମ ଓ ୬ଷ୍ଠ ଶତାବ୍ଦୀର ସ୍ତମ୍ଭେଶ୍ୱରୀ ଦେବୀଙ୍କର ଉପାସକ ଥିଲେ । ଶ୍ରୀ ଦିନେଶଚନ୍ଦ୍ର ସରକାରଙ୍କ ମତରେ ସ୍ତମ୍ଭେଶ୍ୱରୀ ସୁଲ୍କି ବଂଶର ଇଷ୍ଟ ଦେବୀ ଅଟନ୍ତି ଏବଂ ସେ ସ୍ତମ୍ଭାକାରରେ ଶିବ ଓ ଶକ୍ତି ରୂପରେ ପୂଜା ପାଇ ଥାନ୍ତି । ସୋନପୁରରେ ସ୍ତମ୍ଭେଶ୍ୱରୀଙ୍କର ଏକ ସ୍ତମ୍ଭାକାର ବିଗ୍ରହ ରହିଛି । ବର୍ତ୍ତମାନ ଆଦିବାସୀମାନେ ପ୍ରତି ଗ୍ରାମ ନିକଟସ୍ଥ ପାହାଡ଼ ଜଙ୍ଗଲରେ କେତେଗୁଡ଼ିଏ ଗଛମୂଳେ ଗୋଟିଏ ଗୋଟିଏ ପଥର ସ୍ତମ୍ଭ କିମ୍ବା କାଷ୍ଠ ନିର୍ମିତ ସ୍ତମ୍ଭ ପୂଜା କରିଆସୁଛନ୍ତି । ତନ୍ତ୍ରର ପ୍ରଭାବ ହେତୁ ଏମାନେ ଏହି ଦେବୀଙ୍କୁ ମଦ୍ୟ ଓ ମାଂସ ଅର୍ପଣ କରି ପୂଜା ଅର୍ଚ୍ଚନା କରିଥାନ୍ତି । ଫୁଲବାଣୀର ୪୦ କିଲୋମିଟର ଦୂର ବାଲିସ୍କୁମ୍ପାରେ ଦେବୀଙ୍କ ନିକଟରେ ଏହିପରି ୨୪ଟି କାଷ୍ଠ ନିର୍ମିତ ସ୍ତମ୍ଭ ନିକଟରେ ଏକ ସମୟରେ ୨୪ଟି ବଳି ପଡ଼ିବାର ବିଧାନ ପ୍ରଚଳିତ ଅଛି । ହରିଶଙ୍କର ଭୈରବ ସେହିପରି ଏକ ଶିଳା ଏବଂ ଏଠାରେ ଭୈରବଙ୍କ ନିମନ୍ତେ ଗୋଟିଏ ସ୍ୱତନ୍ତ୍ର ମନ୍ଦିର ଅଛି ।

Digitized by PPRACHIN, SOA

କମ୍ବଦନ୍ତୀରୁ ଜଣାଯାଏ, ଶ୍ରୀ ନୃସିଂହନାଥ-ହରଶଙ୍କର ଗନ୍ଧଗିରି ପର୍ବତରେ, 'ଭୈରବଖୋଲ' ବୋଲି ଏକ ପାହାଡ଼ ଖୋଲରେ ଗୋଟିଏ କନ୍ଧ ପରିବାର ବାସ କରୁଥିଲେ । ଗୃହକର୍ତ୍ତା କନ୍ଧ ଭୁରୁକ ଦାସର କୌଣସି ପୁତ୍ର ନ ଥିଲେ, କେବଳ ତାର ସାତ ଝିଅ ଥିଲେ । ଥରେ ଭୁରୁକ ଦାସର ସାତ ଝିଅ କିଛି ମାଣ୍ଡିଆ ସଂଗ୍ରହ କରି ନିକଟବର୍ତ୍ତୀ ଗୋଟିଏ ପଥର ସ୍ତମ୍ଭ ଉପରେ ମାଣ୍ଡିଆ ବାଟିବାକୁ ଲାଗିଲେ । ମାଣ୍ଡିଆଗୁଡ଼ିକ ଚୂନା ହେବା ପରିବର୍ତ୍ତେ ବାର ବାର ଖଣ୍ଡ ହେଲା ଏବଂ ଆଉ ଯେତେ ଚେଷ୍ଟାକଲେ, ବାଟିଲେ ସେ ଆଉ ଖଣ୍ଡ କମ୍ବା ଚୂନା ହେଲା ନାହିଁ । କନ୍ଧ ଯୁବତୀ ସାତ ଭଉଣୀ ଏଠାରେ କୌଣସି ଅଶରୀରୀ ଆତ୍ମା ଏହିପରି କରୁଥିବାର ସନ୍ଦେହ କରି ଆତଙ୍କଗ୍ରସ୍ତ ହୋଇ ସେହି ସ୍ଥାନ ଛାଡ଼ି ପଳାୟନ କଲେ । ତାଙ୍କର ପିତା ଭୁରୁକଆକୁ ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କଲେ ।

କନ୍ଧ ଦମ୍ପତି ସାତ ଭଉଣୀଙ୍କଠାରୁ ସମସ୍ତ ବୃତ୍ତାନ୍ତ ଶୁଣି ଆଶ୍ଚର୍ଯ୍ୟ ହୋଇ ଗଲେ । ଭଉଣୀମାନେ ମିଛ କହୁଛନ୍ତି ଭାବି ସେହି ସ୍ଥାନ ପରିଦର୍ଶନ କରିବାକୁ ଗଲେ । ସେହି ସ୍ଥାନରେ ବାର ଖଣ୍ଡି ମାଣ୍ଡିଆ ଖଣ୍ଡକୁ ଶିଳାରେ ଘଷିଲା ପରେ ମଧ୍ୟ ଆଉ ଗୁଣ୍ଡ ହେଲା ନାହିଁ । କନ୍ଧ ଭୁରୁକ ତାର ପରାକ୍ରମ ଦେଖାଇବାକୁ ଯାଇ କୁରାଢ଼ି ଚୋଟରେ ଶିଳ ସ୍ତମ୍ଭକୁ ଫଟାଇବାକୁ ଲାଗିଲା । ସଙ୍ଗେ ସଙ୍ଗେ ଭୟଙ୍କର ଶବ୍ଦ ହୋଇ ଚତୁର୍ଦ୍ଦିଗ ଅନ୍ଧକାରମୟ ହୋଇଗଲା । ଉପସ୍ଥିତ କନ୍ଧବଂଶଧର ମାନେ ଭୟ ଏବଂ ବିସ୍ମୟରେ ଅଭିଭୂତ ହୋଇଗଲେ । ସଙ୍ଗେସଙ୍ଗେ ସେହି ଶିଳାରୁ ଏକ ଉଜ୍ଜ୍ୱଳ ଜ୍ୟୋତି ପ୍ରକାଶ ପାଇଲା ଏବଂ ଶୂନ୍ୟ ବାଣୀ ହେଲା, 'ରେ ଭୁରୁକ୍ ତୁ ମୋର ଶିଳାକୁ ନେଇ ହରଶଙ୍କର ମହାଦେବଙ୍କ ନିକଟରେ ସ୍ଥାପନ କର । ମୁଁ ହେଉଛି ଭୈରବ ଦେବତା । ମୁଁ ମହାଦେବଙ୍କ ଦ୍ୱାରପାଳ ହୋଇ ଯୁଗେ ଯୁଗେ ଶିବଙ୍କ ଭଳି ପୂଜା ପାଇବି' । ଶ୍ରୀ ନୃସିଂହ ଚରିତରେ କବି ଯୁଗଦାସ ଏହି ବିଷୟରେ ଲେଖିଛନ୍ତି:—

ଭଇରବେ ଦେବତା ପାଇଁ ମନ୍ଦିରକ ଭୁଲାଇଲେ ।
ଦୁଇଖଣ୍ଡି ଘିଅ ଯେ ତହିଁରେ ହୋମ କଲେ ।
ଭଇରବ ଦେବତାଙ୍କୁ ଈଶ୍ୱର ଭୁଲେ ପୂଜା,
ଶୁକ ମୁନି ବୋଇଲେ ପରୀକ୍ଷ ମୋହାରାଜା । (୧୪୯୩)

Digitized by PPRACHIN, SOA

ଭୈରବ ଦେବତା ପୁଣି କହିଲେ, 'ରେ ଭୁରୁକଆ, ମୁଁ ତୋର ତପସ୍ୟାରେ ପ୍ରସନ୍ନ ହୋଇଛି, କ ବର ମାଗୁଛୁ ମାଗ ।' ଭୁରୁକଆ କ ବର ମାଗିବ କଛି ଠିକ୍ କର ପାରଲା ନାହିଁ । ଶେଷରେ ବର ମାଗିଲା—

ଭୁରକ ବୋଇଲା ମୁହିଁ ମାଗିବଇଁ ଶୁଣ
ସର୍ବଦା ଧନକୁ ଥାଉ ମାଡ଼ିଆ ଘଷା ଚିହ୍ନ । (୧୪୮୫)
(ଶ୍ରୀ ନୃସିଂହ ଚରିତ)

କଥ କଥ ଯୁଗଦାସଙ୍କର ମାଣ୍ଡି ଆଘଷା ପଥର ବର୍ତ୍ତମାନ ହରିଶଙ୍କର ଜଗମୋହନର ଦକ୍ଷପାର୍ଶ୍ୱରେ ଏକ ଅନୁଚ୍ଚ ମନ୍ଦିରରେ ରଖାଯାଇ ପୂଜା ପାଉଛନ୍ତି । ଏହି ମଣ୍ଡି ଆଘଷା ଚିହ୍ନଥିବା ଶିଳା ଖଣ୍ଡ ମନ୍ଦିରର ମଧ୍ୟଭାଗରେ ପୋତା ହୋଇ, ଢେଙ୍କିର ଭରଣ୍ଡି ପରି ଦିଶୁଛି । ସମ୍ଭବତଃ ପରବର୍ତ୍ତୀ କାଳରେ ଘରର ମେଜିଆ ମରାମତି ସମୟରେ ଉଚ୍ଚ ହୋଇଯିବାରୁ ସେ ସ୍ଥାନଟି ଢେଁପର ଦିଶୁଛି । ସେହି ପଥର ହିଁ ଆଦିବାସୀମାନଙ୍କର ଭୈରବ । ପରବର୍ତ୍ତୀ କାଳରେ ଭୈରବଙ୍କ ପଛପଟେ ଭୈରବୀ ମୂର୍ତ୍ତି ସ୍ଥାପନ କରାଯାଇଛି । ମୂର୍ତ୍ତିଟି ଗୋଟିଏ ଛିଟ କପଡ଼ା ପିନ୍ଧିଛନ୍ତି ଏବଂ ତାଙ୍କୁ ରୁପାର ଆଖି ପିନ୍ଧାଇ ଦିଆଯାଇଥିବାରୁ ମୂର୍ତ୍ତିଟି ପରିଷ୍କାର କିଛି ଦିଶୁନାହିଁ । [ଚିତ୍ର] ଭୈରବୀଙ୍କର ଦୁଇ ପଟେ ଦୁଇଟି ମାତୃକା ମୂର୍ତ୍ତି ସ୍ଥାପନ କରାଯାଇଛି ।

ଦକ୍ଷ କଡ଼ରେ ଥିବା ମୂର୍ତ୍ତିଟି ଦ୍ୱିଭୁଜ ବିଶିଷ୍ଟ, ବାମ ହାତ ଝୁଲି ରହିଛି, ଏବଂ ଦକ୍ଷିଣ ହସ୍ତଟି ବରଦ ମୁଦ୍ରା । ଭୈରବୀଙ୍କର ବାମ ଭାଗରେ ଥିବା ମୂର୍ତ୍ତିଟି ଦ୍ୱିଭୁଜ ବିଶିଷ୍ଟ । ଦୁଇ ହସ୍ତରେ ଗୋଟିଏ ଛୁରିକା ଧରିଛନ୍ତି । ମୁଖ୍ୟ ମନ୍ଦିରର ବାମ ପାଖ କାନ୍ଥରେ ଏକ ଠଣାରେ ଭୈରବ ମୂର୍ତ୍ତି ସ୍ଥାପନ କରାଯାଇଛି ।

ଭୈରବ ମୂର୍ତ୍ତିଟି ଅତି ପ୍ରାଚୀନ । ଏହି ମୂର୍ତ୍ତିଟି ଗୋଟିଏ ଶିଳାରେ ନିର୍ମିତ । ଶିଳାର ଦୁଇ କଡ଼ରେ ଏକ ଶିଳାଲିପି ପାଲି ଅକ୍ଷରରେ ଲେଖା ହୋଇଛି । ଅକ୍ଷର ଗୁଡ଼ିକ ସ୍ପଷ୍ଟ ପଢ଼ି ହେଉ ନାହିଁ । ମୂର୍ତ୍ତିଟି ଦ୍ୱିଭୁଜ । ଦୁଇ ହସ୍ତରେ ଗୋଟିଏ ଖଣ୍ଡାକୁ ଓଲଟାଇ ଧରିଛନ୍ତି । ମୁହିଁଟି ଦକ୍ଷପଟକୁ ବଙ୍କାଇ ରଖିଛନ୍ତି । ଏହିପରି ଏକ ମୂର୍ତ୍ତି ରତ୍ନଗିରିର ବୌଦ୍ଧ ସ୍ତୂପରୁ ମିଳିଥିଲା । ମୂର୍ତ୍ତିଟି ଦ୍ୱିଭୁଜ ବିଶିଷ୍ଟ ; ସେ

Digitized by PPRACHIN, SOA

ଉପବେସନ କରିଛନ୍ତି । ଦକ୍ଷହସ୍ତରେ ଗୋଟିଏ ଛୁରିକା ଏବଂ ବାମ ହସ୍ତରେ ପାନ ପାତ୍ର ଧରିଛନ୍ତି । ତାଙ୍କୁ ବୁଦ୍ଧଙ୍କ ପରବର୍ତ୍ତୀ କାଳରେ ଭୈରବ ଭାବେ ପୂଜା କରାଯାଉଥିଲା ।

ପୁରାଣରେ ଭୈରବ :

ହରଶଙ୍କର ପୀଠରେ ଭୈରବ ଉପାସନା ପୂର୍ବାପୂର୍ବ ତାନ୍ତ୍ରିକ ଭାବଧାରାରୁ ଆସିଛି । ଉପନିଷଦ ଓ ପୁରାଣ ଯୁଗରେ ଦେବୀ ସର୍ବଶକ୍ତିମୟୀ, ସୃଷ୍ଟି ଓ ସଂହାରକାରିଣୀ ରୂପେ ପୂଜିତା ହେଲେ । ପୁରାଣବର୍ଣ୍ଣିତ ଶକ୍ତି ତତ୍ତ୍ୱ, ତନ୍ତ୍ରତତ୍ତ୍ୱ ଏବଂ ମୂର୍ତ୍ତିତତ୍ତ୍ୱ ଅନୁଯାୟୀ ଦେବୀଙ୍କର ଅସଂଖ୍ୟ ରୂପ ପରିକଳ୍ପିତ ହେଲା । ଉପନିଷଦ ବର୍ଣ୍ଣିତ ମାର୍କଣ୍ଡେୟ ପୁରାଣରେ ସମସ୍ତ ଦେବତାଙ୍କ ପୁଞ୍ଜୀଭୂତ ଶକ୍ତିରେ ମହିଷାସୁରକୁ ମର୍ଦ୍ଦନ କରିବା ନିମନ୍ତେ ଜଗଜ୍ଜନନୀ ମା ଦୁର୍ଗା ରୂପରେ ଆବିର୍ଭୂତା ହେଲେ । ସର୍ବଶକ୍ତିମୟୀ ଦୁର୍ଗାଙ୍କୁ ସପ୍ତମାତୃକା, ଦଶମହାବିଦ୍ୟା, ନବକୋଟି, କାତ୍ୟାୟନୀ, ଚଉଷଠି ଯୋଗିନୀ ମହାଦେବୀଙ୍କ ଏକ ଏକ ଅଂଶ ବିଶେଷ ବୋଲି କଳ୍ପନା କରାଯାଇଛି । ଶାକ୍ତ ପୀଠ ଗୁଡ଼ିକର ଉଦ୍ଭବ ସହିତ କୌଣସି ପୌରାଣିକ ଆଖ୍ୟାନ ଆଙ୍ଗାଙ୍ଗୀ ଭାବେ ଜଡ଼ିତ ।

ଏହି ପୌରାଣିକ ଆଖ୍ୟାନ ଅନୁଯାୟୀ ଦକ୍ଷଯଜ୍ଞର କାହାଣୀ ବର୍ଣ୍ଣିତ । ପତି ନିନ୍ଦା ଶ୍ରବଣରେ ଶିବପତ୍ନୀ ସତୀ ଦେହ ତ୍ୟାଗ କରିଥିଲେ । ଶୋକ ବିହ୍ୱଳ ଶିବ ସତୀଙ୍କର ମୃତ ଦେହକୁ ସ୍କନ୍ଧରେ ବହନ କରି ମହା-ଦେବ ଉନ୍ମାଦ ସଦୃଶ ନୃତ୍ୟ କରି ସାରା ବିଶ୍ୱ ପରିକ୍ରମା କଲେ । ଏଣୁ ସାରା ବିଶ୍ୱରେ ପ୍ରଳୟର ସୂଚନା ମିଳିଲା । ଦେବତାମାନେ ଆତଙ୍କିତ ହୋଇ ଏହାର ପ୍ରତିକାର ବ୍ୟବସ୍ଥା ପାଇଁ ପ୍ରାର୍ଥନା କଲେ । ଦେବଗଣଙ୍କ ପ୍ରାର୍ଥନା ଅନୁସାରେ ଶିବଙ୍କୁ ସ୍ୱ କର୍ତ୍ତବ୍ୟ ପାଳନ ବିଷୟରେ ଅବହିତ କରାଇବା ନିମିତ୍ତ ଭଗବାନ ବିଷ୍ଣୁ ସୁଦର୍ଶନ ଚକ୍ରଦ୍ୱାରା ସେହି ମୃତ ଦେହକୁ ଖଣ୍ଡ ଖଣ୍ଡ କରି ଦେଲେ । ସତୀଙ୍କ ଖଣ୍ଡିତ ଦେହାଂଶଗୁଡ଼ିକ ଯେଉଁ ଯେଉଁ ସ୍ଥାନରେ ପଡ଼ିଥିଲା, ସେହି ସେହି ସ୍ଥାନ ଶାକ୍ତ ପୀଠ ରୂପେ ପରିଣତ ହେଲା । ପ୍ରତି ପୀଠରେ ଦେବୀଙ୍କ ସହିତ ଭୈରବ ବିରାଜମାନ କଲେ । ସେହି ଶାକ୍ତ ପୀଠରେ ଶକ୍ତି ସହିତ ଭୈରବ ଉପାସନା ପ୍ରସାର

Digitized by PPRACHIN, SOA

ଲାଭ କଲା । ଶିବପୂଜା ପୂର୍ବରୁ ଭୈରବ ପୂଜା ବିଧେୟ । ଏହା ସୋନପୁର ନିକଟସ୍ଥ ପଶ୍ଚିମ ସୋମନାଥ ମନ୍ଦିରର ଏକ ତାମ୍ର ଫଳକରୁ ଜଣାଯାଏ ।

'ତୀକ୍ଷ୍ଣ ଦଂଷ୍ଟ୍ରୋ ମହାକାୟ କଲ୍ପାନ୍ତ ଦହନୋପମମ୍
ଭୈରବାୟ ନମସ୍ତୁଭ୍ୟଂ ମନୋଜ୍ଞା ଦାତ ମହର୍ଷି ।'

ମନ୍ଦିର ବେଢ଼ା ମଧ୍ୟରେ ଦକ୍ଷିଣମୁଖୀ ହନୁମାନ ଓ ପଶ୍ଚିମାଭିମୁଖୀ ଭୈରବ ଅଧିଷ୍ଠିତ ହୋଇଛନ୍ତି । ✻

ହରଶଙ୍କର ପୀଠରେ ଭୈରବ ଉପାସନା ସେହି ଶାକ୍ତ ପଦ୍ଧତିର ଏକ ଅଂଶ ବିଶେଷ । ଏଠାରେ ଯେ ସପ୍ତମାତୃକାଙ୍କର ବିଶେଷ ପୂଜା ପ୍ରଚଳିତ ହେଉଥିଲା, ଏହା ଉପରୋକ୍ତ ଭୁରୁଙ୍ଗ କନ୍ଦର ଦୁହିତା 'ସାତ ଭଉଣୀ' ଉପାଖ୍ୟାନରୁ ଜଣାଯାଏ । ଏହି 'ସାତ ଭଉଣୀ ଯେ 'ସପ୍ତମାତୃକା' ଏହା କହିବା ବାହୁଲ୍ୟ ମାତ୍ର ।

ଏହି ସପ୍ତମାତୃକା ପରବର୍ତ୍ତୀ ପରିଚ୍ଛେଦରେ ବିଶେଷଭାବେ ଆଲୋଚନା କରାଯାଇଛି । ଏଠାରେ ଭୈରବୀ ଉପାସନା ଓ ହରଶଙ୍କର ନାମ ଅପର ପାର୍ଶ୍ୱରେ ବିନ୍ଧ୍ୟବାସିନୀ ଦୁର୍ଗାଙ୍କର ଉପାସନା ପ୍ରଚଳିତ ଅଛି । ଶାକ୍ତମାନଙ୍କ ମତରେ ଦୁର୍ଗା ହିଁ ଈଶ୍ୱରଙ୍କ ଶକ୍ତି ଶିବପତ୍ନୀ । ତେଣୁ ତାଙ୍କର ପୂଜା ଆସ୍ଥାନଗୁଡ଼ିକ ପୀଠ ଅଟେ । ଏହି ଶାକ୍ତ ପୀଠଗୁଡ଼ିକରେ ଶକ୍ତିଙ୍କର ଅବୟବର ରକ୍ଷାକାରୀ ରୂପେ ଶିବ ଭୈରବ ମୂର୍ତ୍ତି ଧାରଣ କରି ଅଧିଷ୍ଠିତ ହୋଇଥିଲେ । ତେଣୁ ପ୍ରତ୍ୟେକ ଶାକ୍ତ ପୀଠରେ ଭୈରବଙ୍କର ଆସ୍ଥାନ ଓ ଶକ୍ତି ପୂଜା ସହିତ ଭୈରବରୂପୀ ଶିବ ପୂଜା ପ୍ରଚଳିତ ଥିବାର ଦେଖାଯାଏ । ତେଣୁ କବି କବି ଯୁଗଦାସ କହିଥିବା 'ଭଇରବ ଦେବତାକୁ ଈଶ୍ୱର ଭୁଲେ ପୂଜା' ଆଲୋଚନାର ପ୍ରୟୋଗାତ୍ମକ ଭିତ୍ତି ।

କାଳ ଭୈରବ :—ବହୁ ପୂର୍ବରୁ ମାର୍ଗଶିର ମାସର ପ୍ରଥମ ଅଷ୍ଟମୀ ଦିନ ଶ୍ରୀ କାଳଭୈରବଙ୍କ ପୂଜା ଆରାଧନା ପ୍ରଚଳିତ ଥିଲା । ଏହି ପ୍ରଥମାଷ୍ଟମୀ ତିଥିରେ କାଳଭୈରବଙ୍କ ପୂଜା କରିବାଦ୍ୱାରା ଲୋକମାନେ ସର୍ବ ପାପରୁ ମୁକ୍ତ ହେଉଥିବାରୁ ଉକ୍ତ ଅଷ୍ଟମୀକୁ ପାପନାଶିନୀ ଅଷ୍ଟମୀ ମଧ୍ୟ କହନ୍ତି । ବର୍ତ୍ତମାନ ଏହି ପୂଜା ପ୍ରାୟ ଲୁପ୍ତ ହୋଇ ଗଲାଣି । କାଶିଖଣ୍ଡରେ

✻ କାହାଣୀ ଓ କମ୍ବଦନ୍ତୀ—ଶ୍ରୀ ଭଗୀରଥ ନେପାକ ।

Digitized by PPRACHIN, SOA

ଉଲ୍ଲେଖ ଅଛି, ମାର୍ଗଶିର ମାସ କୃଷ୍ଣ ପକ୍ଷ ଅଷ୍ଟମୀ ତିଥିରେ କାଳ ଭୈରବଙ୍କ ନିକଟରେ ବ୍ରତ ଉପବାସ ଓ ଜାଗର ପ୍ରଭୃତି ସମ୍ପାଦନ କଲେ ପ୍ରାଣୀମାନେ ସର୍ବ ପାପରୁ ବିମୁକ୍ତ ହୁଅନ୍ତି ।

ମାର୍ଗଶୀର୍ଷାସିତାଷ୍ଟମ୍ୟାଂ କାଳ ଭୈରବ ସନ୍ନିଧୌ
ଉପଷ୍ୟ ଜାଗରଂ କୁର୍ବନ୍ ସର୍ବ ପାପୈଃ ପ୍ରମୁଚ୍ୟତେ ॥

'ଶିବ ରହସ୍ୟ'ର ଉଲ୍ଲେଖ ଅନୁସାରେ ବ୍ରହ୍ମାଙ୍କଦ୍ୱାରା ଅବମାନିତ ଶିବଙ୍କ କ୍ରୋଧ ପ୍ରଳୟ ସଙ୍କାଶ କାଳ ଭୈରବ ମାର୍ଗଶିର କୃଷ୍ଣ ପକ୍ଷ ଅଷ୍ଟମୀ ଦିନ ସୂର୍ଯ୍ୟଙ୍କର ମଧ୍ୟାହ୍ନ ଗତ ସମୟରେ ଜନ୍ମ ନେଲେ ଓ ପୃଥିବୀକୁ ଖିତରିସ୍ତ କରିଥିଲେ ।

'ତଦୋଗ୍ର ରୂପାଦନଧାନ୍ନତଃ ଶ୍ରୀ କାଳ ଭୈରବଃ
ଆବିରା ସୀତ୍ତଦାଲ୍ଲୋକାନ୍ ଖିଷୟନ୍ନଖିଳାନପି ॥'

ଓଡ଼ିଶାରେ ପୂର୍ବରୁ ବହୁ ସ୍ଥାନରେ ଭୈରବ ଓ ଭୈରବୀଙ୍କ ପୂଜା ଅନୁଷ୍ଠିତ ହେଉଥିଲା । ଭୈରବଙ୍କ ଶକ୍ତିଙ୍କର ନାମ ବଜ୍ରବରାହୀ । ଏବେ ମଧ୍ୟ ବହୁ ସ୍ଥାନରେ ବରାହୀ ଦେବୀ ପୂଜା ପାଉଛନ୍ତି ।

ଶ୍ରୀକ୍ଷେତ୍ରରେ ଭୈରବ :—ଅତ୍ୟନ୍ତ ପ୍ରାଚୀନ କାଳରୁ ଶବର ସଂସ୍କୃତିର ଦେବତା 'ଶିବ' ପରବର୍ତ୍ତୀ କାଳରେ 'ମହାଦେବ' ନାମରେ ପୂଜିତ ହେଉଛନ୍ତି । ବେଦର ଇନ୍ଦ୍ର, ସୂର୍ଯ୍ୟ, ବରୁଣ ଆଦି ଦେବତାଙ୍କ ଭିନ୍ନ ଆଗମ ଶାସ୍ତ୍ରମାନଙ୍କରେ ଭୈରବ, ଭୈରବୀମାନଙ୍କର ବିଷୟ ବର୍ଣ୍ଣନା କରାଯାଇଛି । ଏହାର ପ୍ରମାଣ ମହାପୀଠ ନିରୂପଣମ୍ ଓ ଦେବୀ ଭାଗବତରେ ରହିଛି—

'ଉତ୍କଳେ ନାଭିଦେଶଶ୍ଚ ବିରଜାକ୍ଷେତ୍ରମୁଚ୍ୟତେ
ବିମଳା ସା ମହାଦେବୀ ଜଗନ୍ନାଥସ୍ତୁ ଭୈରବଃ ॥'

ତନ୍ତ୍ର ମତରେ ଜଗନ୍ନାଥ ପୀଠ ହ୍ରୀଁ ଶ୍ରୀଚକ୍ର ଉପରେ ସ୍ଥାପିତ ହୋଇଛି । ଏଣୁ ଏହି ଚକ୍ରକୁ ଭୈରବୀ ଚକ୍ର ବୋଲି କୁହାଯାଇଛି ।

'ପ୍ରବୃତ୍ତେ ଭୈରବୀ ଚକ୍ରେ ସର୍ବେ ବର୍ଣ୍ଣାଃ ଦ୍ୱିଜାତୟଃ ।
ନିବୃତ୍ତେ ଭୈରବୀ ଚକ୍ରେ ସର୍ବେ ବର୍ଣ୍ଣାଃ ପୃଥକ୍ ପୃଥକ୍ ।'

Digitized by PPRACHIN, SOA

ତେଣୁ ଏହି କ୍ଷେତ୍ରରେ ଜାତିଭେଦ ନାହିଁ ବୋଲି କୁଳାର୍ଣ୍ଣବ ତନ୍ତ୍ର ପୂର୍ଣ୍ଣଭାବରେ ସ୍ୱୀକାର କରନ୍ତି ।

ଶ୍ରୀ ମନ୍ଦିର ସମ୍ପର୍କିତ ପ୍ରାଚୀନ ଉଲ୍ଲେଖରୁ ଜଣାପଡ଼େ ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଗୋଟିଏ ଭୈରବ ମୂର୍ତ୍ତି * ଶ୍ରୀ ଜଗନ୍ନାଥଙ୍କର ରତ୍ନବେଦୀ ଉପରେ ପୂଜିତ ହେଉଥିଲେ ମାତ୍ର ଊନବିଂଶ ଶତାବ୍ଦୀ ଆରମ୍ଭରେ ଜଗନ୍ନାଥଙ୍କର ବ୍ରହ୍ମଚାରୀ ବା ବୈଷ୍ଣବ ସେବକମାନେ ସେହି ଭୈରବ ମୂର୍ତ୍ତିକୁ କାଢ଼ି ଫିଙ୍ଗି ଦେଇଥିଲେ । ଭୈରବଙ୍କର ସେହି ପରିତ୍ୟକ୍ତ ମୂର୍ତ୍ତି ପରବର୍ତ୍ତୀ କାଳରେ ବେଢ଼ା ଭୈରବରେ ପରିଣତ ହୋଇଛନ୍ତି । ଶ୍ରୀମନ୍ଦିରରେ ବୌଦ୍ଧ, ଶୈବ ତାନ୍ତ୍ରିକ ପ୍ରଭାବକୁ ଲୋକଲୋଚନରୁ ଊର୍ଦ୍ଧ୍ୱ ରଖିବା ପାଇଁ ବେଢ଼ା ଭୈରବଙ୍କୁ କୁତାମଚଣ୍ଡିଙ୍କ ପାଖରେ ରଖାଯାଇଛି । ଶ୍ରୀ ଜଗନ୍ନାଥ ବୈଷ୍ଣବ ଧର୍ମର ପରମ ଇଷ୍ଟଦେବ ରୂପେ ପରିଣତ ହୋଇଛନ୍ତି ସତ୍ୟ, ମାତ୍ର ତାଙ୍କର ଅଭିବ୍ୟକ୍ତିରେ ବୌଦ୍ଧ-ଶୈବ-ତାନ୍ତ୍ରିକ ପରମ୍ପରାଟି ଯେପରି ଊର୍ଦ୍ଧ୍ୱ ରହି ଅଛି, ଶ୍ରୀମନ୍ଦିରର ବେଢ଼ା ଭୈରବ ତାହାର ସାକ୍ଷ୍ୟ ବହନ କରିଥାନ୍ତି ।

'ପୀଠ' ନିର୍ଣ୍ଣୟ ଗ୍ରନ୍ଥରେ ଉଲ୍ଲେଖ ଅଛି ସତୀଙ୍କର ନାଭି ଯାଜପୁରର ବିରଜା କ୍ଷେତ୍ରରେ ପଡ଼ିଥିଲା । ସେଠାରେ ଭୈରବ ହେଉଛନ୍ତି 'ଜୟ' ଓ ଦେବୀ ହେଉଛନ୍ତି 'ବିଜୟା'—

'ବିଜୟା ସା ମହାଦେବୀ ଜୟନାମାତୁ ଭୈରବାଃ
ବିଜୟା ଲୋକକେ ଖ୍ୟାତା ନାଭିମେ ଜୟ ଭୈରବଃ ।'

ଅନ୍ୟାନ୍ୟ ପୀଠରେ ଭୈରବ ମୂର୍ତ୍ତି:

ପୁରୀ ଜିଲ୍ଲାର ବାଣପୁରରେ ଭଗବତୀଙ୍କ ନିକଟରେ ଗୋଟିଏ ମୂର୍ତ୍ତି ଦୃଷ୍ଟିଗୋଚର ହୁଏ, ସେ ମୂର୍ତ୍ତିଟି ଗୋଟିଏ ଘୋଡ଼ା ଉପରେ ଲଗାମ ଓ ଛୁରିକା ଧରି ବସିଥିବା ଏକ ମୂର୍ତ୍ତି । ତାହାକୁ ଭୈରବ ମୂର୍ତ୍ତି ବୋଲି ଚିହ୍ନଟ କରାଯାଇଛି । ଝଙ୍କଡ଼ର ସାରଳା ଓ ଭୁବନେଶ୍ୱର ଗ୍ରାମ ମଧ୍ୟରେ କ୍ଷୀଣେଶ୍ୱର ମହାଦେବଙ୍କ ନିକଟରେ ଗୋଟିଏ ଭୈରବ ମୂର୍ତ୍ତି ଦେଖିବାକୁ ମିଳେ ।

* । ଭୈରବ ଜଗନ୍ନାଥ—ଶ୍ରୀ ସୁରେନ୍ଦ୍ର ମହାନ୍ତି, 'ଶ୍ରୀମନ୍ଦିର—ଜୁଲାଇ ୧୯୮୪

Digitized by PPRACHIN, SOA

ଭୈରବ ଶବଉପରେ ଦଣ୍ଡାୟମାନ । ସେ ଚତୁର୍ଭୁଜ । ତାଙ୍କ ଦକ୍ଷ·କର ଦ୍ୱୟରେ ଖଡ୍ଗ ଓ ପଦ୍ମଫୁଲ ; ବାମକର ଯୁଗଳରେ ନର·କପାଳର ପାନ ପାତ୍ର ଓ ଛିନ୍ନଶିର ରହିଛି । ଗଳ ଦେଶରେ ଲମ୍ବିଛି ନରମୁଣ୍ଡ ମାଳ; କର୍ଣ୍ଣରେ ତାଙ୍କର କୁଣ୍ଡଳ ରହିଛି ଏବଂ ସେ ଉଲଗ୍ନ ମୂର୍ତ୍ତି । ଭୁବନେଶ୍ୱର ବୈତାଳ ମନ୍ଦିରରେ ଦୁଇଟି ଭୈରବ ମୂର୍ତ୍ତି ଅତ୍ୟନ୍ତ ଭୟଙ୍କର । ମୁଖ୍ୟ ମନ୍ଦିରର ଦକ୍ଷିଣ ପଟ କାନ୍ଥରେ ଥିବା ମୂର୍ତ୍ତିଟି ଅସ୍ଥି କଙ୍କାଳସାର, ମୁଣ୍ଡଟି ମଣିଷ ଖପୁରି ପରି, କୋଟରଗତ ଆଖି, ମଣିଷ ମୁଣ୍ଡମାଳ ପିନ୍ଧିଛନ୍ତି । ବାମହାତରେ ଖପୁରି ମଧ୍ୟରୁ ଅଗ୍ନି ଶିଖା ବାହାରିଲା ପରି ଦିଶୁଛି । ଦକ୍ଷହସ୍ତରେ ଏକ ଛୁରିକା ଧାରଣ କରିଛନ୍ତି । ଦକ୍ଷିଣପଟ ଭିତର କାନ୍ଥରେ ଏକ ଭୈରବ ମୂର୍ତ୍ତି ଶବ ଉପରେ ଆସୀନ । ମୂର୍ତ୍ତିଟି ଚତୁର୍ଭୁଜ । ବାମ ହସ୍ତରେ ଏକ ତ୍ରିଶୂଳ ଧରିଛନ୍ତି । ତ୍ରିଶୂଳର ଅଗ୍ରଭାଗରେ ଗୋଟିଏ ଶବ ଲାଖି ରହି ଝୁଲୁଛି ।

ମହାକାଳ:

ରତ୍ନଗିରି ବ୍ରାହ୍ମଣୀ ଓ ବିରୁପା ନଦୀକୂଳରେ ଅବସ୍ଥିତ । ମନ୍ଦିର ମଧ୍ୟରେ ଅବସ୍ଥାନ କରିଥିବା ମହାକାଳ ମୂର୍ତ୍ତି ଅଦ୍ୟାପି ଲୋକମାନଙ୍କଦ୍ୱାରା ପୂଜା ପାଉଛନ୍ତି । ମହାକାଳ ମୂର୍ତ୍ତି ଦ୍ୱିଭୁଜ । ସେ ଉପବେସନ କରିଛନ୍ତି । ଡାହାଣ ହାତରେ ଏକ ଛୁରିକା ଏବଂ ବାମ ହାତରେ ଏକ ପାନ ପାତ୍ର ଧାରଣ କରିଛନ୍ତି । ଏହିଭଳି ମୂର୍ତ୍ତି ଅନ୍ୟତ୍ର ପ୍ରାୟ ପରିଦୃଷ୍ଟ ହୁଏ ନାହିଁ । କେତେକ କହିଥାନ୍ତି ତାହା ବୁଦ୍ଧଙ୍କ ମୂର୍ତ୍ତି । ପରବର୍ତ୍ତୀ କାଳରେ ବୁଦ୍ଧ ତନ୍ତ୍ରର ଭୈରବ ଭାବେ ଆରାଧିତ ହୋଇଥିଲେ । ତାଙ୍କର ମଧ୍ୟ କାନ ଦୁଇଟି ଲମ୍ବା, ଠିକ୍ ବୁଦ୍ଧଙ୍କ କାନ ଭଳି । ଭାରତ ବାହାରେ ମହାକାଳ ବା ଭୈରବ ମୂର୍ତ୍ତି ବୋର୍ଣ୍ଣିଓ ଓ ସୁମାତ୍ରା ଦ୍ୱୀପରେ ମିଳିଛି ।

ଏକ ପାଦ ଭୈରବ ମୂର୍ତ୍ତି:

ସାରଳା ମହାଭାରତର ଆଦି ପର୍ବରେ କହିଛନ୍ତି—

'ଭଇରବେ ରୂପ ଧରିଣ ପାଞ୍ଚଲୁ ମହାଖଳା
ଏକ ଚରଣ ଚତୁର୍ଭୁଜ ତିନି ବଦନ ଛଡ଼ ଡୋଳା ।'

Digitized by PPRACHIN, SOA

ଛଳେଶ୍ବର, ଭୁବନେଶ୍ବର, ଶିଶିରେଶ୍ବର ଓ ଅନନ୍ତବାସୁଦେବ ମନ୍ଧରରେ ଏହି ମୂର୍ତ୍ତି ଦେଖିବାକୁ ମିଳେ । ଏହିପରି ଏକ ମୂର୍ତ୍ତି ଭୁବନେଶ୍ବରର ଅନତି ଦୂର ହୀରାପୁରର ଚଉଷଠୀ ଯୋଗିନୀ ମନ୍ଧରରେ ଦେଖିବାକୁ ମିଳେ । ଏହିପରି ଏକପାଦ ଭୈରବ (ଶିବ) ବୈଦେଶ୍ବର ଦୁର୍ଗା ମନ୍ଧର, ଆନ୍ଧ୍ର ର ମୁଖଲିଙ୍ଗଠାରେ, ମଧୁକେଶ୍ବର ମନ୍ଧରର ମୁଖଶାଳା ଠାଣା ମଧ୍ୟରେ, ମାର୍କଣ୍ଡେଶ୍ବର, ସିଦ୍ଧନାଥ, ପାଇକ ପଡ଼ାର ପାତାଳେଶ୍ବର ଯୋଗମୁଣ୍ଡାର ମଲ୍ଲିକେଶ୍ବର ମନ୍ଧରରେ ଦେଖାଯାଏ ।



Digitized by PPRACHIN, SOA

ଷଷ୍ଠ ପରିଚ୍ଛେଦ

ଭୈରବୀ ଯାତ୍ରା ବା ବଳି ପୂଜା

ଓଡ଼ିଶୀ ସଂସ୍କୃତି କହିଲେ ଏହି ଓଡ଼ିଶା ଭୂମିରେ ଆର୍ଯ୍ୟ, ଦ୍ରାବିଡ଼ ଓ ଆଦିବାସୀ ଗୋଷ୍ଠୀର ମିଳନ ଫଳରେ ଯେଉଁ ସ୍ୱତନ୍ତ୍ର ସଂସ୍କୃତିର ବିକାଶ ଘଟିଛି ତାହାହିଁ ବୁଝାଏ । ଓଡ଼ିଶାର ସମୁଦାୟ ଜନସଂଖ୍ୟାର ପ୍ରାୟ ଏକ ଚତୁର୍ଥାଂଶ ଆଦିବାସୀ । ଏହି ହରିଶଙ୍କର କ୍ଷେତ୍ରରେ ଯେତେ ପର୍ବପର୍ବାଣି ଯାନିଯାତ୍ରା ପ୍ରଚଳିତ ତା' ଉପରେ ଆଦିବାସୀ ସଂସ୍କୃତିର ପ୍ରଭାବ ଯଥେଷ୍ଟ ଅନୁଭୂତ ହୁଏ । ଅବଶ୍ୟ ଏହି ସଂସ୍କୃତି ଆର୍ଯ୍ୟ ହିନ୍ଦୁ ସଂସ୍କୃତିଦ୍ୱାରା ପରି-ମାର୍ଜିତ ହୋଇଥିଲେ ମଧ୍ୟ ତାର ଆର୍ଯ୍ୟେତର ପୃଷ୍ଠଭୂମିକୁ ଆପାସୋରି ରଖିଛି । ହରିଶଙ୍କରରେ ଯେତେ ପର୍ବପର୍ବାଣି ପାଳିତ ହେଉଛି ତା' ମଧ୍ୟରୁ ମହାଳୟାଠାରୁ ଦୁର୍ଗା ଦଶହରା ପର୍ଯ୍ୟନ୍ତ ଭୈରବୀ ଯାତ୍ରା ବା ବଳି ପୂଜା ଏକ ମୁଖ୍ୟ ପୂଜା ରୂପେ ପାଳିତ ହେଉଛି ।

ସାଧାରଣତଃ ବଳିପୂଜା କନ୍ଧମାନଙ୍କର ବିଶେଷ ପର୍ବ । ହରିଶଙ୍କର ନିକଟସ୍ଥ ନାନ୍ଦୁପାଲି, ଡାମ୍ଫିପଦର, ଭୁର୍ଲା, ନୂଆପାଲି ଛଞ୍ଚାଣବାହାଲି ଓ କୁଠୁଲି ଗ୍ରାମମାନଙ୍କର କନ୍ଧ ପରିବାରମାନେ ଏଥିରେ ବିଶେଷ ଭାଗ ନିଅନ୍ତି । ନାନ୍ଦୁପାଲି ଗ୍ରାମରେ ଗୋଟିଏ ଦେବତା 'ଗୁଡ଼ି' ଅଛି । ସେଠାରେ ତ୍ରିଶୂଳ ଓ ଖଣ୍ଡା ପୂଜା ପାଉଛନ୍ତି । ଏହି ପୂଜାପାଇଁ ସେହିଠାରେ ସ୍ୱତନ୍ତ୍ର ବରୁଆ ବା କାଳସୀ ପୁରୁଷ ଅଛନ୍ତି । ବରୁଆ ମହାଳୟା ଅମାବାସ୍ୟା ଦିନ ଉପବାସ ରହିଥାଏ । କାଳସୀ ଗୁଡ଼ିରେ ପୂଜା ଅର୍ଚ୍ଚନା ହୁଏ । ସେହି ସମୟରେ ହରିଶଙ୍କର ସ୍ଥିତ ଭୈରବୀ ବରୁଆ ଦେହରେ ବିରାଜମାନ କରନ୍ତି । ବାଦ୍ୟଯନ୍ତ୍ର ବାଜିଉଠେ ଏବଂ ଆବାହନୀ ଗୀତ ବୋଲାଯାଏ । ବରୁଆଙ୍କୁ ବେଶ କରି ଢୋଲ, ମହୁରି, ନିଶାନ ଓ ତାସାର ତାଳେ ତାଳେ

Digitized by PPRACHIN, SOA

ତାଣ୍ଡବ ନୃତ୍ୟ କରି ଗାଁ ଦାଣ୍ଡରେ ଶୋଭାଯାତ୍ରା କରି ହରିଶଙ୍କରସ୍ଥିତ ଝରଣାର ଅପର ପାର୍ଶ୍ୱରେ ଥିବା ବିନ୍ଧ୍ୟବାସିନୀଙ୍କ ପୀଠକୁ ଆସନ୍ତି । ସେଠାରେ ନବମୀ ପର୍ଯ୍ୟନ୍ତ ଯାତ୍ରା ହୁଏ ।

ଦୁର୍ଗା ନବମୀ ଦିନ ହରିଶଙ୍କର ନିକଟସ୍ଥ ଭୁର୍ଲା ଗୋଟିଏ ଗ୍ରାମ । ସେ ଗ୍ରାମଟି ପୂର୍ବେ ପାଟଣାରାଜାଙ୍କର ଖମାର ଥିଲା । ଏଠାରେ ଉଲ୍ଲେଖ-ଯୋଗ୍ୟ ଯେ ଏହି ଗ୍ରାମରୁ ବଳି ନ ଆସିବା ପର୍ଯ୍ୟନ୍ତ ଭୈରବୀଙ୍କ ନିକଟରେ (ବିନ୍ଧ୍ୟବାସିନୀ ଗୁଡ଼ିରେ) ବଳି ପଡ଼ି ପାରେ ନାହିଁ । ତେଣୁ ବଳିକୁ ଫୁଲ ମାଳରେ ସଜାଇ ଥାଟ ପଟୁଆର ସହକାରେ ଭୁର୍ଲା ଗ୍ରାମରୁ ବାହାର କରାଯାଏ । ଢୋଲ, ନିଶାନ, ମହୁରୀ ଓ ତାସାର ଗୁରୁଗର୍ଜନ ସ୍ୱରର ତାଳେ ତାଳେ ନୃତ୍ୟ କରି ଶୋଭାଯାତ୍ରାରେ ଆସି ହରିଶଙ୍କର ଝରଣାର ଅପର ପାର୍ଶ୍ୱରେ ପହଞ୍ଚନ୍ତି । ମହାନବମୀ ତିଥିରେ ପ୍ରଥମେ ଭୁର୍ଲାର ବଳି ପଡ଼ିବା ପରେ ଅନ୍ୟାନ୍ୟ ସ୍ଥାନରୁ ଆସିଥିବା ବଳି ପଡ଼େ । ବଳି ପୂଜା ପରେ ଶହ ଶହ ଛାଗ ମେଷାଦି ବଳି ପଡ଼େ । ସମୟ ସମୟରେ ମହିଷ ବଳି ପଡ଼େ ।

ବିନ୍ଧ୍ୟବାସିନୀ ଗୁଡ଼ିରେ ଯେଉଁ ଦେବତାଙ୍କୁ ବିନ୍ଧ୍ୟବାସିନୀ ଦୁର୍ଗାରୂପେ ପୂଜା କରୁଛନ୍ତି, ସେ ପ୍ରକୃତରେ ବିନ୍ଧ୍ୟବାସିନୀ ଦୁର୍ଗା ନୁହନ୍ତି । ହରିଶଙ୍କର ନିକଟରେ ପୂର୍ବରୁ ଏକ ବିଷ୍ଣୁ (ହରି)ଙ୍କ ମନ୍ଦିର ଥିବା ଅନୁମାନ କରାଯାଏ । ଏଠାରେ ମୁଖ୍ୟ ମୂର୍ତ୍ତି ବିଷ୍ଣୁ ତାଙ୍କର ଚତୁର୍ଭୁଜରୁ ଦୁଇଟି ଭୁଜ ଭାଙ୍ଗି ଯାଇଛି । ବର୍ତ୍ତମାନ ଦୁଇଟି ଭୁଜ ବିଦ୍ୟମାନ । ତାଙ୍କର ଦକ୍ଷ ପଟର ନିମ୍ନରେ ଗରୁଡ଼ ସ୍ତୁତି କରୁଛି । ମୂର୍ତ୍ତିଟିର ନାକ ଓ ବର୍ତ୍ତମାନ ବିଦ୍ୟମାନ ଭୁଜର କିଛି ଅଂଶ ଭାଙ୍ଗିଯାଇଥିଲା ; କୌଣସି ସହୃଦୟ ବ୍ୟକ୍ତି ସିମେଣ୍ଟରେ ମରାମତି କରିଛନ୍ତି । କିନ୍ତୁ ତାହା ଠିକ୍ ଭାବେ ହୋଇ ନାହିଁ । ବର୍ତ୍ତମାନ ମୂର୍ତ୍ତିଟି ବିନ୍ଧ୍ୟବାସିନୀ ଦୁର୍ଗା ଭାବରେ ପୂଜା ପାଉଛନ୍ତି ଏବଂ ତାଙ୍କର ସମ୍ମୁଖରେ ବଳି ପଡ଼ୁଛି ।

ସେହି ଗୁଡ଼ିରେ ତିନିଗୋଟି ପଥର ରଖାଯାଇଛି, ଯେ କି ତାନ୍ତ୍ରିକ ଭୈରବୀଙ୍କର ଚଳନ୍ତି ପ୍ରତିମା ବୋଲି ପୂଜା ପାଉଛନ୍ତି । ହରିଶଙ୍କର ମନ୍ଦିରରେ ଆମିଷ ଭୋଗ ଲାଗେ ନାହିଁ । ଭୈରବ ଓ ଭୈରବୀଙ୍କ ମନ୍ଦିର ହରିଶଙ୍କର ମନ୍ଦିରର ସଂଲଗ୍ନ ହୋଇଥିବାରୁ ଝରଣାର ଏପଟରେ ଆମିଷ,

Digitized by PPRACHIN, SOA

ଭୋଗ ନିଷିଦ୍ଧ । ତେଣୁ ଭୈରବୀଙ୍କର ପଞ୍ଚ-ମ-କାରର ପୂଜା ପାଇଁ ମନ୍ତ୍ର, ଶୃଙ୍ଖଳ ନିଆ ହୋଇ ଝରଣା ଅପର ପାର୍ଶ୍ୱସ୍ଥ ବିନ୍ଧ୍ୟବାସିନୀ ଗୁଡ଼ିରେ ଥିବା ପଥରରେ ରଖା ହୋଇ ପୂଜା ହୁଏ ।

ବିନ୍ଧ୍ୟବାସିନୀ ଗୁଡ଼ି ନିକଟରେ ଏକ କାଠର ଝୁଲି (ଦୋଳି) ଦେଖିବାକୁ ମିଳେ । ତଳେ ରହିଥିବା କାଠର ପଟା ଯେଉଁଠାରେ ଲୁହୁରା (କମାର) ତିଆରି କରିଥିବା ଛଅ ଇଞ୍ଚ ଲମ୍ବ କଣ୍ଟା ଧାଡ଼ି ଧାଡ଼ି ହୋଇ ରହିଥିବାର ଦେଖାଯାଏ । କଣ୍ଟାଗୁଡ଼ିକର ମୁନ ତୀକ୍ଷ୍ଣ ଥାଏ । ପୂର୍ବରୁ ବର୍ଣ୍ଣିତ ବରୁଆ, ଯିଏ ମହାଲକ୍ଷ୍ମୀଠାରୁ ଆସି ସେଠାରେ ପୂଜା କରୁଥାନ୍ତି, ସିଏ ପ୍ରଥମେ ସେହି କଣ୍ଟା ଉପରେ ବସନ୍ତି । ସେତେବେଳେ ଢୋଲ, ନିଶାନ, ମହୁରି, ତାସାର ଗୁରୁଗମ୍ଭୀର ଗର୍ଜନରେ ବରୁଆ ଦେହରେ ଦେବତା ପ୍ରବେଶ କରିଥାନ୍ତି । ସେହି ଦୋଳିରେ କଣ୍ଟା ଉପରେ ବସିଥିବା ବରୁଆ ଉପରେ ଭୈରବୀ ମନ୍ଦିରର ପୂଜାରୀ ବସନ୍ତି ଏବଂ ତା ଉପରକୁ ଉପର ଆଉ ଛଅ ଜଣ ଲୋକ ବସନ୍ତି ।

ବରୁଆ ଉପରେ ପୂଜାରୀ ସମେତ ସାତ ଜଣ ବସିଲେ ମଧ୍ୟ ବରୁଆ ଦେହରେ ବିଶେଷ କ୍ଷତ ହୁଏ ନାହିଁ । ଯଦି କିଛି ସାମାନ୍ୟ କ୍ଷତ ହୁଏ ତାହାକୁ ଜଙ୍ଗଲର ଚେର ପତ୍ର ଦେଇ ଭଲ କରନ୍ତି ଏବଂ ଦୁଇ ତିନି ଦିନରେ କ୍ଷତ ଶୁଖିଯାଏ ।

ଦୁର୍ଗା ଦଶମୀ ଦିନ ସମସ୍ତ ପୂଜା ସରିଲା ପରେ ପୁଣି ଗ୍ରାମ ପରିଭ୍ରମଣରେ ବାହାରନ୍ତି । ଦଶହରା ଦିନ ବରୁଆ ଫେରିଲା ବେଳେ ପୁଣି ଢୋଲ, ନିଶାନ, ମହୁରି ବାଦ୍ୟ ଗର୍ଜି ଉଠେ । ବରୁଆ ଘରେ ଘରେ ପୂଜା ପାଏ ଏବଂ ଗୃହସ୍ଥମାନଙ୍କର ମନସ୍କାମନା ପୂର୍ଣ୍ଣ ହେବା ସକାଶେ ବର ଦିଏ । ବରୁଆ ପୁଣି ନାନ୍ଦୁପଲ୍ଲୀର ଗୁଡ଼ିକୁ ଫେରିଯାଏ ।

Digitized by PPRACHIN, SOA

ସପ୍ତମ ପରିଚ୍ଛେଦ

ହରିଶଙ୍କର ଅଞ୍ଚଳର କିମ୍ବଦନ୍ତୀରେ ତନ୍ତ୍ରର ପ୍ରଭାବ

ଯୁଦ୍ଧ କ୍ଷେତ୍ରରେ ତନ୍ତ୍ରର ପ୍ରଭାବ .

ହରିଶଙ୍କର ନିକଟସ୍ଥ ପାଟଣାଗଡ଼ ପୂର୍ବେ ପାଟଣା ରାଜ୍ୟର ରାଜଧାନୀ ଥିଲା । ବଜ୍ରରାଜଦେବ ଖ୍ରୀ: ୧୩୮୫ ରୁ ଖ୍ରୀ: ୧୪୧୦ ପର୍ଯ୍ୟନ୍ତ ସେଠାରେ ରାଜ୍ୟ ଶାସନ କରୁଥିଲେ । ରମେଇ ଦେବ ତାଙ୍କର ପ୍ରପିତାମହ ଥିଲେ । ସେ ଜଣେ ପ୍ରତାପୀ ରାଜା ଥିଲେ । ତାଙ୍କ ସମୟରେ ପାଟଣାର ଚୌହାନ ରାଜ୍ୟ ଗାଙ୍ଗପୁର, ବଣେଇ, ବୌଦ୍ଧ, ଖେମେଣ୍ଡି, ନନ୍ଦପୁର ଓ ବସ୍ତର ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା । ତାଙ୍କର ବସ୍ତର ରାଜ୍ୟ ଜୟ କରିବା ବିଷୟରେ ଗୋଟିଏ କିମ୍ବଦନ୍ତୀ ଅଛି ।

ବଜ୍ରରାଜ ଦେଓଙ୍କର ଗୋଟିଏ ରୂପବତୀ ଓ ଗୁଣବତୀ କନ୍ୟା ଥିଲା । ମହାରାଜା ଝିଅକୁ ପୁଅମାନଙ୍କଠାରୁ ଅଧିକ ସ୍ନେହ କରୁଥିଲେ । ରାଜକନ୍ୟାର ରୂପ ଦେଖିଲେ ରତି ଟଳି ପଡ଼ିବ ଓ ଗୁଣ ଦେଖିଲେ ଦେବତାମାନେ ମୁଗ୍ଧ ହୋଇଯିବେ । କେତେକ ରାଜ୍ୟରୁ ପ୍ରସ୍ତାବମାନ ଆସିଲା ; କିନ୍ତୁ ରାଜାଙ୍କ ମନକୁ ପ୍ରସ୍ତାବ ପାଇଲା ନାହିଁ । ବସ୍ତର ରାଜ୍ୟର ଯୁବରାଜଙ୍କ ରୂପ ଓ ଗୁଣର ଭୂୟସୀ ପ୍ରଶଂସା ଶୁଣି ବିଧିବଦ୍ଧ ପ୍ରସ୍ତାବ ରାଜ ପୁରୋହିତ ନେଇ ଗଲେ ଏବଂ ବଜ୍ରରାଜ ତାଙ୍କର କନ୍ୟାକୁ ବସ୍ତର ଯୁବରାଜଙ୍କ ହସ୍ତରେ ଅର୍ପଣ କରିବାକୁ ମନସ୍ଥ କଲେ ।

ରାଜପୁରୋହିତଙ୍କଠାରୁ ପ୍ରସ୍ତାବଟି ଶୁଣି ବସ୍ତର ରାଜା ଖୁସି ହୋଇ ଗଲେ । ସେ ଆଗରୁ ବଜ୍ର ଦେଓଙ୍କ ରାଜ୍ୟ ବିସ୍ତାରର ବୃତ୍ତାନ୍ତ ଶୁଣିଥିଲେ ।

Digitized by PPRACHIN, SOA

ତାଙ୍କର ଦୃଢ଼ ଧାରଣା ଥିଲା ବଜ୍ରଦେଓ 'ରମେଇ ଖଣ୍ଡା' ଧରି ଯୁଦ୍ଧ କରୁଥିବାରୁ ତାଙ୍କୁ କେହି ଯୁଦ୍ଧରେ ପରାସ୍ତ କରିପାରୁ ନ ଥିଲେ ; ତେଣୁ ପାଟଣା ରାଜ୍ୟ ଥିଲା ଅଜେୟ । 'ରମେଇ ଖଣ୍ଡା' ଥିଲା ଏକ ମହାନ ଶକ୍ତିଶାଳୀ ଅସ୍ତ୍ର ; ସେଥିରେ ଚନ୍ଦ୍ରଦେବୀଙ୍କର ଆଶୀର୍ବାଦ ଥିଲା ତେଣୁ ବସ୍ତରରାଜା ପୁରୋହିତଙ୍କ ହସ୍ତରେ ପ୍ରସ୍ତାବ ଦେଲେ, ପାଟଣା ରାଜା ଯଦି 'ରମେଇ ଖଣ୍ଡା' ବସ୍ତରକୁ ଉପହାର ଦେବେ, ତା' ହେଲେ ଏ ବିଭାଘର ହେବ ।

ପାଟଣା ମହାରାଜା ଏହି ସର୍ତ୍ତରେ ରାଜି ହେଲେ ନାହିଁ । 'ରମେଇ ଖଣ୍ଡା' ହେଉଛି ପାଟଣାର ଶକ୍ତି ଓ ଗୌରବ ; ତାହାକୁ କିଏ ବା ହସ୍ତାନ୍ତର କରିବାକୁ ରାଜି ହେବ ! କିନ୍ତୁ ଏହି ସମ୍ବାଦ ରାଜକୁମାରୀଙ୍କୁ ଅକାଳରେ ବଜ୍ର ପଡ଼ିଲା ପରି ଲାଗିଲା । କାରଣ ସେ ପ୍ରସ୍ତାବ ପଢ଼ିବା ଦିନଠାରୁ ରାଜପୁତ୍ରଙ୍କ ରୂପ ଗୁଣର ପ୍ରଶଂସା ଶୁଣିଲା ପରେ ତାଙ୍କୁ ପତି ପଦରେ ମନେ ମନେ ବରଣ କରିଥିଲେ । ରାଜକୁମାରୀ ପ୍ରତିଜ୍ଞା କରିଥିଲେ ବସ୍ତର ଯୁବରାଜଙ୍କ ବ୍ୟତୀତ ସେ ଅନ୍ୟ କାହାରିକୁ ବିବାହ କରିବେ ନାହିଁ । ଏହି ବିଷୟ ପାଟଣାର ମହାରାଣୀ ବଜ୍ରଦେଓଙ୍କୁ ଜଣାଇଲେ ଏବଂ 'ରମେଇ ଖଣ୍ଡା' ଦେଇଦେବା ପାଇଁ ଅନୁରୋଧ କଲେ । କିନ୍ତୁ ମହାରାଜା ଅନୁରୋଧକୁ ପ୍ରତ୍ୟାଖ୍ୟାନ କଲେ । ରାଜାଙ୍କ ଜିଦ୍ ଶୁଣି ରାଜଜେମା ପ୍ରାଣ ବିସର୍ଜନ କରି ଦେବାକୁ ସ୍ଥିର କଲେ । ଏହି କଥା ଶୁଣି ମହାରାଣୀ ସଦାସର୍ବଦା କାନ୍ଦିଲେ । ଶେଷରେ ବଜ୍ରରାଜ 'ରମେଇ ଖଣ୍ଡା' ଉପହାର ଦେବାକୁ ସ୍ଥିର କଲେ । ବିବାହର ଆୟୋଜନ ଚାଲିଲା । ବସ୍ତର ଯୁବରାଜ ଲକ୍ଷେ ଦୀପ ଧରି, ନାନା ରଙ୍ଗର ପତାକା ମଶାଲ ଧରି ହରିଶଙ୍କରରୁ ଥାଟ ପଟୁଆର ବାହାର କରି ପାଟଣା ରାଜନଗର ପର୍ଯ୍ୟନ୍ତ ମହାସମାରୋହରେ ଆସିଲେ ଏବଂ ପ୍ରଜାମାନଙ୍କର ଆନନ୍ଦ ଉଲ୍ଲାସ ମଧ୍ୟରେ ବିବାହ ଉତ୍ସବ ସମାପିତ ହେଲା ।

ରାଜକୁମାରୀ ବିଦା ହେଲେ ଏକ ସ୍ୱତନ୍ତ୍ର ବିମାନରେ ଏବଂ 'ରମେଇ ଖଣ୍ଡା' ରହିଲା ଅନ୍ୟ ଏକ ସ୍ୱତନ୍ତ୍ର ବିମାନରେ । ହାତୀ ପିଠିରେ ବିମାନ ଗୁଡ଼ିକ ରହିଥାଏ । ବସ୍ତରରେ ପହଞ୍ଚିବା ପରେ ବସ୍ତର ରାଜା ପୁଅବୋହୂଙ୍କୁ ପାଛୋଟି ନେଲେ । ରାଜା ପ୍ରଥମେ 'ରମେଇ ଖଣ୍ଡା'କୁ ଆଣିବାକୁ ହାତ ବଢ଼ାଇଲେ ; ହଠାତ୍ ଖଣ୍ଡା ବଦଳରେ ଗୋଟିଏ ନାଗସାପ ଫଣା ଟେକି ଠିଆ ହେଲା । ବସ୍ତର ରାଜା ଭାବିଲେ ଏହା ନିଶ୍ଚିତ ପାଟଣା ରାଜାଙ୍କର ଚକ୍ରାନ୍ତ ; ତା' ନ ହେଲେ ବିମାନ ଭିତରେ ନାଗସାପ ଆସିଲା କେଉଁଠୁ ?

Digitized by PPRACHIN, SOA

ବସ୍ତର ରାଜା ରାଜଜେମାଙ୍କୁ ବହୁତ ଅପମାନ ଦେଲେ ଏବଂ ନାନା ନର୍ଯାତନା ଦେଲେ । ପାଟଣା ମହାରାଜାଙ୍କ ନାମରେ କୁକୁର ପୋଷିଲେ । ଏ ଖବର ପାଟଣାରେ ପହଞ୍ଚିବା ମାତ୍ରେ ମହାରାଜା କୋପରେ ଗର୍ଜି ଉଠିଲେ ଏବଂ ବସ୍ତର ବିରୁଦ୍ଧରେ ଯୁଦ୍ଧ କଲେ । ବସ୍ତର ସୀମାନ୍ତ ଅଞ୍ଚଳରେ ଯୁଦ୍ଧ ହେଲା । ପ୍ରଥମେ ଯୁଦ୍ଧରେ ହାର ବସ୍ତରର ସୈନ୍ୟମାନେ ପଛକୁ ହଟି ଗଲେ । ପାଟଣାର ସୈନ୍ୟମାନେ ପଶ୍ଚାଦ୍ଧାବନ କଲେ । ବସ୍ତର ରାଜଧାନୀ ଚକ୍ରକୋଟ ଯାଏଁ ସେମାନେ ଖେଦି ଗଲେ । ସେଠାରେ ପ୍ରଚଣ୍ଡ ଲଢ଼େଇ ହେଲା ଏବଂ ଦ୍ୱିତୀୟ ଥର ପାଇଁ ମଧ୍ୟ ବସ୍ତର ପରାଜୟ ସ୍ୱୀକାର କଲା । ବସ୍ତରର ସୈନ୍ୟମାନେ ଦୁର୍ଗ ଭିତରେ ମାସ ମାସ ଧରି ଅବରୁଦ୍ଧ ହୋଇ ରହିଲେ । ପାଟଣାର ସୈନ୍ୟମାନେ ଭିତରେ ପଶିବା ପାଇଁ ଯେତେ ଚେଷ୍ଟା କଲେ ପାରିଲେ ନାହିଁ । ଏହିପରି ମାସ ମାସ ଜଗି ରହିଲେ ।

ଦୁର୍ଗ ଚାରିପଟେ ସୈନ୍ୟମାନେ ଘେରି ରହିଥିଲେ । ତେଣୁ ବସ୍ତର ରାଜା କିଛି ଉପାୟ ପାଇଲେ ନାହିଁ । ସେମାନଙ୍କର ରସଦ ଧୀରେ ଧୀରେ କମି ଆସୁଥାଏ । ଖାଦ୍ୟ ପଦାର୍ଥ ଶେଷ ହେଲେ ମୃତ୍ୟୁ ନିଶ୍ଚିତ ଭାବି ରାଜା ଗଡ଼ଦେବୀ 'ଦନ୍ତେଶ୍ୱରୀ'ଙ୍କୁ ମନେ ମନେ ଡାକିଲେ—'ମା ! ଏ ବିପଦରୁ ରକ୍ଷା କର !' ଦନ୍ତେଶ୍ୱରୀ ରାଜାଙ୍କ ଡାକ ଶୁଣିଲେ ଏବଂ ପରଦିନ ଗୋଟିଏ ସ୍ତ୍ରୀ ଲୋକ ବେଶ ଧରି ପାଟଣା ସୈନ୍ୟଙ୍କ ଗହଣରେ ଫଳ ବିକିଲେ । ମିଠା ଫଳ ଯିଏ ଖାଇଲା ସେ ମଲା । ପ୍ରତିଦିନ ବେଶ ବଦଳାଇ ଦନ୍ତେଶ୍ୱରୀ ଏହି ପରି କରୁଥାନ୍ତି । ପାଟଣା ସୈନ୍ୟମାନେ ଚିହ୍ନି ପାରୁ ନ ଥାନ୍ତି । ଅନେକ ସୈନ୍ୟ ବୃଥାରେ ମଲେ । ଏହା ଦେଖି ସେନାପତିଙ୍କ ମନରେ ସନ୍ଦେହ ଜନ୍ମିଲା । ସେ ଏହି ରହସ୍ୟ ଉଦ୍‌ଘାଟନ ପାଇଁ ଚେଷ୍ଟା ଚଳାଇଲେ । ଦନ୍ତେଶ୍ୱରୀଙ୍କ ମାୟାବେଶ ଜଣା ପଡ଼ିଗଲା ।

ସେନାପତି ଦନ୍ତେଶ୍ୱରୀଙ୍କୁ ସନ୍ତୁଷ୍ଟ କଲେ । ଭୋଗରାଗ ଦେଲେ, ପୂଜା ଉପାସନା କଲେ । ଦେବୀ ସେନାପତିଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ତାଙ୍କୁ ଦେଖା ଦେଲେ ଏବଂ କହିଲେ, 'ବତ୍ସ ! ମୁଁ ତୋର ପୂଜାରେ ପ୍ରୀତ ହୋଇଛି । କିନ୍ତୁ ବସ୍ତର ରାଜା ହାଣ ଖାଇଲେ ମୋର ପୂଜା କରିବ କିଏ ?'

Digitized by PPRACHIN, SOA

ଏକଥା ସେନାପତି ବଜ୍ରରାଜଙ୍କୁ ଜଣାଇଲେ । ବଜ୍ରରାଜ ଦେଓ କହିଲେ ପାଟ୍ଟେଶ୍ୱରୀଙ୍କ ପୂଜା ମୁଁ କରିବ । ପାଟଣାଗଡ଼ ଛଡ଼ା ଅନ୍ୟ ସବୁଠି ଦେବୀ 'ବସ୍ତ୍ରେନ' ନାମରେ ପୂଜା ପାଇବେ । ସେ ସେନାପତିଙ୍କୁ ସ୍ୱପ୍ନରେ ଆଦେଶ ଦେଲେ—ଆସନ୍ତା କାଲି ସକାଳେ ଗଡ଼ ଭିତରକୁ ପ୍ରବେଶ କର । ଗଡ଼ର ସବୁ ଦ୍ୱାର ବନ୍ଦ ଥିବ, ତୁମେ ଅପେକ୍ଷା କରିଥିବ, ଜଣେ ଗର୍ଭବତୀ ସ୍ତ୍ରୀ ଦ୍ୱାର ଖୋଲି ଆସିବ, ତୁମ୍ଭେମାନେ ସେହି ବାଟ ଦେଇ ଭିତରକୁ ପଶି ଯିବ ।

ପ୍ରଭାତ ହେବା ମାତ୍ରେ ସତକୁ ସତ ଜଣେ ସ୍ତ୍ରୀ ଲୋକ ଗଡ଼ଦ୍ୱାର ଖୋଲି ବାହାରକୁ ବାହାରି ଆସିଲା । ପାଟଣାର ସୈନ୍ୟମାନେ ସେହି ବାଟେ ଦୁର୍ଗ ଭିତରକୁ ପଶିଗଲେ ଏବଂ ବସ୍ତ୍ରଈ ରଜାଙ୍କୁ ଯୁଦ୍ଧରେ ପରାସ୍ତ କରି ନିହତ କଲେ । 'ରମେଇ ଖଣ୍ଡା'କୁ ପୁଣି ପାଟଣା ରାଜ୍ୟକୁ ଫେରାଇ ଆଣିଲେ । ଏହି କିମ୍ବଦନ୍ତୀ ମୂଳରେ ପୂର୍ବପୂରି ତାନ୍ତ୍ରିକ ଭାବଧାରା ନିହିତ । ଏହା ହରିଶଙ୍କର ଅଞ୍ଚଳରୁ ପ୍ରଚଳିତ କିମ୍ବଦନ୍ତୀରୁ ପ୍ରମାଣ ମିଳେ । ଦେବୀ ପାଟଣାଗଡ଼ ସବ୍‌ଡିଭିଜନ୍‌ର ଜଯ୍ପୁରରେ 'ବସ୍ତ୍ରେନ ଚଣ୍ଡୀ ଦେବତା' ଏବଂ ଟିଟିଲାଗଡ଼ ସବ୍‌ଡିଭିଜନର ଜେସିଲ ଠାରେ 'ବସ୍ତ୍ରେନ ଦେବତା' ଏବଂ ଟିଟିଲାଗଡ଼ ଠାରେ 'ବସ୍ତ୍ରେନ ମୌଳୀ ଦେବୀ' ରୂପେ ପୂଜା ପାଉଛନ୍ତି ।

ରାଣୀ ପଦ୍ମାବତୀ :

ହରିଶଙ୍କର ଅଞ୍ଚଳର ଅନ୍ୟ ଏକ କିମ୍ବଦନ୍ତୀରୁ ଜଣାଯାଏ ଯେ, ପୂର୍ବରୁ କୋଶଳ ଦେଶରେ ଜଣେ ମହାର ବଂଶୀୟ ରଜା ଶାସନ କରୁଥିଲେ । ତାଙ୍କର ରାଣୀଙ୍କ ନାମ ପଦୁଆଁବତୀ । ରାଜା ଓ ରାଣୀ ଦୁହେଁ ଅନେକ ତନ୍ତ୍ରବିଦ୍ୟା ସାଧନ କରି ସିଦ୍ଧି ଅର୍ଜନ କରିଥିଲେ । ରାଣୀ ପଦୁଆଁବତୀ ବିଦ୍ୟା ବଳରେ ପଦ୍ମପତ୍ର ଉପରେ ଚାଲି ପାରୁଥିଲେ । ପଦ୍ମପତ୍ର ଉପରେ ଚାଲି ଚାଲି ସେ ସରୋବର ମଧ୍ୟରୁ ପ୍ରତିଦିନ ନିର୍ମଳ ଜଳ ଆଣୁଥିଲେ ; ହେଲେ ତାଙ୍କ ପାଦରେ ପାଣି ଲାଗୁ ନ ଥିଲା ।

ମାହାର ରାଜା ଅତି ପ୍ରଜାବତ୍ସଳ ଥିଲେ । ସେ ନିଜେ କୁଲା, ଡାଲା, ବାଉଁଶିଆ ବୁଣି ନିଜର ଜୀବିକା ଉପାର୍ଜନ କରୁଥିଲେ । ବିଳାସ ବ୍ୟସନ ପ୍ରତି କିମ୍ବା ଧନରତ୍ନ ପ୍ରତି ତାଙ୍କର ଲୋଭ ବା ଆଗ୍ରହ ନ ଥିଲା ।

Digitized by PPRACHIN, SOA

ସେଥି ପାଇଁ ପ୍ରଜାମାନଙ୍କଠାରୁ କୌଣସି କର ନେଉ ନ ଥିଲେ । ରଜା ହୋଇ ମଧ୍ୟ ସୈନ୍ୟସାମନ୍ତ ନ ଥିଲେ । ଏହାର ସୁଯୋଗ ନେଇ ପଡ଼ୋଶୀ ରାଜାମାନେ ମାହାର ରାଜାଙ୍କ ରାଜ୍ୟ ଆକ୍ରମଣ କରିବାକୁ ରାଜ୍ୟ ସୀମାରେ ସୈନ୍ୟ ଠୁଳ କଲେ । ଏହା ଦେଖି ପ୍ରଜାମାନେ ମାହାର ରାଜାଙ୍କୁ ସମସ୍ତ ବୃତ୍ତାନ୍ତ ଜଣାଇଲେ । ଏହି ବିପତ୍ତିରୁ କିପରି ରକ୍ଷା ମିଳିବ ସମସ୍ତେ ବ୍ୟତିବ୍ୟସ୍ତ ହୋଇପଡ଼ିଲେ ।

ମାହାର ରାଜା ମନ୍ତ୍ର ବଳରେ ଅସାଧ୍ୟ ସାଧନ କରି ପାରୁଥିଲେ । ତେଣୁ ସେ ଏହି ଖବର ପାଇ ମଧ୍ୟ ଟିକିଏ ବିଚଳିତ ହେଲେ ନାହିଁ । ସେ କେତେଗୁଡ଼ିଏ ଶୁଖିଲା କାଠି ସଂଗ୍ରହ କରି ମନ୍ତ୍ର ପାଠ କଲେ । ପ୍ରଜାମାନେ ମାହାର ରାଜାଙ୍କୁ ବେଢ଼ି ବସିଥାନ୍ତି । ଗୋଟିଏ ତୀକ୍ଷ୍ଣ କଟୁରୀ ସାହାଯ୍ୟରେ କାଠିଗୁଡ଼ିକୁ କାଟିପକାଇଲେ । ପ୍ରଜାମାନଙ୍କୁ କହିଲେ, ଯେଉଁ ଶତ୍ରୁ ସୈନ୍ୟମାନେ ମାହାର ରାଜ୍ୟ ସୀମା ଅତିକ୍ରମ କରିଛନ୍ତି ସେମାନେ ସମସ୍ତେ ଶେଷ ହୋଇଛନ୍ତି । ରାଜାଙ୍କ କଥା ଶୁଣି ପ୍ରଜାମାନେ ଦେଖନ୍ତି ତ ସତକୁ ସତ ଶତ୍ରୁ ସୈନ୍ୟମାନେ ମରି ଶୋଇଛନ୍ତି ଏବଂ ଶତ୍ରୁ ରାଜାମାନେ ସ୍ୱ ରାଜ୍ୟକୁ ବାହୁଡ଼ି ଯାଉଛନ୍ତି ।

ପ୍ରଜାମାନେ ସମସ୍ତେ ମାହାର ରାଜାଙ୍କୁ ବାହା-ବା କଲେ । ହେଲେ ସେମାନେ ଆପତ୍ତି କଲେ, ମହାରାଜ ! ସେନାବାହିନୀ ନ ଥାଇ ରାଜ୍ୟ ନାହିଁ । ଏହି ରାଜ୍ୟ ରକ୍ଷା ପାଇଁ ସୈନ୍ୟବାହିନୀ ନିତାନ୍ତ ଦରକାର । ସେଥିପାଇଁ ପ୍ରଜାମାନେ କର ସ୍ୱରୂପ ଏକ ଏକ କଉଡ଼ି ଦେବେ ; କାହାରିକୁ ବାଧିବ ନାହିଁ, ସୈନ୍ୟମାନେ ସୁରୁଖୁରୁରେ ବେତନ ପାଇ-ପାରିବେ । ପ୍ରଜାମାନଙ୍କ କଥା ରଜା କାଟି ପାରିଲେ ନାହିଁ । ତେଣୁ ଗୋଟିଏ ଗୋଟିଏ ବେଙ୍ଗି କଉଡ଼ି ଆଦାୟ ହେବା ପାଇଁ ସ୍ଥିର ହେଲା ; କିନ୍ତୁ ପ୍ରଜାମାନେ ଅତି ଆନନ୍ଦରେ ବେଙ୍ଗି କଉଡ଼ି ପରିବର୍ତ୍ତେ ଗୋଟିଏ ଗୋଟିଏ ସୁନା କଉଡ଼ି ଦେଲେ । ସ୍ତୂପ ସ୍ତୂପ ସୁନା କଉଡ଼ିରେ ରାଜକୋଷ ପୂର୍ଣ୍ଣ ହୋଇଗଲା ।

ପ୍ରତି ଦିନ ପରି ତହିଁ ଆର ଦିନ ସକାଳୁ ରାଣୀ ପଦୁଆଁ ବନ୍ଧ ପଦ୍ମ ପତ୍ରରେ ପାଦ ଦେବା ମାତ୍ରେ ଗୋଟିଏ ପତ୍ର ଅଧା ବୁଡ଼ିଗଲା । ସେ

ପାଣି ନ ଆଣି ନଅରକୁ ଫେରି ଆସିଲେ । ରାଜାଙ୍କୁ ସମସ୍ତ ବିଷୟ ବର୍ଣ୍ଣନା କରି ରାଜା କିଛି ଅନ୍ୟାୟ କରିଛନ୍ତି ବୋଲି ଦର୍ଶାଇଲେ ।

ରାଜା ଆଶ୍ଚର୍ଯ୍ୟ ହୋଇଗଲେ । କହିଲେ, "ମୁଁ ତ କିଛି ଅନ୍ୟାୟ କରି ନାହିଁ ; ମାତ୍ର ସୈନ୍ୟସାମନ୍ତ ନିଯୁକ୍ତି ଲାଗି କଉଡ଼ିଟିଏ ଲେଖାଏଁ ଆଦାୟ କରୁଛି ।"

ରାଣୀଙ୍କ ମନରେ ସନ୍ଦେହ ହେଲା । ରାଣୀ କହିଲେ, "ଏଥିପାଇଁ ମନ୍ତ୍ର କାଟୁ କଲା ନାହିଁ । ସୈନ୍ୟସାମନ୍ତ ଆମର କ'ଣ ଦରକାର ? ଶତ୍ରୁଙ୍କ ମୁକାବିଲା ତ ରାଜା ଏକାକୀ କରିପାରୁଛନ୍ତି । ପ୍ରଜାଙ୍କ ଅର୍ଥରେ ବିନା କାମରେ ଏତେ ଲୋକ କାହିଁକି ବସି ଖାଇବେ ? ଅଳସୁଆ ହୋଇ କିଛି କାମ ମଧ୍ୟ କରିପାରିବେ ନାହିଁ । ତେଣୁ ପ୍ରଜାମାନଙ୍କ କଉଡ଼ି ଫେରାଇ ଦିଅ । ଆମର ମନ୍ତ୍ର ପୁଣି କାଟୁ କରିବ ।"

ସତକୁ ସତ ରାଜା କଉଡ଼ି ଫେରାଇ ଦେବାରୁ ରାଣୀ ପଦୁଆଁ ବଣି ପୂର୍ବପରି ପଦ୍ମପତ୍ର ଉପରେ ଖୁସିରେ ଚାଲିପାରିଲେ । ତେଣୁ ରାଣୀ ପଦୁଆଁ ବଣି ମନ୍ତ୍ରସିଦ୍ଧ ବୋଲି ଚାରିଆଡ଼େ ପ୍ରସାରିତ ହୋଇଗଲା । ବର୍ତ୍ତମାନ ହରଶଙ୍କର ସନ୍ନିକଟ ମାହାରବାହାଲ ଗ୍ରାମକୁ ଦେଖିଲେ ପୂର୍ବରି ସ୍ମୃତି ମନେପଡ଼େ । ସାପୁଆ କେଳାମାନେ ଏହି ପଦୁଆଁ ବଣି ରାଣୀଙ୍କ ଗୁଣ ଗାନ କରି ବର୍ତ୍ତମାନ ମଧ୍ୟ ସାପ ଖେଳାଇଥାନ୍ତି—

ରାଣୀ ଯେ ରାଣୀ ପଦୁଆଁ ବଣି ରାଣୀ
ଚାଲିଲେ ପାଦରେ ନ ଲାଗେ ପାଣି । ଇତ୍ୟାଦି···

ସିଦ୍ଧ ନାରୀ—ନତେଇ ଧୋବଣୀ :

ପୂର୍ବେ କୋଶଳ ଦେଶରେ କାଉଁରୀପାଟଣା ତନ୍ତ୍ରକ୍ଷେତ୍ର ଭାବରେ ପ୍ରସିଦ୍ଧି ଲାଭ କରିଥିଲା । ବର୍ତ୍ତମାନ ଗୁଣିଗାରେଡ଼ି ଝଡ଼ାଫୁଙ୍କା ବିଷୟରେ ସମସ୍ତେ ପ୍ରାୟ ଅବଗତ ଅଛନ୍ତି । ଗୁଣିଆମାନେ ସାପ ବିଷ ନଷ୍ଟ କରିବା ଏବଂ ରୋଗ ଭଲ କଲାବେଳେ ଯେଉଁ ଝଡ଼ାଫୁଙ୍କା ମନ୍ତ୍ର ବୋଲନ୍ତି, ସେଇ ମନ୍ତ୍ରରେ ସାତ ଜଣ ସିଦ୍ଧନାରୀଙ୍କ ନାମ ସ୍ମରଣ କରାଯାଏ । ସେଇ ସାତ ଜଣ ସିଦ୍ଧନାରୀ ଏହି ପାଟଣା ରାଜ୍ୟର ଅଧିବାସୀ । ସେମାନେ ହେଲେ— ଜ୍ଞାନଦେଇ ମାଳୁଣୀ, ସୁକୁଟୀ ଚମାରୁଣୀ, କୋଟାଇମା ଉଦବଣ୍ଡଲୁଣୀ ବା

Digitized by PPRACHIN, SOA

ପଦ୍ମବନ୍ଧା ସହରୁଣୀ, ନେତେଇ ଧୋବଣୀ, ଗାଙ୍ଗୀ ଗଉଡୁଣୀ, ଲୁହାକୁଟୀ ଲୁହୁରୁଣୀ ଏବଂ ଶୁଆ ତେଲୁଣୀ । ସେମାନେ ସମସ୍ତେ ଥିଲେ ଚିର କୁମାରୀ ଓ ତନ୍ତ୍ର ସାଧିକା । ସେମାନେ ପୁରୁଷ ଲୋକଙ୍କୁ ଦିନରେ ମେଣ୍ଢା, ରାତିରେ ଭେଣ୍ଡା କରିପାରୁଥିଲେ । ମଲା ମଣିଷକୁ ବଞ୍ଚାଇ ଦେଉଥିଲେ, ଗର୍ଭବତୀ ସ୍ତ୍ରୀ ଲୋକଙ୍କ ପେଟ ମଧ୍ୟରୁ ଗୋପନରେ ଶିଶୁ ଅପହରଣ କରିପାରୁଥିଲେ, ଶୂନ୍ୟରେ ଗୁଳିପାରୁଥିଲେ । ସେମାନେ ନିଆଁ, ପାଣି, ପଦ୍ମପତ୍ର ଉପରେ ଗୁଳିପାରୁଥିଲେ । ତାଙ୍କ ନାମର ଏତେ ଶକ୍ତି ଯେ କେବଳ ଡାକ ମାତ୍ରେ ଭୂତ, ପ୍ରେତ, ସର୍ପ ବିଷ ଭଲ ହୋଇଯାଉଥିଲା । ବର୍ତ୍ତମାନ ମଧ୍ୟ ଗୁଣିଆମାନେ ସର୍ପ ବିଷ ନଷ୍ଟ କିମ୍ବା ଭୂତ-ପ୍ରେତ-ବିକାର ପାଇଁ ମନ୍ତ୍ର ପଢ଼ିଲା ବେଳେ ବୋଲିଥାନ୍ତି—

ଯା ଯା ବୋଲ କାହାର ଆଜ୍ଞା
ନା ପଦ୍ମବନ୍ଧା ସହରୁଣୀ, ନେତେଇ ଧୋବଣୀ
ଜ୍ଞାନ ଦେଈ ମାଳୁଣୀ, ଲୁହାକୁଟୀ ଲୁହୁରୁଣୀର...
କୋଟି କୋଟି ଆଜ୍ଞା........

ସେତେବେଳର ଯେଉଁ ଚିରକୁମାରୀ ସିଦ୍ଧନାରୀ ଥିଲେ ସେମାନଙ୍କ ମଧ୍ୟରେ ନେତେଇ ଧୋବଣୀ ଥିଲା ସମସ୍ତଙ୍କଠାରୁ ବିଖ୍ୟାତ । ଏହି ସାତ ଜଣ ସିଦ୍ଧ ନାରୀଙ୍କୁ ବିଦ୍ୟାରେ ପରାସ୍ତ କଲାଭଳି ବ୍ୟକ୍ତି କେହି ନ ଥିଲେ ।

ଜଣେ ପଣ୍ଡିତ ତାଙ୍କ ନିଜ ବିଦ୍ୟାରେ ଗର୍ବ ଅନୁଭବ କରୁଥିଲେ । ସେ ମନେ ମନେ ସ୍ଥିର କଲେ, ସେ ନେତେଇ ଧୋବଣୀକୁ ବିଦ୍ୟାରେ ପରାସ୍ତ କଲେ ଅନ୍ୟ ସମସ୍ତଙ୍କୁ ପରାସ୍ତ କଲାପରି ଅନୁଭବ କରିବେ । ତେଣୁ ସେ ନେତେଇ ଧୋବଣୀର ଘରେ ପହଞ୍ଚିଲେ । ନେତେଇ ଧୋବଣୀ ପଣ୍ଡିତଙ୍କ ଆଗମନର କାରଣ ମନ୍ତ୍ରବଳରେ ଜାଣିପାରିଲା । ସେତେବେଳେ ସେ ଧାନ ସିଝାଇବାରେ ବ୍ୟସ୍ତ ଥିଲା, ତେଣୁ ପଣ୍ଡିତଙ୍କୁ ଧାନ ଉଷୁଆଇବା ସ୍ଥାନକୁ ଆସିବା ପାଇଁ ଅନୁରୋଧ କଲା । ପଣ୍ଡିତେ ପହଞ୍ଚି ଦେଖିଲେ ଜଣେ ସ୍ତ୍ରୀ ଲୋକ ନିଜ ଗୋଡ଼ ଦୁଇଟି ଚୁଲିରେ କାଠ ରୂପେ ଜାଳୁଛି ଏବଂ ଧାନ ସିଝାଉଛି । * ନେତେଇ ଧୋବଣୀ ଖଣ୍ଡିଏ ପିଢ଼ା ପକାଇ ପଣ୍ଡିତଙ୍କୁ

* ଏହା ରୈତ୍ତଗଡ ଦେବଙ୍କ ସମ୍ପାଦିତ—ପ୍ରାଚୀନ ଉତ୍କଳ—ଜଗବନ୍ଧୁ ସିଂହ ପୃ—୨୭୭ ।

Digitized by PPRACHIN, SOA

ସେଠାରେ ବସିବା ପାଇଁ ଅନୁରୋଧ କଲା । ପଣ୍ଡିତେ ଏହା ଦେଖି ବିସ୍ମିତ ହୋଇ ବସିପଡ଼ିଲେ ।

କିଛି ସମୟ ପରେ ନଟେଇ ଧୋବଣୀ ଚୁଲିରେ ପାଣିହାଣ୍ଡି ବସାଇ ପନିକିଟିଏ ଆଣିଲା, ତା'ର ପୁଅ ନାଆଁ ଧରି ଡାକ ଦେଲା ଏବଂ ପୁଅ ଆସିଲା ପରେ ତାକୁ ପନିକରେ କାଟି ଖଣ୍ଡ ଖଣ୍ଡ କରି ପାଣି ହାଣ୍ଡିରେ ପକାଇ ଦେଲା । ତରକାରି ରନ୍ଧାଲା ପରେ ନଟେଇ ଧୋବଣୀ ପଣ୍ଡିତଙ୍କୁ ଅନୁରୋଧ କଲା, ହାତ ଧୋଇ ଖାଇବା ପାଇଁ । ପଣ୍ଡିତେ ଆଉ ଖାଇବେ କ'ଣ, ଖାଲି ଗୁହ୍ନି ରହିଲେ ଏବଂ ଭଦ୍ରତା ଖାତିରରେ ମନା କଲେ । ମଣିଷ ମାଂସ ଜାଣୁ ଜାଣୁ କିଏ ଖାଏ ? ପଣ୍ଡିତେ ମନା କଲାରୁ ନଟେଇ ଧୋବଣୀ କହିଲା, "ପଣ୍ଡିତେ ! ଆପଣେ ବସିଥାନ୍ତୁ, ମୋ ପୁଅକୁ ଡେରି ହେଲାଣି, ମୁଁ ତାକୁ ଆଗେ ଖୁଆଇଦିଏ ।" ପୁଅ ନାଆଁ ଧରି ଡାକିଲାକ୍ଷଣି ତା' ପୁଅ ବାହାରୁ ଦୌଡ଼ି ଆସିଲା ଏବଂ ଖାଇବସିଲା । ପଣ୍ଡିତେ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ସେ ଆଉ ନଟେଇ ଧୋବଣୀକୁ ପରୀକ୍ଷା କରିବେ କ'ଣ, ପିଢ଼ାରୁ ଉଠି ଯେଉଁ ବାଟେ ବାଟେ ଆସିଥିଲେ ପୁଣି ସେହି ବାଟେ ବାଟେ ପଳାଇଲେ । ଅବଶ୍ୟ ପରେ ନଟେଇ ଧୋବଣୀକୁ ଗୁରୁ କରି ତା'ଠାରୁ ବିଦ୍ୟା ଶିକ୍ଷା କଲେ ।

ତନ୍ତ୍ର ସାଧନା :

ହରଶଙ୍କର କ୍ଷେତ୍ରରେ ତନ୍ତ୍ରର ବହୁଳ ପ୍ରଚଳନ ଥିବାର ପ୍ରମାଣ ମିଳେ । ତନ୍ତ୍ର ଗ୍ରନ୍ଥ ଉଡ୍ଡୀଶ ତନ୍ତ୍ର, ସିଦ୍ଧୋଡ୍ଡୀଶ ତନ୍ତ୍ର ଓ ଉଡ୍ଡାମରେଶ୍ୱର ତନ୍ତ୍ର—ଏହି ତିନୋଟି ଗ୍ରନ୍ଥର ବିଷୟବସ୍ତୁ ପ୍ରାୟ ସମାନ । ଉପରୋକ୍ତ ଗ୍ରନ୍ଥରେ ତନ୍ତ୍ରୋକ୍ତ ଷଟ୍‌କର୍ମ, ଯଥା—ମାରଣ, ମୋହନ, ସ୍ତମ୍ଭନ, ବଶ୍ୟ, ଉଚ୍ଚାଟନ ଓ ଅଭିଗ୍ଭର କ୍ରିୟାର ବିଶଦ ବର୍ଣ୍ଣନା ରହିଛି ।

"ମୋହନଂ ମାରଣଂ ଚୈବ ବିଦ୍ୱେଷୋଚ୍ଚାଟନଂ ତଥା ।
ବଶ୍ୟଂ ସ୍ତମ୍ଭଂ ଚ ବିଦ୍ୱେଷଂ ଆକର୍ଷଂ କୁହକାନ ଚ ॥
ଶାନ୍ତିକଂ ପୌଷ୍ଟିକଂ ଗ୍ରନ୍ଥି କରଣାନ ବନ୍ଧନ ଚ ॥
× × ×
ଶୃଣୁ ଦେବ ବରାରୋହେ ଉଡ୍ଡୀଶଂ ଶାସ୍ତ୍ର ନିଶ୍ଚୟମ୍ ॥"

Digitized by PPRACHIN, SOA

ଉଡ୍ଡୀଶ-ତନ୍ତ୍ର ଗ୍ରନ୍ଥଟି ଚଉଦଶତକରେ ପଟ୍ଟଳରେ ସଂପୂର୍ଣ୍ଣ ହୋଇଛି । ସଂସ୍କୃତ ଭାଷାରେ ଲିଖିତ ତନ୍ତ୍ର ଗ୍ରନ୍ଥଗୁଡ଼ିକର ଅଧ୍ୟୟନ ଓ ମନନ ଧୀରେ ଧୀରେ ହ୍ରାସ ପାଇ ତନ୍ତ୍ର ପ୍ରେମୀମାନେ ତନ୍ତ୍ରୋକ୍ତ ପ୍ରୟୋଗ ଓ ମନ୍ତ୍ରଗୁଡ଼ିକୁ ସରଳୀକରଣ କରି ତନ୍ତ୍ର ପୋଥିଗୁଡ଼ିକୁ ଗୁଣି ଗାରେଡ଼ି ପୋଥିରେ ପରିଣତ କରିଦେଲେ । ତନ୍ତ୍ରପୋଥିଗୁଡ଼ିକର ସରଳୀକରଣ ପ୍ରକ୍ରିୟା ଖୁବ୍ ସମ୍ଭବତଃ ଏହି ଅଞ୍ଚଳରେ ସିଦ୍ଧାଚାର୍ଯ୍ୟ ତଥା ବଜ୍ରଯାନୀମାନଙ୍କ ପ୍ରଭାବରେ ଆରମ୍ଭ ହୋଇଥିଲା, ଯାହା ଫଳରେ ଏହି ଅଞ୍ଚଳରୁ ବହୁଳ ପରିମାଣରେ ଗୁଣି ଗାରେଡ଼ିର ପୁସ୍ତକ ରଚନା ହୋଇଥିଲା । ଏହି ଗୁଣି ଗାରେଡ଼ି ପୋଥିମାନଙ୍କର ଆଲୋଚନାରୁ ଜଣାଯାଏ ଯେ, ପୂର୍ବରୁ ଆଲୋଚିତ ହୋଇ-ଥିବା କେତେକ ସିଦ୍ଧ କୁଳନାୟିକା ଏହି ଗୁଣିଗାରେଡ଼ି ପ୍ରଚାରର ବିଶେଷ ସହାୟିକା ହୋଇଥିଲେ । ତେଣୁ ଗୁଣି ଗାରେଡ଼ି ପୋଥିରେ ନିତେଇ ଧୋବଣୀ ଓ ପିତେଇ ଶଉରୁଣୀ ଆଦିଙ୍କ ନାମ ଦେଖିବାକୁ ମିଳେ ।

ବୈଷ୍ଣବ ଧର୍ମର ପ୍ରଚାର ଫଳରେ ଉଚ୍ଚକୁଳସମ୍ଭୂତ ବିଦ୍ୱାନ ତଥା ସମ୍ଭ୍ରାନ୍ତ ପରିବାରର ଗୃହସ୍ଥମାନେ ତନ୍ତ୍ରରେ ଯେଉଁ ମାରଣ, ମୋହନ, ବଶ୍ୟ, ଉଚ୍ଚାଟନ, ସ୍ତମ୍ଭନ, ବାଣ ସିଂଘାର ଆଦିର ବହୁଳ ପ୍ରୟୋଗରେ ଧର୍ମ ହାନିର ଭୟରେ ସେ ଆଡ଼କୁ ମନ ବଳାଇଲେ ନାହିଁ । ଅନେକ ନୀଚସ୍ୱଭାବ ବ୍ୟକ୍ତି ଅତି ଗୋପନରେ ଏ ପ୍ରକାର ସାଧନରେ ସିଦ୍ଧି ଲାଭ କରି ବିଜ୍ଞ ଲୋକମାନଙ୍କୁ ଅପମାନିତ କରିବା ଆଶାରେ ନାନା ପ୍ରକାର କୁତ୍ସିତ ପ୍ରୟୋଗ କଲେ । ଅନେକ ତଥାକଥିତ ଭୂତପ୍ରେତ ସାଧକଙ୍କୁ ସମାଜରୁ ବହିଷ୍କାର କଲେ । କିନ୍ତୁ ଅନେକ ବିଚକ୍ଷଣ ସାଧକ ଗୁଣି ଗାରେଡ଼ି ସାଧନ କରି ଜନତାର ସେବା ପାଇଁ ସାପ ବିଷ ଝଡ଼ା ମନ୍ତ୍ର, କୁକୁର ବିଲୁଆ କାମୁଡ଼ାରୁ ବିଷଝଡ଼ା ମନ୍ତ୍ର, ଭୂତପ୍ରେତ ପ୍ରଶମନ ମନ୍ତ୍ର, ବାତଝଡ଼ା ମନ୍ତ୍ର ଇତ୍ୟାଦିର ଆବୃତ୍ତି କରି ସମାଜର କଲ୍ୟାଣ ସାଧନରେ ମନ ବଳାଇଲେ । ଯାହା ଫଳରେ ଗୁଣି ଗାରେଡ଼ି ପୋଥି ବିଭିନ୍ନ ସ୍ଥାନରେ ମିଳୁଛି । ଏହି ଗୁଣି ଗାରେଡ଼ିରେ ନିତେଇ ଧୋବଣୀ, କାଠାଙ୍କମା ପଦ୍ମଶଉରୁଣୀ ଇତ୍ୟାଦି ସିଦ୍ଧ ସାଧିକାଙ୍କୁ ସ୍ମରଣ କରିପାରିଛନ୍ତି ।

× × ×

Digitized by PPRACHIN, SOA

ଅଷ୍ଟମ ପରିଚ୍ଛେଦ

ମହାଲକ୍ଷ୍ମୀ

ସନାତନ ହିନ୍ଦୁଧର୍ମଧାରାରେ ବୌଦ୍ଧ, ଜୈନ, ଶୈବ, ଶାକ୍ତ ଓ ବୈଷ୍ଣବ ଧର୍ମ ନବ ପଲ୍ଲବିତ ଶାଖାରୂପେ ଭାରତୀୟ ସଭ୍ୟତା ଓ ସଂସ୍କୃତିକୁ ଦୃଢ଼ୀଭୂତ କରିଛି । ଜଗଦ୍‌ଗୁରୁ ଆଦି ଶଙ୍କରାଚାର୍ଯ୍ୟ ପଞ୍ଚୋପାସନା ପଦ୍ଧତିରେ ଗଣେଶ, ଭାସ୍କର, ବିଷ୍ଣୁ, ଶିବ ଓ ଦୁର୍ଗାଙ୍କୁ ସନାତନ ହିନ୍ଦୁଧର୍ମ ଧାରାର ନବ କୁସୁମିତ ପାଦପରେ ସମନ୍ୱିତ କରିଛନ୍ତି । ରାମାନୁଜ, ରାମାନନ୍ଦ, ବିଷ୍ଣୁସ୍ୱାମୀ, ନିମ୍ବାର୍କ, ନରହରି ତୀର୍ଥ, ପଞ୍ଚସଖା ଗୋଷ୍ଠୀ ପ୍ରଭୃତି ମହାମନୀଷୀମାନଙ୍କର ନାନା ମତବାଦରେ ଧର୍ମଧାରାର ନବ ପାଦପ ଫଳବତୀ ହୋଇଥିଲା । ଏହି ନବ ପଲ୍ଲବିତ ଶାଖା ମଧ୍ୟରୁ 'ଶକ୍ତି' ଉପାସନା ପ୍ରଧାନ ଶାଖା ରୂପେ ଆବିର୍ଭୂତ ହୋଇ ବିଶ୍ୱର ସୃଷ୍ଟି, ସ୍ଥିତି ଓ ପ୍ରଳୟର ମୂଳ ଉତ୍ସ ରୂପେ ଭାରତ ତଥା ଓଡ଼ିଶାର ଧର୍ମ ଓ ସଂସ୍କୃତିକୁ ପ୍ରଭାବିତ କଲା । ଭାରତୀୟ ମନୀଷୀମାନେ ବିଶ୍ୱ ପ୍ରକୃତିକୁ ମା' ରୂପେ ପୂଜା କରି ଆସିଲେ । ପ୍ରକୃତିର ଅନନ୍ତ କରୁଣାର ସୃଷ୍ଟି ସମ୍ଭୂତ ଓ ଲାଳିତ ପାଳିତ ସୃଷ୍ଟି ଓ ସ୍ଥିତି ପାଇଁ ପ୍ରକୃତିର ଅନ୍ତରଙ୍ଗ ଓ ବହିରଙ୍ଗ ସ୍ୱଭାବ ରାଜସିକ ଓ ସାତ୍ତ୍ୱିକ ବିଭାବରେ ପରିପୂର୍ଣ୍ଣ ଏବଂ ବିନାଶ ପାଇଁ ବିବର୍ତ୍ତନର କ୍ରମିକ ଧାରାରୁ ତିନୋଟି ଗୁଣର ସୃଷ୍ଟି । ଗୁଣାତ୍ରୟୀ ବିଶ୍ୱ ପ୍ରକୃତିକୁ ସୂକ୍ଷ୍ମ ତତ୍ତ୍ୱରେ ମହାକାଳୀ, ମହାଲକ୍ଷ୍ମୀ, ମହାସରସ୍ୱତୀ କୁହାଯାଏ ।

ଶାକ୍ତ ଧର୍ମରେ ଶକ୍ତି ହେଉଛି ସଚ୍ଚିଦାନନ୍ଦ ମୟୀ ଅନାଦି ପରମା ପ୍ରକୃତି । ସର୍ବ ଭୂତରେ ସକଳ ଭାବରେ ଶକ୍ତି ମୂର୍ତ୍ତିମତୀ । ସେ ଶକ୍ତି ଆମ ବୁଦ୍ଧି, ଚେତନା, ନିଦ୍ରା, କ୍ଷୁଧା, ତୃଷ୍ଣା, କ୍ଷାନ୍ତି, ଶାନ୍ତି—'ସର୍ବ ସ୍ୱରୂପେ ସର୍ବେଶେ ସର୍ବଶକ୍ତି ସମନ୍ୱିତେ' ହୋଇ ବିଦ୍ୟମାନ । ବସ୍ତୁତଃ ଶାକ୍ତ ଅଦ୍ୱୈତ

Digitized by PPRACHIN, SOA

ଉପାଦାନ, ବେଦ, ଉପନିଷଦ ଓ ପୁରାଣମାନଙ୍କରେ ପ୍ରଚ୍ଛନ୍ନଭାବେ ନିହିତ ଥିଲା । ବେଦରେ ଲକ୍ଷ୍ମୀଙ୍କ ବିଷୟ ଉଲ୍ଲେଖ ଥିଲେ ମଧ୍ୟ ବେଦର ଲକ୍ଷ୍ମୀ ଧନ ଦାୟିନୀଭାବେ କେବେ ପୂଜିତା ହୋଇ ନାହାନ୍ତି । ବେଦର ଲକ୍ଷ୍ମୀ ସୌନ୍ଦର୍ଯ୍ୟମୟୀ ରୂପେ ବର୍ଣ୍ଣିତା । ରତ୍ନଗିରି ତୋରଣ ବା ଦ୍ୱାର ବନ୍ଧର ମଧ୍ୟଭାଗରେ ଲକ୍ଷ୍ମୀ ପଦ୍ମୋପରି ଉପବେଶନ କରିଛନ୍ତି । ତାଙ୍କର ଦୁଇପାର୍ଶ୍ୱରେ ଗଜ ରହିଛନ୍ତି । ବୌଦ୍ଧମାନେ ହିଁ ଲକ୍ଷ୍ମୀଙ୍କୁ ଧନ ଦାୟିନୀ ରୂପେ ପୂଜା କରୁଥିଲେ । ବୈଦିକମାନେ ଯଜ୍ଞରେ କୌଣସି ଦେବୀଙ୍କ ଉଦ୍ଦେଶ୍ୟରେ ଘୃତାହୁତି ପ୍ରଦାନ କରୁ ନ ଥିଲେ କିନ୍ତୁ ଦେବୀ ସୂକ୍ତ ପାଠ କରୁଥିଲେ । ଋଗ୍ ବେଦରେ ବାଗ୍‌ଦେବୀ ସୂକ୍ତ (ଦେବୀ ସୂକ୍ତ)ରେ କୁହାଯାଇଛି—

"ମୟା ସୋ ଅନ୍ନମତ୍ତି ଯୋ ବିପଶ୍ୟତି ଯଃ ପ୍ରାଣିତି
ଯଈଂ ଶୃଣୋତ୍ୟୁକ୍ତମ୍ ।
ଅମନ୍ତବୋ ମାଂତ ଉପକ୍ଷିୟନ୍ତି
ଶ୍ରୁଧିଶ୍ରୁତ ଶ୍ରଦ୍ଧିବଂତେ ବଦାମି ।" । ୪ ।

ଅର୍ଥାତ୍—ମୋ'ର ସହାୟତାରେ ସମସ୍ତେ ଦେଖନ୍ତି, ପ୍ରାଣ ଧାରଣ କରନ୍ତି ଓ ଅନ୍ନ ଭୋଜନ କରନ୍ତି । ମୋତେ ଯେ ଅସ୍ୱୀକାର କରେ ତାହାର କ୍ଷୟ ନିଶ୍ଚୟ । ହେ ପଣ୍ଡିତଗଣ ! ମୁଁ ଯାହା କହୁଛି ତାହା ଶ୍ରଦ୍ଧାରସହିତ ଶୁଣ ।

ବୈଦିକ ଯୁଗରେ ଅଦିତି, ଉଷା, ସରସ୍ୱତୀ, ପୃଥିବୀ, ପୁରନ୍ଧ୍ରୀ, ଇଡ଼ା ପ୍ରଭୃତି ପ୍ରାୟ କୋଡ଼ିଏଟି ଦେବୀଙ୍କ ନାମ ଉଲ୍ଲେଖ ଅଛି । ପୃଥିବୀ ଧରଣୀ ମାତା ଓ ଶସ୍ୟାଦିର ଅଧିଷ୍ଠାତ୍ରୀ ଦେବୀ ରୂପେ ପୁରନ୍ଧ୍ରୀ ପ୍ରାଚୁର୍ଯ୍ୟର ଦେବୀ ରୂପେ ବର୍ଣ୍ଣିତ ହୋଇ ବେଦୋତ୍ତର ସାହିତ୍ୟରେ ଭିନ୍ନ ଭିନ୍ନ ରୂପ ଓ ନାମ ଗ୍ରହଣ କରି ଶକ୍ତି ପୂଜା କ୍ଷେତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି । ବେଦରେ ଭୂମିଙ୍କୁ ମାତା ରୂପେ ସମ୍ବୋଧନ କରାଯାଇଛି । 'ମାତୃଃ ଅସ୍ୟାଃ ପୃଥିବ୍ୟା ପଞ୍ଚମହାଭୂତ (କ୍ଷିତି, ଅପ୍, ତେଜଃ, ମରୁତ୍ ଓ ବ୍ୟୋମ) ମଧ୍ୟ ମାତା ରୂପେ ବର୍ଣ୍ଣିତ । ଏମାନେ ମହା ପ୍ରକୃତିର ଅଂଶ ମାତ୍ର । ଅନ୍ନଦାତ୍ରୀ ଓ ପୋଷଣ-କାରୀ ଭାବରେ ବ୍ୟଞ୍ଜନାରେ ଲକ୍ଷ୍ମୀଙ୍କୁ ମା କୁହାଯାଏ । ଅମର ସିଂହ 'ମା' ଶବ୍ଦକୁ ଲକ୍ଷ୍ମୀଙ୍କ ପର୍ଯ୍ୟାୟବାଚକ ଭାବରେ ଗ୍ରହଣ କରିଛନ୍ତି—'ଇନ୍ଦିରା ଲୋକମାତା ମା କ୍ଷୀରୋଦ୍‌ଧିତନୟା ରମା ।'

Digitized by PPRACHIN, SOA

ବୈଦିକ ଯୁଗ ପରେ, ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ଖାରବେଳଙ୍କ ସମୟରୁ ଖୋଦିତ ଅନନ୍ତ ଗୁମ୍ଫାର ଗଜଲକ୍ଷ୍ମୀ ଚିତ୍ରର ବିଷ୍ଣୁଙ୍କ ସହିତ ସମ୍ପର୍କ ସ୍ଥାପନ କରି କେତେକ ଐତିହାସିକ ଓଡ଼ିଶାରେ ସେହି ସମୟରୁ ବୈଷ୍ଣବ ଧର୍ମ ପ୍ରବର୍ତ୍ତିତ ହୋଇଥିବାର ମତ ଦେଇଛନ୍ତି । କିନ୍ତୁ ଏହା ଜୈନ କଳାର ନିଦର୍ଶନ ହୋଇଥିବାରୁ ସେତେବେଳେ ବୈଷ୍ଣବଧର୍ମ ପ୍ରବର୍ତ୍ତିତ ହୋଇଥିବାର କୌଣସି ସୂଚନା ମିଳୁନାହିଁ । * ଖାରବେଳଙ୍କ ରାଜତ୍ୱର କିଛି କାଳ ପରେ ଗୁପ୍ତବଂଶୀ ଶାସନରେ (୩୨୦–୫୫୦ ଖ୍ରୀଷ୍ଟାବ୍ଦ), ଓଡ଼ିଶାରେ ବୈଷ୍ଣବଧର୍ମ ବିସ୍ତାର କରିଥିବା ଜଣାଯାଏ । ଶୈଳୋଦ୍ଭବ ବଂଶୀୟ ରାଜାମାନେ ସେମାନଙ୍କର ତାମ୍ର ଶାସନରେ ହରିଙ୍କ ବାମନ ଅବତାରର ଉଲ୍ଲେଖ କରିଛନ୍ତି ।

ଭୌମକରମାନଙ୍କ ରାଜତ୍ୱ (୭୪୩–୯୫୦ ଖ୍ରୀ: ଅ:) କାଳରେ ଶୈବ, ଶାକ୍ତ, ତାନ୍ତ୍ରିକ ଉପାସନା ପଦ୍ଧତିରେ ସମନ୍ୱୟ ପ୍ରତିଷ୍ଠା କରାଯାଇ ଥିଲା । ସେହି ସମୟରେ ପଶ୍ଚିମ ଓଡ଼ିଶାର ନୃସିଂହନାଥ, ହରିଶଙ୍କର ପୀଠ ସରଭପୁରୀୟ (ଖ୍ରୀ: ଷଷ୍ଠ ଓ ସପ୍ତମ) ଏବଂ ସୋମବଂଶୀ (ଖ୍ରୀ: ଅଷ୍ଟମରୁ ଏକାଦଶ) ରାଜତ୍ୱ କାଳରେ ଶୈବ, ଶାକ୍ତ, ତାନ୍ତ୍ରିକ ପଦ୍ଧତିରେ ସମନ୍ୱୟ ରକ୍ଷା କରାଯାଇଥିଲା । ବୌଦ୍ଧ ବଜ୍ରଯାନମାନେ ପ୍ରଥମେ ବୁଦ୍ଧ, ବୌଦ୍ଧତାରା, ଅବଲୋକିତେଶ୍ୱର, ମଞ୍ଜୁଶ୍ରୀ ଆଦି ମୂର୍ତ୍ତି ଗଠନ କରି ପୂଜା କରିଥିଲେ । ହରିଶଙ୍କର ମନ୍ଦିରର ମୁଖଶାଳାର ଦକ୍ଷ ପଟରେ ଗୋଟିଏ ଲକ୍ଷ୍ମୀମୂର୍ତ୍ତି ଅଧିଷ୍ଠିତ । ମୂର୍ତ୍ତି ନିକଟରେ ଗଜ ଏବଂ ଲକ୍ଷ୍ମୀ ଶକ୍ତି ବୃତ୍ତାକାର ପ୍ରସ୍ତର ଖଣ୍ଡ (Ring Stone) ରଖା ହୋଇଛି । ବୌଦ୍ଧମାନେ ଲକ୍ଷ୍ମୀଙ୍କୁ ଧନଦାୟିନୀ ଭାବେ ପୂଜା କରୁଥିଲେ । ଏହି ମୂର୍ତ୍ତିଟି ନୃସିଂହନାଥ ଓ ହରିଶଙ୍କର ସନ୍ନିକଟ ପର୍ବତରେ ପୂର୍ବରୁ ବର୍ତ୍ତିତ ବୌଦ୍ଧବିହାରଠାରୁ ଆନୀତ ହୋଇ ଏଠାରେ ସ୍ଥାପନ କରାଯାଇ ଥାଇ ପାରେ । ପରବର୍ତ୍ତୀ ଯୁଗରେ ହିନ୍ଦୁ ତାନ୍ତ୍ରିକମାନେ ଲକ୍ଷ୍ମୀଙ୍କୁ ଶେଷମହାବିଦ୍ୟା ରୂପେ ଦଶ ମହାବିଦ୍ୟାର ଆରାଧନାରେ ସ୍ଥାନ ଦେଲେ । ଦଶ ମହାବିଦ୍ୟାର କାଳୀ ବୌଦ୍ଧଙ୍କ କୁରୁକୁଲ୍ଲାରୁ ଆସିଥିବା ଐତିହାସିକମାନେ ମତେ କରନ୍ତି । ସେହିପରି ବୌଦ୍ଧଙ୍କ ତାରା ହିନ୍ଦୁ-

---

* ନୃସିଂହ ଆରାଧନା — ଡଃ କୃଷ୍ଣଚନ୍ଦ୍ର ମହାନ୍ତି ।

Digitized by PPRACHIN, SOA

ମାନଙ୍କର ଦଶ ମହାବିଦ୍ୟାର ତାମ୍ରମୂର୍ତ୍ତି । ଲକ୍ଷ୍ମୀଙ୍କୁ ଦଶ ମହାବିଦ୍ୟାରେ କମଳାତ୍ମିକା ରୂପେ ଧ୍ୟାନ କରାଯାଏ ।

ସୋମବଂଶୀ ରାଜାମାନଙ୍କ ସମୟରୁ (ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀ) ନିର୍ମିତ ଶ୍ରୀ ନୃସିଂହନାଥ ମନ୍ଦିରରେ ତିନୋଟି ଲକ୍ଷ୍ମୀ ମୂର୍ତ୍ତି ଦୃଷ୍ଟିଗୋଚର ହୁଏ । ପ୍ରଥମଟି ମୁଖ୍ୟ ମନ୍ଦିର ; ଦ୍ୱାରପାଳ ଜୟ ଓ ବିଜୟ ଦ୍ୱାର ଉପରେ ଦୁଇ ଗୋଡ଼ ଛନ୍ଦି ବସିଛନ୍ତି । ଜଗମୋହନର ଉତ୍ତର ଏବଂ ପୂର୍ବ ଦ୍ୱାରର ବନ୍ଧ ଉପରେ ଗଜଲକ୍ଷ୍ମୀ ବସିଛନ୍ତି । ଏଠାରେ ଲକ୍ଷ୍ମୀ ଡାହାଣ ଗୋଡ଼ ତଳକୁ ଲମ୍ବାଇଛନ୍ତି । ଉତ୍ତର ପାଖ ଦ୍ୱାର ବନ୍ଧରେ ଲକ୍ଷ୍ମୀଙ୍କର ଦୁଇ ପାର୍ଶ୍ୱରେ ଦୁଇ ପରିଚାରିକା ହସ୍ତୀ ଚଉଁର ଧରିଛନ୍ତି ଏବଂ ଦୁଇଟି ହାତୀ ଦୁଇ କଡ଼ରେ ପଦ୍ମଫୁଲ ଉପରେ ଠିଆ ହୋଇ ଶୁଣ୍ଢରେ ପାଣି ପକାଉଛନ୍ତି ।

ଶ୍ରୀ ନୃସିଂହନାଥରେ ଅନ୍ୟ ଏକ ଲକ୍ଷ୍ମୀମୂର୍ତ୍ତି ବିଶେଷ ତାତ୍ପର୍ଯ୍ୟ-ପୂର୍ଣ୍ଣ । ଶ୍ରୀ ନୃସିଂହନାଥର ମୁଖ୍ୟ ମନ୍ଦିରଟି ଉତ୍ତର ପଟ ପାର୍ଶ୍ୱଦେବ ରୂପେ ବାମନ ମୂର୍ତ୍ତିର ବାମ ପଟେ ଲକ୍ଷ୍ମୀ ଦଣ୍ଡାୟମାନ । ଇତିହାସରୁ ଜଣାଯାଏ, ଖ୍ରୀଷ୍ଟୀୟ ପଞ୍ଚମ ଓ ଷଷ୍ଠ ଶତାବ୍ଦୀ ବେଳକୁ ଦକ୍ଷିଣ ଓଡ଼ିଶାରେ ମାଠର ବଂଶୀୟ ପ୍ରଭଞ୍ଜନ ବର୍ମନ୍‌ଙ୍କ 'ନଗୋଣ୍ଡି ଦାନ ଶାସନ' ପଦରେ ନିଜକୁ "ଭଗବତସ୍ୱାମୀ ନାରାୟଣପାଦାନୁଧ୍ୟାତଃ" ଭାବରେ ଆଖ୍ୟାତ କରିଛନ୍ତି ।

* ପ୍ରାଚୀନଦୀ କୂଳବର୍ତ୍ତୀ ସ୍ଥାନମାନଙ୍କରେ ବହୁ ପ୍ରକାର ବିଷ୍ଣୁ-ମୂର୍ତ୍ତି ତଥା ଶୋଭନେଶ୍ୱର ଏବଂ କାକଟପୁର ନିକଟବର୍ତ୍ତୀ ସୋମନାଥ ମନ୍ଦିରରେ ବିରାଟ ଆକାରର ବିଷ୍ଣୁ ବିଗ୍ରହମାନ ଏହି ସମୟର କୀର୍ତ୍ତି ବୋଲି ଐତିହାସିକମାନଙ୍କର ମତ । ମାଠରମାନଙ୍କ ପରେ ବଶିଷ୍ଠମାନେ ବୈଷ୍ଣବ ଧର୍ମର ପୃଷ୍ଠପୋଷକତା କରିଥିଲେ । ଶୈଳୋଦ୍ଭବ ବଂଶୀୟ ରାଜାମାନଙ୍କର ତାମ୍ର ଶାସନମାନଙ୍କରେ ହରିଙ୍କ ବାମନ ଅବତାରର ଉଲ୍ଲେଖ ରହିଛି ; କିନ୍ତୁ ବାମନଙ୍କ ପାର୍ଶ୍ୱରେ ଲକ୍ଷ୍ମୀ ଉପାସନାର କୌଣସି ତଥ୍ୟ ମିଳୁ ନାହିଁ । ଶ୍ରୀ ନୃସିଂହନାଥ ମନ୍ଦିରର ବାମନଙ୍କ ପାର୍ଶ୍ୱରେ ଲକ୍ଷ୍ମୀ ଉପାସନା ଐତିହାସିକମାନଙ୍କୁ ନୂତନ ଦିଗ୍‌ଦର୍ଶନ ଦେବ । ଶ୍ରୀ ନୃସିଂହନାଥ ମନ୍ଦିରର ମୁଖ୍ୟ ମନ୍ଦିର ଓ ଜଗମୋହନର

* ସତ୍ୟନାରାୟଣ ରାଜଗୁରୁ—Inscription of Orissa

Digitized by PPRACHIN, SOA

ସଂଯୋଗ ପଥର ବାହାର ପାଖର ଉତ୍ତର ପଟରେ ଗୋଟିଏ ଶୂନ୍ୟ ଖୋଲରା (ଠଣା) ରହିଛି । ତା'ର ଉଭୟ ପାର୍ଶ୍ୱରେ ଗଜ ଶୁଣ୍ଡ ଚଟେକ ବସିଛନ୍ତି । ସେଠାରେ ଯେଉଁ ଲକ୍ଷ୍ମୀ ମୂର୍ତ୍ତିଟି ଥିଲା ତାହା ବର୍ତ୍ତମାନ ଆଉ ନାହିଁ । ସେ ମୂର୍ତ୍ତି ସମ୍ଭବତଃ ନଷ୍ଟ ହୋଇଯାଇଅଛି ।

ଓଡ଼ିଶାର ଭୌମକରମାନଙ୍କ ରାଜତ୍ୱ(୭୭୩–୯୫୦ ଖ୍ରୀ: ଅ:)ର ପ୍ରାକ୍ କାଳରେ ନାରାୟଣ, ମାଧବ ଉପାସନା ପ୍ରଚଳିତ ଥିଲା ଏବଂ କାଳକ୍ରମେ ବିଷ୍ଣୁ ଓ ନାରାୟଣ ଏକ ଏବଂ ଅବିଭାଜ୍ୟ ରୂପେ ଗୃହୀତ ହୋଇ ବିଷ୍ଣୁଙ୍କର ବିଭିନ୍ନ ଅବତାରର ପରିକଳ୍ପନା ହୋଇଥିଲା । ଭୌମକର-ମାନଙ୍କ ଶାସନରେ ବୌଦ୍ଧଧର୍ମର ଉତ୍କର୍ଷ ସତ୍ତ୍ୱେ ବୈଷ୍ଣବ ଧର୍ମର ଯଥେଷ୍ଟ ପ୍ରଭାବ ଏବଂ ତନ୍ତ୍ରବାଦର ପ୍ରଚଳନ ଫଳରେ ଶୈବ, ଶାକ୍ତ ଓ ବୈଷ୍ଣବ ଧର୍ମ ଏକାକାର ହୋଇଯାଇଥିଲା । ଏହାର ପ୍ରଭାବ ତତ୍କାଳୀନ ପଶ୍ଚିମ ଓଡ଼ିଶାର ସୋମବଂଶୀମାନଙ୍କ ଉପରେ ପଡ଼ିଥିଲା । ଶ୍ରୀ ନୃସିଂହନାଥ ମନ୍ଦିରର ଜଗମୋହନ ପୂର୍ବ ପଟରେ ଗୋଟିଏ ଖୋଲରା ମଧ୍ୟରେ ଲକ୍ଷ୍ମୀ-ନାରାୟଣଙ୍କ ଯୁଗଳ ମୂର୍ତ୍ତି ରଖା ହୋଇଛି । ମୂର୍ତ୍ତିଟି ଖଜୁରାହ ଶୈଳୀରେ ନିର୍ମିତ ହୋଇଛି । ନାରାୟଣ ହେଉଛନ୍ତି ଚତୁର୍ଭୁଜ—ଗୋଟିଏ ମଣ୍ଡପରେ ଉପବେଶନ କରିଛନ୍ତି । ତାଙ୍କର ତିନୋଟି ହସ୍ତରେ ଶଙ୍ଖ, ଚକ୍ର, ଗଦା ଏବଂ ବାମ ପାଖ ନିମ୍ନ ହସ୍ତଟି ଲକ୍ଷ୍ମୀଙ୍କ ସ୍ତନମଣ୍ଡଳ ସ୍ପର୍ଶ କରୁଛି । ଲକ୍ଷ୍ମୀ ବାମ ହସ୍ତରେ ପଦ୍ମ ଧରିଛନ୍ତି ଏବଂ ଦକ୍ଷ ହସ୍ତଟି ନାରାୟଣଙ୍କର ପୃଷ୍ଠ ଦେଶରେ ଅଛି । ଏହି ମୂର୍ତ୍ତିରେ ତାନ୍ତ୍ରିକ ପ୍ରଭାବ ସୁସ୍ପଷ୍ଟ ।

ମହାଲକ୍ଷ୍ମୀ ଉପାସନା ପୂର୍ବରୁ ତାନ୍ତ୍ରିକ ମାଧ୍ୟମରେ ହେଲେ ମଧ୍ୟ ବୈଷ୍ଣବ ମତରେ ଏହାର ଆରାଧନା ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀରୁ ଚଳି ଆସୁଛି ବୋଲି ଅଧିକାଂଶ ଐତିହାସିକଙ୍କ ମତ । ଏହିପରି ଧାରଣା ଶ୍ରୀ ମନ୍ଦିର ବେଢ଼ା ମଧ୍ୟରେ ଥିବା ମହାଲକ୍ଷ୍ମୀ ବା ଗଜଲକ୍ଷ୍ମୀ ଉପାସନାରୁ ଦୃଢ଼ୀଭୂତ ହୋଇଛି । ଗଙ୍ଗବଂଶୀୟ ରାଜତ୍ୱ କାଳରେ (୧୦୭୭–୧୪୩୫ ଖ୍ରୀ: ଅ:) ଶୈବ, ଶାକ୍ତ ଓ ବୈଷ୍ଣବ ଧର୍ମ ଉପାସକମାନେ ସ୍ୱ ସ୍ୱ ମତବାଦର ପ୍ରଚାର ନିମିତ୍ତ ରାଜକୀୟ ସହାୟତା ଓ ଲୋକସମର୍ଥନ ଲାଭ କରିଥିଲେ ମଧ୍ୟ ବୈଷ୍ଣବ ଉପାସନା ବୃଦ୍ଧି ପାଇଥିଲା । ସେତେବେଳେ ଜୈନ ଓ ବୌଦ୍ଧ ଧର୍ମର ପ୍ରତିଷ୍ଠା କ୍ରମଶଃ ହ୍ରାସ ପାଇଥିଲା । ଗଙ୍ଗ ନରପତି ଚୋଡ଼ଗଙ୍ଗ

Digitized by PPRACHIN, SOA

ଦେବଙ୍କ ସମୟରେ ଶ୍ରୀରାମାନୁଜ ଓଡ଼ିଶାକୁ ଆସି 'ବିଶିଷ୍ଟାଦ୍ୱୈତ' ମତର ବହୁଳ ପ୍ରଚାର କରିଥିଲେ । 'ପଦ୍ମ ପୁରାଣ'ର ବର୍ଣ୍ଣନା ଅନୁସାରେ ବୈଷ୍ଣବମାନେ ଚାରି ସଂପ୍ରଦାୟରେ ବିଭକ୍ତ ; ଯଥା: ଶ୍ରୀ (ଲକ୍ଷ୍ମୀ), ବ୍ରହ୍ମ (ବ୍ରହ୍ମା), ସନକ (ଚତୁଃସନକ—ସନକ, ସନାତନ, ସନନ୍ଦନ ଓ ସନତ କୁମାର) ଓ ରୁଦ୍ର (ମହାଦେବ) ।

"ସଂପ୍ରଦାୟ ବିହୀନା ଯେ ମନ୍ତ୍ରାସ୍ତେ ନିଷ୍ଫଳାମତାଃ
ସାଧନୈର୍ବୈର୍ନ ସିଦ୍ଧ୍ୟନ୍ତି କୋଟି କଳ୍ପଶତୈରପି ॥
ଅତଃ କଳୌ ଭବିଷ୍ୟନ୍ତି ଚତ୍ୱାରଃ ସଂପ୍ରଦାୟିନଃ
ଶ୍ରୀ, ବ୍ରହ୍ମ, ରୁଦ୍ର, ସନକା ବୈଷ୍ଣବା, କ୍ଷିତି ପାବନାଃ ॥"

ରାମାନୁଜଙ୍କ ସଂପ୍ରଦାୟ 'ଶ୍ରୀ ବୈଷ୍ଣବ' ସଂପ୍ରଦାୟ ନାମରେ ବିଦିତ । ସେ ଚୋଡ଼ଗଙ୍ଗଦେବଙ୍କୁ ସାକ୍ଷାତ୍ କରି ଓଡ଼ିଶାରେ ବୈଷ୍ଣବ ଧର୍ମ ପ୍ରଚାର ପାଇଁ ପ୍ରେରଣା ଦେଇଥିଲେ । ଜଗନ୍ନାଥଙ୍କୁ ବିଷ୍ଣୁଙ୍କର ଅବତାର ଭାବେ ଗ୍ରହଣ କରାଗଲା । ସେହି ସମୟରୁ ଚୋଡ଼ଗଙ୍ଗଦେବ ବର୍ତ୍ତମାନର ଜଗନ୍ନାଥ ମନ୍ଦିର ନିର୍ମାଣ କରାଇଥିଲେ । ଐତିହାସିକମାନଙ୍କ ମତରେ ସେତେବେଳ ପର୍ଯ୍ୟନ୍ତ ବିଷ୍ଣୁଙ୍କ ସହ ଲକ୍ଷ୍ମୀଙ୍କର ଉପାସନା ପ୍ରଚଳିତ ହୋଇ ନ ଥିଲା । ଅନନ୍ତବର୍ମନ୍ ଚୋଡ଼ଗଙ୍ଗ ଦେବ (ଖ୍ରୀ: ଅ: ୧୦୭୮–୧୧୪୮) ଏକାଦଶ ଶତାବ୍ଦୀରେ ଜଗନ୍ନାଥ ବେଢ଼ା ମଧ୍ୟରେ ଥିବା ଲକ୍ଷ୍ମୀଙ୍କ ପାଇଁ ସ୍ୱତନ୍ତ୍ର ମନ୍ଦିର ନିର୍ମାଣ କରି ପୂଜା ଆରାଧନା ପ୍ରବର୍ତ୍ତନ କରିଥିବା କେନ୍ଦୁଲି ତାମ୍ର ଶାସନରୁ ଜଣାଯାଏ । ※

ତନ୍ତ୍ରରେ ମହାଲକ୍ଷ୍ମୀ :

ଦକ୍ଷଯଜ୍ଞ ପୂର୍ବରୁ ଦେବୀ ନିଜ ଶରୀରରୁ ଦଶଟି ଭୟଙ୍କର ମୂର୍ତ୍ତି ସୃଷ୍ଟି କରି ଦଶ ଦିଗ (ଚତୁର୍ଦ୍ଦିଗ, ଚତୁଷ୍କୋଣ, ଅଧଃ, ଊର୍ଦ୍ଧ୍ୱ)ରେ ଶିବଙ୍କର

※ "ଲକ୍ଷ୍ମୀ ଜନ୍ମଗୃହଂ ପୟୋନିଧିରସୌ ସମ୍ଭାବିତସ୍ୟ ସ୍ଥିତି—
ସ୍ତ୍ରୈଧାମ୍ନି ଶ୍ରୁତସ୍ୟ ପୂଜ୍ୟତରଃ କ୍ଷୀରାବ୍ଧିଧାମାଧିପଂ ॥
ନିର୍ବର୍ଣ୍ଣୈଃ ପୁରୁଷୋତ୍ତମଃ ପ୍ରମୁଦିତ ସ୍ତ୍ରବ୍ଧାସନ୍ଦିକ୍ରମା—
ପ୍ରୋକ୍ତ ଭକ୍ତିନ୍ତ୍ରହଂ କରିଂ ପିତୃଗୃହାତ୍ ପ୍ରାପ୍ୟ ପ୍ରମୋଦାନ୍ୱିତା ॥"

Digitized by PPRACHIN, SOA

ଗନ୍ତପଥ ରୋଧ କରି, ନଜର ଦଶାବତାର ସମ୍ବନ୍ଧରେ ସମ୍ୟକ୍ ଧାରଣା ଦେଇଥିଲେ । ଏହି ଦଶ ମହାବିଦ୍ୟାମାନେ ହେଉଛନ୍ତି :

"କାଳୀ ତାରା ମହାବିଦ୍ୟାଷୋଡ଼ଶୀ ଭୁବନେଶ୍ୱରୀ ।
ଭୈରବୀଚ୍ଛିନ୍ନମସ୍ତା ଚ ବିଦ୍ୟା ଧୂମାବତୀ ତଥା ॥
ବଗଳା ସିଦ୍ଧ ବିଦ୍ୟା ଚ ମାତଙ୍ଗୀକମଳାତ୍ମିକା ।
ଏତା ଦଶ ମହାବିଦ୍ୟାଃ ସିଦ୍ଧବିଦ୍ୟା ପ୍ରକୀର୍ତ୍ତିତାଃ ॥"

ଦଶ ମହାବିଦ୍ୟାରେ 'କମଳାତ୍ମିକା' ଅର୍ଥାତ୍ ମହାଲକ୍ଷ୍ମୀ ହେଉଛନ୍ତି ସର୍ବଶେଷ ମହାବିଦ୍ୟା । ସେ ବିକସିତ ସହସ୍ର ଦଳ-ପଦ୍ମ ଉପରେ ପଦ୍ମାସନରେ ବସିଥାନ୍ତି । ତାଙ୍କ ଦେହର ବର୍ଣ୍ଣ ଶୁଦ୍ଧ ସୁବର୍ଣ୍ଣ ସଦୃଶ, ସେ ଚତୁର୍ଭୁଜା । ତାଙ୍କର ବାମ ଦୁଇ ହସ୍ତରେ ପଦ୍ମ ରହିଛି ଏବଂ ଦକ୍ଷିଣ ହସ୍ତ ଅଭୟ ତଥା ବରଦ ମୁଦ୍ରାରେ ସ୍ଥିତ । ଚାରିଗୋଟି ବିରାଟ କାୟ ହସ୍ତୀ ହିରଣ୍ମୟ ଘଟରେ ତାଙ୍କୁ ଅଭିଷେକ କରାଉଥାନ୍ତି ଏବଂ ସେ ଉଜ୍ଜ୍ୱଳ କିରୀଟ ଧାରଣ କରିଥାନ୍ତି । ତାଙ୍କର ଧ୍ୟାନରେ କୁହାଯାଇଛି—

"କାନ୍ତ୍ୟା କାଞ୍ଚନ ସନ୍ନିଭାଂ ହିମଗିର ପ୍ରଖ୍ୟୈଶ୍ଚତୁର୍ଭିର୍ଗଜୈଃ
ହସ୍ତୋତ୍କ୍ଷିପ୍ତ ହିରଣ୍ମୟା ମୃତଘଟୈ ରାସିଚ୍ୟମାନାଂ ଶ୍ରିୟମ୍ ।
ବିଭ୍ରାଣାଂ ବରମବ୍ଜ ଯୁଗ୍ମମଭୟଂ ହସ୍ତୈଃ କିରୀଟୋଜ୍ଜ୍ୱଳାଂ
କ୍ଷୌମାବଦ୍ଧନିତମ୍ବ ବିମ୍ବଲଲିତାଂ ବନ୍ଦେଽରବିନ୍ଦ ସ୍ଥିତାମ୍ ॥"

ବର୍ତ୍ତମାନ ମହାଲକ୍ଷ୍ମୀ ପୂଜାରେ ଭୂମିରେ ଅଷ୍ଟଦଳ ପଦ୍ମ କାଟି ସେହି ପଦ୍ମର କେଶର ମଧ୍ୟରେ ପୁଷ୍ପାଦି ନିକ୍ଷେପ କରି ଲକ୍ଷ୍ମୀ ମୂର୍ତ୍ତିକୁ ଧ୍ୟାନ କରି ମାନସିକ ଉପଚାରରେ ପୂଜା କରାଯାଏ । କମଳାତ୍ମିକାଙ୍କୁ ମହାଲକ୍ଷ୍ମୀ ରୂପେ ତନ୍ତ୍ର ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି ।

କାରଣ କମଳାତ୍ମିକାଙ୍କର ସ୍ତୋତ୍ରରୁ ଜଣାଯାଏ, ଭକ୍ତମାନେ ତାଙ୍କୁ ବୈଷ୍ଣବବିଲ୍ଲଭା, ଈଶ୍ୱରୀ, ପଦ୍ମାଳୟା ଏବଂ ଶ୍ରୀକମଳାରୂପେ ଧ୍ୟାନ କରନ୍ତି ।

"ଈଶ୍ୱରୀ କମଳା ଲକ୍ଷ୍ମୀଶ୍ଚଳା ଭୂତର୍ହରି ପ୍ରିୟା ।
ପଦ୍ମା ପଦ୍ମାଳୟା ଶସ୍ୟଗୁଚ୍ଛୈଃ ଶ୍ରୀପଦ୍ମଧାରିଣୀ ॥"

Digitized by PPRACHIN, SOA

ଏସ୍. କେ. ଗୁଟର୍ଜି କହୁଛନ୍ତି—"Sri is to start with an Aryan divinity, the Indian counter part of the goddess connected with the harvest or with wealth, beauty and well being whom find in the Italic world as Ceres among the Latins. But in her association with Vishnu as Gaja-Laxmi for instance, she is indigenous and Pre-Aryan." †

ହରିଶଙ୍କର ମନ୍ଦିର ଜଗମୋହନର ବାହାର ପଟରେ ଯେଉଁ ମହାଲକ୍ଷ୍ମୀ ଅଛନ୍ତି, ଉପରୋକ୍ତ ଧ୍ୟାନରୁ ସାମାନ୍ୟ ଭିନ୍ନ ହୋଇଥିଲେ ମଧ୍ୟ ଏହି ମୂର୍ତ୍ତି ତନ୍ତ୍ରର ମହାଲକ୍ଷ୍ମୀ ରୂପେ ପୂଜା ପାଉଥିଲେ । ତନ୍ତ୍ର ଶାସ୍ତ୍ରରୁ ଜଣାଯାଏ ଯେ ଦଶ ମହାବିଦ୍ୟାଙ୍କୁ ପ୍ରତ୍ୟେକ ଗୋଟିଏ ଗୋଟିଏ ଭୈରବୀ କୁହାଯାଏ । ମହା ଭୈରବ ଶିବଙ୍କର ବିଭିନ୍ନ ରୂପ । ଏହି ଦଶ ଭୈରବୀଙ୍କର ପୁରୁଷ ରୂପେ ତନ୍ତ୍ରରେ ନିର୍ଦ୍ଦିଷ୍ଟ ହୋଇଛି । ତୋଡ଼ଳ ତନ୍ତ୍ରରୁ ଜଣାଯାଏ ଯେ, ମହାକାଳୀ ବା ଦକ୍ଷିଣାମୂର୍ତ୍ତିଙ୍କର ଦକ୍ଷ ଭାଗରେ 'ମହାକାଳ' ନାମକ ଭୈରବ, ତାରାଙ୍କର ଦକ୍ଷ ଭାଗରେ 'ଅକ୍ଷୋଭ୍ୟ', ଷୋଡ଼ଶୀ ବା ତ୍ରିପୁର-ସୁନ୍ଦରୀଙ୍କର ଦକ୍ଷିଣରେ 'ପଞ୍ଚବକ୍ତ୍ର ଶିବ', ଭୁବନେଶ୍ୱରୀଙ୍କର ଦକ୍ଷ ଭାଗରେ 'ତ୍ର୍ୟମ୍ବକ', ଛିନ୍ନମସ୍ତାଙ୍କ ଦକ୍ଷଭାଗରେ 'କବନ୍ଧ', ଭୈରବୀଙ୍କର ଦକ୍ଷିଣରେ 'ଦକ୍ଷିଣାମୂର୍ତ୍ତି', ବଗଳାଙ୍କ ଦକ୍ଷ ଭାଗରେ 'ଏକବକ୍ତ୍ର ମହାରୁଦ୍ର', ମାତଙ୍ଗୀଙ୍କର ଦକ୍ଷ ଭାଗରେ 'ମାତଙ୍ଗ', କମଳାଙ୍କ ଦକ୍ଷ ଭାଗରେ 'ବିଷ୍ଣୁରୂପୀ ସଦାଶିବ' ଅର୍ଥାତ୍ 'ହରିହର' ନାମକ ଭୈରବଙ୍କୁ ତାନ୍ତ୍ରିକମାନେ ପୂଜା କରିଥାନ୍ତି । ଧୂମାବତୀ ବିଧବା ରୂପ ଧାରିଣୀ ; ତେଣୁ ତାଙ୍କ ନିକଟରେ କୌଣସି ଭୈରବଙ୍କୁ ପୂଜା କରାଯାଏ ନାହିଁ ।

ଉପରୋକ୍ତ ଭୈରବଙ୍କ ବିଷୟ ଅବତାରଣା କରିବାର ଉଦ୍ଦେଶ୍ୟ ହେଲା ହରିଶଙ୍କର ପୀଠରେ ମୁଖ୍ୟ ଦେବତା ହେଉଛନ୍ତି 'ହରିହର' । ଏହି ବିଷ୍ଣୁ ରୂପୀ ସଦାଶିବଙ୍କୁ ଭୈରବ ଏବଂ ଲକ୍ଷ୍ମୀଙ୍କୁ ଭୈରବୀ ରୂପେ ତାନ୍ତ୍ରିକ-ମାନେ ସାଧନା ବଳରେ ଆୟତ୍ତ କରି ସାଧନା ପଥରେ ଅସାଧ୍ୟ ତଥା

---

† The History and Culture of the Indian People (The Vedic Age Vol. I)

Digitized by PPRACHIN, SOA

ଅଲଭ୍ୟ ବସ୍ତୁ ଲାଭ କରି ପାରୁଥିଲେ । କଥିତ ଅଛି ଯେ, ତାନ୍ତ୍ରିକମାନେ ଦଶଟି ଯାକ ମହାବିଦ୍ୟା ମଧ୍ୟରୁ ଯେ କୌଣସି ଗୋଟିଏ ମହାବିଦ୍ୟାଙ୍କୁ ଆୟତ୍ତ କରି ପାରିଲେ ସାଧନ ପଥରେ ଅଭୀଷ୍ଟ ସାଧନ କରି ପାରୁଥିଲେ । ହରଶଙ୍କର ପୀଠରେ ଲକ୍ଷ୍ମୀଙ୍କ ନିକଟରେ ଥିବା କଣା ହୋଇଥିବା ପ୍ରସ୍ତର ଖଣ୍ଡ (Ring Stone) ପ୍ରାଚୀନ ତନ୍ତ୍ର ପୀଠର ନିଦର୍ଶନ । ଆଜି ଦୁଇଟି ପେଷଣ ଯନ୍ତ୍ର ହରଶଙ୍କର ମନ୍ଦିର ପଛପଟେ ପାଦୁକା ମହାଦେବଙ୍କ ମନ୍ଦିରର ବାମପାଖ ପୀଠ ଉପରେ ରଖା ହୋଇ ପୂଜା ହେଉଛନ୍ତି । ନିମ୍ନ ଗୋଲକାର ପେଷଣରେ ଷଡ଼ ଦଳ ପଦ୍ମର ଯନ୍ତ୍ର ଏବଂ ଭୂପୁର ଲେଖା ହୋଇଛି ଏବଂ ଉପର ଗୋଲକାର ପ୍ରସ୍ତର ଖଣ୍ଡର ମଧ୍ୟ ଭାଗରେ ଗୋଟିଏ ଛିଦ୍ର ଅଛି । ଏହି ଯନ୍ତ୍ର ସାହାଯ୍ୟରେ ତନ୍ତ୍ରୋକ୍ତ ଷଟ୍‌କର୍ମ (ମାରଣ, ମୋହନ, ସ୍ତମ୍ଭନ, ବଶ୍ୟ, ଉଚ୍ଚାଟନ ଓ ଅଭିଚାର) କରାଯାଉଥିବାର ପ୍ରମାଣ ମିଳେ । ବୈଷ୍ଣବ ଧର୍ମର ପ୍ରଭାବ ଫଳରେ ହରଶଙ୍କର ପୂଜା ବୈଷ୍ଣବ ମତରେ (ହରି ଓ ହରଙ୍କର ଉପାସନା) ହେଉଛି ।

ମହାଲକ୍ଷ୍ମୀ ତତ୍ତ୍ୱ

ସପ୍ତଶତୀ ଚଣ୍ଡୀର ରହସ୍ୟ ତ୍ରୟରେ ମେଧା ଋଷିଙ୍କ ମୁଖରେ କୁହାଯାଇଛି—

"ସର୍ବସ୍ୟାଦ୍ୟା ମହାଲକ୍ଷ୍ମୀ ସ୍ତ୍ରିଗୁଣା ପରମେଶ୍ୱରୀ
ଲକ୍ଷ ଲକ୍ଷ ସ୍ୱରୂପା ସା ବ୍ୟାପ୍ୟକୃତ୍ସ୍ନଂ ବ୍ୟବସ୍ଥିତା ॥"
(ପ୍ରାଧାନିକ ରହସ୍ୟ ୪ର୍ଥ ଶ୍ଳୋକ)

ଅର୍ଥାତ୍—ପରମେଶ୍ୱରୀ ମହାଲକ୍ଷ୍ମୀ ତ୍ରିଗୁଣମୟୀ (ତାମସୀ, ରାଜସୀ ଓ ସାତ୍ତ୍ୱିକୀ) ଓ ଆଦ୍ୟା ପ୍ରକୃତି । ସେ ସଗୁଣା ଓ ନିର୍ଗୁଣା ଏବଂ ଜଗତକୁ ବ୍ୟାପି ରହିଛନ୍ତି ।

ଏହି ପ୍ରାଧାନିକ ରହସ୍ୟରେ ବର୍ଣ୍ଣନା କରାଯାଇଛି ଯେ, ଆଦ୍ୟା ମହାଲକ୍ଷ୍ମୀ ପରବର୍ତ୍ତୀ ସମୟରେ ମହାକାଳୀ, ମହାସରସ୍ୱତୀ ଓ ମହାଲକ୍ଷ୍ମୀ ଏବଂ ବ୍ରହ୍ମା, ରୁଦ୍ର ଓ ବିଷ୍ଣୁଙ୍କୁ ସୃଷ୍ଟି କଲେ । ଯେଉଁ ମହାଲକ୍ଷ୍ମୀ ସୃଷ୍ଟି ହେଲେ ସେ କେଶବ (ବିଷ୍ଣୁ)ଙ୍କ ସହ ସମସ୍ତ ପୋଷଣ ଓ ପାଳନ କରିଥିଲେ । 'ପୁପୋଷ ପାଳୟାମାସ ତଲ୍ଲକ୍ଷ୍ମ୍ୟା ସହ କେଶବଃ' (୨୮ ଶ୍ଳୋକର ପୂର୍ବାର୍ଦ୍ଧ) । ମହାଲକ୍ଷ୍ମୀଙ୍କ ଧ୍ୟାନରେ କୁହାଯାଇଛି—

Digitized by PPRACHIN, SOA

ଓଁ ଅକ୍ଷସ୍ରକ୍ ପରଶୁ ଗଦେଶୁ କୁଳିଶଂ ପଦ୍ମଂ ଧନୁଃ କୁଣ୍ଡିକାଂ ।
ଦଣ୍ଡଂ ଶକ୍ତିମସିଞ୍ଚ ଚର୍ମ ଜଳଜଂ ଘଣ୍ଟାଂ ସୁରାଭାଜନମ୍ ॥
ଶୂଳଂ ପାଶ ସୁଦର୍ଶନେ ଚ ଦଧତୀଂ ହସ୍ତୈ ପ୍ରବାଳ ପ୍ରଭାଂ ।
ସେବେ ସୈରଭ ମର୍ଦ୍ଦିନୀମିହ ମହାଲକ୍ଷ୍ମୀ ସରୋଜସ୍ଥିତାମ୍ ॥"

ଅର୍ଥାତ୍—'ଓଁ' ଯେ ଅଷ୍ଟାଦଶ ହସ୍ତରେ ରୁଦ୍ରାକ୍ଷର ଜପମାଳା, କୁଠାର, ଗଦା, ଶର, ବଜ୍ର, ପଦ୍ମ, ଧନୁ, କମଣ୍ଡଳୁ, ଦଣ୍ଡ, ଶକ୍ତି, ଅସି, ଢାଲ, ଶଙ୍ଖ, ଘଣ୍ଟା, ସୁରାପାତ୍ର, ତ୍ରିଶୂଳ ଏବଂ ସୁଦର୍ଶନ ଚକ୍ର ଧାରଣ କରି ଅଛନ୍ତି, ସେହି ପ୍ରବାଳପ୍ରଭା ମହିଷାସୁରମର୍ଦ୍ଦିନୀ କମଳାସନା ମହାଲକ୍ଷ୍ମୀଙ୍କୁ ମୁଁ ଧ୍ୟାନ କରୁଅଛି ।

ସପ୍ତଶତୀ ଚଣ୍ଡୀର ମହାଲକ୍ଷ୍ମୀ ଲକ୍ଷ୍ମୀ ତନ୍ତ୍ରରେ ନିଜେ ନିଜର ପରିଚୟ ପ୍ରଦାନ କରିଛନ୍ତି ।

"ମହାଲକ୍ଷ୍ମୀରହଂ ଶକ୍ର ପୁନଃ ସ୍ୱାୟମ୍ଭୁବେଽନ୍ତରେ
ହିତାୟ ସର୍ବ ଦେବାନାଂ ଜାତା ମହିଷମର୍ଦ୍ଦିନୀ ॥
ମହାସ୍ୟା ଶକ୍ତି ଲେଶା ଯେ ତତ୍ର ଦେବଶରୀରଗାଃ
ଧୃତଂ ମୟା ତୈଃ ସମ୍ଭୂତେ ରୂପଂ ପରମଶୋଭନଂ ॥
ଆୟୁଧାନି ଚ ଦେବାନାଂ ଯାନି ଯାନି ସୁରେଶ୍ୱର
ମଚ୍ଛକ୍ତିସ୍ତସ୍ତଦା କାରାଣ୍ୟାୟୁଧାନି ମମାଭବାନ୍ ॥"

ଅର୍ଥାତ୍—ହେ ଇନ୍ଦ୍ର ! ମୁଁ ମହାଲକ୍ଷ୍ମୀ, ମୁଁ ସ୍ୱାୟମ୍ଭୁବ । ମନ୍ୱନ୍ତରରେ ସମସ୍ତ ଦେବତାମାନଙ୍କ ମଙ୍ଗଳ ନିମିତ୍ତ ମହିଷମର୍ଦ୍ଦିନୀ ରୂପରେ ଆବିର୍ଭୂତା ହୋଇଥିଲି । ଦେବତାମାନଙ୍କ ଶରୀରସ୍ଥିତ ମୋର ଶକ୍ତିକଣା ସମୂହରୁ ସମ୍ଭୂତ ପରମଶୋଭାରୂପ ମୁଁ ଧାରଣ କରିଥିଲି । ହେ ସୁରେଶ୍ୱର, ଦେବ-ଗଣଙ୍କର ଯେଉଁ ସମସ୍ତ ଆୟୁଧ ଅଛି ସେହିଗୁଡ଼ିକ ମୋ'ର ଶକ୍ତିର ଅଂଶ । ମୋ'ର ଆୟୁଧ ସମସ୍ତ ଦେବତାଙ୍କ ଆୟୁଧର ଆକାର ସଦୃଶ ହୋଇ ଥିଲା ।

ଆଦ୍ୟାଶକ୍ତି ହେଉଛନ୍ତି ସୃଷ୍ଟି, ସ୍ଥିତି, ଲୟର ଅଦୃଷ୍ଟ ସୂକ୍ଷ୍ମ ଶକ୍ତି । ପୁରାଣରେ ବର୍ଣ୍ଣିତ ତେତିଶ କୋଟି ଦେବ ଦେବୀ ଏହି ତିନି ଗୁଣ ଓ ଶକ୍ତିର ଅଂଶ ବିଶେଷ । ଏହି ଦେବତାଙ୍କ ମଧ୍ୟରୁ କେତେକ ପାଳନାତ୍ମିକ, ସୃଜନାତ୍ମିକ ଓ ସଂହାରାତ୍ମିକ ଦେବଦେବୀ ଅଛନ୍ତି । ସକଳ ଦେବଦେବୀଙ୍କ

Digitized by PPRACHIN, SOA

ସମଷ୍ଟି ହେଉଛନ୍ତି ବ୍ରହ୍ମା, ବିଷ୍ଣୁ, ମହେଶ୍ୱର । ବ୍ରହ୍ମା, ବିଷ୍ଣୁ ଓ ଶିବ ମଧ୍ୟ ପରସ୍ପର ଭିନ୍ନ ନୁହନ୍ତି । ଏମାନେ ପରଂବ୍ରହ୍ମଙ୍କର ତିନୋଟି ଗୁଣ ମାତ୍ର ।

"ଏକ ମୂର୍ତ୍ତିସ୍ତ୍ରୟୋଦେବାଃ ବ୍ରହ୍ମାବିଷ୍ଣୁ ମହେଶ୍ୱରାଃ
ନାନା ଭାବଂ ମନୋଯସ୍ୟ ତସ୍ୟ ମୁକ୍ତିର୍ନଜାୟତେ ॥
ଏକ ଭୂତଂ ପରଂବ୍ରହ୍ମ ଜଗତ୍ସର୍ବଂ ଚରାଚରମ୍
ନାନା ଭାବୋ ମନୋଯସ୍ୟ ତସ୍ୟ ମୁକ୍ତିର୍ନଜାୟତେ ॥"

ସଗୁଣ ବ୍ରହ୍ମ ତ୍ରିଗୁଣରେ ତ୍ରିଶକ୍ତିଧାରୀ । କାଳ, ଚୈତନ୍ୟ ଓ ସତ୍ତ୍ୱ ତିନୋଟି ନିତ୍ୟ ଚୈତନ୍ୟମୟ ବସ୍ତୁର ତ୍ରିବିଧ୍ୟାପର ଅବସ୍ଥାର ତିନୋଟି ଶକ୍ତି । ଏହି ତିନି ଶକ୍ତି ଈଶ୍ୱର ବଶୀଭୂତ କରି ବ୍ରହ୍ମା, ବିଷ୍ଣୁ ଓ ଶିବ ରୂପେ ଜୀବଜଗତରେ ସୃଜନ, ପାଳନ ଓ ଲୟ କରି ଥାଆନ୍ତି । ବ୍ରହ୍ମାଙ୍କର ସୃଷ୍ଟି-କାରିଣୀ ଶକ୍ତିର ନାମ ସରସ୍ୱତୀ ; ବିଷ୍ଣୁଙ୍କର ପାଳନକାରିଣୀ ଶକ୍ତିର ନାମ ଲକ୍ଷ୍ମୀ ଏବଂ ଶିବଙ୍କ ଲୟକାରିଣୀ ଶକ୍ତିର ନାମ କାଳୀ । ବ୍ରହ୍ମା-ସରସ୍ୱତୀ, ବିଷ୍ଣୁ-ଲକ୍ଷ୍ମୀ, ଶିବ-କାଳୀ, ଏମାନେ ମଧ୍ୟ ପରସ୍ପର ଅଭିନ୍ନ । ତ୍ରିଶକ୍ତିର ସମନ୍ୱୟୀ ଗାୟତ୍ରୀ ଉପାସନାଦ୍ୱାରା ସଗୁଣ ବ୍ରହ୍ମାଙ୍କ ଉପାସନା ହୁଏ ବୋଲି ବେଦ ନିର୍ଦ୍ଦିଷ୍ଟ କରିଛି । କିନ୍ତୁ ଯେଉଁ ସବୁ ନିମ୍ନାଧିକାରୀ ଜନଗଣଙ୍କର ବେଦପ୍ରତିପାଦିତ ଈଶ୍ୱରଙ୍କର ଏହି ସାର୍ବଭୌମ ଭାବ ଧ୍ୟାନ ଧାରଣାରେ ଜାଣି ପାରନ୍ତି ନାହିଁ, ସେମାନଙ୍କ ପାଇଁ ପୁରାଣରେ ପୃଥକ୍ ପୃଥକ୍ ଶକ୍ତି ଆରାଧନାର ବିଧି ଅଛି । ପ୍ରକୃତରେ ଜଣଙ୍କର ଆରାଧନାରେ ତିନି ଜଣଙ୍କର ଆରାଧନା ହୋଇଥାଏ । ସେଥିପାଇଁ ପରମେଶ୍ୱରଙ୍କର ଶକ୍ତି ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ରୂପେ ଦେଖାଯାନ୍ତି ; କିନ୍ତୁ ଏମାନେ ପରସ୍ପର ଅଭିନ୍ନ ।

"ଏକୈବ ଶକ୍ତି ପରମେଶ୍ୱରସ୍ୟ
ଭିନ୍ନା ଚତୁର୍ଦ୍ଧା ବିନିଯୋଗ କାଳେ
ଭୋଗେ ଭବାନୀ ପୁରୁଷେଷୁ ବିଷ୍ଣୁ
କୋପେଚ କାଳୀ ସମରେଚ ଦୁର୍ଗା ।"

ଈଶ୍ୱର ପାଳନକର୍ତ୍ତା ବିଷ୍ଣୁ ସତ୍ତ୍ୱଗୁଣ ଓ ତାଙ୍କର ପାଳନକାରିଣୀ ଗୁଣ ଶକ୍ତିର ନାମ ଲକ୍ଷ୍ମୀ । ବ୍ରହ୍ମଙ୍କର ତିନି ପ୍ରଧାନ ଭାବ ସତ୍-ଚିତ୍-ଆନନ୍ଦ ସକଳ

Digitized by PPRACHIN, SOA

ନିଘଣ୍ଟରେ ଦେଖିବାକୁ ମିଳେ । ସତ୍ ଉପାଦାନ କାରଣ, ଚିତ୍ ନିମିତ୍ତ କାରଣ ଏବଂ ଆନନ୍ଦ ଭୋଗକର୍ତ୍ତା ଭୋଗାବସ୍ଥାରେ ସ୍ୱରୂପାନୁଭବ ଅର୍ଥାତ୍ ଯାହା ଆନନ୍ଦ ନାମରେ ଖ୍ୟାତ, ତାହା ଚରିତାର୍ଥ କରିବାକୁ ନିମିତ୍ତ କାରଣର ପ୍ରୟୋଜନ ହୁଏ । ଉପାଦାନ କାରଣ, ନିମିତ୍ତ କାରଣ ସାହାଯ୍ୟରେ ପରିଣତ ହୋଇଥାଏ । ଯେପରି ଏକ ବିଦ୍ୟୁତ୍ ଶକ୍ତି ବଲ୍ବ୍‌ରେ ଆଲୋକ ଦିଏ, ପଙ୍ଖାରେ ପବନ ଯୋଗାଇଥାଏ ଏବଂ ବିଦ୍ୟୁତ୍ ଚୁଲିରେ ଉତ୍ତାପ ଯୋଗାଏ—ଏହା ନିମିତ୍ତ କାରଣ ହୁଏ । ସେହିପରି ଏହି ବିଶ୍ୱକାର୍ଯ୍ୟ ରୂପୀ ଉପାଦାନ ସମୂହରେ ପ୍ରକାଶାର୍ଥ କାରଣ ହିଁ ଚିତ୍‌ସତ୍ତ୍ୱ । ଏହି ଚିତ୍‌ସତ୍ତ୍ୱହିଁ ଅନନ୍ତ ଶିରୋଧାରୀ ଶେଷଶାୟୀ ନାରାୟଣ ବା ବିଷ୍ଣୁ । ଧର୍ମ, ଅର୍ଥ, କାମ ଓ ମୋକ୍ଷ ବିଷ୍ଣୁଙ୍କର ଏହି ଚାରି ହାତ । ପ୍ରବୃତ୍ତି ଓ ନିବୃତ୍ତି ତାଙ୍କର ପାଦ, ଚତୁର୍ଦ୍ଦଶ ଭୁବନ ତାଙ୍କର ସର୍ବାଙ୍ଗ, ଅନନ୍ତ ବ୍ରହ୍ମାଣ୍ଡର ଅନନ୍ତ ଜୀବର ଆଧାର ବୋଲି ତାଙ୍କର ନାମ ଅନନ୍ତ ଦେବ ଏବଂ ସେ ଅନନ୍ତ ଶୀର୍ଷା ପୁରୁଷ । ବ୍ରହ୍ମଙ୍କର ଚୈତନ୍ୟ ଶକ୍ତିରେ ବିଶ୍ୱର ଆବିର୍ଭାବ ଏବଂ ଶିବଙ୍କର ସଂହରଣ ଶକ୍ତିରେ ବିଶ୍ୱର ତିରୋଭାବର ଅନ୍ତରାଳ ଅବସ୍ଥାକୁ ସ୍ଥିତି କହନ୍ତି । ଲକ୍ଷ୍ମୀଦେବୀ ଏହି ସ୍ଥିତି ବା ପାଳନ କାର୍ଯ୍ୟର ଶକ୍ତି । ପାଳନାତ୍ମିକା ଲକ୍ଷ୍ମୀ ନିଖିଳ ବିଶ୍ୱ ବ୍ରହ୍ମାଣ୍ଡର ଧନୈଶ୍ୱର୍ଯ୍ୟର କର୍ତ୍ତ୍ରୀ ତେଣୁ ସେ "ଗୌରବର୍ଣ୍ଣାଂ ସ୍ୱରୂପାଞ୍ଚ ସର୍ବାଳଙ୍କାର ଭୂଷିତା" ଅର୍ଥାତ୍ ସୁବର୍ଣ୍ଣବର୍ଣ୍ଣା ଓ ସୁବର୍ଣ୍ଣମଣ୍ଡିତା ।

ମହାଲକ୍ଷ୍ମୀ ପୂଜା :

ଆଦ୍ୟା ମହାଲକ୍ଷ୍ମୀ ଅଷ୍ଟାଦଶଭୁଜା ହେଲେ ବେଳେ ପରବର୍ତ୍ତୀ କାଳରେ ମହାଲକ୍ଷ୍ମୀ ଚତୁର୍ଭୁଜା । ରାମାନୁଜଙ୍କ ପ୍ରଭାବରେ ଚୋଡ଼ଗଙ୍ଗ ଦେବ ଲକ୍ଷ୍ମୀଙ୍କ ପାଇଁ ଶ୍ରୀମନ୍ଦିର ବେଢ଼ାରେ ଗୋଟିଏ ସ୍ୱତନ୍ତ୍ର ମନ୍ଦିର ନିର୍ମାଣ କରିଥିଲେ । ମନ୍ତ୍ରମୟୀ ଚତୁର୍ଭୁଜା ଲକ୍ଷ୍ମୀଙ୍କର ସ୍ୱରୂପ ଏହିପରି ବର୍ଣ୍ଣନା କରାଯାଇଛି ।

"ଲକ୍ଷ୍ମୀଶ୍ଚତୁର୍ଭୁଜା ବସ୍ତ୍ରା ବରାଭୟଧରା ସତୀ
ତଥୈବ୍ୟାବ୍ଜ ଯୁଗଂ ଦିବ୍ୟଂ ଧାରୟନ୍ତୀ ସ୍ମିତାନନା
ଚତୁର୍ଭିର୍ଗଜୈ କରୋତ୍କ୍ଷିପ୍ତ ସୁବର୍ଣ୍ଣକଳସାମ୍ବୁଭିଃ
କ୍ରିଡାଭିଷେକ କମଳା କମଳାସନ ସଂସ୍ଥିତା ।"

Digitized by PPRACHIN, SOA

ଅର୍ଥାତ୍ ମା' ଚତୁର୍ଭୁଜା । ବର ଓ ଅଭୟ ଦୁଇ ହାତରେ ଧରି ଅଛନ୍ତି । ଅନ୍ୟ ଦୁଇ ହସ୍ତରେ ମା' ସୁନ୍ଦର ପଦ୍ମ ଧାରଣ କରି ଅଛନ୍ତି । ମା'ଙ୍କ ମୁଖରେ ସ୍ମିତ ହାସ୍ୟ ଫୁଟି ଉଠୁଛି, ଚାରିଗୋଟି ହସ୍ତୀ ସୁବର୍ଣ୍ଣ କଳସ ଧାରଣ-ପୂର୍ବକ ମା'ଙ୍କ ଉପରେ ଅଭିଷେକ କରୁଛନ୍ତି ଏବଂ ମା' ପଦ୍ମାସନରେ ବିରାଜିତା ।

ଦୀପାବଳୀ ଅମାବାସ୍ୟା ତିଥିରେ ଲକ୍ଷ୍ମୀପୂଜା ଅନୁଷ୍ଠିତ ହୁଏ । ଚଞ୍ଚଳା ସୌଭାଗ୍ୟଲକ୍ଷ୍ମୀ ଅସୁର ରାଜା ବଳିଙ୍କଦ୍ୱାରା ଦୀର୍ଘ ସମୟ ଧରି ବନ୍ଦିନୀ ହୋଇ ରହିଥିଲେ । ସ୍ୱୟଂ ବିଷ୍ଣୁ ବାମନ ରୂପେ ଅବତୀର୍ଣ୍ଣ ହୋଇ ମହାରାଜା ବଳିଙ୍କୁ ସତ୍ୟବଦ୍ଧ କରାଇ ରାଜ୍ୟଚ୍ୟୁତ କରାଇ ଥିଲେ ଏବଂ ଲକ୍ଷ୍ମୀଙ୍କୁ ମୁକ୍ତ କରାଇ ଥିଲେ । ସ୍ୱୟଂ ବିଷ୍ଣୁ ଲକ୍ଷ୍ମୀଙ୍କ ସହ କ୍ଷୀର ସାଗରରେ ସୁଖ ନିଦ୍ରା ଯାଇଥିଲେ । ଲକ୍ଷ୍ମୀଙ୍କର ମୁକ୍ତି ଦିବସକୁ ଦେବତା ଓ ମନୁଷ୍ୟମାନେ ମହା ସମାରୋହରେ ପାଳନ କରି ଆସୁଛନ୍ତି । ମହାରାଜା ବଳି ତ୍ରିଲୋକର ଅଧିପତି ହୋଇ ଦେବତାମାନଙ୍କୁ ମଧ୍ୟ ବନ୍ଦୀ କରିଥିଲେ । ଲକ୍ଷ୍ମୀଙ୍କ ସହିତ ଦେବତାମାନେ ମଧ୍ୟ ମୁକ୍ତିଲାଭ କରିଥିଲେ ।

"ବନ୍ଧକାରଗୃହାଦ୍ଦେବା ଲକ୍ଷ୍ମୀଶ୍ଚାପି ବିମୋଚିତା
ଲକ୍ଷ୍ମ୍ୟାସାର୍ଦ୍ଧଂ ତତୋ ଦେବା ଲୀନାଃ କ୍ଷୀରୋଦଧୌପୁନଃ ।"

(ବ୍ରତରାଜ)

ଦୀପାବଳୀ ଅମାବାସ୍ୟାର ଓ ଚତୁର୍ଦ୍ଦଶୀ ମଧ୍ୟରାତ୍ରରୁ ଆଦ୍ୟାଶକ୍ତିଙ୍କୁ କାଳୀ ରୂପେ ପୂଜା କରାଯାଏ । ଅନନ୍ତ ଶୟନରେ ବିଷ୍ଣୁଙ୍କର ଯୋଗନିଦ୍ରା ମହାକାଳୀଙ୍କର ପ୍ରତୀକ । କ୍ରମେ ଘୋର ତମିସ୍ରା ସହିତ ମହାକାଳ ସୃଜନୀ ଶକ୍ତିରେ ରୂପାନ୍ତରିତ ହେଲା । ସେହି ମୁହୂର୍ତ୍ତରୁ ସୃଷ୍ଟିର କର୍ମ ଆରମ୍ଭ ହେଲା । ସୃଷ୍ଟିର ରହସ୍ୟ ଏହି ଦୁଇଟି ବିଭାଗକୁ ପ୍ରକାଶ କରିବା ପାଇଁ କାଳୀ ପୂଜାର ପର ଦିନଠାରୁ ଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇ ଆସୁଛି । ଲକ୍ଷ୍ମୀ ପୂଜାର ପୂର୍ବରୁ ଅଲକ୍ଷ୍ମୀଙ୍କୁ ପୂଜା କରାଯାଇଥାଏ । ଦୈନ୍ୟ ଓ ଦାରିଦ୍ର୍ୟର ପ୍ରତୀକ ଏହି ଲକ୍ଷ୍ମୀଙ୍କୁ ରାତ୍ରି ସମୟରେ ବୃକ୍ଷରେ ଛାଡ଼ି ଦିଆଯାଏ । ଏଥି ଉତ୍ତାରୁ ଲକ୍ଷ୍ମୀଙ୍କ ଆବାହନ କରାଯାଏ । ଏଥି ପାଇଁ ଆମ ଚଳଣିରେ ରାତ୍ରିରେ ବୃକ୍ଷମୂଳରେ ଆଶ୍ରୟ ନେବାପାଇଁ ନିଷେଧ କରାଯାଇ ଥାଏ ।

Digitized by PPRACHIN, SOA

ଗୁରୁବାର ଓଷା:

ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ ମହାଲକ୍ଷ୍ମୀଙ୍କ ବ୍ରତ ଗୁଡ଼ିକ ସ୍ୱତନ୍ତ୍ରଭାବେ ପାଳିତ ହୁଏ । ଏହି ବ୍ରତ ଚାରି ପ୍ରକାର ପାଳିତ ହୁଏ । ସୁଦଶାବ୍ରତ, କାତ୍ୟାଣି ଗୁରୁବାର, ଧାନମାଣିକ ଗୁରୁବାର ଓ ଷୋଳପାଳି ଗୁରୁବାର । ମହାଲକ୍ଷ୍ମୀଙ୍କ ଆରାଧନା ମଧ୍ୟରେ ସାମାନ୍ୟ ପାର୍ଥକ୍ୟ ଥିଲେ ମଧ୍ୟ ଏହି ଚାରୋଟି ବ୍ରତରେ ଅଧିକାଂଶ ବିଧିବିଧାନ ସମାନ । ମାର୍ଗଶିର ମାସରେ ଅନୁଷ୍ଠିତ ମହାଲକ୍ଷ୍ମୀଙ୍କ ପୂଜା ବିଶେଷ ଗୁରୁତ୍ୱପୂର୍ଣ୍ଣ । ଓଡ଼ିଶାର ଘରେ ଘରେ ମାର୍ଗଶିର ମାସ ଗୁରୁବାର ଦିନ ମାଣବସା ପର୍ବ ପାଳିତ ହୁଏ ।

ଏହି ଗୁରୁବାର ବ୍ରତ ବିଭିନ୍ନ ସ୍ଥାନରେ ବିଭିନ୍ନ ଭାବରେ ପାଳିତ ହୁଏ । କେତେକ ସ୍ଥାନରେ ଆଷାଢ଼ ମାସରୁ କାର୍ତ୍ତିକମାସ ପର୍ଯ୍ୟନ୍ତ ଗୁରୁବାର ପାଳିତ ହୁଏ । ଏହାକୁ ଚତୁର୍ମାସ ଗୁରୁବାର କୁହାଯାଏ । ମାର୍ଗଶିର ପ୍ରଥମ ଗୁରୁବାର ଦିନ 'ଗୁରୁବାର' ବସାଯାଏ । କେତେକ ସ୍ଥାନରେ କେବଳ ମାର୍ଗଶିର ଶୁକ୍ଳପକ୍ଷ ଗୁରୁବାର ଦିନ ଏହା ପାଳନ କରାଯାଏ । ଏହି ଓଷା ପାଳନରେ ଆଧ୍ୟାତ୍ମିକ ଚେତନା ଯାହା ଥାଉ ନା କାହିଁକି, ଶସ୍ୟସମ୍ପଦର ସହଯୋଗ ତଥା ସଂରକ୍ଷଣ ହେଉଛି ମୁଖ୍ୟ ପ୍ରତିପାଦ୍ୟ ବିଷୟ । ଏହି ଓଷାରେ ମାଣରେ ପୂଜା ପାଉଥିବା ଶସ୍ୟରେ ପାକ ହୋଇଥିବା ଭୋଗ ବିବାହିତ କନ୍ୟା ଖାଇପାରିବେ ନାହିଁ ; କାରଣ ବିବାହ ପରେ ସେମାନେ ଅନ୍ୟ ଗୋତ୍ରୀ ହୋଇ ଥାନ୍ତି । ଏହି ଶସ୍ୟର ଭୋଗ କେବଳ ସେହି ପରିବାର ମଧ୍ୟରେ ଆବଦ୍ଧ ହୋଇ ଥାଏ ।

ଲକ୍ଷ୍ମୀ ପୂଜା ଦିନ ଯେଉଁ ଖାଦ୍ୟ--ପେୟର ବ୍ୟବସ୍ଥା ହୋଇଥାଏ ତାହା ସେହି ବର୍ଷର ଉତ୍ପନ୍ନ ଶସ୍ୟରେ ହେବାର ବିଧି ରହିଛି । ଆମ ଦେଶ ଏକ କୃଷିପ୍ରଧାନ ଦେଶ । ସାଧାରଣତଃ ଏହି ସମୟରେ ଧାନ ଅମଳ ହୋଇ ଘରକୁ ଅଣାଯାଏ । ରବିଫସଲ ମଧ୍ୟରେ ବିରି ପ୍ରଭୃତି ଅମଳ ହୋଇଥାଏ । ଫସଲ ଅମଳ ସମୟରେ କୃଷକର ମନ ଉଲ୍ଲସିତ ହୁଏ ; ତେଣୁ କୃଷିକୁ ଭିତ୍ତି କରି ଆମ ସମାଜରେ ପର୍ବପର୍ବାଣୀଗୁଡ଼ିକ ସୃଷ୍ଟି ହୋଇଛି । ନୂତନ ଖାଦ୍ୟ ଶସ୍ୟ କୃଷକର ହସ୍ତଗତ ହୋଇଥିବାରୁ ନୂତନ ଶସ୍ୟର ଏହି ଉତ୍ସବଟି ଆନନ୍ଦ ଓ ଉତ୍ସାହ ସହିତ ପାଳିତ ହୁଏ ।

Digitized by PPRACHIN, SOA

ଲକ୍ଷ୍ମୀବିହୀନ ଜଗନ୍ନାଥ:

ମାର୍ଗଶିରମାସ ଗୁରୁବାର ଦିନ ଲକ୍ଷ୍ମୀ ପୁରାଣ ପାଠ କରି ଗୁରୁବାର ଓଷା ବା ବ୍ରତ ପାଳନ କରାଯାଏ । ସେହି ପୁରାଣର ତାତ୍ପର୍ଯ୍ୟ ହେଲା ମହାଲକ୍ଷ୍ମୀ ଚଣ୍ଡାଳୁଣୀର ପୂଜା ଉପାସନାରେ ପ୍ରୀତ ହୋଇ ଅଛିକ ଚଣ୍ଡାଳୁଣୀର ଘରକୁ ବିଜେ କରିଥିଲେ । ସେଥିପାଇଁ ଶ୍ରୀଜଗନ୍ନାଥଙ୍କଠାରୁ ଭର୍ତ୍ସନା ପାଇ ତାଙ୍କୁ ଶ୍ରୀମନ୍ଦିର ତ୍ୟାଗ କରିବାକୁ ପଡ଼ିଥିଲା, ଏବଂ ମା'ଙ୍କର ଅଭିଶାପରେ ଶ୍ରୀଜଗନ୍ନାଥ ଓ ବଳଭଦ୍ରଙ୍କୁ ଖାଇବାକୁ ମିଳିଲା ନାହିଁ । ଲକ୍ଷ୍ମୀ ଛଡ଼ା ହୋଇ ବଡ଼ ଠାକୁର ଦ୍ୱାରି ଦ୍ୱାର ହୋଇ ବୁଲିଲେ । ଶେଷରେ ମା' ଲକ୍ଷ୍ମୀ ବିକଳ ହୋଇ ସେମାନଙ୍କ ପ୍ରତି ଦୟା କରିବାରୁ ସେମାନେ ପେଟକୁ ଦି'ଟା ଖାଇବାକୁ ପାଇଲେ । ହିନ୍ଦୁ ସମାଜର ଏହି ଶ୍ରୀୟା ଚଣ୍ଡାଳୁଣୀ ଆଖ୍ୟାନ ଏକ ଚମତ୍କାର ରୂପକଳ୍ପ । ଦେବ ଦେବୀଙ୍କ ମାଧ୍ୟମରେ ସମାଜରୁ ଅସ୍ପୃଶ୍ୟତା ଦୂର କରି ହିନ୍ଦୁ ସମାଜକୁ ସମୃଦ୍ଧ କରିବା ଏହି ପୂଜାର ପ୍ରଚ୍ଛନ୍ନ ଉଦ୍ୟମ ହୋଇପାରେ କିନ୍ତୁ ଭକ୍ତ ଭାବରେ ଜାତି ଧର୍ମ ନିର୍ବିଶେଷରେ ଯେ ମା'ଙ୍କୁ ଡାକେ ମା ତା'ର ଦ୍ୱାରସ୍ଥ ହୁଅନ୍ତି, ଏହାହିଁ ଏହି ପୁରାଣର ତାତ୍ପର୍ଯ୍ୟ । ସାଧାରଣତଃ ସର୍ବଗୁଣ ସମ୍ପନ୍ନା ସର୍ବତୋଭାବେ ସୌନ୍ଦର୍ଯ୍ୟପୂର୍ଣ୍ଣ ଝିଅ ବା ସ୍ତ୍ରୀ ଲୋକକୁ ଲକ୍ଷ୍ମୀଙ୍କ ସହ ତୁଳନା କରାଯାଏ । ଲକ୍ଷ୍ମୀ ପ୍ରସନ୍ନା ନ ହେଲେ ସମଗ୍ର ବିଶ୍ୱରେ ଦି'ମୁଠା ଖାଇବାକୁ ମିଳେ ନାହିଁ । ଅମଙ୍ଗଳକୁ ଲକ୍ଷ୍ମୀଛଡ଼ା କୁହାଯାଏ । ତେଣୁ ମା' ସମସ୍ତ ଶ୍ରୀ, ସୌନ୍ଦର୍ଯ୍ୟ, ଶୋଭା ଓ ସମ୍ପତ୍ତିର ପ୍ରତୀକ ଅଟନ୍ତି ।

ମହାଲକ୍ଷ୍ମୀଙ୍କ ଶ୍ରୀରାଧା ସ୍ୱରୂପ :

ହରଶଙ୍କର ପୀଠରେ ଲକ୍ଷ୍ମୀ ତନ୍ତ୍ରର କମଳାତ୍ମିକା ହୋଇ ପରେ ବୈଷ୍ଣବ ଧର୍ମର ରାଧାଙ୍କ ସ୍ୱରୂପ ମା' ଲକ୍ଷ୍ମୀଙ୍କ ସ୍ୱରୂପରେ ଆରୋପିତ କରାଯାଇଛି ।

ଗୋସ୍ୱାମୀ କୃଷ୍ଣ ଦାସ କବିରାଜଙ୍କଦ୍ୱାରା ବିରଚିତ ଶ୍ରୀ ଚୈତନ୍ୟ ଚରିତାମୃତରେ ମଧ୍ୟଲୀଳା ନବମ ପରିଚ୍ଛେଦରେ ଶ୍ରୀ ରାଧା ଓ ଲକ୍ଷ୍ମୀଙ୍କର ଏକ ରୂପ ଦର୍ଶାଇଛନ୍ତି—

Digitized by PPRACHIN, SOA

'କୃଷ୍ଣନାରାୟଣ ଯୈଛେ ଏକର ସ୍ୱରୂପ
ଗୋପୀ ଲକ୍ଷ୍ମୀ ଭେଦ ନାହିଁ ହୟ ଏକ ରୂପ ॥
ଗୋପୀ ଦ୍ୱାରେ ଲକ୍ଷ୍ମୀ କରେ କୃଷ୍ଣ ମହାସ୍ୱାଦ
ଈଶ୍ୱରତ୍ୱେ ଭେଦ ମାନିଲେ ହୟ ଅପରାଧ ॥'

ରାଧା ଗୋପୀ ଶ୍ରେଷ୍ଠା । ଜଗନ୍ନାଥଙ୍କୁ "କ୍ଲୀଂ, କୃଷ୍ଣାୟ, ଗୋବିନ୍ଦାୟ, ଗୋପୀଜନ ବଲ୍ଲଭାୟ ସ୍ୱାହା" ମନ୍ତ୍ରରେ ପୂଜା କରାଯାଏ । ଶ୍ରୀ ଜୟଦେବ ତାଙ୍କ ଗୀତଗୋବିନ୍ଦରେ କମଳା ଶବ୍ଦ ଉଲ୍ଲେଖ କରିଛନ୍ତି ।

'ଶ୍ରିତ କମଳା କୁଚମଣ୍ଡଳ ଧୃତ କୁଣ୍ଡଳ
କଳିତ, ଲଳିତ ବନମାଳ ଜୟ ଜୟ ଦେବ ହରେ ।'

ଏଠାରେ ଶ୍ରୀକୃଷ୍ଣଙ୍କର ମାଧୁର୍ଯ୍ୟମୟ ଲୀଳାରେ 'କମଳା' ଶବ୍ଦଟି ତାତ୍ପର୍ଯ୍ୟପୂର୍ଣ୍ଣ । ଶ୍ରୀ ଜଗନ୍ନାଥାଷ୍ଟକରେ ଜଗନ୍ନାଥଙ୍କୁ କୃଷ୍ଣ ରୂପେ ବର୍ଣ୍ଣନା କରାଯାଇ ଶ୍ଲୋକାବଳୀରେ 'ରାଧା' ଶବ୍ଦ ଉଲ୍ଲେଖ କରାଯାଇଛି ।

'ପରବ୍ରହ୍ମା ପୀଡ଼ଃ କୁବଳୟ ଦଳୋତ୍ଫୁଲ୍ଲନୟନୋ
ନିବାସୀ ନୀଳାଦ୍ରୌ ନିହିତଚରଣୋଽନନ୍ତଶିରସି ।
ରସାନନ୍ଦୋ ରାଧା ସରସ ବପୁରାଲିଙ୍ଗନସୁଖୋ
ଜଗନ୍ନାଥଃ ସ୍ୱାମୀ ନୟନପଥଗାମୀ ଭବ ତୁମେ ।'

ଏଠାରେ ଜଗନ୍ନାଥଙ୍କ ନାମ ରସାନନ୍ଦ ରାଧାଙ୍କ ନାମ ସହିତ ଉଲ୍ଲେଖ କରାଯାଇଛି । ତେଣୁ ଏଥିରୁ ସୂଚନା ମିଳେ ଯେ ମା ଲକ୍ଷ୍ମୀ ଓ ରାଧା ଅଭିନ୍ନ ।

Digitized by PPRACHIN, SOA

ନବମ ପରିଚ୍ଛେଦ

ହରିଶଙ୍କରଠାରେ ମାତୃକା ପୂଜା

ଭାରତୀୟ ଶାକ୍ତ ସଂସ୍କୃତି ପର୍ଯ୍ୟାଲୋଚନାରୁ ଜଣାଯାଏ, ଶାକ୍ତ ଅଦ୍ୱୈତର ଉପାସକ ବେଦ, ଉପନିଷଦ ଓ ପୁରାଣମାନଙ୍କରେ ପ୍ରଚ୍ଛନ୍ନ ଭାବରେ ନିହିତ ଥିଲା । ଆଦିବାସୀମାନଙ୍କର ଶକ୍ତି ପୂଜାରେ ପ୍ରକୃତି ଓ ପ୍ରତୀକ ପୂଜା ମୁଖ୍ୟ ସ୍ଥାନ ଅଧିକାର କରିଥିଲା । ଓଡ଼ିଶାର ଆଦିବାସୀ ସମାଜ ମଧ୍ୟରେ ପ୍ରକୃତି ପୂଜାର ନିଦର୍ଶନ ହେଉଛି ଧରିତ୍ରୀ, ମେଘ, ପର୍ବତ, ଜଙ୍ଗଲ, ସୂର୍ଯ୍ୟ, ଚନ୍ଦ୍ର ଆଦିଙ୍କର ପୂଜା ! ଶସ୍ୟ ଉତ୍ପାଦନ କରି ସମସ୍ତଙ୍କ ପାଳନ କରୁଥିବାରୁ ଧରଣୀ ଦେବତାର ଆରାଧନା ଆଦିବାସୀ ସମାଜରେ ମୁଖ୍ୟ ସ୍ଥାନ ଅଧିକାର କରିଥିଲା । ଆଦିବାସୀ ସମାଜରେ ପ୍ରଚଳିତ ଏହି ଶକ୍ତି ପୂଜାର ଧାରା କ୍ରମେ ପୁରାଣ ଓ ତନ୍ତ୍ର ଭିତରେ ପ୍ରବେଶ କରିଥିଲା । ମହାଭାରତରୁ ପରବର୍ତ୍ତୀ କାଳରେ ବିଧିବଦ୍ଧ ଭାବରେ ଏହି ବିକ୍ଷିପ୍ତ ଉପାଦାନଗୁଡ଼ିକୁ ନିୟମିତ କରାଗଲା, ଏବଂ ତହିଁରୁ ସମ୍ପ୍ରଦାୟ ଭେଦରେ ବିଭିନ୍ନ ଶାକ୍ତ ସମ୍ପ୍ରଦାୟ ଶାଖା ପ୍ରଶାଖା ବିସ୍ତାର କରି ପଲ୍ଲବିତ ହେଲା । କାଳକ୍ରମେ ଏହି ଶାକ୍ତ ଧର୍ମର ପ୍ରତିଷ୍ଠା ଓ ପ୍ରତିପତ୍ତି ମହାଯାନୀ ବୌଦ୍ଧମାନଙ୍କୁ ଅଭିଭୂତ କଲା । ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀରେ ନିର୍ମିତ 'ପରିମଳ ଗିରି ବିହାର' ଯାହାକି ଐତିହାସିକ ଡଃ ନବୀନ କୁମାର ସାହୁଙ୍କଦ୍ୱାରା ଶ୍ରୀ ନୃସିଂହନାଥ ହରିଶଙ୍କର କ୍ଷେତ୍ର ବୋଲି ଚିହ୍ନିତ, † ସେହି ବିହାରରେ ବୌଦ୍ଧ ଭିକ୍ଷୁମାନେ ଶାକ୍ତ ଧର୍ମର କ୍ରମ ବିକାଶ ଧାରାରେ ସାମିଲ ହୋଇଗଲେ ।

ଐତିହାସିକ ଯୁଗରେ ଭାରତୀୟ ଅଧିବାସୀଙ୍କଦ୍ୱାରା ପୂଜିତ ସିଂହବାହିନୀ ଦୁର୍ଗାଦେବୀଙ୍କ ସହିତ ସିରିଆ ପ୍ରଭୃତି ପଶ୍ଚିମ ଏସିଆର ଆରାଧ୍ୟ

† Buddhism in Orissa.

Digitized by PPRACHIN, SOA

ସିଂହବାହିନୀ ଦେବୀଙ୍କ ସହିତ ଅନେକ ସାମଞ୍ଜସ୍ୟ ଅଛି । କିନ୍ତୁ ପ୍ରାଚୀନ ଭାରତର ଶାକ୍ତ ସମ୍ପ୍ରଦାୟ ଯାହାର ଶକ୍ତି କଳ୍ପନାରୁ ଗଠିତ, ସେହିପରି କୌଣସି ଧର୍ମ ମତବାଦ ସଂଗଠନ ଭାରତ ବାହାରେ କୌଣସି ଦେଶରେ ଥିବାପରି ଜଣାଯାଏ ନାହିଁ ।

ଖ୍ରୀଷ୍ଟୀୟ ଷଷ୍ଠ ଶତାବ୍ଦୀରେ ରଚିତ ବୃହତ୍ ସଂହିତାରେ, ବରାହ ମିହିର, 'ଶକ୍ତି ବା ମାତୃକା' ପୂଜକ ଗୋଷ୍ଠୀଙ୍କର ପ୍ରଥମ ସୂଚନା ଦେଇଛନ୍ତି । ମନ୍ଦିର ପ୍ରତିଷ୍ଠା କରିବାର ପ୍ରକୃତ ଅଧିକାରୀ ପ୍ରସଙ୍ଗରେ ବରାହ ମିହିର କହିଛନ୍ତି, 'ମାତୃକାମାନଙ୍କର ମୂର୍ତ୍ତି ପ୍ରତିଷ୍ଠା କରିବା ପାଇଁ ମଣ୍ଡଳ କ୍ରମବିଦ୍‌ମାନେ ହିଁ ଉପଯୁକ୍ତ ।' ସପ୍ତମ ଶତାବ୍ଦୀରେ ଚୀନ ପରିବ୍ରାଜକ ହୁଏନ୍‌ସାଂ, ଭାରତର ଶକ୍ତି ପୂଜକମାନଙ୍କ ସମ୍ବନ୍ଧରେ ତାଙ୍କ ଭ୍ରମଣ ବୃତ୍ତାନ୍ତରେ ଉଲ୍ଲେଖ କରିଥିଲେ ମଧ୍ୟ ଏହି ସ୍ଥାନ ବିଷୟରେ କିଛି ଉଲ୍ଲେଖ ନାହିଁ । ଏଥିରୁ ଅନୁମିତ ହୁଏ ଏହି ନୃସିଂହନାଥ-ହରିଶଙ୍କର କ୍ଷେତ୍ରରେ ମାତୃକାପୂଜା ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରୁ ପ୍ରଚଳିତ ହୋଇଥିଲା ।

ବେଦ ଓ ପୁରାଣରେ ମାତୃକା ପୂଜା :

ବେଦରେ ଭୂମିକୁ ମାତା ରୂପେ ସମ୍ବୋଧନ କରାଯାଇଛି । 'ମାତୃଃ ଅସ୍ୟାଃ ପୃଥିବ୍ୟାଃ ।' ପଞ୍ଚ ମହାଭୂତ (କ୍ଷିତି, ଅପ୍, ତେଜଃ, ମରୁତ୍ ଓ ବ୍ୟୋମ) ମଧ୍ୟ ମାତୃ ରୂପେ ବର୍ଣ୍ଣିତା ହୋଇଛନ୍ତି । ଏମାନେ ମହା ପ୍ରକୃତିର ଅଂଶ ମାନ । ତେଣୁ ସମଗ୍ର ବିଶ୍ୱ ପ୍ରକୃତିକୁ ବୈଦିକ ଋଷିମାନେ ମାତୃ କଳ୍ପନାରେ ପୂଜା କରି ଆସିଛନ୍ତି । ଅନ୍ତରୀକ୍ଷକୁ ମଧ୍ୟ ମାତା କୁହାଯାଏ । ମାତରିଶ୍ୱା (ପବନ) ଶବ୍ଦ ଏହି ଅର୍ଥକୁ ସୂଚିତ କରୁଛି ।

"ମାତରି ଅନ୍ତରୀକ୍ଷେ ଶ୍ୱୟତି ବର୍ଧତି ଇତି ମାତରିଶ୍ୱା !
ଯଦ୍‌ବା ମାତରି ଜନନ୍ୟାଂ ଶ୍ୱୟତେ ସପ୍ତ ସପ୍ତ କରୋତ୍ ଇତି ॥"

ଅନ୍ତରୀକ୍ଷର ଗର୍ଭରେ ଯିଏ ବର୍ଦ୍ଧିତ ଓ ନିର୍ଦ୍ଧାରିତ ସେ ମାତରିଶ୍ୱା । ଏଠାରେ ମାତୃ ଶବ୍ଦ ଅନ୍ତରୀକ୍ଷବାଚକ । ସେହିପରି ଆକାଶ (ବ୍ୟୋମ)କୁ ମଧ୍ୟ ଦେବମାତା ଅଦିତି ରୂପେ କଳ୍ପନା କରାଯାଇଛି ।

ସ୍ଥିତି ଓ ପୁଷ୍ଟି ସ୍ଥାପକ ସପ୍ତ ସଂଖ୍ୟକ ଗୁଣକୁ ନାରୀତ୍ୱର ଭୂଷଣ ରୂପେ ବର୍ଣ୍ଣନା କରାଯାଇଛି । ସେମାନେ ମାତୃ କଳ୍ପ ଗୁଣ ରୂପେ ମହିମମୟୀ ଓ

Digitized by PPRACHIN, SOA

ନାରୀଜାତିର ଭୂଷଣ ସ୍ୱରୂପ । ଏହି ପ୍ରମାତ୍ର ଗୁଣଗୁଡ଼ିକ ହେଲେ, କୀର୍ତ୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଓ କ୍ଷମା ।

> "ମୃତ୍ୟୁଃ ସର୍ବହରଶ୍ଚାହମୁଦ୍‌ଭବଶ୍ଚ ଭବିଷ୍ୟତାଂ ।
> କୀର୍ତ୍ତିଃ ଶ୍ରୀର୍ବାକ୍ ଚ ନାରୀଣାଂ ସ୍ମୃତିର୍ମେଧା ଧୃତିଃ କ୍ଷମା ॥"
>
> (ଗୀତା ୧୦।୩୪)

ଅର୍ଥାତ୍—ଶ୍ରୀଭଗବାନ କହିଛନ୍ତି, ସେ ହେଉଛନ୍ତି ସର୍ବସଂହାରକ, ମୃତ୍ୟୁ ରୂପରେ ପ୍ରକାଶିତ । ଭବିଷ୍ୟତରେ ଯେଉଁ ପ୍ରାଣୀମାନେ ଜନ୍ମିବେ ବା ଯେଉଁ ଜଗତ୍ ପ୍ରକାଶିତ ହେବ ତାହାର ଉଦ୍ଭବ ଅର୍ଥାତ୍ ବୀଜ ସେ ଅଟନ୍ତି । ସଂସାରରେ ଯେତେ ସ୍ତ୍ରୀ ଅଛନ୍ତି; ତନ୍ମଧ୍ୟରୁ କୀର୍ତ୍ତି, ଶ୍ରୀ, ବାଣୀ, ସ୍ମୃତି (ସ୍ମରଣ ଶକ୍ତି), ମେଧା (ଧାରଣ ଶକ୍ତି), ଧୃତି (ଧୈର୍ଯ୍ୟ ଶକ୍ତି) ଏବଂ କ୍ଷମା— ଏହି ସପ୍ତ ମାତୃକା ଧର୍ମଙ୍କର ପତ୍ନୀ ବୋଲି ସର୍ବଶ୍ରେଷ୍ଠା ଅଟନ୍ତି । ଆତ୍ମର ବିଭୂତି ସେହି ସପ୍ତ ମାତୃକା ରୂପରେ ପ୍ରକାଶିତ । †

ବ୍ରହ୍ମବୈବର୍ତ୍ତ ପୁରାଣରେ ସ୍ତନ୍ୟଦାତ୍ରୀ, ଗର୍ଭଦାତ୍ରୀ, ଅନ୍ନଦାତ୍ରୀ, ଗୁରୁପତ୍ନୀ, ଅଭୀଷ୍ଟ ଦେବୀ, ଉପମାତା, କନ୍ୟା, ଭଗ୍ନୀ, ପୁତ୍ରବଧୂ, ଶ୍ୱଶ୍ରୂ, ମାତାମହୀ, ପିତାମହୀ, ଭ୍ରାତୃ ଜାୟା, ମାତୃସ୍ୱସୃ, ପିତୃସ୍ୱସୃ, ମାତୁଳାନୀ—ଏହି ଷୋଳ ଜଣଙ୍କ ଉଦ୍ଦେଶ୍ୟରେ ସାଧାରଣ ଅର୍ଥରେ ମାତୃଶବ୍ଦର ପ୍ରୟୋଗ ଅଛି । ଆମର ସମସ୍ତ ମାଙ୍ଗଳିକ କର୍ମରେ ଷୋଡ଼ଶ ମାତୃକା, ଅଷ୍ଟାଦଶ ମାତୃକାଙ୍କର ପୂଜା କରାଯାଏ । ସେମାନେ ହେଲେ—ଗୌରୀ, ପଦ୍ମା, ଶଚୀ, ମେଧା, ସାବିତ୍ରୀ, ବିଜୟା, ଜୟା, ଦେବସେନା, ସ୍ୱଧା, ସ୍ୱାହା, ମାତା, ଲୋକମାତା, ଶାନ୍ତି, ପୁଷ୍ଟି, ଧୃତି, ତୁଷ୍ଟି, ଆତ୍ମ ଦେବତା ଓ କୁଳ ଦେବତା । ଏଥିରୁ ଅଧିକାଂଶ ଗୁଣାତ୍ମକ ନାମଠାରୁ ବୋଧ ହୁଅନ୍ତି । ଆଦିମ ମାନବ ସମାଜର ମୂଳ ପ୍ରକୃତିକୁ ବୁଝିବା କଷ୍ଟକର । ଉକ୍ତ ଅଷ୍ଟାଦଶ ମାତୃଗଣଙ୍କ ମଧ୍ୟରୁ ମାତା ଓ ଲୋକମାତାଙ୍କୁ ବାଦ୍ ଦେଇ ଷୋଡ଼ଶ ମାତୃଗଣଙ୍କ ପୂଜା ବିବାହ, ବ୍ରତ ଆଦି ମାଙ୍ଗଳିକ କର୍ମରେ କରାଯାଇ ଥାଏ ।

---

† ଶ୍ରଦ୍ଧା, ପ୍ରୀତି, ଧୃତି, ତୁଷ୍ଟି, ପୁଷ୍ଟି, ମେଧା, କ୍ରିୟା, ବୁଦ୍ଧି, ଲଜ୍ଜା, ବପୁ, ଶାନ୍ତି, ସିଦ୍ଧି ଓ କୀର୍ତ୍ତି—ତେର କନ୍ୟା ଧର୍ମଙ୍କୁ ବିବାହ କଲେ—ନୃସିଂହ ଆରାଧନା ପୃ ୨୫ ।

Digitized by PPRACHIN, SOA

ସ୍ୱରବର୍ଣ୍ଣକୁ ତନ୍ତ୍ରରେ ମାତୃକା କୁହାଯାଏ । ସେମାନେ ସ୍ୱୟଂସିଦ୍ଧ ଶକ୍ତିର ଅଂଶ ବିଶେଷ । କାଳ ମାତ୍ରାରେ ଏହି ଶକ୍ତି ହ୍ରସ୍ୱ, ଦୀର୍ଘ ଓ ପ୍ଲୁତ ହୁଅନ୍ତି । ଅଖଣ୍ଡ ଶବ୍ଦ ବ୍ରହ୍ମର ପ୍ରତିଭାସିତ ଶକ୍ତି ରୂପେ ସ୍ୱୟଂ ଉଚ୍ଚାରିତ ସ୍ୱର ଧ୍ୱନି ଶରୀର କଳ୍ପନାରେ ନ୍ୟସ୍ତ ହୋଇ ମନ୍ତ୍ରକୁ ଶରୀରାତ୍ମକ କରିଥାନ୍ତି ଏବଂ ସେହି ମନ୍ତ୍ର ବିଗ୍ରହରେ ପ୍ରତିଷ୍ଠିତ ହୋଇ ଦେବତ୍ୱ ଲାଭ କରେ । ଏହି ତନ୍ତ୍ରାଚାରକୁ ମାତୃକାନ୍ୟାସ କହନ୍ତି । ନାମକୁ ରୂପରେ ଓ ରୂପକୁ ନାମରେ ନ୍ୟସ୍ତ କରାଯାଏ ଏବଂ ତାହା ମନ୍ତ୍ର ରୂପକୁ ପ୍ରାପ୍ତ ହୁଏ ।

ମାତୃକାମାନଙ୍କ ଉତ୍ପତ୍ତି :

ବରାହ ପୁରାଣର ଏକ କାହାଣୀରୁ ଜଣାଯାଏ ଯେ, ପୂର୍ବ କାଳରେ ରୁଦ୍ରଦେବଙ୍କ ସହିତ ଅନ୍ଧକାସୁରର ଯୁଦ୍ଧ ହୋଇଥିଲା । ଶିବ କ୍ରୁଦ୍ଧ ହୋଇ ଅନ୍ଧକାସୁର ବକ୍ଷରେ ତ୍ରିଶୂଳ ଆଘାତ କଲେ । ସେହି ପ୍ରଚଣ୍ଡ ଆଘାତରେ ମଧ୍ୟ ଅନ୍ଧକାସୁରର ମୃତ୍ୟୁ ହେଲା ନାହିଁ । ତା ବକ୍ଷରୁ ରକ୍ତ କ୍ଷରିତ ହୋଇ ଶତ ସହସ୍ର ଅନ୍ଧକାସୁର ସୃଷ୍ଟି ହେଲେ । ଅନ୍ଧକାରି ମହାଦେବ ଏହା ଦେଖି ଅନ୍ଧକାସୁରକୁ ତ୍ରିଶୂଳ ଅଗ୍ରରେ ବିଦ୍ଧ କରି ରଣାଙ୍ଗନରେ ନୃତ୍ୟ କରିବାକୁ ଲାଗିଲେ ଏବଂ ବ୍ରହ୍ମା, ବିଷ୍ଣୁ, କାର୍ତ୍ତିକେୟ, ଇନ୍ଦ୍ର ଆଦି ଦେବଗଣଙ୍କ ରକ୍ତ ବିନ୍ଦୁରୁ ଜାତ ଶକ୍ତି ଅନ୍ୟାନ୍ୟ ଅନ୍ଧକାସୁରଙ୍କୁ ବିନାଶ କରିବାକୁ ଉଦ୍ୟତ ହେଲେ । ଏହି ପ୍ରଚଣ୍ଡ ଆକ୍ରମଣ ସତ୍ତ୍ୱେ ଅସୁର ବଂଶ ସମୂଳେ ବିନାଶ ହେଲେ ନାହିଁ । ଏହା ଲକ୍ଷ୍ୟ କରି ରୁଦ୍ରଦେବ ଭୟଙ୍କର ରୂପ ଧାରଣ କଲେ ଏବଂ ତାଙ୍କ ଶରୀରରୁ ଦେଦୀପ୍ୟମାନ ଅଗ୍ନିଶିଖା ନିର୍ଗତ ହେଲା । ସେହି ଅଗ୍ନିଶିଖା ମଧ୍ୟରୁ ତେଜୋମୟୀ ଦେବୀ ମୂର୍ତ୍ତି ଆବିର୍ଭୂତା ହେଲେ । ତାଙ୍କର ନାମ ହେଲା ଯୋଗେଶ୍ୱରୀ । ତତ୍ପରେ ବିଷ୍ଣୁ, ବ୍ରହ୍ମା, ଇନ୍ଦ୍ର, କାର୍ତ୍ତିକେୟ, ଯମ, ବରାହରୂପୀ ବିଷ୍ଣୁ—ପ୍ରତ୍ୟେକ ଗୋଟିଏ ଗୋଟିଏ ମାତୃକା ସୃଷ୍ଟି କରି ଅସୁରମାନଙ୍କୁ ବିଧ୍ୱଂସ କରିବାକୁ ଲାଗିଲେ । ବରାହ ପୁରାଣରୁ ଜଣାଯାଏ ଯେ, ଅଷ୍ଟ ମାତୃକାମାନେ ମନୁଷ୍ୟର ଅଷ୍ଟ ବିକାରସ୍ୱରୂପ କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ, ପୈଶୁଣ୍ୟ ଓ ଅସୂୟାରୁ ଉତ୍ପତ୍ତି; ଯଥା: କାମ—ଯୋଗେଶ୍ୱରୀ, କ୍ରୋଧ—ମାହେଶ୍ୱରୀ, ଲୋଭ—ବୈଷ୍ଣବୀ, ମଦ—ବ୍ରାହ୍ମାଣୀ, ମୋହ—କୌମାରୀ, ମାତ୍ସର୍ଯ୍ୟ—ଇନ୍ଦ୍ରାଣୀ, ପୈଶୁଣ୍ୟ—ଚାମୁଣ୍ଡା ଓ ଅସୂୟା—ବରାହୀ ।

Digitized by PPRACHIN, SOA

ବ୍ରାହ୍ମୀ ମାହେଶ୍ୱରୀ ଚୈବ କୌମାରୀ ବୈଷ୍ଣବୀ ତଥା
ବରାହୀ ଚ ତଥେନ୍ଦ୍ରାଣୀ ଚାମୁଣ୍ଡା ସପ୍ତ ମାତରଃ ॥

ସପ୍ତ ମାତୃକାର ନାମ 'ଅମର କୋଷ'ରେ ଟିକଏ ପାର୍ଥକ୍ୟ ଥିବାର ଦେଖାଯାଏ ।

"ବ୍ରାହ୍ମୀ ବୈଷ୍ଣବୀ ଚୈନ୍ଦ୍ରୀଚ ରୌଦ୍ରୀ ବାରାହୀକା ତଥା ।
କୌବେରୀ ଚୈବ କୌମାରୀ ମାତରଃ ସପ୍ତକୀର୍ତ୍ତିତାଃ ॥"

ଅର୍ଥାତ୍—ବ୍ରାହ୍ମୀ, ବୈଷ୍ଣବୀ, ଐନ୍ଦ୍ରୀ, ରୌଦ୍ରୀ, କୌବେରୀ, କୌମାରୀ, ବରାହୀ ଏହି ସପ୍ତ ମାତୃକା ପୂଜା କରାଯାଏ । ଅନ୍ୟ ଗୋଟିଏ ମତାନୁସାରେ ମାତୃକା ଆଠ ପ୍ରକାର ; ସେମାନେ ହେଉଛନ୍ତି—ବ୍ରାହ୍ମୀ, ମାହେଶ୍ୱରୀ, ଐନ୍ଦ୍ରୀ, ବୈଷ୍ଣବୀ, ବରାହୀ, କୌମାରୀ, ଚାମୁଣ୍ଡା ଓ ଚର୍ଚ୍ଚିକା । କେଉଁ ସମୟରୁ ଏହି ଅଷ୍ଟମାତୃକାଗଣ ମଧ୍ୟରୁ ଚର୍ଚ୍ଚିକାଙ୍କୁ ବାଦ ଦିଆଯାଇ କେବଳ ସପ୍ତମାତୃକା ପୂଜା ପ୍ରଚଳନ କରାଯାଇଥିଲା ତାର ସ୍ପଷ୍ଟ ବିବରଣୀ ମିଳେ ନାହିଁ । ଆହୁରି ମଧ୍ୟ ଜଣାଯାଏ ଯେ କୌବେରୀଙ୍କ ବଦଳରେ ଚାମୁଣ୍ଡା ସ୍ଥାନ ଅଧିକାର କଲେ ।

ହରଶଙ୍କର ଝରଣାର ଅପର ପାର୍ଶ୍ୱରେ କେତେକ ମାତୃକା ପୂଜା ପାଉଛନ୍ତି । ସେଠାରେ ଗୋଟିଏ ନାରୀ ମୂର୍ତ୍ତି କୋଳରେ ଗୋଟିଏ ପିଲା ଧରିଛନ୍ତି । ଏହି ମୂର୍ତ୍ତିଟି ସପ୍ତ ମାତୃକା ମଧ୍ୟରୁ ଗୋଟିଏ ମାତୃକା । ମୂର୍ତ୍ତିଟି ଦ୍ୱିଭୁଜା । ଏହାର ଦକ୍ଷିଣ କଡ଼ରେ ଅନ୍ୟ ଗୋଟିଏ ମାତୃକା ମୂର୍ତ୍ତି ଅଛି । ମୂର୍ତ୍ତିଦ୍ୱୟ ଚାମର ଧରିଛନ୍ତି । ମୂଳ ମୂର୍ତ୍ତିଟି ଯାହାକୁ ବିନ୍ଧ୍ୟବାସିନୀ ଦୁର୍ଗା ବୋଲି କହନ୍ତି ତାହା ହେଉଛି ଏକ ବିଷ୍ଣୁ ମୂର୍ତ୍ତି । ଚତୁର୍ଭୁଜରୁ ଦୁଇଟି ହସ୍ତ ଭାଙ୍ଗିଯାଇଛି । ପାଦ ତଳେ ଗରୁଡ଼ ବସି ସ୍ତୁତି କରୁଛନ୍ତି । ଦୁଇ ପାର୍ଶ୍ୱରେ ଦୁଇଟି ପରିଚାରିକା ବିଦ୍ୟମାନ । କବି କବି ଯୋଗଦାସ ତାଙ୍କର ନୃସିଂହ ଚରିତରେ ଏହି ସପ୍ତ ମାତୃକା ବିଷୟରେ ଆଲୋକପାତ କରିଛନ୍ତି ।

"ସେ ଖୁରୁକଆର ଝିଅ ଅଟନ୍ତି ସାତ ଗୋଟି ।
ଯେ ସାତ ଟୋଟି ବହେନୀ ଗଲେ ମାଣ୍ଡିଆ ଗୁଣ୍ଡ ବାଟି ॥"

॥ ୧୪୭୬ ॥

ଖୁରୁକଆର 'ସାତ ଗୋଟି ବହେନୀ' ସାତ ଭଉଣୀ ବା ସପ୍ତ ମାତୃକା ହରିଶଙ୍କର ନିକଟସ୍ଥ ପାହାଡ଼ ଖୋଲରେ ପୂଜା ପାଉଥିଲେ । ଏହି ସପ୍ତ

Digitized by PPRACHIN, SOA

ମାତୃକା ସାତ ବଖରାରେ ଏକ ଗିରି ପଖା ବା ଗିରି ଗହ୍ୱର । ହରିଶଙ୍କରରୁ ଗନ୍ଧମାର୍ଦ୍ଦନ ପର୍ବତର ପାଦ ଦେଶରେ ପୂର୍ବକୁ ଗଲେ ବ୍ରାହ୍ମଣୀ ଗ୍ରାମ ପଡ଼ିବ । ସେଠାରୁ ପର୍ବତ ଉପରକୁ କିଛି ବାଟ ଗଲେ ଗିରି ଶୃଙ୍ଗରେ କେତେକ ଗହ୍ୱରରେ ପହଞ୍ଚି ହେବ । ସେହି ସାତୋଟି କୋଠରି ସଦୃଶ ଗିରି-ଗହ୍ୱରରେ ସପ୍ତ ମାତୃକା ପୂଜା ପାଉଥିଲେ । ଏଠାରେ ସପ୍ତ ମାତୃକା ମଧ୍ୟରେ ବ୍ରାହ୍ମୀ ବା ବ୍ରାହ୍ମଣୀମାନଙ୍କର ପୂଜା ମୁଖ୍ୟ ଭାବେ ପ୍ରଚଳିତ ଥିଲା । ସେହି ଗୁମ୍ଫାଗୁଡ଼ିକ ପୋତି ହୋଇ ପଡ଼ିବାରୁ ସେଠାରୁ କେତେକ ମୂର୍ତ୍ତି ହରିଶଙ୍କର ଝରଣାର ଅପର ପାର୍ଶ୍ୱରେ ସଂରକ୍ଷିତ ହୋଇଛି । କବି କବି ଯୁଗଦାସ ଏହି ସାତ ବଖରାର ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି ।

"ସାତ ବଖରା ଘର ନଡ଼ାଇ ଦୁର୍ଗମ
ବସା କରି ରହିଲେ ଯେ ଯମ୍ୱେବ ସୁ ଂଷନ
ଖ୍ରୀମକୁ ସ୍ମରଣା କରି ଭିତରେ ପଶିବ
ବହୁଡ଼ି ପାପାବଳୀ ହସ୍ତେ ଧରିଥିବ ।।" (୧୨ଶ ଅ)

(ନୃସିଂହ ଚରିତ)

ଏହି ସାତ ବଖରାରେ ହବାଲୋକରେ ମଧ୍ୟ ବହୁଡ଼ି, ପାପାବଳୀ ଧରି ଯିବାକୁ ପଡୁଥିଲା । ତାନ୍ତ୍ରିକମାନେ ପ୍ରତ୍ୟେକ ମାତୃକାଙ୍କୁ ନିର୍ଦ୍ଦିଷ୍ଟ ମନ୍ତ୍ର ନିର୍ଦ୍ଦିଷ୍ଟ ସଂଖ୍ୟାରେ ପୁରଶ୍ଚରଣ କରିବା ପରେ ମାତୃକାମାନଙ୍କ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୁଅନ୍ତି । ସାଧକମାନେ ମାତୃକାମାନଙ୍କୁ ବଳିଭୂଜା ଓ ମନ୍ତ୍ରାଦିଦ୍ୱାରା ସନ୍ତୁଷ୍ଟ କରନ୍ତି । ତତ୍ପରେ ସାଧକ ଭୈରବଙ୍କୁ ସନ୍ତୁଷ୍ଟ କରିବା ପରେ ସିଦ୍ଧ ସାଧକ ରୂପେ ପରିଗଣିତ ହୁଅନ୍ତି । ତାନ୍ତ୍ରିକମାନେ ଏହିଠାରୁ ସିଦ୍ଧିଲାଭ କରି ନିଜର ମନ୍ତ୍ର ଶକ୍ତିକୁ ଜନ ହିତକର କାର୍ଯ୍ୟରେ ବିନିଯୋଗ କରନ୍ତି । କିନ୍ତୁ କେତେ ଚମତ୍କାର ଦେଖା ତାନ୍ତ୍ରିକ ନିଜର ଅମୋଘ ସିଦ୍ଧି ବଳରେ ବହୁ ବ୍ୟାଭିଚାର ସୃଷ୍ଟି କରି ଜନ ସମାଜକୁ ଭୀତତ୍ରସ୍ତ କରାଇଥାନ୍ତି । ବର୍ତ୍ତମାନ ଲୋକ ମୁଖରୁ ଶୁଣାଯାଏ ବ୍ରାହ୍ମଣୀ ଗ୍ରାମରେ ଗୋଟିଏ ବ୍ରାହ୍ମଣୀ ବୁଢ଼ୀ ସେହି ସାତ ବଖରାରେ ପୂଜା କରୁଥିଲେ । ତାର ନାମ ଅନୁସାରେ ବ୍ରାହ୍ମଣୀ ଗ୍ରାମ ହୋଇଛି ।

ଶକ୍ତି ପୀଠର ଉତ୍ପତ୍ତି ସମ୍ପର୍କରେ ପୁରାଣମାନଙ୍କ ବର୍ଣ୍ଣନାରୁ ଜଣାଯାଏ ଯେ, ଦକ୍ଷ-ପ୍ରଜାପତିଙ୍କ ଯଜ୍ଞ ଧ୍ୱଂସ ପରେ ସତୀଙ୍କ ଦେହା-

Digitized by PPRACHIN, SOA

ବଶେଷର ବିଭିନ୍ନ ଅଂଶ ପଡ଼ିଥିବା ସ୍ଥାନଗୁଡ଼ିକରେ ଯେଉଁ ଶକ୍ତି ପୀଠ ଗଢ଼ି ଉଠିଥିଲ ସେଠାରେ ଶକ୍ତିଙ୍କ ଅବୟବର ରକ୍ଷାକାରୀ ରୂପେ ଶିବ-ଭୈରବ ରୂପେ ପୂଜା ପାଉଥିଲେ । ଏହି ପୀଠମାନଙ୍କର ଶକ୍ତିଙ୍କ ଗୁରୁତ୍ୱରେ, ଆଞ୍ଚଳିକ ସ୍ୱତନ୍ତ୍ରତା ଓ ମହତ୍ତ୍ୱ ଉପରେ ସେହି ପୀଠ ବା ସ୍ଥାନର ନାମ-କରଣ କରାଯାଏ । ଏଠାରେ ବ୍ରାହ୍ମୀ ବା ବ୍ରାହ୍ମଣୀ ମାତୃକାଙ୍କ ନାମ ଅନୁସାରେ ବ୍ରାହ୍ମଣୀ ଗ୍ରାମ ହୋଇଛି । ଏଠାରେ ସତୀଙ୍କର ଅଙ୍ଗପ୍ରତ୍ୟଙ୍ଗର ବିଭିନ୍ନ ଅଂଶ ପଡ଼ିଥିବା ଆଖ୍ୟାନକୁ ନେଇ ଯୁଗଦାସ ଅସୁରର ରକ୍ତ ମାଂସ ପଡ଼ିଥିବା ବର୍ଣ୍ଣାଇଛନ୍ତି ।

"ଗିରି ଶୃଙ୍ଗ ଭିତରେ ଭରିଲ ଅସୁରକୁ
ଗୁଣ୍ଡି ଘର ବୋଲିଣ ସେ ନାମ ଦେଲ ତାକୁ
ଅସୁରର ରକ୍ତମାଂସ ହୋଇ ଫଗୁ ଗୁଣ୍ଡି
ଲୁହାର ଚଞ୍ଚୁ ନେଇ ଆଣିବ ତାକୁ କାଢ଼ି" ॥ ୧୬୩୧ ॥
(ନୃସିଂହ ଚରିତ)

ସେହିପରି ଶ୍ରୀ ନୃସିଂହନାଥ ମନ୍ଦିର ନିକଟସ୍ଥ 'ମୁଣ୍ଡାକେଲ' ଗ୍ରାମ ଅଙ୍ଗ ନଦୀ କୂଳରେ ଅବସ୍ଥିତ । ଗ୍ରାମର ନାମର ମୂଳରେ 'ମୁଣ୍ଡ' ଥିବାରୁ ଏହି ଗ୍ରାମର ବୈଶିଷ୍ଟ୍ୟ ରହିଛି । ଏହି ଗ୍ରାମ ନିକଟସ୍ଥ ଗୋଟିଏ ପାହାଡ଼ରେ ମଧ୍ୟ ସପ୍ତ ମାତୃକା କେବଳ ପଥର ପ୍ରସ୍ତରକୁ ନେଇ ପୂଜା ହେଉଥିଲ । ଲୋକ ମୁଖରୁ ଶୁଣାଯାଏ ସେ ଗ୍ରାମର ସାତ ଝିଅଙ୍କ ମଧ୍ୟରୁ ଗୋଟିଏ କୁମାରୀ ଝିଅ ସେଠାରେ ପୂଜା କରିବାକୁ ଯାଇ ପଥର ପାଲଟି ଯାଇଛି । ପାହାଡ଼ରେ ମଣିଷ ଆକୃତିର ଗୋଟିଏ ବଡ଼ ପଥର ବିଦ୍ୟମାନ । ଏହା ଗ୍ରାମର ବହୁ ଦୂରକୁ ଦୃଷ୍ଟିଗୋଚର ହୁଏ । ଏହି ପଥରଟିର ପୂଜା ବର୍ତ୍ତମାନ ବର୍ଷରେ ନିର୍ଦ୍ଦିଷ୍ଟ ସମୟରେ ହୁଏ । ଏହି ପଥରଟି 'କୌମାରୀ' ରୂପେ ପୂଜା ପାଉଛି ।

ବୈଷ୍ଣବାଚାରର ସପ୍ତମାତୃକା:

ବୈଷ୍ଣବମାନେ ତାନ୍ତ୍ରିକ ମତାନୁଯାୟୀ ସପ୍ତମାତୃକା, ଅଷ୍ଟ-ମାତୃକା, ନବମାତୃକା ତଥା କର୍ମକାଣ୍ଡମତେ ଷୋଡ଼ଶ ମାତୃକା ବା ଅଷ୍ଟାଦଶ ମାତୃକା ପୂଜା ବଦଳରେ ଅନ୍ୟ ଗୋଟିଏ ମାତୃକା ତାଳିକା

Digitized by PPRACHIN, SOA

ପ୍ରସ୍ତୁତ କରିଛନ୍ତି । ବୈଷ୍ଣବମାନଙ୍କ ମତରେ 'ଭଗବତୀ, ପୌର୍ଣ୍ଣମାସୀ, ଚନ୍ଦ୍ରା, ତରଙ୍ଗିକା, ଗଙ୍ଗା, କଳନ୍ଦତନୟା, ଗୋପୀ ବୃନ୍ଦାବତୀ, ଗାୟତ୍ରୀ, ତୁଳସୀ, ପୃଥିବୀ, ବୈଷ୍ଣବୀ, ଶ୍ରୀଯଶୋଦା, ଦେବହୁତୀ, ରୋହିଣୀ, ଶ୍ରୀସତୀ, ଦ୍ରୌପଦୀ, କୁନ୍ତୀ ଏବଂ ରୁକ୍ମିଣୀଙ୍କୁ ମାତୃଗଣ ରୂପେ ଅର୍ଚ୍ଚନା କରନ୍ତି ।

ସାରଳା ମହାଭାରତରେ ସପ୍ତମାତୃକା:

କବି ସାରଳାଦାସ ମହାଭାରତର ବନ ପର୍ବରେ ଏହି ମାତୃକା-ମାନଙ୍କର ବିଷୟରେ ଦୁଇଟି ଉପାଖ୍ୟାନ କହିଛନ୍ତି—ଓଡ଼ିଶାରେ ପୁଣ୍ୟ-ତୋୟା ବୈତରଣୀ କୂଳରେ ଯାଜପୁର ନିକଟସ୍ଥ ବେଦପୁର ଗ୍ରାମ । ସେଠାରୁ ପ୍ରତ୍ୟହ ଆଠୋଟି କୁମାରୀ ଆସି ବୈତରଣୀ ନଦୀରେ ମାଘ ସ୍ନାନ କରି ନଦୀକୂଳେ ବାଲିଘର କରି ଖେଳନ୍ତି । ଦିନେ ପରମେଶ୍ୱର ଶିବ ସେହି ବାଟେ ଯିବାବେଳେ ଭିକ୍ଷୁକ ବେଶ ଧରି ଭିକ୍ଷା ମାଗିଲେ । କୁମାରୀ-ମାନେ ଆନନ୍ଦ ସହକାରେ ଭିକ୍ଷା ଦେଲେ । ବିଶ୍ୱନାଥ ଶିବ ସେଥିରେ ସନ୍ତୁଷ୍ଟ ହୋଇ ତାଙ୍କୁ ଅନ୍ୟ ଜନ୍ମରେ ରମ୍ଭା, ଉର୍ବଶୀ, ଚିତ୍ରଲେଖା, ତିଲୋତ୍ତମା ପ୍ରଭୃତି ଅଷ୍ଟ ମୋହିନୀ ରୂପେ ଜନ୍ମ ହେବା ପାଇଁ ବର ଦେଲେ ।

ସେହି ବନ ପର୍ବରେ ଅନ୍ୟ ଏକ ଆଖ୍ୟାନରୁ ଜଣାଯାଏ, ଏକଦା ବୈତରଣୀ ନିକଟସ୍ଥ ଜଙ୍ଗଲରେ ନରକାସୁର ନାମକ ଏକ ଦୁର୍ଦ୍ଦାନ୍ତ ରାକ୍ଷସ ବାସ କରୁଥିଲା । ରାକ୍ଷସର ସ୍ତ୍ରୀ ଦିନେ ସ୍ୱାମୀଙ୍କ ନିକଟରେ ଋଷି-ମାଂସ ଖାଇବାପାଇଁ ଇଚ୍ଛା ପ୍ରକାଶ କଲା । ବୈତରଣୀ କୂଳରେ ଜଣେ ଋଷି ଆଶ୍ରମ କରି ରହିଥିଲେ । ନରକାସୁର ସେହି ଋଷିଙ୍କୁ ଆଣି ତାଙ୍କର ମାଂସ କାଟି ଆଠ ଖଣ୍ଡ କଲା ଏବଂ ସେହି ଆଠ ଖଣ୍ଡ ମାଂସକୁ ନିଆଁରେ ପୋଡ଼ିଲା । ନିଶାର୍ଦ୍ଧରେ ଆଠ ଜଣ ଯୁବତୀ ଅମ୍ବିକା, ଅମ୍ବାଳିକା, ଅମ୍ବୁବତୀ ପ୍ରଭୃତି ଦେବୀ ଗନ୍ଧ ପାଇ ସେଠାକୁ ଆସିଲେ । ସେମାନଙ୍କର ବିକଟାଳ ମୂର୍ତ୍ତି ଦେଖି ନରକାସୁର ଭୀତତ୍ରସ୍ତ ହୋଇ ସେ ସ୍ଥାନ ଛାଡ଼ି ପଳାୟନ କଲା । ଆଠ ଜଣ କୁମାରୀ ଆଠ ଖଣ୍ଡ ପୋଡ଼ା ମାଂସକୁ ଆଣି ଜୀବନ୍ୟାସ ଦେଲେ । ସେ ହେଲେ ଅଷ୍ଟବକ୍ର ଋଷି । ଏହି ଅଷ୍ଟ କୁମାରୀ ଯାଜପୁରର ସପ୍ତମାତୃକାଙ୍କୁ ସୂଚାଇଥାଏ । ସେହିପରି ହରିଶଙ୍କର କ୍ଷେତ୍ରରେ

Digitized by PPRACHIN, SOA

ଭୁରୁକଆର 'ସାତ ଝିଅ' ଏବଂ 'ସାତ ବଖରା' ପ୍ରଭୃତ ଏହି କ୍ଷେତ୍ରରେ ସପ୍ତ-ମାତୃକାଙ୍କୁ ବୁଝାଇ ଥାଏ ।

ପ୍ରତ୍ନତତ୍ତ୍ୱରେ ସପ୍ତ ମାତୃକା:

ଭାରତ ବର୍ଷରେ ଆର୍ଯ୍ୟମାନଙ୍କ ବସତି ପୂର୍ବରୁ ହରପ୍ପା ଓ ମହେଞ୍ଜୋଦାରୋ ସଭ୍ୟତା ଏକ ଉନ୍ନତ ସ୍ତରରେ ଉପନୀତ ହୋଇଥିବାର ପ୍ରମାଣ ମିଳୁଛି । ସିନ୍ଧୁ ସଭ୍ୟତାର ଅଧିବାସୀମାନଙ୍କଦ୍ୱାରା ପ୍ରସ୍ତୁତ ପଶୁପତି, ବୃଷଭ, ନର୍ତ୍ତକୀ ଏବଂ ମାତୃକା ମୂର୍ତ୍ତି ପ୍ରଭୃତିରୁ ଯେଉଁ ପ୍ରମାଣ ମିଳୁଛି, ତାହା କେଉଁ ପରିପ୍ରେକ୍ଷିରେ ନିର୍ମିତ ହୋଇଥିଲା, ତାହାର ନିର୍ଦ୍ଧାରଣ ହୋଇ ନ ଥିଲେ ହେଁ ଏତିକି ନିଃସନ୍ଦେହରେ କୁହାଯାଇ ପାରିବ ଯେ, ସେ କାଳରେ ଲୋକମାନେ ମାତୃକା ପୂଜା ଉଦ୍ଦେଶ୍ୟରେ ଏହି ମୂର୍ତ୍ତିମାନ ଗଠନ କିମ୍ବା ଖୋଦନ କରୁଥିଲେ । ବାମ ଜଙ୍ଘରେ ସନ୍ତାନ ଥିବା ମାତୃକାର ପ୍ରଧାନ ଚିହ୍ନ । ବିଭିନ୍ନ ଦେବତାଙ୍କ ଶକ୍ତି ରୂପେ ସପ୍ତମାତୃକା ପ୍ରଚଳନ ଥିବାରୁ ସେହି ସେହି ଦେବତାଙ୍କର ବାହନ ଶକ୍ତିଙ୍କର ବାହନ ରୂପେ ସନ୍ନିବେଶିତ ହୋଇଛନ୍ତି ।

ଖ୍ରୀଷ୍ଟୀୟ ଷଷ୍ଠ-ସପ୍ତମ ଶତାବ୍ଦୀ ମଧ୍ୟରେ ନିର୍ମିତ ହୋଇଥିବା ଭୁବନେଶ୍ୱରର କେତେକ ମନ୍ଦିର ଗାତ୍ରରୁ ମାତୃକା ଉପାସନାର ପ୍ରଥମ ନିଦର୍ଶନ ଉପଲବ୍ଧ ହୁଏ । କାଳକ୍ରମେ ମାତୃକାମାନଙ୍କ ସଂଖ୍ୟା ସାତରୁ ଅଠରକୁ ବୃଦ୍ଧି ପାଇଲା । ଯାଜପୁରର ଦଶାଶ୍ୱମେଧ ଘାଟରେ ଅଷ୍ଟ ମାତୃକା ଏବଂ ଅନ୍ୟାନ୍ୟ ସ୍ଥାନରେ ସପ୍ତ ମାତୃକା କିମ୍ବା ସ୍ୱତନ୍ତ୍ରଭାବେ ଅନ୍ୟ କେତେ ମାତୃକା ମୂର୍ତ୍ତି ପୂଜା ପାଉଥିବା ଦେଖାଯାଏ । ସ୍କନ୍ଦ ଗୁପ୍ତଙ୍କର ବିହାର ପ୍ରସ୍ତର ଅଭିଲେଖର ନବମ ଧାଡ଼ିରୁ ଜଣାଯାଏ ଯେ, ଏହି ସ୍ୱର୍ଗୀୟ ମାତୃକାଗଣ କାର୍ତ୍ତିକେୟଙ୍କର ମାତା କିମ୍ବା ଧାତ୍ରୀ ଅଟନ୍ତି । ବିଶ୍ୱବର୍ମନଙ୍କର ଗଙ୍ଗାଧର ପ୍ରସ୍ତର ଅଭିଲେଖର ୩୫ ଧାଡ଼ିରୁ ଜଣାଯାଏ ଯେ ତାଙ୍କର ମନ୍ତ୍ରୀ ମୟୂରାକ୍ଷ ଏହି ସ୍ୱର୍ଗୀୟ ମାତୃକାମାନଙ୍କ ନିମିତ୍ତ ଏକ ମନ୍ଦିର ନିର୍ମାଣ କରିଥିଲେ । ଦକ୍ଷିଣର କଦମ୍ବମାନେ ଓ ଚାଲୁକ୍ୟ-ମାନେ ମଧ୍ୟ ସପ୍ତମାତୃକାର ଉପାସକ ଥିଲେ ।

ସପ୍ତମାତୃକାଙ୍କୁ ସାତଭଉଣୀ କୁହାଯାଏ । ମାଦଳା ପାଞ୍ଜିରୁ ଜଣାଯାଏ ଯେ, ଭୀମକେଶରୀ, ମାର୍କଣ୍ଡେଶ୍ୱର ପୋଖରୀର ପୂର୍ବ ପାର୍ଶ୍ୱରେ ସାତ-

Digitized by PPRACHIN, SOA

ଭଉଣୀଙ୍କ ସ୍ଥାପନା କରିଥିଲେ । ଭୀମ କେଶରୀଙ୍କୁ ସୋମବଂଶୀ ଶାସକ ଭୀମରଥଙ୍କ ସହିତ ଚିହ୍ନିତ କରାଯାଏ, ଏବଂ ସାତଭଉଣୀଙ୍କୁ ସେଠାକାର ସପ୍ତମାତୃକା ସହିତ ସମାନ କରାଯାଏ । ସେହିପରି ବାଲେଶ୍ୱର ଜିଲ୍ଲା ଭଦ୍ରକ ଥାନା ଅନ୍ତର୍ଗତ ଅଗ୍ନିପାଳ ନିକଟସ୍ଥ ଲଙ୍ଗୁଡ଼ି ଗ୍ରାମର ବନ୍ଧ (ପୋଖରୀ) ହୁଡ଼ାରେ ଗୋଟିଏ ମନ୍ଦିରରେ 'ସପ୍ତମାତୃକା' ପୂଜା ପାଉଛନ୍ତି । ସ୍ଥାନୀୟ ଲୋକମାନେ ସେମାନଙ୍କର ବିକଟାଳ ମୂର୍ତ୍ତି ଦେଖି ଏହି ସପ୍ତ ମାତୃକାଙ୍କୁ ଯମଙ୍କର ସାତଭଉଣୀ ନାମରେ ନାମିତ କରିଛନ୍ତି । ପୂର୍ବରୁ ଯେଉଁ ପୁରାତନ ମନ୍ଦିର ଥିଲା ତାହା ନଷ୍ଟ ହୋଇ ଯାଇଛି । ପ୍ରତି ବର୍ଷ ମକର ସଂକ୍ରାନ୍ତିଠାରୁ ସାତଦିନ ପର୍ଯ୍ୟନ୍ତ ସାତ ଭଉଣୀ ଯାତ୍ରା ମହୋତ୍ସବ ଅନୁଷ୍ଠିତ ହୁଏ । ସେହିପରି ଗୋଟିଏ ସପ୍ତମାତୃକା ମନ୍ଦିର କଟକ ଜିଲ୍ଲା ପଟାମୁଣ୍ଡାଇ ଥାନା ସେକପୁର ଗ୍ରାମ ନିକଟରେ ଗୋବରୀ ନଦୀ ଅବ-ବାହିକାରେ ବିଦ୍ୟମାନ । ଏହି ମୂର୍ତ୍ତି ମାନଙ୍କୁ ସାତଭଉଣୀ ମୂର୍ତ୍ତି ରୂପେ ପୂଜା କରାଯାଏ । ଏହି ମନ୍ଦିରର କାଷ୍ଠ ଖୋଦନ କଳା ନୈପୁଣ୍ୟର ପରାକାଷ୍ଠା ପ୍ରଦର୍ଶନ କରେ । ଗୁଜରାଟରେ ପରିଦୃଷ୍ଟ କାଷ୍ଠ ଖୋଦନ କଳା ପରିପୂର୍ଣ୍ଣ ମନ୍ଦିରଗୁଡ଼ିକୁ ଛାଡ଼ିଦେଲେ ଭାରତରେ ଅନ୍ୟତ୍ର କାଷ୍ଠ ଶିଳ୍ପର ନମୁନା ଏତେ ପରିମାଣରେ ଦେଖିବାକୁ ମିଳେନି । ଅବଶ୍ୟ ଦକ୍ଷିଣ ଭାରତରେ ମନ୍ଦିର ଗୁଡ଼ିକରେ ମଧ୍ୟ କାଷ୍ଠଶିଳ୍ପର ବିଶେଷତ୍ୱ ଅଛି । ଆମର ଓଡ଼ିଶାର ଗଞ୍ଜାମ ଜିଲ୍ଲା, ବୁଗୁଡ଼ାର ବିରଞ୍ଚି ନାରାୟଣ ମନ୍ଦିରର କାଷ୍ଠ ମଣ୍ଡପ ଏବଂ ବାଙ୍କିର ଚର୍ଚ୍ଚିକା ମନ୍ଦିରର କାଷ୍ଠ ମଣ୍ଡପର କାରିଗରୀ ଅତୁଳନୀୟ । ସେକପୁରସ୍ଥ କାଷ୍ଠଶିଳ୍ପରେ ଶାନ୍ତ କଳାର ସନ୍ତକ ଅତି ଚମତ୍କାର । ଗଞ୍ଜାମ ଜିଲ୍ଲାରେ ସପ୍ତମାତୃକା ଉପାସ୍ୟ କିମ୍ବା ମନ୍ଦିର ପରିଦୃଷ୍ଟ ହେଉ ନ ଥିଲା ବେଳେ, ଓଷାକୋଠି ଶବ୍ଦାବଳୀରେ ସପ୍ତ ମାତୃକାର ଅବସ୍ଥିତି ବଡ଼ କୌତୁହଳୋଦ୍ଦୀପକ । ଓଷାକୋଠିର ସପ୍ତମାତୃକା ସାତ ଭଉଣୀ ନାମରେ ନାମିତ ।

ଓଷା କୋଠି ଶବ୍ଦର 'ସାତଭଉଣୀ' ମୂଣ୍ଡରେ ପାଣି କଳସ ଧରି ଠିଆ ହୋଇଥିବାର ଦେଖାଯାଏ । ସପ୍ତ ମାତୃକାଙ୍କ ସହିତ କଳସର ସମ୍ପର୍କ ଅତ୍ୟନ୍ତ ପ୍ରାଚୀନ ପରମ୍ପରା । ପରଶୁରାମେଶ୍ୱର ମନ୍ଦିରର ସପ୍ତ ମାତୃକା ହାତରେ କଳସ ଧରିଥିବାର ପରିଲକ୍ଷିତ ହୁଏ । ଯାଜପୁରର ବୈତାଳୀ

Digitized by PPRACHIN, SOA

ମେଧ ଘାଟରେ ଅନତି ଦୂରରେ ସପ୍ତମାତୃକା ମନ୍ଦିର ବିଦ୍ୟମାନ । ବ୍ରାହ୍ମୀ ଆଦି ସପ୍ତମାତୃକା ବିଗ୍ରହ ଉପୁଙ୍କର ମୂର୍ତ୍ତି ଖୁବ୍ ସମ୍ଭବତଃ ଭୌମକର ବଂଶର ଆରମ୍ଭରୁ ଦେବୀ ବିରଜାଙ୍କ ସହିତ ସେଠାରେ ପ୍ରତିଷ୍ଠା କରାଯାଇ-ଥିଲା । କଟକ ଜିଲ୍ଲାର ଧର୍ମଶାଳା ଅଞ୍ଚଳରେ କୌଣସି ଏକ ସ୍ଥାନରେ ସପ୍ତ ମାତୃକା ମନ୍ଦିର ଥିଲା । ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ସପ୍ତ ମାତୃକା ମୂର୍ତ୍ତି ମଧ୍ୟରୁ ଇନ୍ଦ୍ରାଣୀ, ବରାହୀ, କୌମାରୀ ଓ ଚାମୁଣ୍ଡା ଧର୍ମଶାଳାରୁ ସଂଗୃହିତ ହୋଇଥିଲେ । ଶ୍ରୀକ୍ଷେତ୍ର ପୁରୀରେ ମାର୍କଣ୍ଡେଶ୍ୱର ମହାଦେବଙ୍କ ବେଢ଼ାରେ ସପ୍ତ ମାତୃକା ମୂର୍ତ୍ତି ଗୋଟିଏ ପ୍ରକୋଷ୍ଠ ଘରେ ପୂଜା ପାଉଛନ୍ତି । ମୂର୍ତ୍ତିଗୁଡ଼ିକ ଗଠନ ଶୈଳୀରୁ ଜଣାଯାଏ ଯେ ସେଗୁଡ଼ିକ ଖ୍ରୀଷ୍ଟୀୟ ସପ୍ତମ-ଅଷ୍ଟମ ଶତାବ୍ଦୀରେ ନିର୍ମିତ । ରାଷ୍ଟ୍ରକୂଟ ରାଜା ପ୍ରଥମ କୃଷ୍ଣ ଏଲୋରାର କୈଳାସ ଗୁମ୍ଫା ଯଜ୍ଞଶାଳାରେ ଖ୍ରୀ: ଅ: ୭୫୭-୭୮୩ରେ ସପ୍ତ ମାତୃକା ମୂର୍ତ୍ତି ନିର୍ମାଣ କରାଇ ଥିବା ଜଣାଯାଏ ।

ଚନ୍ଦ୍ରଭାଗା କୂଳରେ ନଗେଶ୍ୱରପୁରଠାରେ ଗୋଟିଏ ମନ୍ଦିରରେ ସପ୍ତ ମାତୃକା ସାତ ଭଉଣୀ ନାମରେ ପୂଜା ପାଉଛନ୍ତି । ସେଠାରେ ଚାରି ଫୁଟ ଉଚ୍ଚରେ ଏକ ତାରାମୂର୍ତ୍ତି ତାଙ୍କର ଦକ୍ଷ ପଦକୁ ପଦ୍ମାସନରେ ରଖି ବାମ ଗୋଡ଼ ତଳକୁ ଲମ୍ବାଇଛନ୍ତି । ତାଙ୍କର ଦକ୍ଷିଣକୁ ଠିକ୍ ତାରାଭଳି ଗୋଟିଏ ମୂର୍ତ୍ତି । ସେ କିନ୍ତୁ ତାଙ୍କ ଦକ୍ଷ ପଦକୁ ତଳକୁ ଲମ୍ବାଇଛନ୍ତି । ତାଙ୍କ ଦକ୍ଷ ହସ୍ତରେ ବରଦ ମୁଦ୍ରା ଏବଂ ବାମ ହସ୍ତରେ ପଦ୍ମ ରହିଛି । କାନ୍ଧରେ ପଇତା ଏବଂ ସେ ପଦ୍ମ ଉପରେ ବସିଛନ୍ତି । ତାଙ୍କ ମେଢ଼ରେ ପାଞ୍ଚଟି ବୁଦ୍ଧ ମୂର୍ତ୍ତି ରହିଛି । ଏହି ମୂର୍ତ୍ତିଗୁଡ଼ିକ ସେଠାରେ ସାତ ଭଉଣୀ ରୂପେ ପୂଜା ପାଉଛନ୍ତି । ସେହିପରି ସାତ ଭଉଣୀ ମୂର୍ତ୍ତି ଜଗତସିଂହପୁରର ଅଳକାନନ୍ଦା ତୀରବର୍ତ୍ତୀ ସଅଁଳାପୁର ଗ୍ରାମରେ ପୂଜା ପାଉଛନ୍ତି । ଉତ୍ତରଭାରତରେ ଖଜୁରାହୋର ବିଶ୍ୱନାଥ ମନ୍ଦିରରେ ସପ୍ତ ମାତୃକା ସହିତ, ଗଣେଶ ମୂର୍ତ୍ତି ଓ କାର୍ତ୍ତିକେୟ ମୂର୍ତ୍ତି ଦେଖାଯାଏ ।

ସପ୍ତ ମାତୃକା ମଧ୍ୟରେ ଚାମୁଣ୍ଡା ଏକ ମାତୃକା ରୂପେ ଆରାଧିତା । ଓଡ଼ିଶାରେ ବହୁ ଚାମୁଣ୍ଡା ମୂର୍ତ୍ତି ଦେଖିବାକୁ ମିଳେ । ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ 'ଚାମୁଣ୍ଡା' ଅତ୍ୟନ୍ତ ଭୟାନକ ମୂର୍ତ୍ତି । ଶବାରୂଢ଼ା କଙ୍କାଳମାଳିନୀ

Digitized by PPRACHIN, SOA

ଅସ୍ଥି ଚର୍ମସାର, କୋଟରାକ୍ଷୀ, ପାନପାତ୍ର ଧାରଣୀ, ଦେବୀ ଚାମୁଣ୍ଡାଙ୍କର ମୂର୍ତ୍ତି ଗଠନ କଲାବେଳେ ତା ମଧ୍ୟରେ ଭୀମ ଓ ଉଗ୍ର ଭାବ ଆଣିବା ପାଇଁ ଶିଳ୍ପୀ ଏକ ନୂତନ ଧରଣର ଅସ୍ଥିତତ୍ତ୍ୱର ଆଭାସ ଦେଇଛନ୍ତି । ଏହି ଚାମୁଣ୍ଡା ମୂର୍ତ୍ତିରେ ଖୋଦିତ ଶିରା-ପ୍ରଶିରା, ଅସ୍ଥି, କପାଳ, ଗୁଣ୍ଡରେ ପଞ୍ଜରା ପ୍ରଭୃତିର ଗଠନ ଦେଖିଲେ ଓଡ଼ିଶୀ ଭାସ୍କର୍ଯ୍ୟ କଳାର ପରାକାଷ୍ଠା ଉପଲବ୍ଧି କରିହୁଏ । ଭୁବନେଶ୍ୱର ବୈତାଳ ମନ୍ଦିରର ଅଧିଷ୍ଠାତ୍ରୀ ଦେବୀ ଚାମୁଣ୍ଡା ସପ୍ତ ମାତୃକା ମଧ୍ୟରେ ଯେଉଁ ଚାମୁଣ୍ଡା ସ୍ଥାନ ପାଇଛନ୍ତି ସେ ସାଧାରଣତଃ ଚତୁର୍ଭୁଜା । ତାଙ୍କର ଦକ୍ଷ କର ଦ୍ୱୟରେ ଖଡ୍ଗ, ଖର୍ପର ଓ ବାମ କର ଦ୍ୱୟରେ ତ୍ରିଶୂଳ ଓ ନରମୁଣ୍ଡ ଥିବାର ଦେଖାଯାଏ । ସେହିପରି ସପ୍ତ ମାତୃକା ମଧ୍ୟରେ ବରାହୀ ଥିଲେ ମଧ୍ୟ ପ୍ରାଚୀ ନଦୀ କୂଳରେ ଚୌରାଶୀଠାରେ ବରାହୀଙ୍କର ଏକ ସ୍ୱତନ୍ତ୍ର ମନ୍ଦିର ଅଛି । ଏହି ମନ୍ଦିରରେ ଦେବୀ ବରାହୀ ପ୍ରାୟ ଅଷ୍ଟମ ଶତାବ୍ଦୀରୁ ପୂଜା ପାଇ ଆସୁଛନ୍ତି । ତାଙ୍କର ଦକ୍ଷ କରରେ ମତ୍ସ୍ୟ ଏବଂ ବାମ କରରେ ପାନପାତ୍ର ରହିଛି । ଦେବୀଙ୍କ ଦକ୍ଷ ଗୋଡ଼ ତାଙ୍କ ଭଳି ତଳକୁ ଲମ୍ବିଛି । ସିଂହାସନ ତଳେ ମହିଷ ରହିଛି ।

ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼, କଳାହାଣ୍ଡିର ତେଲ ନଦୀ ଅବବାହିକାରେ ବେଲଖଣ୍ଡି, ଜଗତ୍‌ସିଂହପୁର ଅନ୍ତର୍ଗତ ଅଳକା ନଦୀ କୂଳରେ କୁଣ୍ଡେଶ୍ୱର ଓ ବାଲେଶ୍ୱର, ସେରଗଡ଼ ପ୍ରଭୃତି ସ୍ଥାନରେ ସପ୍ତ ମାତୃକା ବା ତନ୍ମଧ୍ୟରୁ ଏକ ବା ଏକାଧିକ ମାତୃକାଙ୍କ ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ମନ୍ଦିର ନିର୍ମିତ ହୋଇଥିଲା । ଅଷ୍ଟମାତୃକାଙ୍କ ମଧ୍ୟରୁ ଆଠ ଜଣ ସହକାରିଣୀ ଭାବେ ଚଉଷଠୀ ଯୋଗିନୀ ପରିକଳ୍ପିତା ହୋଇଛନ୍ତି । ଭାରତର ମୁଖ୍ୟ ଚାରିଗୋଟି ଯୋଗିନୀ ପୀଠ ମଧ୍ୟରୁ ଭୁବନେଶ୍ୱର ନିକଟସ୍ଥ ହୀରାପୁର ଓ ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ନିକଟସ୍ଥ ରାଣୀପୁର-ଝରିଆଲଠାରେ ଦୁଇଟି ଏବଂ ମଧ୍ୟ ପ୍ରଦେଶର ଖଜୁରାହୋ ଓ ଭେରାଘାଟଠାରେ ଅନ୍ୟ ଦୁଇଟି ଥିବାର ଦେଖାଯାଏ । ଖଜୁରାହୋଠାରେ ଥିବା ଚତୁଃଷଷ୍ଠୀ ଯୋଗିନୀ ମନ୍ଦିର ସବୁ ପୁରାତନ ବୋଲି କୃଷ୍ଣ ଦେବ ତାଙ୍କର ଖଜୁରାହୋ ପୁସ୍ତକରେ ଲେଖିଛନ୍ତି । † "Of all the Yogini temples in India, this

† Khajuraho—Krishna Deva.

Digitized by PPRACHIN, SOA

is the most primitive in construction and unique in being quadrangular and not circular on plan."
କିନ୍ତୁ ଏହି ଧାରଣା ଠିକ୍ ନୁହେଁ । ଏହାର ବହୁ ପୂର୍ବରୁ ହୀରାପୁରଠାରେ ଯୋଗିନୀ ଉପାସନାର ଆପ୍ରମାରମ୍ଭ ।

ଅନ୍ୟ କେତେକ ଆଲୋଚକମାନଙ୍କ ମତାନୁଯାୟୀ ମଧ୍ୟ ଓଡ଼ିଶାରେ ହିଁ ଯୋଗିନୀ ଉପାସନାର ଆପ୍ରମାରମ୍ଭ ହୋଇଥିଲା । କେଶରୀ ଯୁଗରେ ଯେ କୌଣସି ସାଂସ୍କୃତିକ ଅନୁଷ୍ଠାନର ଆରମ୍ଭରେ କାର୍ଯ୍ୟ ବାଧାର ନିର୍ବିଘ୍ନରେ ପରିସମାପ୍ତି ପାଇଁ ଯୋଗିନୀମାନଙ୍କୁ ପୂଜା କରାଯାଉଥିଲା ।

ଦଶମ ପରିଚ୍ଛେଦ

ହରିଶଙ୍କର ପୀଠରେ ଗଣପତି ଉପାସନା

ଶ୍ରୀହରିଶଙ୍କର କ୍ଷେତ୍ରରେ ଶୈବ, ଶାକ୍ତ ଓ ବୈଷ୍ଣବ ଧର୍ମ ପରି ଗାଣପତ୍ୟ ଧର୍ମ ମଧ୍ୟ ପ୍ରଭାବ ବିସ୍ତାର କରିଥିଲା । ଗାଣପତ୍ୟମାନେ ଅଦ୍ୱୈତ ବ୍ରହ୍ମଙ୍କୁ ଗଣପତିଭାବରେ ସ୍ତୁତି କଲେ—'ଓଁ ଲଂ ନମସ୍ତେ ଗଣପତୟେ ତ୍ୱମେବ ପ୍ରତ୍ୟକ୍ଷଂ ତତ୍ତ୍ୱମସି ।......ତ୍ୱମେବ ସର୍ବଂ ଖଲ୍ୱିଦଂ ବ୍ରହ୍ମାସି' ଇତ୍ୟାଦି । ସୌରମାନେ 'ଓଁ ହଂସ ଶୁଚିସଦ୍' ଇତ୍ୟାଦି, ବୈଦିକ ମନ୍ତ୍ରରେ ସେମାନଙ୍କ ସୌର ଧର୍ମର ସ୍ଥାପନ କଲେ । ଏହିପରି ଅସଂଖ୍ୟ ଧର୍ମ ସମ୍ପ୍ରଦାୟମାନ ପ୍ରତିଷ୍ଠା ଲାଭ କଲା । ବହୁ ଧର୍ମ, ବହୁ ଦେବତା, ବହୁ ମତ ଓ ବହୁ ପଥ ହେଲେହେଁ ଅଧିଷ୍ଠାନ ଏକ । ସେହି ଅଧିଷ୍ଠାନ ହେଉଛି ଭାରତର ମୌଳିକ ସଂସ୍କୃତି । ମହାସମନ୍ୱୟ ହେଉଛି ଭାରତୀୟ ସଂସ୍କୃତିର ପ୍ରାଣ । ଧର୍ମର ଏହି ଘୋର ମତାନ୍ତର ଭିତରୁ ସ୍ମାର୍ତ୍ତମାନେ ସମନ୍ୱିତ ଧର୍ମ ପ୍ରତିଷ୍ଠାର ସଂକଳ୍ପ କଲେ । ସ୍ମାର୍ତ୍ତ ଧର୍ମରେ ବିଷ୍ଣୁ, କୃଷ୍ଣ, ରାଧା, ଶିବ, ପାର୍ବତୀ, ଦୁର୍ଗା, କାଳୀ, ଗଣପତି, କାର୍ତ୍ତିକେୟ, ଇନ୍ଦ୍ର, ଚନ୍ଦ୍ର ଓ ବରୁଣ ସମସ୍ତେ ରହିଲେ । ସକଳ ଦେବଦେବୀ ସ୍ମାର୍ତ୍ତଙ୍କର ବିଶାଳ ମଣ୍ଡଳ ଭିତରେ ଯଥା ସ୍ଥାନରେ ସନ୍ନିବିଷ୍ଟ ହେଲେ । ସେହିପରି ଗଣପତିଙ୍କର ଏହି କ୍ଷେତ୍ରରେ ଅଧିଷ୍ଠାନ ବିଶେଷ ଉଲ୍ଲେଖଯୋଗ୍ୟ ।

ହରିଶଙ୍କର ମନ୍ଦିରର ଜଗମୋହନରେ ଏକ ଦ୍ୱିଭୁଜ ଗଣପତି ମୂର୍ତ୍ତି ପୂଜା ପାଉଛନ୍ତି । ମୂର୍ତ୍ତିଟି ଯନ୍ତ୍ର ଉପରେ ଅଧିଷ୍ଠିତ । ଦୁଇ ହସ୍ତରେ ଅଙ୍କୁଶ ଓ ପାଶ ଧରିଛନ୍ତି । ବୋଧ ହୁଏ ଅନ୍ୟ ଦୁଇ ହସ୍ତ ଭାଙ୍ଗି ଯାଇଛି । ଶିବ ହେଉ କିମ୍ବା ଶକ୍ତି ହେଉ ଅନ୍ୟାନ୍ୟ ମନ୍ଦିର ପରି ଏହି ମନ୍ଦିରର ପାର୍ଶ୍ୱ

Digitized by PPRACHIN, SOA

ଦେବତା ନାହାନ୍ତି । ସାଧାରଣତଃ ଦକ୍ଷିଣ ଦିଗରେ ପାର୍ଶ୍ୱଦେବତା ରୂପେ ଗଣପତି ପୂଜା ପାଆନ୍ତି କିନ୍ତୁ ଏହି କ୍ଷେତ୍ରରେ ଏହା ହେଉଛି ବ୍ୟତିକ୍ରମ । ମୂର୍ତ୍ତିଟି ଅତି ପ୍ରାଚୀନ । ବ୍ରହ୍ମ ପୁରାଣ ଓ ଅନ୍ୟାନ୍ୟ ମୂର୍ତ୍ତିତତ୍ତ୍ୱ ସମ୍ବଳିତ ଶାସ୍ତ୍ରରେ ଗଣେଶଙ୍କର ଦୁଇ ହସ୍ତ, ଚାରି ହସ୍ତ, ଅଷ୍ଟ ହସ୍ତ ଓ ଷୋଳ ହସ୍ତ ଥିବାର ପ୍ରମାଣ ମିଳେ । ଉଦାହରଣ ସ୍ୱରୂପ ମୟୂରଭଞ୍ଜ ଜିଲ୍ଲାର ପଶ୍ଚିମ ସୀମାନ୍ତରେ ଥିବା ଖିଚିଂର ନୃତ୍ୟରତ ଗଣେଶ ଓ ଜଗନ୍ନାଥ ମନ୍ଦିର ଏବଂ ସ୍ୱର୍ଗଦ୍ୱାର ମଧ୍ୟବର୍ତ୍ତୀ ସ୍ଥାନରେ ପୂଜା ପାଉଥିବା ଗଣେଶ ମୂର୍ତ୍ତି ବିଶେଷ ଉଲ୍ଲେଖଯୋଗ୍ୟ । ସାଧାରଣତଃ ଗଣେଶ ମୂର୍ତ୍ତି ଚତୁର୍ହସ୍ତ ବିଶିଷ୍ଟ । ହସ୍ତଗୁଡ଼ିକରେ ଅଙ୍କୁଶ, ଲଡ଼ୁପାତ୍ର, ରୁଦ୍ରାକ୍ଷମାଳା ଓ ମୂଳା ଥିବାର ଦେଖାଯାଏ । ହରିଶଙ୍କର ଝରଣାର ଗାଧୁଆ ଘାଟ ବା କୁପାତର କଡ଼ରେ ଗୋଟିଏ ଗଣେଶ ମୂର୍ତ୍ତି ଅଛି । ମୂର୍ତ୍ତିଟି ଅଷ୍ଟଭୁଜ । ଦୁଇ ହସ୍ତରେ ସର୍ପ ଏବଂ ଅନ୍ୟ ହସ୍ତରେ ଜପାମାଳୀ, ଲେଖନୀ, ଲଡ଼ୁପାତ୍ର, ବରଦ ମୁଦ୍ରା ଏବଂ ଅନ୍ୟ ହସ୍ତ ପ୍ରାୟ ଭାଙ୍ଗିଯାଇଛି । ଗଣେଶଙ୍କର ପାଦ ପାର୍ଶ୍ୱରେ ମୂଷିକ ଉପବେଶନ କରିଛି । ତିନି ଜଣ ବାଦ୍ୟ ବଜାଳି ବାଦ୍ୟରତ । ଦୁଇ ପାର୍ଶ୍ୱରେ ଦୁଇ ଜଣ ସ୍ତ୍ରୀ ପାତ୍ର ଧରି ଦଣ୍ଡାୟମାନ । ଉପରେ ଦୁଇ କଡ଼ରେ ଦୁଇଟି ଦର୍ପଣଧାରି ସ୍ତ୍ରୀଙ୍କର ମୁଣ୍ଡ କୁଣ୍ଡାଇବା ଦୃଶ୍ୟ ଅତୀବ ଚମତ୍କାର ।

ଗଣେଶ ମୂର୍ତ୍ତିର ଶ୍ରେଣୀ ବିଭାଗ :

ଗଣେଶ ମୂର୍ତ୍ତିକୁ କେତେ ଗୁଡ଼ିଏ ଶ୍ରେଣୀରେ ବିଭକ୍ତ କରାଯାଇଛି । ଯଥା—ବାଳ ଗଣପତି (ଚତୁର୍ଭୁଜ, ରକ୍ତ ବର୍ଣ୍ଣ, ଦେଖିବାକୁ ପିଲାପରି), ତରୁଣ ଗଣପତି (ଅଷ୍ଟଭୁଜ ରକ୍ତବର୍ଣ୍ଣ ମୂର୍ତ୍ତି), ଭକ୍ତ ବିଘ୍ନେଶ୍ୱର (ଚାରି ହସ୍ତରେ ନାରିକେଳ, ଆମ୍ବ, ମିଶ୍ରି ଓ କ୍ଷୀରଭଣ୍ଡ ଏବଂ ଦେଖିବାକୁ ଶରତ କାଳୀନ ଚନ୍ଦ୍ରପରି ରଙ୍ଗ), ବୀର ଗଣେଶ (ଦଶ ହସ୍ତ ବିଶିଷ୍ଟ ମୂର୍ତ୍ତି ଏବଂ ପ୍ରତ୍ୟେକରେ ଯୁଦ୍ଧ ଅସ୍ତ୍ର ଓ ଅନ୍ୟାନ୍ୟ ସରଞ୍ଜାମ ଧରିଥାନ୍ତି), ଶକ୍ତି ଗଣେଶ (ପଞ୍ଚ ଗଜମସ୍ତକ ମୂର୍ତ୍ତି), ପ୍ରସନ୍ନ ଗଣପତି, ଦ୍ୱିଜ ଗଣପତି, ବିଘ୍ନରାଜ ଗଣପତି, ଭୁବନେଶ ଗଣପତି, ନୃତ୍ୟ ଗଣେଶ, ହରିଦ୍ରା ଗଣପତି ଓ ବାଳଚନ୍ଦ୍ର ଗଣେଶ । ହରିଶଙ୍କର ମନ୍ଦିରରେ ଅଧିଷ୍ଠିତ ଗଣେଶ ହେଉଛନ୍ତି ପ୍ରସନ୍ନ ଗଣପତି । ସମ୍ବଲପୁର ବିଶ୍ୱବିଦ୍ୟାଳୟ ସଂଗ୍ରହାଳୟରେ ସଂରକ୍ଷିତ

Digitized by PPRACHIN, SOA

ଗୋଟିଏ ବାଳଗଣେଶ ମୂର୍ତ୍ତି ଚତୁର୍ଭୁଜ ବଶିଷ୍ଟ ଏବଂ ସମ୍ପୂର୍ଣ୍ଣ ଉଲଗ୍ନ ବାଳକ ପରି । ଦକ୍ଷକର ଦ୍ୱୟରେ, ଉପରେ ଭଗ୍ନଦନ୍ତ ଓ ନିମ୍ନ ହସ୍ତରେ ଥିବା ପଦାର୍ଥଟି ଜଣା ପଡୁନାହିଁ । ବାମ ଉପର ହସ୍ତରେ ଲଡ଼ୁ ଓ ଲଡ଼ୁପାତ୍ର ଏବଂ ନିମ୍ନରେ ଖଣ୍ଡିଏ ଯଷ୍ଟି । ମୂର୍ତ୍ତିଟି ବାମଣ୍ଡା ଗଡ଼ଠାରୁ ସଂଗୃହୀତ ହୋଇଛି । ମୂର୍ତ୍ତିଟି ପଞ୍ଚଦଶ ଶତାବ୍ଦୀରେ ନିର୍ମିତ । ଏହା ପ୍ରାୟ ୫୭ ସେ: ମି:×୩୪ ସେ: ମି: ×୧୭ ସେ: ମି: ବଶିଷ୍ଟ । ଦେହରେ ଯଜ୍ଞୋପବୀତ ରହିଛି ଏବଂ ବାହନ ମୂଷିକ ନିମ୍ନରେ ଗଣେଶଙ୍କ ଆଡ଼କୁ ଗୁହିଁ ରହିଛି । ଏହି ସଂଗ୍ରହାଳୟରେ ଏକଧ୍ୱଜ ଗଣପତି ସମ୍ବଲପୁର ଜିଲ୍ଲା ବରପାଲି ନିକଟରୁ ସଂଗୃହୀତ ହୋଇ ସଂରକ୍ଷିତ ହୋଇଛି । ୧୦.୫ ସେ: ମି: ଉଚ୍ଚତା ବଶିଷ୍ଟ ଏହି ମୂର୍ତ୍ତି ପ୍ରାୟ ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରେ ନିର୍ମିତ । କ୍ଷୁଦ୍ରକାୟ ସୁନ୍ଦର ମୂର୍ତ୍ତିଟି ଦୁଇ ଗୋଡ଼କୁ ଏକ ସ୍ଥାନରେ ରଖି ପଦ୍ମାସନରେ ଉପବେଶନ କରିଛନ୍ତି । ମୂର୍ତ୍ତିଟି ଦ୍ୱିଦନ୍ତ, ଚତୁର୍ଭୁଜ ବଶିଷ୍ଟ । ମୂର୍ତ୍ତି ଉପରେ ସର୍ପ ଫଣା ଟେକି ରହିଛି, ଏବଂ ଅନ୍ୟ ଏକ ସର୍ପ ଯଜ୍ଞୋପବୀତ ହୋଇ ରହିଛି ।

ଉପର ଦକ୍ଷିଣ ହସ୍ତରେ ଲେଖନୀ ଓ ପୁସ୍ତକ ଏବଂ ନିମ୍ନରେ ଅକ୍ଷମାଳା ଏବଂ ବାମ ଉପର ହସ୍ତରେ ସର୍ପ ଓ ନିମ୍ନ ହସ୍ତରେ ବଣିଲଡ଼ୁ ଧରିଛନ୍ତି । ମୂର୍ତ୍ତିଟି ତିନେତ୍ର ବଶିଷ୍ଟ । ଏହି ସଂଗ୍ରହାଳୟରେ ଏକ ଷୀର ଗଣେଶ ମୂର୍ତ୍ତି ସମ୍ବଲପୁର ଜିଲ୍ଲା ଗାଇସିଲେଟର ଅଙ୍ଗ ନଦୀକୂଳରୁ ସଂଗୃହୀତ ହୋଇ ସଂରକ୍ଷିତ ହୋଇଛି । ମୂର୍ତ୍ତିଟି ୩୦ ସେ. ମି. ×୨୧ ସେ. ମି. × ୭.୫ ସେ. ମି. ବଶିଷ୍ଟ ; ପ୍ରାୟ ଖ୍ରୀଷ୍ଟୀୟ ଚତୁର୍ଦ୍ଦଶ ଶତାବ୍ଦୀରେ ନିର୍ମିତ । ମୂର୍ତ୍ତିଟି ଚତୁର୍ଭୁଜ ବଶିଷ୍ଟ । ଉପର ହସ୍ତ ଦ୍ୱୟରେ ଖଡ୍ଗ, ଢାଲ୍ ଏବଂ ନିମ୍ନ ଦକ୍ଷ କରରେ ପାଶ ଏବଂ ବାମ କରରେ ଭଗ୍ନ ଦନ୍ତ ଧରିଛନ୍ତି । ତିନି ସୂତ୍ର ମାଳ ବେକରେ ଏବଂ ଅଣ୍ଟାରେ, ମେଖଳାରେ ଭୂଷିତ ହୋଇଛନ୍ତି । ମୂଷିକ ଅସ୍ପଷ୍ଟ ଦିଶୁଛି । ଏହି ସଂଗ୍ରହାଳୟର ଅନ୍ୟ ଏକ ମୂର୍ତ୍ତି ବଲାଙ୍ଗୀର ନିକଟରୁ ସଂଗୃହୀତ ହୋଇ ସଂରକ୍ଷିତ ହୋଇଛି । ଏହି ମୂର୍ତ୍ତିଟି ହରିଦ୍ରା ଗଣପତି ଶ୍ରେଣୀୟ । ମୂର୍ତ୍ତିଟି ୬୦ ସେ. ମି. × ୪୦ ସେ. ମି. × ୨୦ ସେ.ମି. ବଶିଷ୍ଟ ; ଦ୍ୱାଦଶ ଶତାବ୍ଦୀରେ ନିର୍ମିତ । ମୂର୍ତ୍ତିଟି ଚତୁର୍ଭୁଜ ବଶିଷ୍ଟ । ଉପର ହସ୍ତ ଦ୍ୱୟର ଦକ୍ଷ ହସ୍ତରେ କୁରାଡ଼ି (ଟାଙ୍ଗିଆ) ଓ ବାମ ହସ୍ତରେ ଭଗ୍ନଦନ୍ତ ଏବଂ ନିମ୍ନ ହସ୍ତ ଦ୍ୱୟର ଦକ୍ଷ ହସ୍ତରେ ଅଭୟ ମୁଦ୍ରା ଓ ବାମରେ ଲଡ଼ୁ

Digitized by PPRACHIN, SOA

ଶୁଣ୍ଡରେ ଧରିଛନ୍ତି । ଦେହରେ ଯଜ୍ଞୋପବୀତ ଶୋଭା ପାଉଛି । ଦୁଇ ପାର୍ଶ୍ୱରେ ଦୁଇଟି ବିଦ୍ୟାଧାରୀ ନୃତ୍ୟରତା । ମୂଷିକ ପାର୍ଶ୍ୱରେ ତିନୋଟି ଲଡ଼ୁ ଥାଳି ନୈବେଦ୍ୟ ପାଇଁ ରଖାଯାଇଛି । ଏହିପରି ଏକ ମୂର୍ତ୍ତି ମଧ୍ୟପ୍ରଦେଶର ଖଜୁରାହୋର ମୁଖ୍ୟ ମନ୍ଦିରରେ ସ୍ଥାପନ କରାଯାଇଛି । ଏହି ସଂଗ୍ରହାଳୟରେ ଏକ ବ୍ରୋଞ୍ଜରେ ନିର୍ମିତ ପ୍ରସନ୍ନ ଗଣପତି କଳାହାଣ୍ଡି ଜିଲ୍ଲା ବେଲଖଣ୍ଡିଠାରୁ ସଂଗୃହୀତ ହୋଇ ସଂରକ୍ଷିତ ହୋଇଛି । ମୂର୍ତ୍ତିଟି ୨୨ ସେ. ମି. × ୧୩ ସେ. ମି. × ୬ ସେ. ମି. ; ଖ୍ରୀଷ୍ଟୀୟ ଏକାଦଶ ଶତାବ୍ଦୀରେ ନିର୍ମିତ । ମୂର୍ତ୍ତିଟି ଚତୁର୍ଭୁଜ, ତ୍ରିନେତ୍ର, ଏକଦନ୍ତ ବିଶିଷ୍ଟ ଏବଂ ତ୍ରିଭଙ୍ଗୀ ଠାଣିରେ ଦଣ୍ଡାୟମାନ । ଉପର ଦକ୍ଷ ହସ୍ତରେ ଭଗ୍ନ ଦନ୍ତ ଏବଂ ବାମରେ ରସିଲଡ଼ୁ ଶୁଣ୍ଢରେ ଧରିଛନ୍ତି ଏବଂ ନିମ୍ନ ହସ୍ତଦ୍ୱୟ ଭଗ୍ନ । ଦେହରେ ସର୍ପ ଯଜ୍ଞୋପବୀତ ଶୋଭା ପାଉଛି । ମଥାଟି ଜଟା ମୁକୁଟ ବିଶିଷ୍ଟ ଏବଂ ଦକ୍ଷ ପାର୍ଶ୍ୱ ଆସନ ଭଗ୍ନ ଥିବାରୁ ବାହନ ମୂଷିକଟି ନିରୁଦ୍ଦିଷ୍ଟ । ଉକ୍ତ ମୂର୍ତ୍ତିଗୁଡ଼ିକ ହରିଶଙ୍କର ସନ୍ନିକଟ ସ୍ଥାନରୁ ସଂଗୃହୀତ ହୋଇଥିବାରୁ ପୂର୍ବରୁ ହରିଶଙ୍କର ଅଞ୍ଚଳରେ ଗଣପତି ପୂଜାର ବିଶେଷ ପ୍ରଚଳନ ଥିବାର ସୂଚନା ଦିଏ ।

ଡଃ ଅର୍ଜୁନ ଯୋଷୀ ଗଣେଶ ମୂର୍ତ୍ତିଗୁଡ଼ିକର ଶୁଣ୍ଢ ଭେଦରେ ଦୁଇ ପ୍ରକାର ଦର୍ଶାଇଛନ୍ତି । ଯେଉଁ ମୂର୍ତ୍ତିଗୁଡ଼ିକର ଶୁଣ୍ଢ ବାମ ଆଡ଼କୁ ମୋଡ଼ି ହୋଇ ଥାଏ ତାକୁ ବାମାବର୍ତ୍ତ ଗଣେଶ ମୂର୍ତ୍ତି ଏବଂ ଦକ୍ଷିଣ ଆଡ଼କୁ ମୋଡ଼ି ହୋଇ ଥିବା ମୂର୍ତ୍ତିକୁ ଦକ୍ଷିଣାବର୍ତ୍ତ ଗଣେଶ ମୂର୍ତ୍ତି ବୋଲି କହନ୍ତି ।

ସାଧାରଣତଃ ବାମାବର୍ତ୍ତ ଗଣେଶ ମୂର୍ତ୍ତିଗୁଡ଼ିକ ଭାରତରେ ସର୍ବତ୍ର ହିନ୍ଦୁମାନଙ୍କଦ୍ୱାରା ମହାସମାରୋହରେ ପୂଜିତ ହୁଅନ୍ତି । ହରିଶଙ୍କରର ଦୁଇ ଗଣେଶ ମୂର୍ତ୍ତି ଏବଂ ନୃସିଂହନାଥର ପାଞ୍ଚୋଟି ଗଣେଶ ମୂର୍ତ୍ତି ସମସ୍ତ ବାମାବର୍ତ୍ତ ଶ୍ରେଣୀର । ଭୁବନେଶ୍ୱରରେ ଦକ୍ଷିଣାବର୍ତ୍ତ ଗଣେଶ ବିଗ୍ରହ କେତୋଟି ଦେଖିବାକୁ ମିଳେ । ପ୍ରସିଦ୍ଧ କେଦାରଗୌରୀ ମନ୍ଦିର ବେଢ଼ା ମଧ୍ୟରେ ଥିବା ନୂତନ ନିର୍ମିତ ମନ୍ଦିର ମଧ୍ୟରେ ପ୍ରତିଷ୍ଠିତ ହୋଇଥିବା ଦକ୍ଷିଣାବର୍ତ୍ତ ବିଗ୍ରହ ଏବଂ ଓଡ଼ିଶା ପ୍ରାଦେଶିକ ପ୍ରତ୍ନତତ୍ତ୍ୱ ସଂଗ୍ରହାଳୟ ମଧ୍ୟରେ ସଂରକ୍ଷିତ ହୋଇଥିବା ତିନୋଟି ଦକ୍ଷିଣାବର୍ତ୍ତ ବିଗ୍ରହ ଏବଂ

Digitized by PPRACHIN, SOA

ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ସଂରକ୍ଷିତ ହୋଇଥିବା ଗୋଟିଏ ଦକ୍ଷିଣାବର୍ତ୍ତ ବିଗ୍ରହ । ମୂର୍ତ୍ତିଟି ସମ୍ବଲପୁର ନିକଟରୁ ସଂଗୃହୀତ ହୋଇ ସଂରକ୍ଷିତ ହୋଇଛି । ମୂର୍ତ୍ତିଟି ଶକ୍ତି ଗଣପତି ଶ୍ରେଣୀୟ ; ୧୩ ସେ.ମି. × ୨୦.୫ ସେ. ମି. × ୩.୫ ସେ. ମି.ବିଶିଷ୍ଟ ; ଖ୍ରୀଷ୍ଟୀୟ ସପ୍ତଦଶ ଶତାବ୍ଦୀରେ ନିର୍ମିତ । ମୂର୍ତ୍ତିଟି ଚତୁର୍ଭୁଜ ବିଶିଷ୍ଟ ପଦ୍ମାସନରେ ଉପବିଷ୍ଟ । ଉପର ହସ୍ତ ଦ୍ୱୟରେ ଅଙ୍କୁଶ ଓ କୁଠାର ଧରିଥିଲ ବେଳେ ନିମ୍ନ ହସ୍ତରେ ଧରିଥିବା ପଦାର୍ଥ ଚିହ୍ନି ହେଉ ନାହିଁ ଏବଂ ନିମ୍ନ ବାମ ହସ୍ତଟି ଭଗ୍ନ । ଗଳାରେ ଚନ୍ଦ୍ରହାର ଓ ଦେହରେ ଯଜ୍ଞୋପବୀତ ଶୋଭିତ । ଦୁଇ ପାର୍ଶ୍ୱରେ ଦୁଇ ଜଣ ରାଜମହିଷୀ ବୃଦ୍ଧି ଓ ସିଦ୍ଧି ପାନ ପାତ୍ର ହସ୍ତରେ ଦଣ୍ଡାୟମାନ । ବାହନ ମୂଷିକ ନିମ୍ନରେ ଖୋଦିତ ହୋଇଛି ।

ଦକ୍ଷିଣାବର୍ତ୍ତ ମୂର୍ତ୍ତିଗୁଡ଼ିକ ପଦ୍ମାସୀନା । 'ଅଂଶୁମଦ୍‌ଭେଦାଗମ' ଅନୁସାରେ ସ୍ଥାନକ ବା ଆସୀନ ମୂର୍ତ୍ତି ପଦ୍ମାସନରେ ଉପବେସନ କରିଥାନ୍ତି । (ସ୍ଥାନକଂ ବାସନଂ ପଦ୍ମ ପୀଠେ ନିବେଶନମ୍) । ଶାସ୍ତ୍ରାନୁସାରେ ଉପବିଷ୍ଟ ମୂର୍ତ୍ତିଗୁଡ଼ିକ ଦକ୍ଷିଣ ପାଦ ବାମ ଜାନୁ ଉପରେ ରଖି ଗୋଡ଼ ଛନ୍ଦି ରହିବା ବିଧେୟ । ସଂଗ୍ରହାଳୟର ମୂର୍ତ୍ତିଗୁଡ଼ିକ ବସିବା ଅବସ୍ଥାରେ ବାମ ଗୋଡ଼ ମୋଡ଼ି ଭୂମି ସ୍ପର୍ଶ କରିଛି ଓ ତା'ର ଡାହାଣ ଗୋଡ଼ ଅଧା ମୋଡ଼ି ହୋଇ ଉପରକୁ ରହିଛି । ସାଧାରଣତଃ ଗଣେଶ ମୂର୍ତ୍ତିଗୁଡ଼ିକର ଦୁଇ ଚକ୍ଷୁ ଖୋଦିତ ହୋଇଥାଏ । ଦକ୍ଷିଣାବର୍ତ୍ତ ମୂର୍ତ୍ତିଗୁଡ଼ିକରେ ତିନୋଟି ଲେଖାଏଁ ନେତ୍ର ଥିବାର ଦେଖାଯାଏ । କିନ୍ତୁ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ବରପାଲିରୁ ସଂଗୃହୀତ ମୂର୍ତ୍ତି ବାମାବର୍ତ୍ତ ହେଲେ ମଧ୍ୟ ତ୍ରିନେତ୍ର ବିଶିଷ୍ଟ ।

ଗଣେଶ ମୂର୍ତ୍ତିର ପ୍ରାଚୀନତା :

ଗଣପତିଙ୍କର ଆବାହନ ବହୁ ପୂର୍ବରୁ ଚଳି ଆସୁଥିଲେ ମଧ୍ୟ ରାମକୃଷ୍ଣ ଗୋପାଳ ଭଣ୍ଡାରକର ତାଙ୍କ ପୁସ୍ତକରେ ମତ ଦେଇଛନ୍ତି ଯେ, ଗଣେଶ ପୂଜା ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀର ମଧ୍ୟଭାଗରେ ଆରମ୍ଭ ହୋଇଥିଲା । ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିକୋଣରୁ ଦେଖିଲେ ଗୁପ୍ତ ଯୁଗର (୩୦୦-୫୫୦ ଖ୍ରୀଷ୍ଟାବ୍ଦ) ଅଭିଲେଖରେ ଗଣେଶଙ୍କ ନାମର ଉଲ୍ଲେଖ ନାହିଁ ; କିନ୍ତୁ ଏଲୋରାରେ ଥିବା ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରେ ଦୁଇଟି ଗୁମ୍ଫାରେ କାଳୀ,

Digitized by PPRACHIN, SOA

କାଳ ଓ ·ସପ୍ତମାତୃକା ସହିତ ଗଣେଶ ଦେଖାଯାଆନ୍ତି । ଯୋଧପୁରର ଘଟିୟାଲଠାରେ ଥିବା ଏକ ଅଭିଲେଖରୁ (ଖ୍ରୀଷ୍ଟାବ୍ଦ ୮୬୨) ଗଣେଶଙ୍କର ପୂଜା ବିଷୟ ଜଣାପଡ଼େ । ଅଭିଲେଖର ପ୍ରାରମ୍ଭରେ ଗଣେଶଙ୍କର ବନ୍ଦନା କରାଯାଇଛି । କେତେକ ଆଲୋଚକଙ୍କ ମତରେ ଉତ୍କଳରେ ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀ ପୂର୍ବରୁ ଗଣେଶ ପୂଜା ପ୍ରଚଳିତ ଥିଲା । ଭୁବନେଶ୍ୱର ସନ୍ନିକଟସ୍ଥ ଖଣ୍ଡଗିରି ଓ ଉଦୟଗିରିର ଗଣେଶ ଗୁମ୍ଫା ଏହାର ମୂକ ସାକ୍ଷୀ ରୂପେ ବିଦ୍ୟମାନ ।

ଭୁବନେଶ୍ୱର, ଶତ୍ରୁଘ୍ନେଶ୍ୱର, ଲକ୍ଷ୍ମଣେଶ୍ୱର ମନ୍ଦିରର ଯେଉଁ ତିନୋଟି ଗଣେଶ ମୂର୍ତ୍ତି ରାଜ୍ୟ ସଂଗ୍ରହାଳୟରେ ସ୍ଥାନ ପାଇଛି ସେଗୁଡ଼ିକ ୬ଷ୍ଠ-୭ମ ଶତାବ୍ଦୀର । କପାଳିନୀ ମନ୍ଦିର (ବୋଇତାଳ ମନ୍ଦିର ନାମରେ ଖ୍ୟାତ) ବେଢ଼ା ମଧ୍ୟରେ ସ୍ଥିତ ଶିଶିରେଶ୍ୱର ମନ୍ଦିରରେ ଅଧିଷ୍ଠିତ ମୂର୍ତ୍ତିଟି ଖ୍ରୀଷ୍ଟୀୟ ୭ମ-୮ମ ଶତାବ୍ଦୀର ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି ; କାରଣ ଶିଶିରେଶ୍ୱର ମନ୍ଦିରଟି ଏହି ସମୟରେ ନିର୍ମିତ ବୋଲି ଉକ୍ତ ମନ୍ଦିରର ଗଠନ ପ୍ରଣାଳୀରୁ ଜଣାଯାଏ । ·କେଦାରଗୌରୀ ବେଢ଼ା ମଧ୍ୟରେ ଥିବା ମୂର୍ତ୍ତିଟି ଖ୍ରୀଷ୍ଟୀୟ ୯ମ-୧୦ମ ଶତାବ୍ଦୀର ବୋଲି ଅନୁମାନ କରାଯାଏ । ଲିଙ୍ଗରାଜଙ୍କ ନିକଟରେ ଗଣେଶ ଏବଂ ଖିଚଂ ମନ୍ଦିରର ନୃତ୍ୟରତ ଗଣେଶ ପରବର୍ତ୍ତୀ ସମୟର ବୋଲି ଜଣାଯାଏ । ଅମରକୋଷରେ ଅମର ସିଂହ ଗଣେଶଙ୍କ ନାମ ବିଭିନ୍ନ ଭାବେ ଦର୍ଶାଇଛନ୍ତି । ଅମର ସିଂହ ୪୫୦ ଖ୍ରୀଷ୍ଟାବ୍ଦ ପୂର୍ବରୁ ଅମରକୋଷ ଲେଖି ଯାଇଥିଲେ । ଏହି ସମୟକୁ ଯଦି ଧରାଯାଏ ହିନ୍ଦୁ ସମାଜରେ ଗଣେଶ ପୂଜା ଏହା ପୂର୍ବରୁ ଚାଲି ଆସୁଥିଲା ।

ଭୁବନେଶ୍ୱରର ପଶୁରାମେଶ୍ୱର ମନ୍ଦିରରେ ଶିବ ପାର୍ବତୀଙ୍କର ବିବାହ ଉତ୍ସବରେ ଗଣେଶ ମଧ୍ୟରେ ବସିଛନ୍ତି । ଏହି ବିଗ୍ରହର ନିର୍ମାଣ କାଳ ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀ ହୋଇ ଥିବାରୁ ଆଲୋଚକମାନେ ମତ ଦିଅନ୍ତି ଯେ ଗଣେଶଙ୍କୁ ଶିବ ପାର୍ବତୀଙ୍କର ସନ୍ତାନଭାବେ ଏହା ପୂର୍ବରୁ ଗ୍ରହଣ କରାଯାଇ ନ ଥିଲା । ଖ୍ରୀଷ୍ଟୀୟ ଷଷ୍ଠ ଶତାବ୍ଦୀରେ ଶୈବମାନେ *

---

* A Glimpse on Ganapati—Jaideva Mukherjee. Srimandir

Digitized by PPRACHIN, SOA

(AIHOLE) ଠାରେ ଗଣେଶ ଶିବଙ୍କର ସାହାଯ୍ୟକାରୀ ଭାବେ ନିର୍ମିତ ହୋଇଛି । ମଧ୍ୟ ପ୍ରଦେଶର ଭୁମରାଠାରେ ଏକ ଶକ୍ତି ଗଣପତିଙ୍କର କୋଳରେ ଏବଂ ଏକ ସ୍ତ୍ରୀ ବାମ ଜାନୁରେ ବସିଛନ୍ତି । ଗଣେଶ ତାଙ୍କ ନିମ୍ନ ବାମ ହସ୍ତରେ ଶକ୍ତିଙ୍କୁ ଧରିଛନ୍ତି । ଅନ୍ୟ ତିନି ହସ୍ତରେ କୁଠାର, ଭଗ୍ନ ଦନ୍ତ, ମୋଦକ ଧରିଛନ୍ତି । ତେଣୁ ଷଷ୍ଠ ଶତାବ୍ଦୀରୁ ଗଣପତିଙ୍କର ବିଶେଷ ପୂଜା ହେଉଥିବାର ଜଣାଯାଏ ।

ବର୍ତ୍ତମାନ ଗଣପତିଙ୍କର ପୂଜା ଖ୍ରୀଷ୍ଟପୂର୍ବ ୧୨୦୦ ଠାରୁ ୧୦୦୦ ମଧ୍ୟରେ ଇରାନରେ ପ୍ରଚଳିତ ଥିବା ପ୍ରମାଣ ପ୍ରତ୍ନତତ୍ତ୍ୱ ଆବିଷ୍କାରରୁ ଜଣା ଯାଇଛି । ଗୋଟିଏ ସିଲ ଉପରେ ଦ୍ୱିଭୁଜ ବିଶିଷ୍ଟ ଗଣେଶ ମୂର୍ତ୍ତି ପଶ୍ଚିମ ଇରାନର କୁରିସ୍ଥାନ ଅଞ୍ଚଳରୁ ସଂଗୃହୀତ ହୋଇ ପ୍ୟାରିସ ସଂଗ୍ରହାଳୟରେ ସଂରକ୍ଷିତ ହୋଇଛି । ଏଠାରେ ଗଣପତି ଦକ୍ଷିଣକରରେ ସର୍ପ ଧରିଥିବା ବେଳେ ବାମ କରରେ ଗୋଟିଏ ପର (Quill) ଧରି ଦଣ୍ଡାୟମାନ । ପାଦର ନିମ୍ନରେ ଅନ୍ୟ ଏକ ସର୍ପ ଶାୟିତ । ହସ୍ତୀ ମୁଣ୍ଡ ବିଶିଷ୍ଟ ଏହି ମୂର୍ତ୍ତିକୁ ଗଣପତି ବୋଲି ଆଲୋଚକମାନେ ଚିହ୍ନଟ କରିଛନ୍ତି ।

ଏହି ହରିଶଙ୍କର ଏବଂ ନୃସିଂହନାଥ କ୍ଷେତ୍ରରେ ଥିବା ଗଣେଶ ମୂର୍ତ୍ତିମାନଙ୍କ ମଧ୍ୟରେ ହରିଶଙ୍କର ମନ୍ଦିରର ମୂର୍ତ୍ତିଟି ଅତି ପ୍ରାଚୀନ । ନୃସିଂହନାଥରେ ଥିବା ଗଣପତିମାନଙ୍କର ନିର୍ମାଣ କାଳ ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରେ ହେଲେ ବେଳେ ଏହି ମୂର୍ତ୍ତି ଏହାର ପୂର୍ବବର୍ତ୍ତୀ କାଳର ।

ବେଦରେ ଗଣେଶ :

ସୃଷ୍ଟିର ପ୍ରାରମ୍ଭରେ ଯେଉଁ ଆସୁରୀ ଶକ୍ତିମାନେ ବାଧାବିଘ୍ନ ଉତ୍ପନ୍ନ କଲେ, ତାହାର ନିରାକରଣ ପାଇଁ ସୃଷ୍ଟିକର୍ତ୍ତା ଭଗବାନ ଗଣେ ରୂପେ ପ୍ରକଟ ହୋଇ ସୃଷ୍ଟି କାର୍ଯ୍ୟରେ ସାହାଯ୍ୟ କଲେ । ଭାରତୀୟ ଧର୍ମପ୍ରାଣ ଜନତା ଅନାଦି କାଳରୁ କାର୍ଯ୍ୟରେ ବାଧା ବିଘ୍ନ ସଂକଟ ଦୂର କରିବା ପାଇଁ 'ଗଣାନାଂ ତ୍ୱା' ବୈଦିକ ଓ ପୌରାଣିକ ମନ୍ତ୍ରମାନଙ୍କଦ୍ୱାରା ଗଣପତିଙ୍କୁ ବୈଦିକ ଦେବତା ରୂପେ ସ୍ୱୀକାର କରି ତାଙ୍କର ପୂଜାର୍ଚ୍ଚନା କରି ଆସୁଛି । ବୈଦିକ ଦେବତାମାନେ କ୍ରମେ ପୌରାଣିକ ଦେବତା ହୋଇ ବିଭିନ୍ନ ରୂପରେ ପ୍ରକାଶ ପାଇଛନ୍ତି । ସେହିପରି ବେଦର ବ୍ରହ୍ମଣସ୍ପତି ବା ଗଣପତିଙ୍କର ନାମ ପୁରାଣମାନଙ୍କରେ

Digitized by PPRACHIN, SOA

ଗଣେଶ ରୂପେ ଅଭିହିତ କରାଯାଇଛି । ଋଗ୍ ବେଦର ଦ୍ୱିତୀୟ ମଣ୍ଡଳର ଓ ଦଶମ ମଣ୍ଡଳର ନିମ୍ନ ମନ୍ତ୍ର ଗଣପତିଙ୍କ ସ୍ତୁତି ପାଇଁ ଉଦ୍ଦିଷ୍ଟ :

"ଗଣାନାଂ ତ୍ୱା ଗଣପତିଂ ହବାମହେ
କବିଂ କବୀନାମୁପମଶ୍ରବସ୍ତମମ ।
ଜେଷ୍ଠରାଜଂ ବ୍ରହ୍ମଣାଂ ବ୍ରହ୍ମଣସ୍ପତ
ଆନଃ ଶୃଣ୍ୱନ୍ନୂତିଭିଃ ସୀଦସାଦନମ୍ ॥"

(ଋଗ୍‌ବେଦ ୨।୨୩।୧)

ହେ ଦେବଗଣମାନଙ୍କର ଗଣପତି ! କ୍ରାନ୍ତଦର୍ଶୀ କବିମାନଙ୍କ ମଧ୍ୟରେ ଶ୍ରେଷ୍ଠ କବି, ଶିବ ଶିବାଙ୍କର ପ୍ରିୟ ଜ୍ୟେଷ୍ଠ ପୁତ୍ର, ଅତିଶୟ ଭୋଗ ଓ ସୁଖ ଆଦିର ପ୍ରଦାତା, ଆମେ ଆପଣଙ୍କର ଏହି କାର୍ଯ୍ୟରେ ଆବାହନ କରୁଛୁ, ଆମର ସ୍ତୁତି ଶ୍ରବଣ କରି ପାଳନକର୍ତ୍ତା ରୂପେ ଆପଣ ଏହି ସଦନରେ ଆସୀନ ହୁଅନ୍ତୁ । ତତ୍‌ପରେ—

ନିଷୁସୀଦ ଗଣପତେ ଗଣେଷୁ
ତ୍ୱା ମାହୁର୍ବିପ୍ରତମଂ କବିନାମ୍
ନ ଋତେ ତ୍ୱତ୍ କ୍ରିୟତେ କିଂ ଚ ନାରେ
ମହା ମର୍କ ମଘବଞ୍ଚିତ୍ରମର୍ଚ୍ଚ ॥

(ଋଗ୍‌ବେଦ ୧୦ । ୧୧୨ । ୯)

ହେ ଗଣପତି ! ଆପଣ ସ୍ତୁତିକାରୀ ଆମ୍ଭମାନଙ୍କ ମଧ୍ୟରେ ଉପସ୍ଥିତ ହୁଅନ୍ତୁ । ଆପଣଙ୍କୁ କ୍ରାନ୍ତଦର୍ଶୀ କବିମାନଙ୍କ ମଧ୍ୟରେ ଅତିଶୟ ବୁଦ୍ଧିମାନ ଓ ସର୍ବଜ୍ଞ କୁହାଯାଏ । ଆପଣଙ୍କ ବିନା ଶୁଭାଶୁଭ କାର୍ଯ୍ୟ ଆରମ୍ଭ କରାଯାଏ ନାହିଁ । ହେ ଭଗବାନ୍ ! ଋଦ୍ଧି ସିଦ୍ଧିର ଅଧିଷ୍ଠାତା ଦେବ ! ଆମର ଏହି ପୂଜନୀୟ ପ୍ରାର୍ଥନା ସ୍ୱୀକାର କର ।

ସେହିପରି ଋଗ୍‌ବେଦର ଦ୍ୱିତୀୟ ମଣ୍ଡଳର ନିମ୍ନ ମନ୍ତ୍ର ବ୍ରହ୍ମଣସ୍ପତିଙ୍କ ସ୍ତୁତି ପାଇଁ ଉଦ୍ଦିଷ୍ଟ—

ବ୍ରହ୍ମଣସ୍ପତେ ତ୍ୱମସ୍ୟ ଯନ୍ତା
ସୂକ୍ତାସ୍ୟ ବୋଧି ତନୟଂ ଚ ଜିନ୍ୱ

Digitized by PPRACHIN, SOA

ବିଶ୍ୱଂ ତଦ୍‌ଭଦ୍ରଂ ଯଦବନ୍ତି ଦେବା
ବୃହଦ୍ ବଦେମ ବିଦଥେ ସୁବୀରାଃ ॥
(ଋଗ୍‌ବେଦ ୨ । ୨୩ । ୧୯)

ହେ ମନ୍ତ୍ରମାନଙ୍କର ଅଧିପତି ! ଆପଣ ଏହି ଜଗତର ନିୟାମକ । ମୋ'ର ଏହି ସୂକ୍ତକୁ ଜାଣନ୍ତୁ । ମୋ'ର ସନ୍ତାନମାନଙ୍କୁ ପ୍ରସନ୍ନତା ପ୍ରଦାନ କରନ୍ତୁ । ଆପଣ ଯାହାର ରକ୍ଷାକର୍ତ୍ତା, ତା'ର ସମସ୍ତ ମଙ୍ଗଳମୟ ! ଆମ୍ଭେମାନେ ଏହି ଜୀବନ-ଯଜ୍ଞରେ ସୁନ୍ଦର ପୁତ୍ର, ପୌତ୍ରଯୁକ୍ତ ହୋଇ ଆପଣଙ୍କର ସ୍ତୁତି କରୁଛୁ ।

ଏଥିରୁ ଜଣାଯାଏ, ବୈଦିକ ଦେବତା ବ୍ରହ୍ମଣସ୍ପତି ହିଁ ବିଘ୍ନେଶ ଗଣପତି । ବ୍ରହ୍ମଣସ୍ପତି ବୃହସ୍ପତି ଓ ବାଚସ୍ପତି—ଏହା ଏକ ଗଣପତିଙ୍କର ଭିନ୍ନ ଭିନ୍ନ ନାମ । ଯଜୁର୍ବେଦରେ ଗଣପତିଙ୍କୁ ସ୍ତୁତି କରାଯାଇ କୁହାଯାଇଛି—

"ଗଣାନାଂ ତ୍ୱାଂ ଗଣପତିଂ ହବାମହେ
ପ୍ରିୟାଣାଂ ତ୍ୱାଂ ପ୍ରିୟପତିଂ ହବାମହେ
ନିଧୀନାଂ ତ୍ୱାଂ ନିଧିପତିଂ ହବାମହେ
ବସୁ ମମ । ଆହମଜାନି ଗର୍ଭଧମା
ତ୍ୱମ ଜାସି ଗର୍ଭଧମ୍ ॥ (ଯଜୁର୍ବେଦ ୨୩ । ୧୯)

ଏହି ମନ୍ତ୍ରରେ ଗଣେଶଙ୍କୁ ଗଣପତି, ପ୍ରିୟ-ପ୍ରିୟପତି ନାମରେ ସମ୍ବୋଧନ କରାଯାଇଛି । କେତେକ କ୍ଷେତ୍ରରେ ଯଜୁର୍ବେଦୀୟ ବ୍ରାହ୍ମଣମାନେ ବୃଷୋତ୍ସର୍ଗ ଶ୍ରାଦ୍ଧରେ ଏହି ମନ୍ତ୍ରଦ୍ୱାରା ଗଣେଶଙ୍କୁ ଆବାହନ କରି ତାଙ୍କର ପୂଜାର୍ଚ୍ଚନା କରନ୍ତି—

"ନମୋ ଗଣେଭ୍ୟୋଗଣପତିଭ୍ୟଶ୍ଚ ବୋ ନମୋ
ନମୋ ବ୍ରାତେଭ୍ୟୋ ବ୍ରାତପତିଭ୍ୟଶ୍ଚ ବୋ ନମୋ
ନମୋ ଗୃତ୍ସେଭ୍ୟୋ ଗୃତ୍ସପତିଭ୍ୟଶ୍ଚ ବୋ ନମୋ
ନମୋ ବିରୂପେଭ୍ୟୋ ବିରୂପେଭ୍ୟଶ୍ଚ ବୋ ନମୋ ॥"
(ଯଜୁର୍ବେଦ ୧୬ । ୨୫)

Digitized by PPRACHIN, SOA

ଦେବତାନୁଚରଗଣମାନଙ୍କୁ, ଗଣପତିମାନଙ୍କୁ, ସଂଘମାନଙ୍କୁ, ସଂଘପତିମାନଙ୍କୁ, ବୁଦ୍ଧିଶାଳୀମାନଙ୍କୁ, ବୁଦ୍ଧିଶାଳୀମାନଙ୍କର ପରିପାଳନ-କାରୀଙ୍କୁ, ଚତୁର୍ଥାଶ୍ରମୀମାନଙ୍କୁ ତଥା ସମସ୍ତ ଆତ୍ମଦର୍ଶୀମାନଙ୍କୁ ନମସ୍କାର ।

ଗଣପ୍ରିୟେ ସ୍ୱାହା, ଗଣପତୟେ ସ୍ୱାହା (ଯଜୁ ୨୨ । ୩୦)—ଏହି ମନ୍ତ୍ରରେ ଗଣେଶଙ୍କୁ ଆହୁତି ଅର୍ପଣ କରାଯାଏ । ତତ୍ପୁରୁଷାୟ ବିଦ୍ମହେ ବକ୍ରତୁଣ୍ଡାୟ ଧୀମହି ତନ୍ନୋ ଦନ୍ତୀ ପ୍ରଚୋଦୟାତ୍ (ତୈତ୍ତିରୀୟାରଣ୍ୟକ ୧୦।୧), ତତ୍ କରାଟାୟ ବିଦ୍ମହେ ହସ୍ତୀମୁଖାୟ ଧୀମହି ତନ୍ନୋଦନ୍ତୀ ପ୍ରଚୋଦୟାତ୍ (ମୈତ୍ରାୟଣୀ ସଂହିତା ୨ । ୯ । ୧ । ୬)—ଏହି ଦୁଇ ମନ୍ତ୍ର କୃଷ୍ଣ ଯଜୁର୍ବେଦର ଗଣେଶ ଗାୟତ୍ରୀ ମନ୍ତ୍ର । ସାମବେଦୀୟ ରୁଦ୍ରାଷ୍ଟାଧ୍ୟାୟୀର ବିନାୟକ ସଂହିତାରେ ଅଦର୍ଶ୍ୟରୁଚ ଇତ୍ୟାଦି ଆଠୋଟି ମନ୍ତ୍ର (୩୧୫ରୁ ୩୨୨) ଗଣପତି ବିଷୟକ । ଗଣପତି ପୂଜନ ଓ ହବନରେ ଏହାର ଉପଯୋଗ ହୁଏ । ଏକଦନ୍ତାୟ ବିଦ୍ମହେ ବକ୍ରତୁଣ୍ଡାୟ ଧୀମହି ତନ୍ନୋଦନ୍ତୀ ପ୍ରଚୋଦୟାତ୍ (ଅଥର୍ବ ବେଦ, ଶୌନକ ସଂହିତା) । ଏହି ମନ୍ତ୍ର ଅଥର୍ବବେଦୀୟ 'ଗଣପତ୍ୟୁପନିଷଦ'ରେ ଦେଖାଯାଏ । ପୁରାଣମାନଙ୍କରେ ବିଷ୍ଣୁଙ୍କ ଅବତାର ଭଗବାନ୍ ପରଶୁରାମଙ୍କ ସହ ଯୁଦ୍ଧରେ ଗଣେଶଙ୍କ ଏକ ଦନ୍ତ ଭଗ୍ନ ହେବା କଥାର ଆଧାର ଉପରୋକ୍ତ ମନ୍ତ୍ର ।

ଏତଦ୍ଭିନ୍ନ 'ଗଣେଶ ପୂର୍ବତାପାନୀ ଉପନିଷଦ', 'ଗଣେଶୋତ୍ତର ତାପାନୀ ଉପନିଷଦ', 'ବୃହଜ୍ଜାବାଳ ଉପନିଷଦ', 'ଗଣପତ୍ୟଥର୍ବ ଶୀର୍ଷ ଉପନିଷଦ' ତଥା 'ମୁକ୍ତିକୋପନିଷଦ'ମାନଙ୍କରେ ଗଣେଶ ଚତୁର୍ଭୁଜ, ଲୋହିତ ବର୍ଣ୍ଣ, ବକ୍ରତୁଣ୍ଡ, ଗଜବଦନ, ଏକଦନ୍ତ, ମହାଦନ୍ତ, ଲମ୍ବୋଦର, ମୂଷିକଧ୍ୱଜ, ଶୂର୍ପକର୍ଣ୍ଣ, ପାଶାଙ୍କୁଶ, ଅଭୟବରଦ, ଗଣପତି, ପ୍ରିୟପତି, ବିଘ୍ନହନ୍ତା ଆଦି ରୂପ ଧାରଣ କରି ଗଣେଶଙ୍କର ପୂଜନ ଅର୍ଚ୍ଚନାର ନିର୍ଦ୍ଦେଶ ଦିଆଯାଇଛି ।

ବୈଦିକ ପ୍ରମାଣମାନଙ୍କଦ୍ୱାରା ଆଲୋଚକ ଶ୍ରୀ ସତ୍ୟନାରାୟଣ ପତି ତାଙ୍କର ଗୋଟିଏ ଲେଖାରେ ପ୍ରମାଣିତ କରିଛନ୍ତି ଯେ, ଗଣେଶ ବୈଦିକ ଦେବତା । ଭକ୍ତମାନଙ୍କର ନିକଟରେ ଗଣେଶ ବୈଦିକ ଦେବତା, ଆଦିଦେବ, ଅନାଦିସିଦ୍ଧ, ଆଦି ଉପାସ୍ୟ ଅଟନ୍ତି । ଗଣେଶ ପ୍ରତ୍ୟକ୍ଷ ବ୍ରହ୍ମ, ସେ କର୍ତ୍ତା, ଧର୍ତ୍ତା, ସଂହର୍ତ୍ତା ଅଟନ୍ତି । ଗଣେଶ ତ୍ରିଗୁଣାତ୍ମକ ଅଟନ୍ତି ।

Digitized by PPRACHIN, SOA

ଏହି. ଗୁଣମାନଙ୍କର ସ୍ୱାମୀହିଁ ପ୍ରଣବ ସ୍ୱରୂପ । ଓଁ କାରଠାରେ ଗଣେଶ ମୂର୍ତ୍ତି ସଦା ବିରାଜମାନ ଏବଂ ପ୍ରଣବ ମୂର୍ତ୍ତି ଗଣେଶ ଦେବମୟ ବୋଲି ଦର୍ଶାଇଲା ବେଳେ ଆଲୋଚକ ଶ୍ରୀ ଗଣେଶ ପରିଜା ବେଦର ବ୍ରହ୍ମଣସ୍ପତି ଅନ୍ୟ ଦେବ, ଏହା ବୃହସ୍ପତି ବା ବାଚସ୍ପତିଙ୍କର ବୋଲି ଦର୍ଶାଇଛନ୍ତି ।

ଏହାର ଆଲୋଚନା ଆଦିବାସୀ ଗଣେଶରେ ହୋଇଛି ।

ଆଦିବାସୀ ଗଣେଶ :

ଓଡ଼ିଶାର ଆଦିବାସୀ ସମାଜ ମଧ୍ୟରେ ପ୍ରକୃତି ପୂଜାର ନିଦର୍ଶନ ହେଉଛି ଧରିତ୍ରୀ, ମେଘ, ପର୍ବତ, ଜଙ୍ଗଲ, ସୂର୍ଯ୍ୟ ଓ ଚନ୍ଦ୍ର ଆଦିଙ୍କର ପୂଜା । ଏଗୁଡ଼ିକର ନାମକରଣ ଗଣ ବା ଗୋଷ୍ଠୀ ଭେଦରେ ଭିନ୍ନ ଭିନ୍ନ ହୋଇଥିବାର ଦେଖିବାକୁ ମିଳେ । ଶସ୍ୟ ଉତ୍ପାଦନ କରି ସମସ୍ତଙ୍କୁ ପାଳନ କରୁଥିବାରୁ ଧରଣୀ ଦେବତାର ଆରାଧନା ଆଦିବାସୀ ସମାଜରେ ପ୍ରଚଳିତ । ସମସ୍ତ ଜୀବମାନଙ୍କ ଜଳ ଉପରେ ନିର୍ଭର କରେ । ତେଣୁ ତାର ମୂଳ ଉତ୍ସ 'ମେଘ'ର ପୂଜା ଆବଶ୍ୟକ । ଏ ପୃଥିବୀର ଜୀବମାଙ୍କର ସେମାନେ ମୂଳାଧାର । ତେଣୁ ଏମାନେ ସର୍ବ ପ୍ରଥମେ ପୂଜା ଗ୍ରହଣର ଯୋଗ୍ୟ ।

ହରିଶଙ୍କର ଅଞ୍ଚଳଟି ଚିର ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳ । ଏଠାରେ ଯଦି ବର୍ଷା ନ ହୁଏ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଆସି ହରିଶଙ୍କର ମନ୍ଦିରସ୍ଥିତ ଗଣେଶଙ୍କୁ କାନ୍ଧରେ ବୁହାଇ ହରିଶଙ୍କର ଝରଣା ଜଳରେ ବୁଡ଼ାନ୍ତି ଏବଂ ପୂଜା କରି ସ୍ନାନ କରାନ୍ତି । ଏହିପରି କଲେ ଇନ୍ଦ୍ର ସନ୍ତୁଷ୍ଟ ହୋଇ ବୃଷ୍ଟି କରିବେ ବୋଲି ସେମାନଙ୍କର ଧାରଣା । ଏଭଳି ଦୃଷ୍ଟାନ୍ତ ଅନ୍ୟ ସ୍ଥାନରେ ବିରଳ । ଆଦିବାସୀମାନେ ଗଣେଶଙ୍କୁ ଇନ୍ଦ୍ର ରୂପେ ପୂଜା କରୁଛନ୍ତି ।

ଇନ୍ଦ୍ରପୂଜା ଓଡ଼ିଶାର ପୁର ପଲ୍ଲୀରେ ହୁଏ । ଭାଦ୍ରବ ଆଶ୍ୱିନ ମାସ ବେଳକୁ ଉତ୍ତମ ବର୍ଷା ନ ହେଲେ ଲୋକମାନେ ଯଜ୍ଞ ହୋମାଦି ପୂର୍ବକ ଇନ୍ଦ୍ର ପୂଜା କରିଥାନ୍ତି । ଇନ୍ଦ୍ର ପୂଜା ସମୟରେ ବଲାଙ୍ଗୀର ଅଞ୍ଚଳରେ ଗୋଟିଏ ବେଙ୍ଗକୁ ଧରିଆଣି ତା ଦେହରେ ହଳଦୀ, ସିନ୍ଦୂର ଲଗାଇ ଗୋଟିଏ

Digitized by PPRACHIN, SOA

ସ୍ଥାନରେ ରଖି ବର୍ଷା ସକାଶେ 'ବେଙ୍ଗଲ ଓଷା' କରି, ନିମ୍ନୋକ୍ତ ଗୀତଟି ଗାଇ ଗାଁ ଦାଣ୍ଡ ମୁଖରିତ କରିଥାନ୍ତି—

'ବେଙ୍ଗଲ ନାନି ପାଏନ୍ ଦେ ପାଏନ ନାଇଁ ଦେଲେ ଧାନ୍ ଦେ ।'
ଇନ୍ଦର ରଜାର ମାଉସୀ ମରୁ, ଯୋର୍ ନଲିଆ ବଢ଼େଇ ନଉ ।'

ଇତ୍ୟାଦି । ଓଡ଼ିଶାର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଇନ୍ଦ୍ରପୂଜା ସମୟରେ ବେଙ୍ଗ ନଚ୍ଛାଇବା ବିଧି ଅଛି । ପୁରପଲ୍ଲୀରେ ବେଙ୍ଗ ମୁଣ୍ଡରେ ସିନ୍ଦୁର ଲଗାଇ ଗାଇଥାନ୍ତି ।

'ବେଙ୍ଗ ମୁଣ୍ଡରେ ସିନ୍ଦୁର, ଡାଳ ପକା ଇନ୍ଦର' ଇତ୍ୟାଦି । ହରଶଙ୍କରର ଗଣେଶଙ୍କୁ ଆଦିବାସୀମାନେ ଯେ ଇନ୍ଦ୍ରରୂପେ ପୂଜା କରନ୍ତି, ତାହା ନୁହେଁ, ପରବର୍ତ୍ତୀ ଆର୍ଯ୍ୟମାନେ ଗଣେଶଙ୍କର ସପ୍ତବରଣ ପୂଜାରେ ତୃତୀୟ ବରଣରେ ଇନ୍ଦ୍ର ରୂପେ ପୂଜା କରନ୍ତି—ଓଁ ଇନ୍ଦ୍ରାୟ ନମଃ, ଓଁ ଅଗ୍ନୟେ ନମଃ, ଓଁ ଯମାୟ ନମଃ, ଓଁ ନୈଋତାୟ ନମଃ, ଓଁ ବରୁଣାୟ ନମଃ, ଓଁ ବାୟବେ ନମଃ, ଓଁ କୁବେରାୟ ନମଃ, ଓଁ ଈଶାନାୟ ନମଃ । ଏହା ପଢି ଗଣେଶଙ୍କର ତୃତୀୟ ବରଣ ପୂଜା କରନ୍ତି । ଏଥିରୁ ଅନୁମିତ ହୁଏ ପରବର୍ତ୍ତୀ କାଳରେ ଆଦିବାସୀଙ୍କର ଗଣେଶଙ୍କୁ ଇନ୍ଦ୍ରରୂପେ ପୂଜା କରିବା ହିନ୍ଦୁମାନେ ଗ୍ରହଣ କରିନେଇଛନ୍ତି ।

ଆଲୋଚକ ଗଣେଶ ପରିଜାଙ୍କ ମତରେ, ହାତୀ ମୁଣ୍ଡ ବିଶିଷ୍ଟ ଗଣେଶଙ୍କୁ ଦ୍ରାବିଡ଼ ବା ଆଦିବାସୀମାନଙ୍କଠାରୁ ହିନ୍ଦୁମାନେ ଗ୍ରହଣ କରିଛନ୍ତି । ଶିବ ଆଦିବାସୀମାନଙ୍କର ଦେବତା; ସେଇଭଳି ତାଙ୍କ ସ୍ତ୍ରୀ ମଧ୍ୟ ପର୍ବତର କନ୍ୟା, ଆଦିବାସୀଙ୍କର ରକ୍ତ ମଜ୍ଜାଗତର ଦେବୀ । ତାଙ୍କର ପୁଅ (ଗଣେଶ) କେବେ ଆର୍ଯ୍ୟର ଦେବତା ହୋଇ ନ ପାରନ୍ତି । ବେଦର 'ଗଣାନାଂ ତ୍ୱା ଗଣପତିଂ ହବାମହେ' ମନ୍ତ୍ର ବ୍ରାହ୍ମଣସ୍ପତି ବା ବୃହସ୍ପତିଙ୍କ ପାଇଁ ଉଦ୍ଦିଷ୍ଟ ।

ଗଣପତି ମୂର୍ତ୍ତି ବିଷୟରେ ବିଭିନ୍ନ ଆଲୋଚକ ଆଦିବାସୀ ଯକ୍ଷ ଏବଂ ନାଗ ଗଣମାନଙ୍କର ଦେବତା ଗଣପତି ବୋଲି ଦର୍ଶାଇଛନ୍ତି । 'J.N Benarjee traces its origin from two groups of folk divinities is the Yaksas and the Nagas, Coomar-

Digitized by PPRACHIN, SOA

swamy after the discovery of an elephant headed Yaksa in the Amaravati coping, suggest that the image of the Ganesh was of Yaksa type. The image of Ganesh is a combination of two groups of iconic traits the pot belly of Yaksas and the head of Nagas (Naga means also an elephant)." ✽

ଗଣପତି ମୂର୍ତ୍ତି ମଥାଉପରେ ନାଗ ଫଣା ଟେକ ରହିଥିବାର କେତେକ ମୂର୍ତ୍ତିରୁ ଅନୁମାନ କରାଯାଏ । ନାଗବଂଶଧରମାନେ ପ୍ରାଚୀନ କାଳରୁ ଗଣପତି ପୂଜା କରୁଥିଲେ । ଗଣପତିଙ୍କ ପାଖରେ ମକର (କୁମ୍ଭୀର) ଥିବା ଦୃଶ୍ୟ ଏଲୋରା ଏବଂ ବର୍ମାରୁ ମିଳେ । ମକର ନାଗବଂଶର ଉପବଂଶ । ପୁରାତନ ଭାରତରେ 'ଗଜ' ବଂଶଧରମାନେ ମଧ୍ୟ ନାଗବଂଶର ଉପବଂଶ । ଗଜବଂଶର ଦେବତା ଗଜମୁଣ୍ଡ ଦେବତାଙ୍କୁ ପୂଜା କରୁଥିବା ଅସମ୍ଭବ ନୁହେଁ । କେତେକ ଆଲୋଚକଙ୍କ ମତରେ ଭାରତକୁ ଯେତେବେଳେ ଆର୍ଯ୍ୟ କିମ୍ବା ଦ୍ରାବିଡ଼ କେହି ଆସି ନ ଥିଲେ ସେତେବେଳେ ଆଦିବାସୀ 'ମୁଣ୍ଡା' ମାନେ ଗଣପତି-ଙ୍କର ପୂଜା କରୁଥିବାର ଜଣାଯାଏ । ଖ୍ରୀଷ୍ଟପୂର୍ବ ପାଞ୍ଚହଜାର ବର୍ଷ ପୂର୍ବର ଆଦିବାସୀମାନେ ଗଣପତି ପୂଜା କରୁଥିବାର କେତେକ ସିନ୍ଧୁ ଉପତ୍ୟକାର ସିଲ (ମୋହର)ରୁ ଜଣାଯାଏ । The earliest representation of Ganapati or proto Ganapati (with the trunk of an elephant, the horn of a bull, the fore-part of a ram and the hind part of a tiger is found in an Indus-valley seal. †

ବୌଦ୍ଧ ଗଣପତି :

ବୈଦିକ ଯୁଗରେ ମୂର୍ତ୍ତି ଉପାସନା ନ ଥିଲା । ଐତିହାସିକମାନେ ନିରୂପଣ କରିଛନ୍ତି ଯେ, ପ୍ରାକ୍ ବୈଦିକ ସଭ୍ୟତା ପରେ ବୌଦ୍ଧ ବଜ୍ରଯାନୀ-ମାନେ ପ୍ରଥମେ ବୁଦ୍ଧ, ବୌଦ୍ଧ ତାରା, ଅବଲୋକିତେଶ୍ୱର, ମଞ୍ଜୁଶ୍ରୀ ଆଦି

✽ The Ganapati Icons—P. K. Nayak.

† A Glimpse on Ganapati—Jayadev Mukherjee (Sri Mandir)

Digitized by PPRACHIN, SOA

ମୂର୍ତ୍ତି ଗଠନ କରି ପୂଜା କରିଥିଲେ । ତତ୍ପରେ ବୁଦ୍ଧଙ୍କର ବଜ୍ରଭିନ୍ନ ମୂର୍ତ୍ତିକୁ ଭିନ୍ନ ଭିନ୍ନ ଦେବତାଙ୍କ ନାମରେ ପୂଜା କରିଗଲ । ଏପରି କି କୌଣସି ଦେବତାଙ୍କ ପୂଜା ପୂର୍ବରୁ ଯେଉଁ ଗଣେଶଙ୍କ ପୂଜା ହୋଇଥାଏ, ସେ ଛଦ୍ମବେଶୀ ବୁଦ୍ଧ ବୋଲି ଶ୍ରୀ ଗଣେଶ ପରିଜା ତାଙ୍କ ଲେଖାରେ ଦର୍ଶାଇଛନ୍ତି ।

ଗଣେଶଙ୍କ ହାତୀ ମୁଣ୍ଡର କଳ୍ପନା ଗୌତମ ବୁଦ୍ଧଙ୍କର ଜନ୍ମ ପୂର୍ବରୁ ହୋଇଥିଲା । କାରଣ ତାଙ୍କର ମହୀୟସୀ ମାତା ମାୟାଦେବୀ ଗୋଟିଏ ଧଳା ହାତୀ ତାଙ୍କ କୁକ୍ଷି ଭିତର ଦେଇ ପ୍ରବେଶ କରୁଥିବାର ସ୍ୱପ୍ନ ଦେଖିଥିଲେ । ତେଣୁ ସେହି ସ୍ୱପ୍ନର ପ୍ରତିଫଳନହିଁ ଗଣେଶଙ୍କର ହାତୀ ମୁଣ୍ଡ ହେବାର କାରଣ ହୋଇପାରେ । ତା' ବ୍ୟତୀତ ଗୌତମ ବୁଦ୍ଧଙ୍କ ମା'ଙ୍କ ନାମ ଯେପରି ମାୟାଦେବୀ, ସେଭଳି ଗଣେଶଙ୍କ ଜନନୀଙ୍କ ନାମ ମହାମାୟା । ଗଣେଶ ହେଉଛନ୍ତି ଜ୍ଞାନୀ ଏବଂ 'ବୁଦ୍ଧ' ଶବ୍ଦର ଅର୍ଥ ମଧ୍ୟ ଜ୍ଞାନୀ । ଗଣେଶଙ୍କ ମସ୍ତକକୁ ବାଦ ଦେଲେ, ବୌଦ୍ଧ କୁବେର ଏବଂ ଗଣେଶଙ୍କ ଦେହ ଦେଖିବାକୁ ପ୍ରାୟ ଏକ ପ୍ରକାର । ତେଣୁ ଗଣେଶ ହେଉଛନ୍ତି ଛଦ୍ମବେଶୀ ବୁଦ୍ଧ ।

ଶ୍ରୀ ଏସ୍. କେ. ଚାଟର୍ଜି କହିଛନ୍ତି, "Ganesh, the elephant headed demon who was to be appeared at the out set of any function to avert—supernatural hindrances, remained such a demon with the Mahayana Budhists, but with the Brahmanical Hindus he was transformed into the benign God who removes obstacles who typifies wisdom. The very character of the God as having an elephant head shows his native Indian i.e. Pre-Aryan origin."

ଏହି ହରିଶଙ୍କର କ୍ଷେତ୍ରଟି ସମ୍ବଲପୁର ଜିଲ୍ଲା ଓ ବଲାଙ୍ଗୀର ଜିଲ୍ଲାର ସୀମା ନିର୍ଦ୍ଦେଶ କରୁଥିବା ଗନ୍ଧମାର୍ଦ୍ଦନ ପର୍ବତର ପାଦ ଦେଶରେ ଅବସ୍ଥିତ । ଐତିହାସିକ ଡଃ ନବୀନ କୁମାର ସାହୁଙ୍କଦ୍ୱାରା ଉକ୍ତ ନୃସିଂହନାଥ ଓ ହରିଶଙ୍କର କ୍ଷେତ୍ରଟି ଦାର୍ଶନିକ ନାଗାର୍ଜୁନ ସମୟର (ପରିମଳଗିରି) ରୂପେ ଚିହ୍ନିତ । ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀରେ ସାତ ବାହନ ବଂଶୀ ରାଜା

Digitized by PPRACHIN, SOA

ଗୌତମୀ ପୁତ୍ର ସାତକର୍ଣ୍ଣି, ଦାର୍ଶନିକ ନାଗାର୍ଜ୍ଜୁନଙ୍କ ନିମନ୍ତେ ଏକ ବିଶାଳ ବୌଦ୍ଧବିହାର ନିର୍ମାଣ କରିଥିଲେ । ଚିନା ପରିବ୍ରାଜକ ହୁ-ଏନ୍-ସାଂ ଉକ୍ତ ବିହାରକୁ ପଲୋ-ମଲୋ-କିଲି ବା ପରିମଳଗିରି ନାମରେ ବର୍ଣ୍ଣନା କରିଯାଇଛନ୍ତି । ଏହି କ୍ଷେତ୍ରରେ ବୁଦ୍ଧଙ୍କୁ ମହାଯାନୀମାନେ 'ଧର୍ମକାୟ', 'ସଂଭୋଗମୟ' ଓ 'ନିର୍ମାଣକାୟ'ର କଳ୍ପନା କଲେ । ପରମେଶ୍ୱର ବୁଦ୍ଧ ହେଲେ ଲୋକଧର୍ମର 'ତଥାଗତ'—ମୋକ୍ଷଦାତା ପରମ କରୁଣାର ଆଧାର, ସର୍ବଜନ ପରିତ୍ରାତା । ଏହି ସମୟରେ ହିନ୍ଦୁ ଦେବ ଦେବୀ, ବ୍ରହ୍ମା, ବିଷ୍ଣୁ, ଶିବ, ଦୁର୍ଗା, ଗଣେଶ ଆଦି ଦେବତା ବୌଦ୍ଧ ଧର୍ମରେ ପ୍ରବେଶ କରିଥିଲେ । ହୁଏତ ଆଜ ଯେଉଁ ହରିଶଙ୍କର ଗଣେଶ ଦେଖୁଛୁଁ, ତାହା ସେଇ ମହାଯାନୀମାନଙ୍କର ଛଦ୍ମବେଶୀ ବୁଦ୍ଧ ହୋଇପାରେ ।

ମହାଯାନୀ ବୁଦ୍ଧମାନେ ବିଶ୍ୱାସ କରନ୍ତି ଯେ, ବୁଦ୍ଧ ନିଜେ ତାଙ୍କର ପ୍ରଧାନ ଶିଷ୍ୟ ଆନନ୍ଦଙ୍କୁ 'ଗଣପତି ହରିଦ୍ରା ମନ୍ତ୍ର' ଶିକ୍ଷା ଦେଇଥିଲେ, ଯାହା ଫଳରେ ମହାଯାନୀମାନେ ଗଣପତି ପୂଜା ଏବଂ ଗଣପତି ଧର୍ମକୁ ଆମ ଭାରତ ଭୂଇଁରୁ ନେଇ ବର୍ମା, ଥାଇଲାଣ୍ଡ, ଚମ୍ପା (ଭିଏତନାମ), କାମ୍ବୋଡ଼ିଆ, ଚୀନ, ଆଫଗାନିସ୍ଥାନ, ମଙ୍ଗୋଲିଆ, ଜାପାନ୍, ସିଂହଳ, ବୋର୍ଣ୍ଣିଓ ଓ ଜାଭାରେ ପହଞ୍ଚାଇଥିଲେ । ବର୍ତ୍ତମାନ ସେଠାରେ ବହୁ ସଂଖ୍ୟାରେ ଗଣେଶ ବିଗ୍ରହ ମିଳୁଛି ।

ଗଣେଶଙ୍କ ଜନ୍ମ ରହସ୍ୟ :

ଆମ ଦେଶରେ ପୂଜା ପଦ୍ଧତିର ପ୍ରାରମ୍ଭରେ ସର୍ବ ପ୍ରଥମ ଗଣେଶଙ୍କୁ ଆହ୍ୱାନ କରାଯାଏ । ଦେବତାମାନଙ୍କ ମଧ୍ୟରେ ଗଣେଶ ହେଉଛନ୍ତି ଅଗ୍ରପୂଜ୍ୟ—

"ଗଣେ ନାରାୟଣେ ରୁଦ୍ରେ ଅମ୍ବିକେ ଭାସ୍କରେ ତଥା
ଭେଦାଭେଦ ନ କର୍ତ୍ତବ୍ୟଂ ପଞ୍ଚଦେବ ନମୋସ୍ତୁତେ ॥"

ଗଣେଶ ବା ଗଣପତି ବିଭିନ୍ନ ନାମରେ ସୁପରିଚିତ । ତାଙ୍କ ନାମର ଯଥାର୍ଥତା ବିଭିନ୍ନ ପୁରାଣରେ ସମ୍ପାଦିତ ହୋଇଛି । ବ୍ରହ୍ମବୈବର୍ତ୍ତ ପୁରାଣରେ ବର୍ଣ୍ଣିତ ଅଛି ଯେ, ଗଣପତିର 'ଗ' ଅର୍ଥ ଜ୍ଞାନ, 'ଣ' ଅର୍ଥ ଅଭିଳାଷ, 'ପତି' ଅର୍ଥ ପ୍ରଭୁତ୍ୱ । ତେଣୁ ଗଣପତି ଜ୍ଞାନ ଓ ଅଭିଳାଷର

Digitized by PPRACHIN, SOA

ସଙ୍କୋଚ ଦାତା । ସେହିପରି ଏକ ଦନ୍ତର ଅର୍ଥ ସର୍ବଶକ୍ତିମାନ ବୋଲି ବର୍ଣ୍ଣିତ ଅଛି । ବିଘ୍ନରାଜଙ୍କ ବିଷୟରେ ଉଲ୍ଲେଖ ଅଛି ଯେ, ସତ୍ୟ ଧର୍ମ ସଂସ୍ଥାପନା ଓ ସର୍ବ ବାଧାବିଘ୍ନ ଦୂର କରିବା ପାଇଁ ଦେବତାମାନେ ଶିବଙ୍କ ନିକଟରେ ପ୍ରାର୍ଥନା କଲେ । ତେଣୁ ଶିବଙ୍କ ଔରସରୁ ଗଣେଶଙ୍କର ଜନ୍ମ ହେତୁ ତାଙ୍କର ନାମ ବିଘ୍ନରାଜ । ସମସ୍ତ ବିଘ୍ନ ଦୂର କରି ପ୍ରତ୍ୟେକ କାର୍ଯ୍ୟରେ ସିଦ୍ଧି ଲାଭାର୍ଥେ ତାହାଙ୍କୁ ସିଦ୍ଧିଦାତା ବୋଲି କହନ୍ତି । ବାମନ ପୁରାଣରେ ବର୍ଣ୍ଣିତ ଅଛି ଯେ, ନାୟକ ବ୍ୟତୀତ ଜନ୍ମ ହୋଇଥିବାରୁ ତାଙ୍କର ଅନ୍ୟ ନାମ ବିନାୟକ ।

ଗଣେଶ ଦୁର୍ଗାଙ୍କର ଗର୍ଭଜାତ ସନ୍ତାନ ନୁହନ୍ତି । କଥିତ ଅଛି, ଜନଗଣଙ୍କର ଦୁର୍ଗତି ଦୂର କରି ସର୍ବସିଦ୍ଧି ଲାଭ ପାଇଁ ଜଗଜ୍ଜନନୀ ମା ଦୁର୍ଗା ଶିବଙ୍କ ନିକଟରେ ତାଙ୍କର ମନୋବାସନା ଜ୍ଞାପନ କଲେ । ଶିବ କହିଲେ, "ତୁମେ ପ୍ରଜ୍ଞା, ଘନ କ୍ଷେତ୍ରରେ ଅଧିଷ୍ଠିତ ହେଲେ, ତୁମର ପ୍ରଜ୍ଞା-ଦ୍ୱାରା ଏପରି ଏକ ଶକ୍ତି ଆବିର୍ଭୂତ ହେବ ଯେ, ସେ ପ୍ରଜ୍ଞା ଘନ ପୁରୁଷ ସର୍ବସିଦ୍ଧି ସ୍ୱରୂପ ଗଣେଶ ନାମରେ ପରିଚିତ ହେବ । ଭଗବତୀ ଦୁର୍ଗା ବହୁ ଦିନ ସ୍ଥିତପ୍ରଜ୍ଞ ଅବସ୍ଥାରେ ରହିବା ଫଳରେ ତାଙ୍କ ତେଜରୁ ମହା ପ୍ରଜ୍ଞାଘନ ସିଦ୍ଧିଦାତା ଗଣେଶ ଆବିର୍ଭୂତ ହେଲେ ।

ଗଣେଶଙ୍କ ଗଜମୁଣ୍ଡ ପ୍ରାପ୍ତି ବିଷୟ ବିଭିନ୍ନ ପୁରାଣରେ ବିଭିନ୍ନ ଭାବରେ ବର୍ଣ୍ଣିତ ହୋଇଛି । ଏକ ଉପାଖ୍ୟାନରୁ ଜଣାପଡେ ଯେ, କୈଳାସପୁରରେ ଗଣେଶ ଜନ୍ମ ହେବା ପରେ ସର୍ବ ଦେବତା ନିମନ୍ତ୍ରିତ ହୋଇ ଆସିଥିଲେ ; କିନ୍ତୁ ଗ୍ରହରାଜ ଶନିଙ୍କର ଅନୁପସ୍ଥିତି ଯୋଗୁଁ, ନନ୍ଦୀ, ଭୃଙ୍ଗୀ, ସୂର୍ଯ୍ୟଲୋକକୁ ତାଙ୍କୁ ଆମନ୍ତ୍ରିତ କରିବା ପାଇଁ ଯାଇଥିଲେ । ଗଣେଶଙ୍କର ଶନିଗ୍ରହ ମାରକ ଗ୍ରହ ଥିଲା । କୈଳାସପୁରକୁ ନବଗ୍ରହଙ୍କ ସହ ଶନିଶ୍ଚର ଗଲେ । ନବଜାତ ଶିଶୁ ଉପରେ ତାଙ୍କର ଦୃଷ୍ଟିପଡ଼ିବା ମାତ୍ରେ ମସ୍ତକ ଅଦୃଶ୍ୟ ହୋଇଗଲା । ଏହା ଦେଖି ମହାମାୟା ଦୁର୍ଗା ବିଶେଷ ମର୍ମାହତ ହୋଇ ଶିବଙ୍କ ନିକଟରେ ଗଣେଶଙ୍କର ଜୀବନ ଭିକ୍ଷା କଲେ । ଦେବାଧିଦେବ ଶିବ କହିଲେ, "ଉତ୍ତର ଦିଗକୁ ମସ୍ତକ ଦେଇ ଶୟନ କରିବା ନିଷିଦ୍ଧ । ତେଣୁ ଯାହାକୁ ଉତ୍ତର ଦିଗକୁ ମସ୍ତକ କରି ଶୋଇ ଥିବାର ଦେଖିବ ତା'ର ମସ୍ତକ କାଟି ଆଣ । ସେହି ମସ୍ତକକୁ ଗଣେଶଙ୍କ

Digitized by PPRACHIN, SOA

ମୁଣ୍ଡରେ ଲଗାଇଲେ ଗଣେଶ ଉଜ୍ଜୀବିତ ହେବେ ।" ଗୋଟିଏ ଗଜ ଶିଶୁ ଉତ୍ତର ଦିଗକୁ ମସ୍ତକ କରି ଶୋଇଥିଲା । ବୀର ନନ୍ଦୀଶ୍ୱର ସେହି ଗଜ ମସ୍ତକକୁ ତ୍ରିଶୂଳରେ କାଟି ଆଣି ଗଣେଶଙ୍କ ଗ୍ରୀବାରେ ଯୋଡ଼ି ଦେବାରୁ ସେ ସଙ୍ଗେ ସଙ୍ଗେ ପୁନର୍ଜୀବିତ ହେଲେ । ସେହି ଦିନରୁ ସେ ଗଜାନନ ରୂପେ ପରିଚିତ ।

ଅନ୍ୟ ଏକ ଉପାଖ୍ୟାନରୁ ଜଣାଯାଏ ଯେ, ଗଣେଶଙ୍କ ଜନ୍ମ ସମୟରେ ଶିବ କିଛି କାଳ ଅନୁପସ୍ଥିତ ଥିଲେ । ସମ୍ଭବତଃ ବା ଅନ୍ୟ କେହି ଯେପରି ପ୍ରବେଶ କରି ନ ପାରେ ସେଥିପାଇଁ ଗଣେଶଙ୍କୁ ଦ୍ୱାରରେ ପ୍ରହରୀ ଦେବା ପାଇଁ ଦୁର୍ଗତିନାଶିନୀ ଦୁର୍ଗା ଆଦେଶ ଦେଇଥିଲେ । କିଛି କାଳ ପରେ ସ୍ୱୟଂ ଦେବାଧିଦେବ ଶିବ ଗୃହକୁ ପ୍ରବେଶ କରିବାକୁ ଚାହିଁଲାରୁ ଶିବ କ୍ରୁଦ୍ଧ ହୋଇ ଗଣେଶଙ୍କ ମସ୍ତକକୁ କାଟି ଦେଲେ । ଗଣେଶଙ୍କ ଜନନୀ ମର୍ମାହତ ହେବାରୁ ଉତ୍ତର ଦିଗକୁ ଶୋଇଥିବା ଗଜ ମୁଣ୍ଡ ଯୋଡ଼ି ଦେଇ ପୁଣି ପୁନର୍ଜୀବିତ କଲେ ।

ଦେବତା ଗଣେଶ :

ବେଦବ୍ୟାସ ବ୍ରହ୍ମାଙ୍କ ଉପଦେଶରେ ସେ ଗଣନାୟକଙ୍କୁ ମହାଭାରତର ଲେଖକ ହେବା ପାଇଁ ପ୍ରାର୍ଥନା କଲେ—

"ଲେଖକୋଭାରତସ୍ୟାସ୍ୟ ଭବତ୍ୱଂ ଗଣନାୟକ
ମୟୈବ ପ୍ରୋଚ୍ୟମାନସ୍ୟ ମନସା କଳ୍ପିତସ୍ୟ ଚ ॥"

ଗଣେଶ ଲେଖକ ହେଲେ । ବ୍ୟାସ କହିଲେ ମହାଭାରତର ରହସ୍ୟ । କିନ୍ତୁ ବ୍ୟାସ ଗ୍ରନ୍ଥଗ୍ରନ୍ଥି ଏପରି ଖଞ୍ଜିଲେ ଯେ, ସର୍ବଜ୍ଞ ଗଣେଶଙ୍କୁ ମଧ୍ୟ ଦଣ୍ଡେ ବିଚାରିବାକୁ ପଡ଼ୁଥିଲା । ଗଣେଶ ଦଣ୍ଡେ ବିଚାର କଲା ବେଳକୁ ବ୍ୟାସ ପୁଣି ବହୁତ ଶ୍ଳୋକ ରଚନା କରି ପକାଉଥିଲେ—

"ସର୍ବଜ୍ଞୋଽପି ଗଣେଶୋ ଯତ୍ କ୍ଷଣମାସ୍ତେ ବିଚାରୟନ୍
ତାବଚ୍ଚକାର ବ୍ୟାସୋଽପି ଶ୍ଳୋକାନନ୍ୟାନ୍ ବହୂନପି ॥"

ଭାରତର ହିନ୍ଦୁ ଧର୍ମାବଲମ୍ବୀଙ୍କଦ୍ୱାରା ଗଣେଶଙ୍କୁ ଭାଦ୍ର ପଦ ଶୁକ୍ଳ ଚତୁର୍ଥୀ ଦିନ ଭକ୍ତି ସହକାରେ ପୂଜା କରି ବିଦ୍ୟା ଏବଂ ସିଦ୍ଧି ଲାଭ ନିମିତ୍ତ

Digitized by PPRACHIN, SOA

ପ୍ରାର୍ଥନା କରନ୍ତି । ଶଙ୍କରାଚାର୍ଯ୍ୟ ତାଙ୍କର ଗଣେଶ ଭୁଜଙ୍ଗ ସ୍ତୋତ୍ରମ୍‌ରେ ଓଁକାର ରୂପୀ ପୁରାଣ ପୁରୁଷ ବୋଲି ବର୍ଣ୍ଣନା କରିଛନ୍ତି—

"ଯମେକାକ୍ଷରଂ ନିର୍ମଳଂ ନିର୍ବିକଳ୍ପମ୍,
ଗୁଣାତୀତମାନନ୍ଦମାକାର ଶୂନ୍ୟମ୍ ।
ପରଂ ପାରମୋଙ୍କାରମାମ୍ନାୟ ଗର୍ଭମ୍
ବଦନ୍ତି ପ୍ରଗଲ୍‌ଭ୍ୟ ପୁରାଣଂ ତମୀଡ଼େ ॥ ୭ ॥"

ଯାହାଙ୍କୁ ଏକାକ୍ଷର, ନିର୍ମଳ, ନିର୍ବିକଳ୍ପ, ଗୁଣାତୀତ, ଆନନ୍ଦମୟ, ଆକାର ବିହୀନ, ଶ୍ରେଷ୍ଠ, ପରବ୍ରହ୍ମାଣକାରୀ, ଓଁକାର ରୂପ, ବେଦଗର୍ଭ ଓ ପ୍ରଗଲ୍‌ଭ ଓ ପୁରାଣପୁରୁଷ ବୋଲି କୀର୍ତ୍ତନ କରାହୁଏ, ମୁଁ ସେହି ଗଣାଧିପଙ୍କୁ ସ୍ତବ କରୁଛି ।

ଗଣପତି ତତ୍ତ୍ୱ:

କ୍ଷିତି ତତ୍ତ୍ୱହିଁ ଗଣେଶ ତତ୍ତ୍ୱ । କ୍ଷିତି ମାଧ୍ୟମରେ ଜଳ, ଅଗ୍ନି, ବାୟୁ, ଆକାଶ ସମସ୍ତ ତତ୍ତ୍ୱ ଲୁକ୍‌କାୟିତ । କ୍ଷିତିରୁ ଖାଦ୍ୟ ସମ୍ଭାର ଜାତ ହୁଏ, ପ୍ରତି ଜୀବ ତାହା ଗ୍ରହଣ କରି ଜୀବିତ, ଶିକ୍ଷିତ, ଓ ସମ୍ବର୍ଦ୍ଧିତ ହୋଇଥାଏ । ଏହି କ୍ଷିତିତତ୍ତ୍ୱହିଁ ଗନ୍ଧତତ୍ତ୍ୱ ବା ଗଣେଶ ତତ୍ତ୍ୱ । କ୍ଷିତିରୁ ଗନ୍ଧ ଜାତ ହୁଏ । ସେହି ଗନ୍ଧ ଆମେ ନାକ ଦେଇ ଗ୍ରହଣ କରି ପାରୁ । ଏହି ନାକ ଦେଇ ଆମେ ଶ୍ୱାସ ବାୟୁ ବା ପ୍ରାଣବାୟୁ ଗ୍ରହଣ କରି ଥାଉଁ ; ଏହି ଶ୍ୱାସ ବାୟୁ ହେଉଛି ଜୀବର ପ୍ରାଣ ।

'ଆୟୁ ବାୟୁ ବଳଂ ବାୟୁ ବାୟୁ ଧାତା ଶରୀରିଣଃ
ବାୟୁ ସର୍ବମିଦଂ ବିଶ୍ୱଂ ବାୟୁଃ ପ୍ରତ୍ୟକ୍ଷ ଦେବତାଃ ।"

ମଣିଷ ମୁହୂର୍ତ୍ତକାଳ ଶ୍ୱାସ ଗ୍ରହଣ ନ କରି ବଞ୍ଚି ପାରେ ନାହିଁ । ନାସିକାହିଁ ଶ୍ୱାସବାୟୁ ଗ୍ରହଣର ଯନ୍ତ୍ର । ଏହି ଶ୍ୱାସଦ୍ୱାରା ହିଁ ମନୁଷ୍ୟର ସର୍ବବର୍ଦ୍ଧ ଲାଭ ହୁଏ । ତେଣୁ ଗଣେଶଙ୍କର ନାସିକା ବିରାଟ ନାସିକା ରୂପରେ ଦେଖାଇ ଦିଆ ଯାଇଛି ।

ଶ୍ରେଷ୍ଠ କ୍ରିୟାଯୋଗୀ ସ୍ୱାମୀ ହରିହରାନନ୍ଦ ଗିରି ଦର୍ଶାଇଛନ୍ତି, ଶ୍ରୀ ଶ୍ରୀ ଗଣେଶ ଜୀଉଙ୍କର ବିରାଟ ଓ ବିଶାଳ ନାସିକାକୁ ଦେଖାଇବାର ଉଦ୍ଦେଶ୍ୟ

Digitized by PPRACHIN, SOA

ଏହି ଯେ, ଏକମାତ୍ର ନାସିକାଦ୍ୱାରା ଶ୍ୱାସ ବାୟୁକୁ ସୁନିୟନ୍ତ୍ରିତ କରାଯାଏ ଏବଂ ଏହା ଫଳରେ ମଣିଷ ସମସ୍ତ ଜୀବଭାବ ଓ ଆଭାସ ଭାବରୁ ପରିତ୍ରାଣ ପାଇଥାଏ । ଗଣେଶଙ୍କର ନାସିକାକୁ ଇଚ୍ଛା ଅନୁସାରେ ଚତୁର୍ଦ୍ଦିଗକୁ ବୁଲାଇ ଦିଆଯାଇ ପାରେ । ସିଦ୍ଧ ପୁରୁଷ କ୍ରିୟାଯୋଗୀ ସାଧନ କୌଶଳଦ୍ୱାରା ଖେଚରୀ, ଭ୍ରାମରୀ ଓ ବୈଖରୀ ଅବସ୍ଥାକୁ ନିଜର ଶ୍ୱାସ ଯନ୍ତ୍ରକୁ ଇଚ୍ଛା ଅନୁସାରେ ନିୟନ୍ତ୍ରଣ କରିପାରନ୍ତି । ଫଳରେ ସଂସାରର ସର୍ବବିଧ ଅବସ୍ଥା ମଧ୍ୟରେ ରହି ମଧ୍ୟ ଏହି ପ୍ରାଣ ଓ ଅପାନକୁ ସମାନ କରି ନେଇ ପ୍ରାଣାୟାମ ପରାୟଣ ହୋଇ ସର୍ବଦା ନିଜ ମଧ୍ୟରେ ଭଗବାନଙ୍କୁ ପୂର୍ଣ୍ଣଭାବରେ ଉପଲବ୍ଧି କରିପାରେ ଏବଂ ମନୁଷ୍ୟ ମଧ୍ୟରେ ତୀକ୍ଷ୍ଣ ପ୍ରଜ୍ଞା ଉଦୟ ହୁଏ ଏବଂ ସେ ସର୍ବବିଧ ଦୁର୍ଗତିରୁ ପରିତ୍ରାଣ ଲାଭ କରି ସର୍ବସିଦ୍ଧି ଲାଭ କରିବା ପାଇଁ ସମର୍ଥ ହୁଏ । ତେଣୁ ନିଜେ ଗଣେଶଙ୍କ ଭଳି ପ୍ରଜ୍ଞାବାନ ପୁରୁଷ ହେବାକୁ ହେଲେ ଗଣେଶ ପୂଜାର ଏହି ତାତ୍ପର୍ଯ୍ୟ ବୁଝି ବିଘ୍ନରାଜ ସିଦ୍ଧିଦାତା ଗଣେଶଙ୍କ ପୂଜା କରିବା ଏକାନ୍ତ ଆବଶ୍ୟକ ।

ବୀର ଗଣେଶ:

ମହାଭାରତର ବିବରଣୀରୁ ଜଣାଯାଏ ତ୍ରିପୁର ନାମକ ଗୋଟିଏ ଅସୁର ଶିବଙ୍କ ବରରେ ବଳୀୟାନ ହୋଇ ଦେବତାମାନଙ୍କୁ ଅତିଷ୍ଠ କଲା । ସେ ଶିବଙ୍କ ପରି ନିଜ ଭସ୍ମ ବିଭୂତି, ତ୍ରିଶୂଳ ଓ ବ୍ୟାଘ୍ର ଚର୍ମରେ ସଜ୍ଜିତ ହୋଇ ନିଜକୁ ଦ୍ୱିତୀୟ ଶିବ ରୂପେ ପରିଚୟ ଦେଉଥାଏ । ଦିନେ ତଥା କଥିତ ଦ୍ୱିତୀୟ ଶିବ ଦେବସଭାରେ ପ୍ରବେଶ କରନ୍ତେ ଦେବତାମାନେ ତାକୁ ସମ୍ମାନ ଦେଖାଇଲେ ନାହିଁ । କ୍ରୁଦ୍ଧ ତ୍ରିପୁରାସୁର ଏହାର କାରଣ ପଚାରନ୍ତେ ଦେବତାମାନେ କହିଲେ, ଶିବଙ୍କ ସହିତ ଗଙ୍ଗା ଓ ପାର୍ବତୀ ସର୍ବଦା ବିରାଜିତ ଥାନ୍ତି । ତେଣୁ ସମସ୍ତ ଦେବତା ଶିବଙ୍କୁ ପ୍ରଣାମ କରନ୍ତି । ତୁମେ ପାର୍ବତୀଙ୍କୁ ଆଣି ପାରିଲେ, ଦେବତାମାନଙ୍କର ପ୍ରଣମ୍ୟ ହେବ । ଫଳରେ ତ୍ରିପୁରାସୁର ପାର୍ବତୀଙ୍କୁ ପାଇବା ପାଇଁ କୈଳାସ ଆକ୍ରମଣ କଲା । ପାର୍ବତୀଙ୍କୁ ନ ପାଇଲେ ତାହାର ଶିବତ୍ୱ ଅପୂର୍ଣ୍ଣ ରହିଯିବ । ଶିବ ବହୁ ଦିନ ତ୍ରିପୁରାସୁର ସହିତ ଯୁଦ୍ଧ କରି ଜୟ କରି ପାରିଲେ ନାହିଁ । ପାର୍ବତୀଙ୍କ ମାନସପୁତ୍ର ଗଣେଶ ଏହି ପରିସ୍ଥିତିରେ ତ୍ରିପୁରାସୁର ବିରୁଦ୍ଧରେ ଯୁଦ୍ଧ ଯାତ୍ରା କଲେ । ସ୍ୱୟଂ ବିଷ୍ଣୁ ଏହି ଯୁଦ୍ଧରେ ଗଣେଶଙ୍କୁ ସାହାଯ୍ୟ କଲେ । ଅବଶେଷରେ ଗଣେଶଙ୍କ-

Digitized by PPRACHIN, SOA

ତାର ତ୍ରିପୁରାସୁର ନିହତ ହେଲା ଓ ଶିବ ରୌପ୍ୟ, ସ୍ୱର୍ଣ୍ଣ ଓ ଲୌହନିର୍ମିତ ତିନିପୁରକୁ ଦହନ କରି ତ୍ରିପୁର ଦହନ ଆଖ୍ୟା ପାଇଥିଲେ ।

ବୀର ଗଣେଶଙ୍କ ବିଷୟରେ ଆଉ ଗୋଟିଏ ଉପାଖ୍ୟାନରୁ ଜଣା-ଯାଏ, ଥରେ ମହାଶକ୍ତିଶାଳୀ ଗଣେଶଙ୍କୁ ସମ୍ବରାସୁର ହଠାତ୍ ଆସି ଆକ୍ରମଣ କଲା ଏବଂ ଖଙ୍ଗକାୟ ଗଣେଶଙ୍କୁ ଗିଳିଦେଲା । ଗଣେଶ କିଛି ଉପାୟ ନ ପାଇ ନିଜ ହାତରେ ଗୋଟିଏ ଦନ୍ତ ଭାଙ୍ଗିଦେଲେ । ଗଣେଶ ପେଟ ମଧ୍ୟରେ ପ୍ରବେଶ କରି ଏହି ଭଙ୍ଗା ଦନ୍ତ ସାହାଯ୍ୟରେ ସମ୍ବରାସୁରର ବକ୍ଷ ବିଦୀର୍ଣ୍ଣ କରିବାରୁ ତାହାର ମୃତ୍ୟୁ ହେଲା ଏବଂ ଏହାଦ୍ୱାରା ଗଣେଶଙ୍କର ସର୍ବାଙ୍ଗ ରକ୍ତବର୍ଣ୍ଣ ହେଲା । ଭଗବତୀ ଦୁର୍ଗା ଗଣେଶଙ୍କର ଅସୀମ ଧୈର୍ଯ୍ୟ ଓ ଶକ୍ତି ଦେଖି ଅତ୍ୟନ୍ତ ପ୍ରୀତ ହେଲେ ଏବଂ ଆନନ୍ଦରେ ଲଡ଼ୁ ଦାନ କରିଥିଲେ ।

ଗଣେଶ-କାର୍ତ୍ତିକେୟ କଳହ :

ଏକ କାହାଣୀରୁ ଜଣାଯାଏ ଥରେ କାର୍ତ୍ତିକେୟ ଗଣେଶଙ୍କଠାରୁ ବେଶି ଶକ୍ତିମାନ, ବୁଦ୍ଧିମାନ ଓ ବୀର୍ଯ୍ୟବାନ୍ ଏହା ପ୍ରମାଣ କରିବାକୁ ଇଚ୍ଛା କଲେ । ପରେ ଏହି କଥା ସାବ୍ୟସ୍ତ ହେଲା, ଏକ ସଙ୍ଗରେ ଯାତ୍ରା କରି ଯିଏ ପ୍ରଥମେ ସାତ ଥର ବିଶ୍ୱ ପ୍ରଦକ୍ଷିଣ କରି ପିତାମାତାଙ୍କ ନିକଟରେ ପହଞ୍ଚିବ ସେ ଅଧିକ ଶକ୍ତିବାନ ଓ ଶ୍ରେଷ୍ଠ ପ୍ରତିପାଦିତ ହେବ । କାର୍ତ୍ତିକ ଛଅ ଥର ମୟୂର ବାହନରେ ବିଶ୍ୱ ପରିକ୍ରମା କରି ଆସିଲା ପରେ ମଧ୍ୟ ଗଣେଶ ଶିବ ପାର୍ବତୀଙ୍କ ନିକଟରେ ବସି ଥାନ୍ତି । କାର୍ତ୍ତିକେୟ ଭାବିଲେ ସେ ନିଶ୍ଚୟ ଜିଣି ଯିବେ, କାରଣ ଗଣେଶ ତା'ର ମୂଷା ବାହନରେ କୁଆଡ଼େ ଯାଇ ପାରିବ ? କାର୍ତ୍ତିକେୟ ସପ୍ତମ ବାର ଯାତ୍ରା ଆରମ୍ଭ କଲେ । ଗଣେଶ ମାତାଙ୍କୁ ଓ ପିତୃ-ଦେବ ଶିବଙ୍କୁ ବାମରେ ବସାଇ ତାହାଙ୍କୁ ମୂଷିକ ବାହନରେ ସାତ ଥର ପ୍ରଦକ୍ଷିଣ କରି ପ୍ରଣାମ କରି ଧ୍ୟାନସ୍ଥ ହେଲେ ।

କାର୍ତ୍ତିକେୟ ସପ୍ତମ ଥର ବିଶ୍ୱପ୍ରଦକ୍ଷିଣ କରି ଆସି ଦେଖିଲେ ଗଣେଶ ପିତା ମାତାଙ୍କ ସମ୍ମୁଖରେ ଧ୍ୟାନସ୍ଥ ହୋଇଛନ୍ତି । କାର୍ତ୍ତିକେୟ କହିଲେ, ମୁଁ ଜିଣିଗଲି । ଗଣେଶ କହିଲେ ମୁଁ ପ୍ରଥମେ ସାତ ବାର ପିତା ମାତାଙ୍କୁ ପ୍ରଦକ୍ଷିଣ କରି ସାରିଛି । ପିତା ମାତା ସ୍ୱର୍ଗ, ପିତା ମାତା ବିଶ୍ୱ, ଏହି ପିତା ମାତାଙ୍କଠାରୁ ବିଶ୍ୱ ଦର୍ଶନ ହୋଇଥାଏ । ମେରୁଦଣ୍ଡ ମଧ୍ୟରେ ଯେଉଁ କ୍ଷିତି, ଅପ, ତେଜ, ବାୟୁ, ଆକାଶ ଅଛି ତାହାକୁ ବିଶ୍ୱ ଚିନ୍ତା କରି ବିଶ୍ୱ-

Digitized by PPRACHIN, SOA

ରୂପ ପିତା ବିଶ୍ୱ ଜନନୀ ମାତାଙ୍କୁ ସାତ ବାର ପ୍ରଦକ୍ଷିଣ କଲେ, ବିଶ୍ୱ ପ୍ରଦକ୍ଷିଣର ଫଳ ଲାଭ ହୋଇପାରେ । ବିଶ୍ୱନାଥ, ଗଣେଶଙ୍କର ଏହି ଆଧ୍ୟାତ୍ମିକ ବିଶ୍ଳେଷଣରେ ଅତ୍ୟନ୍ତ ପ୍ରୀତ ହୋଇ ଗଣେଶଙ୍କ ମଥାରେ ବିଜୟ ତିଳକ ଦେଲେ ।

ଗଣପତିଙ୍କ ବାହନ :

ଗଣପତିଙ୍କ ବାହନ ବିଷୟରେ କବିକବି ଯୁଗଦାସ ଗୋଟିଏ ସୁନ୍ଦର ଆଖ୍ୟାନ ତାଙ୍କର ନୃସିଂହ ଚରିତରେ ଲେଖିଛନ୍ତି । ଆଖ୍ୟାନଟି ଏହିପରି—ଆଦିନାରାୟଣ ବିଷ୍ଣୁଙ୍କ ଆଦେଶରେ ଜଣେ ଅସୁରକୁ ଦ୍ୱିତୀୟ ଯମ ଦେବତାର ସମ୍ମାନ ମିଳିଥିଲା । ଏପରି କି ଯମଦେବଙ୍କର ମନ୍ତ୍ରୀ ଚିତ୍ରଗୁପ୍ତ ତାଙ୍କର କନ୍ୟା 'ଯାମିନୀ'ଙ୍କୁ ଏହି ଦ୍ୱିତୀୟ ଯମଙ୍କୁ ବିବାହ ଦେଲେ । ଥରେ ଏହି ଦ୍ୱିତୀୟ ଯମ ହଟକେଶ୍ୱର ବଣକୁ ପରିଭ୍ରମଣରେ ଗଲା । ଏହି ହଟକେଶ୍ୱର ବଣ ସମ୍ଭବତଃ ହରିଶଙ୍କର ବଣର ପୂର୍ବ ନାମ । ସେଠାରେ ହର ପାର୍ବତୀ ବିରାଜମାନ କରିଥାନ୍ତି । ସେଠାରେ ଗଣପତି ଧ୍ୟାନସ୍ଥ ହୋଇଥାନ୍ତି । ଏହି ଅସୁର ଗଣପତିଙ୍କୁ ପ୍ରଥମ ଥର ପାଇଁ ଦର୍ଶନ କରି ଭାବିଲା, ଏହି ଖର୍ବକାୟ ଜୀବଟି ମଣିଷ ଶରୀର ଏବଂ ହସ୍ତୀ ମୁଣ୍ଡ ! ଏହାଠାରୁ ଆଶ୍ଚର୍ଯ୍ୟ ଜୀବ ଆଉ କ'ଣ ହୋଇପାରେ ? ତେଣୁ ସେ ମନେ ମନେ ଭାବିଲା, ଏ ଜୀବକୁ ମୁଁ ମୋ'ର ରାଜ୍ୟ ସଂଜୀବନୀପୁରକୁ ନେଇଗଲେ ମୋ'ର ନଗରବାସୀ ଦେଖି ଆନନ୍ଦ ହେବେ ।

ଗଣପତି ଧ୍ୟାନ ବଳରେ ସମସ୍ତ ବିଷୟ ଜାଣିପାରି ଅସୁରକୁ ଶାପ ଦେଲେ, ତୁ ଆଜିଠାରୁ ଇନ୍ଦୁର ରୂପ ହୋଇ ମୋର ବାହନ ହୋଇ ରହିବୁ । ସେଥିପାଇଁ ଯୁଗଦାସ କହିଛନ୍ତି—

"ସର୍ବଦା କାଳକୁ ମୋର ବାହନ ହୋଇବୁ
ଯୁଗଯୁଗାନ୍ତରେ ତୁ ଯେ ଅମର ହୋଇବୁ
ଗଣପତି ସ୍ୱୟଂ ମୋତେ ଏମନ୍ତ ଦେଲେ ଶାପ
ତେଣୁ କରି ମୁହିଁ ଗୋ ହୋଇଲି ମୂଷା ରୂପ ।।"

ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିକୋଣରୁ ଦେଖିଲେ ପୁରାତନ ଗଣେଶ ମୂର୍ତ୍ତିରେ ମୂଷା ବାହନ ଦେଖାଯାଏ ନାହିଁ , କିନ୍ତୁ ପରବର୍ତ୍ତୀ ଯୁଗରେ ମୂର୍ତ୍ତିମାନଙ୍କରେ

Digitized by PPRACHIN, SOA

ମୂଷାର ଉପସ୍ଥିତ ଦେଖାଯାଏ । କେତେକ ଆଲୋଚକ କୃଷି ସହିତ ଗଣେଶ ଓ ମୂଷାର ସମ୍ପର୍କ ଥିବାରୁ ମୂଷାକୁ ଗଣେଶଙ୍କର ବାହନ ପରବର୍ତ୍ତୀ ସମୟରେ କରାଯାଇଛି । "The conquest of the rat, the bane of the farmers, suggests the agricultural associations of the worships of the deity." ବୃହତ୍ ଶିବ ପୁରାଣ ଦ୍ୱିତୀୟ ଖଣ୍ଡରେ ଲେଖକ ଶ୍ରୀ କ୍ଷେତ୍ରମୋହନ ପ୍ରଧାନ କଳିକଳଙ୍କ ପରି ଯମ ଦେବତାଙ୍କୁ ଗଣପତି ମୂଷିକ ରୂପ ଦେଇ ତାଙ୍କର ବାହନ କରିଥିବା ବିଷୟ ଲେଖିଛନ୍ତି—

"ମନେ ଭୟ ଘେନ ଯମ ହୋଇଲା ମୂଷିକ
× × ×
ତଥାପି ତାହାକୁ ବାନ୍ଧି ନେଲେ ଗଜାନନ
ସେ ଦିନୁ ସେ ମୂଷା ହେଲା ତାଙ୍କର ବାହନ ।।"

(ଶିବ ପୁରାଣ ୨ୟ ଖଣ୍ଡ)

ଗଣପତିଙ୍କ ବିଶାଳକାୟ ଦେହର ବାହନ ହେଉଛି ଏକ ଲଘୁକାୟ ମୂଷିକ । ଏହା ବାହାରକୁ ହାସ୍ୟାସ୍ପଦ ଜଣାଗଲେ ମଧ୍ୟ ଏ ଭିତରେ ଗୂଢ଼ ତତ୍ତ୍ୱ ନିହିତ । ଆତ୍ମତତ୍ତ୍ୱ ଗୁରୁ ନୁହେଁ କିମ୍ବା ଲଘୁ ମଧ୍ୟ ନୁହେଁ । ସେ ଅଣୁରୁ ମଧ୍ୟ କ୍ଷୁଦ୍ରତର ଏବଂ ମହାନ୍‌ରୁ ମଧ୍ୟ ମହାନ୍ । ଆତ୍ମା ଯେଉଁ ଦେହରେ ବାସ କରେ ସେହି ଦେହର ରୂପ ଗ୍ରହଣ କରେ । ଏହି ଆତ୍ମତତ୍ତ୍ୱ ଦୃଷ୍ଟିରୁ ଗଣପତି ଓ ତାଙ୍କ ବାହନର ବିଗ୍ରହ କରାଯାଇଥାଏ । ମୂଷା ବିଭିନ୍ନ ପଦାର୍ଥକୁ ବିଦୀର୍ଣ୍ଣ କରି ଖଣ୍ଡବିଖଣ୍ଡିତ କରିପକାଏ । ଅର୍ଥାତ୍ ପଦାର୍ଥର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗକୁ ବିଶ୍ଳେଷଣ କରିପକାଏ । ତେଣୁ ସେ ବସ୍ତୁସ୍ୱରୂପର ବିଶ୍ଳେଷଣ କରୁଥିବା ମୀମାଂସାକାରିଣୀ ବୁଦ୍ଧିର ପ୍ରତୀକ ।

Digitized by PPRACHIN, SOA

ଏକାଦଶ ପରିଚ୍ଛେଦ

ଦଧିବାମନ

ଉତ୍କଳରେ ତଥା ହରିଶଙ୍କର ଅଞ୍ଚଳରେ ଅତି ପ୍ରାଚୀନ ସଂସ୍କୃତି ହେଉଛି ଆଦିବାସୀ ସଂସ୍କୃତି । ଆଦିବାସୀ ଭାଷାରେ କଥିତ "ଜନାଂଲେ" ଅର୍ଥ ଜଗନ୍ନାଥ ଧର୍ମ ବା ଜଗନ୍ନାଥ ସଂସ୍କୃତି । ହଜାର ହଜାର ବର୍ଷ ଧରି ଏହି ସଂସ୍କୃତି ଉତ୍କଳୀୟ ଧର୍ମ, ଦର୍ଶନ, ସାହିତ୍ୟ, ପରମ୍ପରାର ଏକ ମୂର୍ତ୍ତିମନ୍ତ ପ୍ରତୀକ ରୂପେ ପରିଗଣିତ ହୋଇ ଆସୁଅଛି । ଆଦିବାସୀ ଶବର-ମାନଙ୍କର ଇଷ୍ଟ ଦେବତା ରୂପେ କଭୁଙ୍ଗ ଅର୍ଥାତ୍ ଜଗନ୍ନାଥ ବା ଜଗତର ନାଥଙ୍କୁ ଆଦିବାସୀ ଶବରମାନେ ପୂଜା କରି ଆସୁଛନ୍ତି । ଶିମୁଳି ଗଛର ଗଣ୍ଡିରେ ତିଆରି କରି ନାଲି, ଧଳା ଓ ହଳଦିଆ ରଙ୍ଗରେ ଚିତ୍ରିତ କରି ଆଦିବାସୀ ଶବରମାନେ ଜଗନ୍ନାଥଙ୍କୁ ପୂଜା କରିଥାନ୍ତି । ସେହିପରି ଆଦିବାସୀ ଗଣ୍ଡମାନେ ତାଙ୍କର ତିନୋଟି ଦେବତାଙ୍କୁ ଧାଣିପୁ ଦେବତା ବୋଲି ମାନିଥାନ୍ତି, ଯଥା: ବୁଢ଼ାଦେଓ, ଲିଙ୍ଗ ଓ ଜଙ୍ଘ ଦେବତା । ବୁଢ଼ାଦେଓ ସେମାନଙ୍କର ପୂର୍ବ ପୁରୁଷ, ଲିଙ୍ଗ ଦେବତା ହିନ୍ଦୁମାନଙ୍କର ଶିବ ଲିଙ୍ଗ ପରି ଏବଂ ଜଙ୍ଘ ଦେବତାଙ୍କୁ ଜଗନ୍ନାଥଙ୍କ ସ୍ୱରୂପ ବୋଲି କୁହାଯାଇ ପାରେ ।

ଆଦିବାସୀ ସମାଜରେ ପ୍ରଚଳିତ ଅଛି, ବିଦ୍ୟାନାଥ (ବିଦ୍ୟାପତି) ଶ୍ରୀ ଜଗନ୍ନାଥ ବିଗ୍ରହକୁ ସେମାନଙ୍କ ନିକଟରୁ ବଳାତ୍କାରରେ ଛଡ଼ାଇ ନେଇ ପୁରୀର ଶ୍ରୀମନ୍ଦିର ମଧ୍ୟରେ ପୂଜା କଲେ । ସେହି ବିଗ୍ରହକୁ ପୂଜା କରୁଥିବା ଶବର ରାଜା ବିଶ୍ୱାବସୁ ତାଙ୍କୁ ଅନୁସରଣ କରି ଶ୍ରୀକ୍ଷେତ୍ର ଗଲେ ଏବଂ ଦୁଃଖରେ ମନ୍ଦିର ଦ୍ୱାରରେ ମୂର୍ଚ୍ଛା ଯାଇ ଜୀବନ ଦେଲେ । ଏଥିପାଇଁ ଜଗନ୍ନାଥଙ୍କ ମନରେ ଗଭୀର ଦୁଃଖ ହେଲା । ତେଣୁ ସେ ଶବରମାନଙ୍କୁ

Digitized by PPRACHIN, SOA

ସ୍ୱପ୍ନରେ କହିଲେ, "ମୋ ବିଗ୍ରହର ଉପର ଭାଗ ପୁରୀରେ ପୂଜା ପାଉ, ଆଉ ମୋ ନିମ୍ନଭାଗ ଜଙ୍ଘରୁ ପାଦଯାଏ ତମେମାନେ (ଗଣ୍ଡ) ପୂଜା କର ।" ସେହି ସ୍ୱପ୍ନାଦେଶଠାରୁ ଗଣ୍ଡମାନେ ଜଙ୍ଘ ଶବ୍ଦରୁ ଜାତ ଜଙ୍ଘ ଦେବତାଙ୍କୁ ପୂଜା କରୁଛନ୍ତି । ସେମାନେ ବ୍ରାହ୍ମଣଙ୍କୁ ଓଲଟା ଅସ୍ପୃଶ୍ୟ କହନ୍ତି । ତାଙ୍କ-ଠାରୁ ପାଣି ସୁଦ୍ଧା ଛୁଅଁନ୍ତି ନାହିଁ । ※

ହରିଶଙ୍କରରେ ଗୋଟିଏ ସ୍ୱତନ୍ତ୍ର ମନ୍ଦିରରେ ଜଗନ୍ନାଥଙ୍କର ଗୋଟିଏ ମୂର୍ତ୍ତି ପୂଜା ପାଉଛନ୍ତି । ଏହି ମୂର୍ତ୍ତିଟିକୁ 'ଦଧିବାମନ' କୁହାଯାଏ । ଏହିପରି ଗୋଟିକିଆ ଜଗନ୍ନାଥ ମୂର୍ତ୍ତି ହରିଶଙ୍କର ଅଞ୍ଚଳରେ ତଥା ଓଡ଼ିଶାର ପୁରପଲ୍ଲୀରେ ଦଧିବାମନ ରୂପେ ପୂଜା ପାଉଛନ୍ତି । ଏହି ଅଞ୍ଚଳରେ ରଥ ଦ୍ୱିତୀୟାକୁ ଏକ ଜାତୀୟ ପର୍ବ ବୋଲି ପାଳନ କରାଯାଏ । ସବୁ ଜାତି, ଗୋତ୍ରର ଲୋକମାନେ ବିଶେଷତଃ ଆଦିବାସୀ ଶ୍ରେଣୀର ଲୋକମାନେ ବିଭିନ୍ନ ରଙ୍ଗର ନୂତନ ବସ୍ତ୍ର ପରିଧାନ କରିଥାନ୍ତି । ଘରେ ଘରେ ପିଠାପଣା କରି ପର୍ବ ଦିନଟିକୁ ଉପଭୋଗ କରନ୍ତି । ପ୍ରାୟ ଅଧିକାଂଶ ଗ୍ରାମରେ ରଥ ଟଣା ପର୍ବ ପାଳନ କରାଯାଏ । କେତେକ ଗ୍ରାମରେ ଜଗନ୍ନାଥଙ୍କ ସହିତ ବଳଭଦ୍ର ଓ ସୁଭଦ୍ରାଙ୍କୁ ଗୋଟିଏ ରଥରେ ଆରୂଢ଼ କରି ରଥ ଟାଣିଲା ବେଳେ ଅଧିକାଂଶ ଗ୍ରାମରେ କେବଳ ଦଧିବାମନଙ୍କୁ ଗୋଟିଏ ରଥରେ ଟଣାଯାଏ । ଜଗଦ୍ ଗୁରୁ ଶ୍ରୀ ଶଙ୍କରାଚାର୍ଯ୍ୟ ଶ୍ରୀକ୍ଷେତ୍ରକୁ ଆସି ଦେଖିଥିଲେ ଯେ, ରତ୍ନବେଦୀ ଉପରେ କେବଳ ଶ୍ରୀଜଗନ୍ନାଥ ବିଗ୍ରହ ପୂଜା ପାଉଛନ୍ତି । ମାଦଳା ପାଞ୍ଜି ଅନୁସାରେ ଶଙ୍କରାଚାର୍ଯ୍ୟଙ୍କ ଆଗମନ ଫଳରେ ବଳଭଦ୍ର ଓ ସୁଭଦ୍ରାଙ୍କ ବିଗ୍ରହ ନିର୍ମିତ ହୋଇ ରତ୍ନ ସିଂହାସନରେ ସ୍ଥାପିତ ହୋଇଥିଲା । ସୁଭଦ୍ରା ଦ୍ୱାପରର କୃଷ୍ଣ ବଳରାମଙ୍କ

※ ପରଳାଖେମୁଣ୍ଡି ମାଳିଅଞ୍ଚଳ ବିଶେଷ ଭାବରେ ଶବର ଅଧ୍ୟୁଷିତ ଅଞ୍ଚଳ । ସେଠାରେ କୃପାନିଧି ଶବର ଖଣ୍ଡିଏ ପୋଥି ଲେଖିଛନ୍ତି । ଏ ପୋଥିର ନାମ 'ହରିବଂଶୀୟ ବିରଜାବଳୀ ଲେଖନ' । ଏଥିରେ ନାଗଶବର ବଂଶୀୟ ଇତିହାସ ସେମାନଙ୍କର ବିଭିନ୍ନ ଗୋତ୍ର, ବାସସ୍ଥାନ, ସେମାନଙ୍କର ଜଗନ୍ନାଥ ମୂର୍ତ୍ତି ଓ ମନ୍ଦିର ଗଠନ ସହିତ ଧର୍ମକର୍ମ, ବିଦ୍ୟାପତି ଲଳିତା ସହିତ ବିବାହ ଏବଂ ସେମାନଙ୍କର ସନ୍ତାନଙ୍କୁ ଦଇତାପତି ଉପାଧି ପ୍ରଦାନ, ଇନ୍ଦ୍ରଦ୍ୟୁମ୍ନ ପ୍ରସଙ୍ଗ ବର୍ଣ୍ଣିତ ହୋଇଛି । (ଉତ୍କଳ ପ୍ରସଙ୍ଗ—ଜୁଲାଇ ୧୯୮୪ ସଂଖ୍ୟା)—ଉତ୍ସ ଉତ୍ସ ପାବକ—ଅଧ୍ୟାପକ ରାଜକିଶୋର ବସୁ ।

Digitized by PPRACHIN, SOA

ଭଗିନୀ ରୂପରେ କଳ୍ପିତ କନ୍ୟା ଶ୍ରୀଶଙ୍କରାଚାର୍ଯ୍ୟଙ୍କ ଅଭିପ୍ରେତ କାତ୍ୟାୟନୀ ମହାଶକ୍ତି ରୂପରେ ସ୍ଥାପିତ—ଏହିସବୁ ପରସ୍ପର ବିରୋଧୀ ଜଟିଳ ଉତ୍ତର କେବଳ ଗବେଷଣାଦ୍ୱାରା ସମାଧାନ ସମ୍ଭବ । ଏ ବିଷୟରେ ସାମାନ୍ୟ ଆଲୋଚନା ଏଠାରେ ଅପ୍ରାସଙ୍ଗୀକ ହେବ ନାହିଁ ।

ସମ୍ବଲପୁର ଜିଲ୍ଲାର ସୋହେଲା ବ୍ଲକ ଅନ୍ତର୍ଗତ ଲୁହୁରାଚଣ୍ଡୀ ଓଡ଼ିଶା ଓ ମଧ୍ୟପ୍ରଦେଶର ଗୋଟିଏ ସୀମାନ୍ତ ଗ୍ରାମ । ସେଠାରେ କେବଳ ବଳଭଦ୍ର ଓ ଶ୍ରୀଜଗନ୍ନାଥ ପୂଜା ପାଉଛନ୍ତି ଓ ଅନ୍ୟ ଏକ ଅପେକ୍ଷାକୃତ କ୍ଷୁଦ୍ର ଦଧିବାମନ ମୂର୍ତ୍ତି ମଧ୍ୟ ସେଠାରେ ପୂଜା ପାଉଛନ୍ତି । ଲୋକମାନେ କହନ୍ତି ଏହି ଦଧିବାମନ ମୂର୍ତ୍ତିଟି ସର୍ବ ପୁରାତନ । ସେଠାରେ ସୁଭଦ୍ରାଙ୍କ ମୂର୍ତ୍ତିଟି ପୂଜା ନ ପାଇବାର କାରଣ କେହି କହି ପାରୁ ନାହାନ୍ତି ।

ଚକ୍ଷୁ ସୂଚୀ :

ସୁଭଦ୍ରାଙ୍କ ବିଗ୍ରହ ଜଗନ୍ନାଥଙ୍କ ଅପେକ୍ଷା ପୁରାତନ କି ନୁହେଁ, ସେ ବିଷୟରେ କେତେକ ଆଲୋଚକ ଚକ୍ଷୁ-ସୂଚୀ (Eye Index of an idol) ବିଷୟ ଆଲୋଚନା କରିଛନ୍ତି । କୌଣସି ଏକ ମୂର୍ତ୍ତିର ମୁଣ୍ଡର ମୋଟ ଦୈର୍ଘ୍ୟ ଓ ଆଖିର ଆକାରର ଅନୁପାତକୁ ସେହି ମୂର୍ତ୍ତିର ଚକ୍ଷୁ-ସୂଚୀ କହନ୍ତି । ମଣିଷ ମୁଣ୍ଡର ଉଚ୍ଚତା ତୁଳନାରେ ତା'ର ଆଖିର ବ୍ୟାସ ପ୍ରାୟ ଏକ ଦଶମାଂଶ । କିନ୍ତୁ ବିଭିନ୍ନ ମୂର୍ତ୍ତିମାନଙ୍କରେ ଏହି ଚକ୍ଷୁ-ସୂଚୀ ସାଧାରଣ ସୂଚୀ (ଶତକଡ଼ା ୧୦ ଭାଗ)ଠାରୁ ଅଧିକ ଥାଏ । ମୂର୍ତ୍ତିମାନଙ୍କର ଐତିହାସିକ କ୍ରମ ବିକାଶ ଓ ଯେଉଁ ସମାଜରେ ଉକ୍ତ ମୂର୍ତ୍ତିର ବିକାଶ ଘଟିଛି ସେହି ସମାଜର ବିବର୍ତ୍ତନ ଧାରା ଓ ଅବସ୍ଥା ସହ ଚକ୍ଷୁ ସୂଚୀ ଆଧିକ୍ୟର ଏକ ସମ୍ପର୍କ ରହିଛି । 'ଜେନସ୍' (Julian Jaynes) ଏ ସଂକ୍ରାନ୍ତରେ ପୃଥିବୀର ବିଭିନ୍ନ ପ୍ରାଚୀନ ସଭ୍ୟତାର ମୂର୍ତ୍ତି ଗଠନର ଏକ ସମୀକ୍ଷା କରିଛନ୍ତି । ଏହି ଚକ୍ଷୁ-ସୂଚୀ ଅନୁଯାୟୀ ଶ୍ରୀଜଗନ୍ନାଥଙ୍କ ଚକ୍ଷୁ-ସୂଚୀ ଶତକଡ଼ା ୨୫ରୁ ୩୦ ଭିତରେ ଓ ହାରାହାରି ୨୮ ବୋଲି ଦେଖାଯାଏ । ସେହିପରି ବଳଭଦ୍ରଙ୍କ ଚକ୍ଷୁସୂଚୀ ଶତକଡ଼ା ୨୦ରୁ ୨୪ ବା ହାରାହାରି ୨୨ ବୋଲି ଦେଖାଯାଏ । ସୁଭଦ୍ରାଙ୍କ ଚକ୍ଷୁସୂଚୀ ଶତକଡ଼ା ୧୮ରୁ ୨୨ ବା ହାରାହାରି ୨୦ ହୋଇଥାଏ । ଏହି ସୂଚୀ ଅନୁସାରେ

Digitized by PPRACHIN, SOA

ଶ୍ରୀଜଗନ୍ନାଥ ଯେ ଅତି ପ୍ରାଚୀନ କାଳରୁ ବିଦ୍ୟମାନ ଏଥିରେ ସନ୍ଦେହ ନାହିଁ । ❋

ବ୍ରହ୍ମ ପୁରାଣ ଅନୁସାରେ ଶ୍ରୀ ଜଗନ୍ନାଥ ଓ ବଳଭଦ୍ର ପୂର୍ବରୁ ପୂଜା ପାଉଥିଲେ । ପରେ ସୁଭଦ୍ରା ଓ ସୁଦର୍ଶନଙ୍କୁ ସ୍ଥାପନ କରାଯାଇଛି ।

ବାସୁଦେବ ନମସ୍ତେସ୍ତୁ ନମସ୍ତେ ମୋକ୍ଷ କାରଣ
ସଙ୍କର୍ଷଣ ନମସ୍ତେସ୍ତୁ ତ୍ରାହି ମାଂ ଧରଣୀଧର ।
ନମସ୍ତେ ହେମ ଗର୍ଭାଭ ନମସ୍ତେ ମକରଧ୍ୱଜ
ଅନିରୁଦ୍ଧ ନମସ୍ତେସ୍ତୁ ତ୍ରାହି ମାଂ ବରଦୋଦ୍ଭବ ॥ (ବ୍ରହ୍ମ ପୁରାଣ)

ପଞ୍ଚରାତ୍ର ବିଧାନରେ ପୁରୁଷୋତ୍ତମଙ୍କୁ ବାସୁଦେବ, ସଙ୍କର୍ଷଣ, ପ୍ରଦ୍ୟୁମ୍ନ ଓ ଅନିରୁଦ୍ଧ ସ୍ୱରୂପ ସ୍ତୁତି କରାଯାଇଛି । ବିଷ୍ଣୁଙ୍କର ଏ ଚତୁର୍ବ୍ୟୂହର ପୂଜା ବହୁ ପ୍ରାଚୀନ । ମୂର୍ତ୍ତି ଚତୁଷ୍ଟୟର ଆବିର୍ଭାବ ପୂର୍ବରୁ ଇନ୍ଦ୍ରଦ୍ୟୁମ୍ନ ଏହିପରି ସ୍ତୁତି କରିଥିଲେ । ବର୍ତ୍ତମାନ ନୂତନ ସ୍ଥିର ମୂର୍ତ୍ତିରେ ସଙ୍କର୍ଷଣ (ବଳଭଦ୍ର), ଜଗନ୍ନାଥ (ବାସୁଦେବ) ଅଛନ୍ତି । ସୁଭଦ୍ରା ଓ ସୁଦର୍ଶନ ପ୍ରଦ୍ୟୁମ୍ନ ଓ ଅନିରୁଦ୍ଧଙ୍କ ବଦଳରେ ସ୍ଥାନ ପାଇଛନ୍ତି ବୋଲି ଜଣାଯାଏ ।

କେତେକ ଆଲୋଚକଙ୍କ ମତରେ ଜଗନ୍ନାଥ ଓ ବଳଭଦ୍ରଙ୍କ ସହିତ ପ୍ରଥମେ ଏକାନଂଶା ପୂଜା ପାଉଥିଲେ । 'ସ୍କନ୍ଦ ପୁରାଣ'ର ଉତ୍କଳ ଖଣ୍ଡରେ

❋	ଦେବତା/ମୂର୍ତ୍ତି	ଚକ୍ଷୁ-ସୂଚୀ	କାଳ
(କ)	ଲା-ଭେଣ୍ଟାର ପିରାମିଡ୍ (ମେକ୍ସିକୋ)	୧୧ରୁ୧୯%	ଖ୍ରୀ.ପୂ: ୫୦୦
(ଖ)	'ଉରୁକ୍' (ମେସପଟାମିଆ)ର ଚୂନପଥର ମୂର୍ତ୍ତି	୨୦%ରୁ ଅଧିକ	ଖ୍ରୀ.ପୂ: ୧୯୦୦
(ଗ)	ସିନ୍ଧୁଉପତ୍ୟକା ସଭ୍ୟତାର ମୂର୍ତ୍ତି	୨୦%ରୁ ଅଧିକ	ଖ୍ରୀ.ପୂ: ୨୦୦୦ରୁ ୧୭୦୦
(ଘ)	'ଗୁଡ଼ିଆ'ଙ୍କ ମୂର୍ତ୍ତି (ଲଗାସର ଶାସକ)	୧୭-୧୮%	ଖ୍ରୀ.ପୂ: ୨୨୦୦
(ଙ)	'ତେଲ'ର ଆବୁ ମନ୍ଦିରର ୧୨ଟି ମୂର୍ତ୍ତି (ବାଗଦାଦର ଆସମାର ନିକଟରେ)	୧୮%	ଖ୍ରୀ.ପୂ: ୨୭୦୦
(ଚ)	ଇଉଫ୍ରେଟିସ୍ ଉପତ୍ୟକାର 'ମାରି'	୧୮%	ଖ୍ରୀ.ପୂ: ୨୭୦୦
(ଛ)	ଇଜିପ୍ଟର 'ଫାରୋହା'ର ମନ୍ଦିର	ପ୍ରାୟ ୨୦%	ଖ୍ରୀ.ପୂ: ୩୦୦୦

(ପୌରୁଷ ଜୁଲାଇ ୧୯୮୨)—ଶ୍ରୀଜଗନ୍ନାଥ—କେତୋଟି ନୂତନ ତଥ୍ୟ—
ରାଜ ଚରଣ ଦାସ ।

Digitized by PPRACHIN, SOA

କୁହାଯାଇଛି 'ଦେବୀସୂକ୍ତ'ର ଶ୍ଳୋକାନୁସାରେ ସୁଭଦ୍ରାଙ୍କ ପୂଜା ଅର୍ଚ୍ଚନା କରାଯିବ ।

"ପଞ୍ଚବ୍ରହ୍ମ ବିଧାନେନ ସଂପୂଜ୍ୟ ପୁରୁଷୋତ୍ତମମ୍
ଚଣ୍ଡୀବିଷ୍ଣୋ ମହୀପାଳ ସମ୍ପ୍ରୋକ୍ତମୁ ପରଂସମେ ।"

ଏକାନଂସା ଶାକ୍ତଦେବୀ ହୋଇ ଥିବାରୁ ଶାକ୍ତ ପଦ୍ଧତି ଅନୁସାରେ ତାଙ୍କର ପୂଜା ହେବା ଏକାନ୍ତ ବିଧେୟ । କିନ୍ତୁ ପଞ୍ଚବ୍ରହ୍ମ ବିଧାନକୁ ଅନୁସରଣ କରୁଥିବା ଧାର୍ମିକ ବ୍ୟକ୍ତିମାନଙ୍କ ପକ୍ଷରେ ଏହା ଗ୍ରାହ୍ୟ ନ ହେବାରୁ ଏକାନଂସାଙ୍କ ନାମ ସୁଭଦ୍ରା ହୋଇଥିବା ସମ୍ଭବ । ଶାକ୍ତଧର୍ମ ଉପରେ ବୈଷ୍ଣବ ଧର୍ମର ପ୍ରଭାବ ଫଳରେ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ହେଉଥିବା ଶକ୍ତି ଉପାସନା ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଥିବା ପରି ମନେହୁଏ ।

ଏକାନଂସା :

ଏକାନଂସାଙ୍କ ସମ୍ପର୍କରେ ମହାଭାରତରେ ବର୍ଣ୍ଣିତ ଅଙ୍ଗିରାଙ୍କ କନ୍ୟା 'କୁହୂ'ଙ୍କର ଅନ୍ୟ ନାମ ହେଉଛି ଏକାନଂସା ଏବଂ 'ହରିବଂଶ'ରେ ବର୍ଣ୍ଣିତ ଯଶୋଦାଙ୍କ ଗର୍ଭର ବିକଳ କନ୍ୟାର ନାମ ଏକାନଂସା । ଦେବତାମାନଙ୍କ ଅନୁରୋଧରେ କଂସାସୁରଙ୍କ କବଳରୁ ପୃଥିବୀକୁ ରକ୍ଷା କରିବା ନିମିତ୍ତ ନିଜେ ବିଷ୍ଣୁ ବସୁଦେବଙ୍କ ପତ୍ନୀ ଦେବକୀଙ୍କ ଗର୍ଭରେ ଜନ୍ମ ହେବା ପାଇଁ ସ୍ୱୀକୃତି ଦେଇଥିଲେ ଏବଂ ନିଦ୍ରାଦେବୀଙ୍କୁ ଗୋପପୁରର ନନ୍ଦଙ୍କ ପତ୍ନୀ ଯଶୋଦାଙ୍କ ଗର୍ଭରେ କନ୍ୟାରୂପେ ଜନ୍ମ ଗ୍ରହଣ କରିବାକୁ ଆଦେଶ ଦେଇଥିଲେ । ଯେତେବେଳେ କଂସ ତାଙ୍କୁ ମାରିବା ପାଇଁ ପଥର ଉପରେ କଚାଡ଼ିଦେଲେ, ସେ ତବେଳେ ସେ ଆକାଶକୁ ଉଠିଯାଇ ତ୍ରିଶୂଳ, ଖଣ୍ଡା, ପାନପାତ୍ର ଓ ପଦ୍ମଦ୍ୱାରା ଶୋଭା ପାଇଥିଲେ । ହରିବଂଶର ଅନ୍ୟ ଏକ ଅଧ୍ୟାୟରେ କେଶବ (କୃଷ୍ଣ)ଙ୍କର ରକ୍ଷା ନିମିତ୍ତ ପ୍ରଜାପତି (ବ୍ରହ୍ମା)ଙ୍କର ଏକ ଅଂଶ ରୂପରେ ଏକାନଂସା ଜନ୍ମ ହୋଇଥିଲେ । ନବମ ଶତାବ୍ଦୀରେ ରଚିତ ପୁରୁଷୋତ୍ତମଙ୍କ 'ତ୍ରିକାଣ୍ଡଶେଷ' ରେ ଏକାନଂସାଙ୍କୁ ଯାଦବୀ ଓ ଦକ୍ଷପ୍ରଜାପତିଙ୍କର ଏକ ଅଂଶ ରୂପେ ବର୍ଣ୍ଣନା କରାଯାଇଛି । ଏକାନଂସାଙ୍କୁ ଯାଦବୀ ରୂପରେ ବର୍ଣ୍ଣନା କରାଯାଇଥିବାରୁ ଯାଦବମାନେ ତାଙ୍କୁ ବନ୍ୟରକ୍ଷାକର୍ତ୍ତ୍ରୀ ଭାବରେ ଅର୍ଚ୍ଚନା କରି ବିପଦ ସମୟରେ ତାଙ୍କର ସାହାଯ୍ୟ

Digitized by PPRACHIN, SOA

ଭିକ୍ଷା କରିଥାନ୍ତି । 'କୌମୁଦୀ ମହୋତ୍ସବ' ନାମକ ଅନ୍ୟ ଏକ ଗ୍ରନ୍ଥରେ ଯାଦବମାନଙ୍କର 'ବନଦେବତା' ଏକାଙ୍ଗା (ଏକାନଂସା)ଙ୍କ ନାମ ଦେଖିବାକୁ ମିଳେ । ଏଠାରେ ଦେବୀଙ୍କୁ ଦ୍ୱିବିଧ ଭାବରେ ଦେଖାଯାଇଛି । ପ୍ରଥମରେ ସେ ହେଉଛନ୍ତି ବିନ୍ଧ୍ୟବାସିନୀ ଦୁର୍ଗା ଏବଂ ଅନ୍ୟ ପକ୍ଷରେ ସେ ହେଉଛନ୍ତି ଯାଦବମାନଙ୍କର ବନ ଦେବତା । ଯାଦବମାନେ ତାଙ୍କର ପ୍ରିୟ କୃଷ୍ଣ ଏବଂ ବଳଦେବଙ୍କର ପ୍ରାଣରକ୍ଷା ନିମିତ୍ତ ଏକାନଂସାଙ୍କୁ ସେମାନଙ୍କର ଇଷ୍ଟଦେବୀ ରୂପେ ଗ୍ରହଣ କରିଥିଲେ ।

'ବ୍ରହ୍ମପୁରାଣ'ରେ ଏକାନଂସାଙ୍କୁ କାତ୍ୟାୟନୀ ରୂପେ ବର୍ଣ୍ଣନା କରାଯାଇଛି । 'ସ୍କନ୍ଦପୁରାଣ'ର 'ପୁରୁଷୋତ୍ତମ ମାହାତ୍ମ୍ୟ'ରେ ସୁଭଦ୍ରାଙ୍କୁ କାତ୍ୟାୟନୀ ରୂପେ ବର୍ଣ୍ଣନା କରାଯାଇଛି । ସେଥିରେ ଲେଖାଯାଇଛି—

"କୈବଲ୍ୟ ମୁକ୍ତିଦେ ଭଦ୍ରେ ତ୍ୱାଂ ନମାମି ସୁରାରଣିମ୍ ।
ଦେବୀ ତ୍ୱଂ ବିଷ୍ଣୁମାୟାସି ମୋହୟନ୍ତୀ ଚରାଚରମ୍ ॥
ତ୍ୱଂ ପଦ୍ମାସନସଂସ୍ଥାସି ବିଷ୍ଣୁ ଭାବାନୁସାରିଣୀ ।
ତ୍ୱମେବ ଲକ୍ଷ୍ମୀ ଗୌରୀ ଚ ଶଚୀ କାତ୍ୟାୟନୀ ତଥା ॥"

ଏକାନଂସା ଓ ସୁଭଦ୍ରା ଏକ ବିଗ୍ରହ ଏବଂ ଦୁର୍ଗାଙ୍କର ଅଂଶ ବିଶେଷ ବୋଲି ଜଣାଯାଏ ।

ଉପରଲିଖିତ ଆଲୋଚନାରୁ ଜଣାଯାଏ ଯେ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ସବୁ ପ୍ରାଚୀନ । ଗବେଷକମାନେ ଏ ବିଷୟରେ ଅଧିକ ଆଲୋକପାତ କରିବେ । ଶ୍ରୀଜଗନ୍ନାଥଙ୍କର ଅନ୍ୟ ନାମ ବାମନ । ସେଥିପାଇଁ କୁହାଯାଇଛି 'ରଥସ୍ଥଂ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ' । ରଥସ୍ଥ ଜଗନ୍ନାଥ ବାମନ ବା ଦ୍ୟୁତିବାମନ ବା ଦଧିବାମନଙ୍କ ସହିତ ସମାହିତ ହୋଇଛନ୍ତି । ଏହି ବାମନ ସୌର ଉପାସନାର ଆରାଧ୍ୟ ଦେବତା । ସୂର୍ଯ୍ୟଙ୍କର ଅନ୍ୟ ନାମ ବାମନ । ଦାର୍ଶନିକ ଦୃଷ୍ଟିରୁ ବିଚାର କଲେ ଦଧିବାମନ (ଜଗନ୍ନାଥ) ସଗୁଣ ଓ ନିର୍ଗୁଣ ପୂଜାର ସମାହାର । ତାଙ୍କ ମୂର୍ତ୍ତିରେ କୌଣସି ସ୍ପଷ୍ଟତା ନ ଥିବାରୁ ତାହା ସଗୁଣ ବା ନିର୍ଗୁଣ ଆରାଧନା ବୋଲି କୁହାଯାଇ ନ ପାରେ । ତେଣୁ ଯେଉଁମାନେ ବ୍ରହ୍ମବାଦୀ, ସେମାନେ ଜଗନ୍ନାଥଙ୍କୁ ନିର୍ଗୁଣ ବ୍ରହ୍ମରୂପେ ମଧ୍ୟ କଳ୍ପନା କରିଥାନ୍ତି ।

Digitized by PPRACHIN, SOA

ତନ୍ତ୍ରବିଧାନରେ ଜଗନ୍ନାଥ :

ତନ୍ତ୍ରବିଧାନରେ ଶ୍ରୀ ଜଗନ୍ନାଥଙ୍କୁ ଶିବ ରୂପେ ପୂଜା କରାଯାଏ । କଳା-ରୂପା ଶକ୍ତି ଶିବଙ୍କ ଦେହରେ ବ୍ୟପଦେଷ୍ଟ । ତେଣୁ ନିଷ୍କଳ ଶିବ ବା ଲୟ ଅବସ୍ଥା ଶିବଙ୍କୁ ଅଶରୀର ବୋଲି ବର୍ଣ୍ଣନା କରାଯାଏ । ଶ୍ରୀଜଗନ୍ନାଥ ପରମ ପୁରୁଷ ଅଦ୍ୱୈତ ରୂପେ ରୂପ ଗ୍ରହଣ କରି ଥାନ୍ତି । ଦ୍ୱୈତ ଭାବେ ରୂପ ଗ୍ରହଣ କଲେ ସେ ଏକରୁ ବହୁରୂପ ହୋଇଥାନ୍ତି । ଦଧିବାମନଙ୍କ ମୂର୍ତ୍ତି ଏକ ହେଲେ ମଧ୍ୟ ସେହି ଏକରେ ବହୁର ଚିହ୍ନ ନିହିତ ଥାଏ । ସେ ପୁରୁଷ ହେଲେ ମଧ୍ୟ ନାରୀ ପୁରୁଷର ଏକୀଭୂତ ରୂପ । ତେଣୁ ଶ୍ରୀଜଗନ୍ନାଥଙ୍କ ନାକରେ ନୋଳକ ରହି ତାଙ୍କୁ ନାରୀ ବୋଲି ବିଜ୍ଞାପିତ କରେ । ମହାଶକ୍ତି ସୁଭଦ୍ରା ଇଚ୍ଛାରୂପେ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ଥାନ୍ତି । ସେ ଯେତେବେଳେ ନିଷ୍କ୍ରିୟ ସେତେବେଳେ ବିନ୍ଦୁମଧ୍ୟରେ କୌଣସି ରୂପାନ୍ତର ଦୃଷ୍ଟ ହୁଏ ନାହିଁ । ବିନ୍ଦୁ, ଶକ୍ତି ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ତାଙ୍କର ଇଚ୍ଛାରୂପେ ଥାନ୍ତି । ତେଣୁ ଏକମାତ୍ର ଶ୍ରୀଜଗନ୍ନାଥ ଦଧିବାମନ ରୂପେ ଉପାସିତ ।

ଦଧିବାମନ ପରମେଶ୍ୱରଙ୍କର ନିଷ୍କ୍ରିୟ ଅବସ୍ଥାର ରୂପ ହୋଇଥିବାରୁ ସେ ଶୂନ୍ୟ । ଶୂନ୍ୟର ପ୍ରତୀକ କଳା ବର୍ଣ୍ଣ । ସବୁ ବର୍ଣ୍ଣ କୃଷ୍ଣରେ ବିଲୀନ ହୁଅନ୍ତି । କୃଷ୍ଣବର୍ଣ୍ଣ ହେଉଛି ବର୍ଣ୍ଣନାସ୍ତି । ତେଣୁ ସେହି ଏକ ପରମେଶ୍ୱର କ୍ରିୟାହୀନ ଅବସ୍ଥାରେ ଥାଇ ନ ଥିଲା ପରି । ଏଠାରେ ଶିବ-ଶକ୍ତି-ବିନ୍ଦୁ ଏକ ମଧ୍ୟରେ ରହିଥାନ୍ତି । ଯେତେବେଳେ ଇଚ୍ଛାର ଉନ୍ମେଷ ହୁଏ ସେତେବେଳେ କ୍ରିୟାଶକ୍ତି ଉଦୟ ହୋଇ ବିନ୍ଦୁ କ୍ଷୁବ୍ଧ ହୁଏ—ଏହାହିଁ ସୃଷ୍ଟିର ସୂଚନା । ଲୟାବସ୍ଥାରେ ଶକ୍ତି ଲୀନ ହୋଇ ବିନ୍ଦୁ ଅକ୍ଷୁବ୍ଧ ଅସତ୍‌କଳ୍ପ । ଏକମାତ୍ର ଶିବହିଁ ସେତେବେଳେ ସ୍ୱ ମହିମାରେ ବିରାଜମାନ—ଏହାହିଁ ତନ୍ତ୍ରମତରେ ଜଗନ୍ନାଥ ତତ୍ତ୍ୱ । ତନ୍ତ୍ରର ଶିବ ହେଉଛନ୍ତି, ଜଗନ୍ନାଥ ବା ଦଧିବାମନ । ବଲାଙ୍ଗୀର ଜିଲ୍ଲାର ବିଜକା ଏବଂ ଚଟଭାରେ ଦଧିବାମନ ମନ୍ଦିର ବିଦ୍ୟମାନ । ଚଟଭାର ଦଧିବାମନ ମନ୍ଦିର ଅତ୍ୟନ୍ତ ମନମୁଗ୍ଧକର । ସେହିପରି ଅନ୍ୟ ଗ୍ରାମମାନଙ୍କରେ ଦଧିବାମନ ମନ୍ଦିର ପ୍ରତିଷ୍ଠା ହୋଇ ସେଠି ଅଦ୍ୱୈତ ପରଂବ୍ରହ୍ମଙ୍କର ପୂଜା ଅର୍ଚ୍ଚନା ଚାଲିଆସୁଛି ।

Digitized by PPRACHIN, SOA

ଦଧିବାମନ ମୂର୍ତ୍ତିର ବିଶେଷ କଳ୍ପନା ହିଁ ସବୁ ଧର୍ମର ସମନ୍ୱୟ କାରକ । ଦଧିବାମନଙ୍କର ହାତ ନ ଥାଇ ସବୁ କରି ପାରୁଛନ୍ତି, ପାଦ ନ ଥାଇ ସକଳ ସ୍ଥାନକୁ ଯାଇପାରୁଛନ୍ତି ; କର୍ଣ୍ଣ ନ ଥାଇ ସବୁ ଶୁଣିପାରୁଛନ୍ତି ଓ ଚକ୍ଷୁ ନ ଥାଇ ସର୍ବଦ୍ରଷ୍ଟା । ସେଥିପାଇଁ ଉପନିଷଦ ବାଣୀ କହେ—

"ଅପାଣି ପାଦୋ ଜବନୋ ଗ୍ରହୀତା
ପଶ୍ୟତ୍ୟଚକ୍ଷୁଃ ସ ଶୃଣୋତ୍ୟକର୍ଣ୍ଣଃ
ସ ବେତ୍ତି ବେଦ୍ୟଂ ନ ଚ ତସ୍ୟାସ୍ତି ବେତ୍ତା
ତମାହୁରଗ୍ର୍ୟଂ ପୁରୁଷଂ ମହାନ୍ତମ୍ ।"

(ଶ୍ୱେତାଶ୍ୱତରୋପନିଷଦ୍)

ପାଣିପାଦବିହୀନ ହେଲେ ମଧ୍ୟ ସେ ଦ୍ରୁତଗାମୀ ଓ ସର୍ବଗ୍ରାହୀ । ଚକ୍ଷୁହୀନ ହେଲେ ମଧ୍ୟ ସର୍ବଦ୍ରଷ୍ଟା ଓ ଶ୍ରୁତିହୀନ ହେଲେ ମଧ୍ୟ ସର୍ବଶ୍ରୋତା । ସେ ସର୍ବଜ୍ଞ; ତାଙ୍କୁ କେହି ଜାଣିପାରନ୍ତି ନାହିଁ । ତାଙ୍କୁ ସର୍ବ ପ୍ରଥମ ମହାପୁରୁଷ ବୋଲି କୁହାଯାଏ । ଗୀତାର କ୍ଷେତ୍ର-କ୍ଷେତ୍ରଜ୍ଞ-ବିଭାଗ ଯୋଗରେ ମଧ୍ୟ ଶ୍ରୀକୃଷ୍ଣ କହିଛନ୍ତି—

"ସର୍ବତଃ ପାଣିପାଦଂ ତତ୍ ସର୍ବତୋଽକ୍ଷି ଶିରୋମୁଖଂ
ସର୍ବତଃ ଶ୍ରୁତିମଲ୍ଲୋକେ ସର୍ବମାବୃତ୍ୟ ତିଷ୍ଠତି । ୧୩-୧୩ ।
ସର୍ବେନ୍ଦ୍ରିୟ ଗୁଣାଭାସଂ ସର୍ବେନ୍ଦ୍ରିୟ ବିବର୍ଜିତଂ
ଅସକ୍ତଂ ସର୍ବଭୃଚ୍ଚୈବ ନିର୍ଗୁଣଂ ଗୁଣଭୋକ୍ତୃ ଚ ।"

(୧୪-୧୩) (ଗୀତା)

ସେହି ପରଂବ୍ରହ୍ମ ଏହି ଜଗତରେ ସବୁ ହାତରେ କାମ କରୁଛନ୍ତି । ସର୍ବତ୍ର ଗୋଡ଼ରେ ଗମନ କରୁଛନ୍ତି । ସବୁଠାରେ ତାଙ୍କର ମୁହଁ, ମୁଣ୍ଡ, ଆଖି ଓ କାନ ବିରାଜିତ । ସେ ସର୍ବତ୍ର ବ୍ୟାପ୍ତ । ସେ ସବୁ ଇନ୍ଦ୍ରିୟଗଣ ଧାରଣ କରି ପରି ଜଣାପଡ଼ନ୍ତି ; ଅଥଚ ସବୁ ଇନ୍ଦ୍ରିୟରୁ ଅଲଗା ବା ଭିନ୍ନ । ତହିଁରେ ତା'ର ସମ୍ପର୍କ ନାହିଁ । ସେ ସମସ୍ତର ଆଧାର । ସେ ସଙ୍ଗବର୍ଜିତ ବା ଆସକ୍ତି ବର୍ଜିତ ତଥାପି ସର୍ବଭୃତ୍ । ଅର୍ଥାତ୍ ସକଳ

Digitized by PPRACHIN, SOA

ଜଗତର ପାଳକ ଯେହେତୁ ସେ ବ୍ରହ୍ମା ରୂପରେ ସର୍ଜନା, ବିଷ୍ଣୁ ରୂପରେ ପାଳନ ଓ ରୁଦ୍ର ରୂପରେ ସଂହାର କରନ୍ତି ବୋଲି ଶ୍ରୁତି, ସ୍ମୃତି ଓ ପୁରାଣରେ ପ୍ରମାଣ ଅଛି । ସେ ନିର୍ଗୁଣ ଅର୍ଥାତ୍ ଗୁଣାତୀତ, କାହିଁକି ନା ସତ୍ତ୍ୱ, ରଜଃ, ତମଃ ଏହି ଗୁଣ ନିଚୟର ସମଷ୍ଟି ବା ମାୟା ତାଙ୍କୁ ସ୍ପର୍ଶ କରି ନାହିଁ ; କିନ୍ତୁ ସେ ଗୁଣାଧ୍ୟକ୍ଷ । ଅର୍ଥାତ୍ ସତ୍ତ୍ୱାଦି ଗୁଣମାନଙ୍କର ପାଳକ ଅଟନ୍ତି । ସେ ହେଉଛନ୍ତି ସର୍ବଜନୋପାସ୍ୟ, ସର୍ବଧର୍ମସେବ୍ୟ ପୁରୁଷୋତ୍ତମ ।

"ଅଦ୍ୱିତୀୟଂ ଜଗନ୍ନାଥଂ ସଚ୍ଚିଦାନନ୍ଦମକ୍ଷରମ୍
ଅମେୟ ଶକ୍ତିସମ୍ପନ୍ନଂ ବନ୍ଦେଽହଂ ପୁରୁଷୋତ୍ତମମ୍
ଓ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥"

Digitized by PPRACHIN, SOA

ଦ୍ୱାଦଶ ପରିଚ୍ଛେଦ

ଜାହ୍ନବୀର ଧରା ପୃଷ୍ଠକୁ ଅବତରଣ

ଦେବଭୂମି ଭାରତ ସଂକଳ୍ପ ସମ୍ପଦରେ ଭରା । ତୁଷାର ଶୁଭ୍ର ଶିଖରୀ ହିମାଳୟ ଏହାର ମୁକୁଟ ସଦୃଶ । ହିମବନ୍ତର ଗର୍ଭରୁ ନିଃସୃତ ସିନ୍ଧୁ, ବ୍ରହ୍ମପୁତ୍ର, ଜାହ୍ନବୀ ଓ ଯମୁନା ପରି ଅସଂଖ୍ୟ ନଦନଦୀ, ଚିରସ୍ରୋତା ପ୍ରସନ୍ନସଲିଳା ଏହି ଭାରତ ଭୂମି କରିଛନ୍ତି ଫଳପୁଷ୍ପବତୀ, ଶସ୍ୟଶ୍ୟାମଳା, ସ୍ୱର୍ଣ୍ଣପ୍ରସୂ । ପୂର୍ବାଭିମୁଖୀ ତାପ୍ତି ଓ ନର୍ମଦା ପ୍ରଭୃତି ଏହି ଦିବ୍ୟ ଭୂମି ଭାରତକୁ ଦେବଭୂମିରେ ପରିଣତ କରିଛନ୍ତି । ଆଜି ହିମାଳୟଠାରୁ କୁମାରୀକା ପର୍ଯ୍ୟନ୍ତ ପ୍ରତ୍ୟେକ ଧର୍ମପ୍ରାଣ ବ୍ୟକ୍ତି ତୀର୍ଥ ଆବାହନ କଲାବେଳେ ଗାଇ ଉଠୁଛନ୍ତି—

* "ଗଙ୍ଗେଶ୍ଚ ଯମୁନେଶ୍ଚୈବ ଗୋଦାବରୀ ସରସ୍ୱତୀ
ନର୍ମଦେ ସିନ୍ଧୁ କାବେରୀ ଜଳେଽସ୍ମିନ୍ ସନ୍ନିଧିଂ କୁରୁ ।"

ଭାରତ ଭୂମିର ଗିରି ନଦୀ ବନ ସରିତ ସାଗର ସମସ୍ତେ ଭାରତକୁ ତୀର୍ଥଭୂମିରେ ପରିଣତ କରିଛନ୍ତି । ସେହିପରି ଏହି ବିନ୍ଧ୍ୟଗିରି ମଧ୍ୟରୁ ବହିଗତ ଝରଣା ଗୁପ୍ତଗଙ୍ଗା ରୂପେ ଧରା ପୃଷ୍ଠକୁ ଅବତରଣ କରିଛି,

---

* ଭାରତୀୟ ଧର୍ମଧାରାରେ ଗଙ୍ଗାର ପବିତ୍ରତାକୁ ସବୁ ସ୍ଥଳରେ ସମ୍ମାନ ଦିଆଯାଇଛି । ଶାସ୍ତ୍ର ପୁରାଣରେ ବିଷ୍ଣୁ ସହସ୍ର ନାମ ଓ ଲଳିତା ସହସ୍ର ନାମ ଭଳି ଗଙ୍ଗାସହସ୍ର ନାମ ସ୍ତୁତି ମଧ୍ୟ ଦେଖିବାକୁ ମିଳେ । ଶ୍ରୀ ସ୍କନ୍ଦ ମହା ପୁରାଣର କାଶୀ ଖଣ୍ଡ ପୂର୍ବାର୍ଦ୍ଧ ୨୯ ଅଧ୍ୟାୟ ୧୭ରୁ ୭୮ ଶ୍ଲୋକ ପର୍ଯ୍ୟନ୍ତ ଗଙ୍ଗା ସହସ୍ର ନାମ ପାଠ କଲେ ମାନସିକ, ବାଚିକ ଓ ଶାରୀରିକ ପାପରୁ ମଣିଷ ମୁକ୍ତି ପାଏ ବୋଲି ଭାରତୀୟ ବିଶ୍ୱାସ ରହିଆସିଛି ।

Digitized by PPRACHIN, SOA

ଏହି ପୁଣ୍ୟ କ୍ଷେତ୍ର ହରଶଙ୍କରର ଶିବଙ୍କ ଜଟାମୁକୁଟରୁ ଏହି କ୍ଷେତ୍ରକୁ ସ୍ନିଗ୍ଧ, ପବିତ୍ର ଅନବଦ୍ୟ କରିବା ପାଇଁ ।

ଭାରତୀୟ ସଂସ୍କୃତିର ମହା ସମନ୍ୱୟବାଦର ଏହି ଜାହ୍ନବୀ ଅବତରଣ ସମ୍ମେଳନ ମୂର୍ତ୍ତି ବେଦର ବ୍ରହ୍ମା, ବୈଷ୍ଣବମାନଙ୍କର ବିଷ୍ଣୁ ଏବଂ ଦ୍ରାବିଡ଼ମାନଙ୍କର ଶିବଙ୍କ ସହଯୋଗରେ ପୁଣ୍ୟତୋୟା ଗଙ୍ଗା ଧରା ପୃଷ୍ଠରେ ଅବତରଣ କରିଛନ୍ତି । ତେଣୁ ଏହି ମୂର୍ତ୍ତିରେ ବିଷ୍ଣୁଙ୍କ ପାଦ ଦେଶରୁ ଶିବଙ୍କ ଜଟା ଦେଇ ଗଙ୍ଗା ଓହ୍ଲାଇ ଆସୁଥିବାର ଦୃଶ୍ୟ ଅତି ଚମତ୍କାର ଭାବେ ପ୍ରକାଶ ପାଇଛି । ଏହି ମୂର୍ତ୍ତି ଖ୍ରୀ: ୧୯୧୫ ମସିହାରେ ୬ କମଳ ଲୋଚନ ପୂଜାରୀ ସ୍ଥାପନ କରିଥିଲେ । ମଧ୍ୟ ଏହି କ୍ଷେତ୍ରରେ ଉପାସ୍ୟ ଦେବତା ହରି ଓ ଶଙ୍କରଙ୍କର ସମ୍ମିଳିତ ମୂର୍ତ୍ତିର ତତ୍ତ୍ୱ ତାଙ୍କ ଉପରେ ବିଶେଷ ପ୍ରଭାବ ପକାଇଥିଲା ପରି ଜଣାପଡ଼େ । ମୂର୍ତ୍ତିଟି ବହୁ ପ୍ରାଚୀନ । ଶ୍ରୀ ପୂଜାରୀ ମୂର୍ତ୍ତିଟିକୁ ରଙ୍ଗ କରି ସେଠାରେ ଗୋଟିଏ ମନ୍ଦିର ତୋଳାଇ ସ୍ଥାପନ କରିଛନ୍ତି । ଗଙ୍ଗାନଦୀ ହିମାଳୟର ଗଙ୍ଗୋତ୍ରୀ ନାମକ ଏକ ତୁଷାର ହ୍ରଦରୁ ବାହାରି 'ଭାଗୀରଥି' ଜାହ୍ନବୀ ଓ ଗଙ୍ଗା ନାମରେ ପ୍ରଖ୍ୟାତ ହୋଇଛି । 'ଶିବ ପୁରାଣ'ରେ ବର୍ଣ୍ଣିତ ଅଛି, ଅଯୋଧ୍ୟାରେ ସାଗର ବଂଶର ନରପତିମାନେ କପିଳ ମୁନିଙ୍କ ଅଭିଶାପରେ ଦାବାନଳ ମଧ୍ୟରେ ଦଗ୍ଧ ହେଉଥିଲେ । ସେହି ବଂଶର ଭଗୀରଥ ଦଗ୍ଧୀଭୂତ ଓ ଅଭିଶାପଗ୍ରସ୍ତ ନରପତିମାନଙ୍କୁ ଉଦ୍ଧାର କରିବା ପାଇଁ ବ୍ରହ୍ମାଙ୍କୁ ସ୍ତୁତି କଲେ । ବେଦପତି ବ୍ରହ୍ମା ଗଙ୍ଗାଙ୍କର ଅବସ୍ଥିତି ବୃତ୍ତାନ୍ତ ଭଗୀରଥଙ୍କୁ ବର୍ଣ୍ଣନା କରିଛନ୍ତି । ତ୍ରିପୁର ଦହନ ସମୟରେ ଶିବ ତ୍ରିପୁରାସୁରର ସ୍ୱର୍ଣ୍ଣ, ରୌପ୍ୟ, ଲୌହ ନିର୍ମିତ ତିନି ପୁରକୁ ଦହନ କରି ତ୍ରିପୁର ଦହନ ବା ତ୍ରିପୁରାରି ଆଖ୍ୟା ପାଇଥିଲେ । ସେହି ସମୟରେ ଶିବଙ୍କର ଶିର କମ୍ପିତ ହୋଇ ଗଙ୍ଗାଦେବୀ ଜଟା ମୁଣ୍ଡରୁ ତଳକୁ ଖସି ପଡ଼ିଲେ । ବେଦପତି ବ୍ରହ୍ମା ଗଙ୍ଗାଙ୍କୁ ନିଜର କମଣ୍ଡଳୁ ମଧ୍ୟରେ ଆବଦ୍ଧ କରି ସ୍ୱର୍ଗରେ ରଖିଲେ । ବିଷ୍ଣୁଙ୍କର ବାମନ ଅବତାର ସମୟରେ ବଳି ରାଜାଙ୍କୁ ତିନି ପାଦ ଭୂମି ଦାନ ମାଗିଥିଲେ । ବିଷ୍ଣୁଙ୍କର ଗୋଟିଏ ପାଦ ଭୂ ମଣ୍ଡଳ ଏବଂ ଅନ୍ୟ ପାଦ ପାତାଳ ଏବଂ ତୃତୀୟ ପାଦ ସ୍ୱର୍ଗ ମଣ୍ଡଳକୁ ବ୍ୟାପିଥିଲା । ସେହି

Digitized by PPRACHIN, SOA

ସମସ୍ତରେ ବିଷ୍ଣୁଙ୍କର ଆଙ୍ଗୁଠି ଆଘାତରେ ଗଙ୍ଗାଦେବୀ ବିଷ୍ଣୁଙ୍କର ନଖ କୋଣରେ ଲୁପ୍ତ ହୋଇଗଲେ ।

"କମଣ୍ଡଳୁ ମଧ୍ୟେ ମୋର ଗଙ୍ଗା ରହିଥିଲେ
ବିଷ୍ଣୁ ନେଇ ତାଙ୍କୁ ନଖ କୋଣେ ଲୁଚାଇଲେ ।
ସେ ହେତୁ ଗଙ୍ଗା ନାମ ହୋଇଲା ବୈଷ୍ଣବୀ
ତୁମ୍ଭେ ତାଙ୍କୁ ନିଅ ବିଷ୍ଣୁଙ୍କର ପାଦେ ସେବି ॥"

(ଶିବ ପୁରାଣ ୨ୟ ଖଣ୍ଡ)

ତେଣୁ ବ୍ରହ୍ମା, ବିଷ୍ଣୁଙ୍କର ପଦ ସେବା କରି ଗଙ୍ଗାଙ୍କୁ ନେବା ପାଇଁ ଭଗୀରଥଙ୍କୁ ଉପଦେଶ ଦେଇ ଅନ୍ତର୍ଦ୍ଧାନ ହେଲେ । ଭଗୀରଥ ବିଷ୍ଣୁଙ୍କୁ ସ୍ତୁତି କରିବାରୁ ବିଷ୍ଣୁ କହିଲେ, ଗଙ୍ଗାଙ୍କୁ ଭୂ ପୃଷ୍ଠକୁ ଛାଡ଼ିଲେ ଅକାଳ ପ୍ରଳୟ ହୋଇଯିବ ; ଶିବ କେବଳ ତାଙ୍କୁ ବାନ୍ଧିବା ପାଇଁ ସମର୍ଥ ।

ଶିବଙ୍କୁ ତୁ ଆରାଧନା କର ଶୁଦ୍ଧ ମନେ
ମୁଁ ଛାଡ଼ନ୍ତେ ଗଙ୍ଗାଙ୍କୁ ସେ ବାନ୍ଧିବେ ପ୍ରସନ୍ନେ ।

(ଶିବ ପୁରାଣ)

ବିଷ୍ଣୁ ଭଗୀରଥଙ୍କୁ ଉପଦେଶ ଦେଇ ଅନ୍ତର୍ଦ୍ଧାନ ହେଲେ । ଭଗୀରଥ ଶ୍ରୀ ସଦାନନ୍ଦ ସ୍ୱାମୀ, ପରଂବ୍ରହ୍ମ ଶିବଙ୍କୁ ସ୍ତୁତି କରି ହିମବନ୍ତଙ୍କୁ ନେଇଯାଇଛନ୍ତି ।

"ଭକତ ନିମନ୍ତେ ସେହି ଜଗଜ୍ଜନ ବନ୍ଧୁ
ମସ୍ତକରୁ ଜଟା ଫିଟାଇଲେ କୃପାସିନ୍ଧୁ ।
ଗଙ୍ଗାଙ୍କ ମଧ୍ୟରେ ତାହା ଲଗାଇଲେ ହର
ତତ୍‌କ୍ଷଣେ ଆସିଲା ତହିଁ ବନ୍ଧି ଗଙ୍ଗାଧାର ॥"

(ଶିବ ପୁରାଣ ୨ୟ ଖଣ୍ଡ)

ହରଶଙ୍କର କ୍ଷେତ୍ରରେ ଶିବଙ୍କ ଜଟାରୁ ଗଙ୍ଗା ଓହ୍ଲାଇ ଆସିବା ଦୃଶ୍ୟ ଅତୀବ ରମଣୀୟ । ଗଙ୍ଗାଙ୍କର ଅନ୍ୟ ନାମ ତ୍ରିପଥଗା ।

"ସ୍ୱର୍ଗ, ମର୍ତ୍ତ୍ୟ, ପାତାଳରେ ତିନ ଧାର ବହି,
ତ୍ରିପଥଗା ବୋଲି ନାମ ଗୋଟି ଅଛି ପାଇ ॥"

(ଶିବ ପୁରାଣ)

Digitized by PPRACHIN, SOA

ଶିଳ୍ପୀଙ୍କର ପୂର୍ଣ୍ଣ ବିଶ୍ୱାସ ଗଙ୍ଗାଙ୍କର ପାତାଳଗାମି ଧାରା ଗନ୍ଧମାର୍ଦ୍ଦନ ଗିରିଗୁହାରୁ ବାହାରି ତା'ର ଗୋଟିଏ ଧାର କପିଳ ଧାରା ହୋଇ ନୃସିଂହନାଥଙ୍କ ପାଦ ଧୌତ କରି ବହି ଯାଇଛି । ଅନ୍ୟ ଏକ ଧାର ହରଶଙ୍କର ଝରଣା । ଏହି ଝରଣାର କିଛି ଅଂଶ ବିଷ୍ଣୁଙ୍କ ପାଦରୁ ବାହାରି * ଶିବ ଜଟା ଦେଇ ଧରା ପୃଷ୍ଠରେ ବହିଯାଇଛି । ଗଙ୍ଗାଧର ଶିବଙ୍କର ଏକ ମୂର୍ତ୍ତି 'ନୃସିଂହନାଥ' ମନ୍ଦିରରେ ଅଛି । ଏହା କଣ୍ଟକଠାରୁ ୬° କିଲୋମିଟର ଉପରକୁ ମହାନଦୀ ପଠାରେ ଅବସ୍ଥିତ ।

ସାଂସ୍କୃତିକ ସଂଘର୍ଷ ପରେ ମହା ସମନ୍ୱୟ :

ପୂର୍ବରୁ ବର୍ଣ୍ଣିତ ତ୍ରିପୁର ଦହନ ସମୟରେ ଗଙ୍ଗା ଶିବଙ୍କର ମସ୍ତକରୁ ଖସି ପଡ଼ିଥିଲେ । ଏହି ମହା ଶିବ ପୁରାଣ ବର୍ଣ୍ଣିତ ଆଖ୍ୟାନଟି ସାଂସ୍କୃତିକ ସଂଘର୍ଷର ପରିଚୟ ଦିଏ । ତ୍ରିପୁରାସୁର ଶିବଙ୍କଠାରୁ ବର ପାଇ ଦେବତାମାନଙ୍କୁ ସନ୍ତ୍ରସ୍ତ କଲା । ଦେବତାମାନେ ଏହି ବିପଦରୁ ରକ୍ଷା ପାଇବା ପାଇଁ ଶିବଙ୍କୁ ପ୍ରାର୍ଥନା କରିବାରୁ ଶିବ ଉତ୍ତର ଦେଲେ, "ଅୟଂ ବୈ ତ୍ରିପୁରାଧ୍ୟକ୍ଷଃ ପୁଣ୍ୟବାନ୍ ବର୍ତ୍ତତେଽଧୁନା, ଯତ୍ର ପୁଣ୍ୟ ପ୍ରବର୍ତ୍ତେତ ନ ହନ୍ତବ୍ୟୋବୁଧୈଃକ୍ୱଚିତ୍ ।" ଅର୍ଥାତ୍ ଯେପର୍ଯ୍ୟନ୍ତ ତ୍ରିପୁରାଧ୍ୟକ୍ଷ ପୁଣ୍ୟବାନ ଓ ସଦାଚାରୀ ଥିବ, ସେ ପର୍ଯ୍ୟନ୍ତ ତାକୁ କେହି ପରାଜିତ କରି ପାରିବେ ନାହିଁ । ତ୍ରିପୁରାଧ୍ୟକ୍ଷ ମୋର ପ୍ରିୟ ଭକ୍ତ । ବିନା କାରଣରେ ମୋର ଭକ୍ତକୁ ବିନାଶ କରିବା ଉଚିତ ହେବ ନାହିଁ । ତ୍ରିପୁରର ଅଧିବାସୀମାନେ ଶ୍ରୌତ ଓ ସ୍ମାର୍ତ୍ତକ୍ରିୟା ପ୍ରତି ଯତ୍ନବାନ ଥିଲେ ଏବଂ ଶିବଙ୍କୁ ପୂଜା କରୁଥିଲେ । ଦେବତାମାନେ ତ୍ରିପୁରାଧ୍ୟକ୍ଷ ଅତ୍ୟାଚାରରୁ ରକ୍ଷା ପାଇବା ପାଇଁ ବିଷ୍ଣୁଙ୍କ ଶରଣାପନ୍ନ ହେଲେ । ତ୍ରିପୁରାଧ୍ୟକ୍ଷ ଓ ତା'ର ଅଧିବାସୀମାନେ ହେଉଛନ୍ତି ଶୈବ ଏବଂ ଶ୍ରୌତ ଓ ସ୍ମାର୍ତ୍ତକ୍ରିୟାରେ ଦୀକ୍ଷିତ ହୋଇ ଅଜେୟ ହୋଇଛନ୍ତି । ତେଣୁ ମାୟାରେ 'ଆର୍ହତ ଧର୍ମ' ପ୍ରଚାର କରି ଶ୍ରୌତ ଓ ସ୍ମାର୍ତ୍ତ ଧର୍ମକୁ ନଷ୍ଟ କରାଇଲେ ଶିବ କ୍ରୁଦ୍ଧ ହୋଇ ତ୍ରିପୁରାଧ୍ୟକ୍ଷକୁ ବିନାଶ କରିବେ । ବିଷ୍ଣୁଙ୍କ ମାୟାରେ ଆର୍ହତମାନେ ଜନ୍ମ ନେଲେ ଏବଂ ବିଷ୍ଣୁ ସେମାନଙ୍କୁ ଆଦେଶ ଦେଲେ, "ହେ ମାୟାଚାରୀ ଆର୍ହତ ! ତୁମ୍ଭେମାନେ ଷୋଳ ସହସ୍ର ମାୟାବାଦୀ ଶାସ୍ତ୍ର ରଚନା କରି ସେଗୁଡ଼ିକ ପ୍ରଚାର କର ।

* ବିଷ୍ଣୁପଦୀ (୬୫୭—ଗଙ୍ଗା ସହସ୍ରନାମ ସ୍ତୋତ୍ର— ସ୍କନ୍ଦ ପୁରାଣ)

Digitized by PPRACHIN, SOA

ସେହି ଶାସ୍ତ୍ର ସବୁ ଶ୍ରୌତ, ସ୍ମାର୍ତ୍ତ କର୍ମର ବିରୋଧୀ ଓ ବର୍ଣ୍ଣାଶ୍ରମ ଧର୍ମର ଅସାରତା ପ୍ରତିପାଦନ କରୁଥିବ । ଉକ୍ତ ଶାସ୍ତ୍ର ଅପଭ୍ରଂଶମୟ ଓ କର୍ମବାଦ ସମ୍ବଳିତ ହେବ । ଶ୍ରୌତ ଓ ସ୍ମାର୍ତ୍ତ କର୍ମରେ ଧର୍ମ ପ୍ରକାଶିତ ହୁଏ । ଏହି ମାୟାବାଦୀ ଶାସ୍ତ୍ରର ପ୍ରଚାର ଫଳରେ ବୈଦିକ ଧର୍ମ ଲୋପ ପାଇବ । ତ୍ରିପୁରର ଅଧିବାସୀମାନଙ୍କ ବିନାଶ ପରେ ତୁମେମାନେ କଳି ଯୁଗର ଆରମ୍ଭ ପର୍ଯ୍ୟନ୍ତ ମରୁସ୍ଥଳୀରେ ଆଶ୍ରୟ କରିବ ।”

(ମହାଶିବ ପୁରାଣ)

ବିଷ୍ଣୁଙ୍କ ନିର୍ଦ୍ଦେଶରେ ଗୁରୁଜଣ ମୁଣ୍ଡିତ ଆର୍ହତ ହସ୍ତରେ ଭିକ୍ଷାପାତ୍ର ଧରି ତ୍ରିପୁରରେ ପ୍ରବେଶ କଲେ । ସେମାନେ ମଳିନ ବସ୍ତ୍ର ପରିଧାନ କରିଥିଲେ ଏବଂ ବସ୍ତ୍ର ଖଣ୍ଡକୁ ମାର୍ଜନୀରୂପେ ବ୍ୟବହାର କରୁଥିଲେ । ପୋକ ପ୍ରଭୃତି ପାଟିରେ ପଶି ମରିଯିବେ ସେଥିପାଇଁ ତୁଣ୍ଡବସ୍ତ୍ର ଧାରଣ କରିଥିଲେ । ଜୀବହିଂସା ଭୟରେ ଖୁବ୍ ଧୀରେ ଧୀରେ ଯାତାୟାତ କରୁଥିଲେ । ଧର୍ମଦୀକ୍ଷା ଦେବା ସେମାନଙ୍କର କର୍ମ ଥିଲା । ଉଲ୍ଲେଖ ଅଛି, ଦେବର୍ଷି ନାରଦ ପ୍ରଥମେ ଆର୍ହତ ଧର୍ମରେ ଦୀକ୍ଷିତ ହୋଇ ପରେ ତ୍ରିପୁରାଧ୍ୟକ୍ଷ ଓ ତ୍ରିପୁରବାସୀଙ୍କୁ ବର୍ଣ୍ଣାଶ୍ରମ ବିରୋଧୀ ଏହି ଧର୍ମରେ ଦୀକ୍ଷିତ କରାଇଲେ । ତେଣୁ ତ୍ରିପୁରରେ ଶ୍ରୌତ ଓ ସ୍ମାର୍ତ୍ତ ବିଧି ଲୋପ ପାଇଲା । ଏହା ପରେ ଶିବ କ୍ରୁଦ୍ଧ ହୋଇ ତ୍ରିପୁର ଦହନ କରି ତ୍ରିପୁରାସୁର ଓ ତାର ଅଧିବାସୀମାନଙ୍କୁ ଧ୍ୱଂସ କଲେ ।

‘ମହା ଶିବ ପୁରାଣ’ରେ ବର୍ଣ୍ଣିତ ଏହି ଆଖ୍ୟାନଟି ଆର୍ହତ ଓ ଶୈବ-ମାନଙ୍କର ମଧ୍ୟରେ ଗୋଟିଏ ଭୟାବହ ସଂଘର୍ଷର ଚିତ୍ର । ଆର୍ହତମାନେ ବର୍ଣ୍ଣାଶ୍ରମ ଓ ଜାତି ପ୍ରଥା ବିରୁଦ୍ଧରେ ପ୍ରଚାର କରି ବୈଦିକ କ୍ରିୟା ଓ ପରମ୍ପରାକୁ ନଷ୍ଟ କରି ଦେଇଥିଲେ । ଆର୍ହତ ଧର୍ମ ଜୈନ ଓ ବୌଦ୍ଧଧର୍ମର ଅନୁପୂରକ । ଏହି ଧର୍ମରେ ଅହିଂସା ଓ ଜୀବେଦୟା ହେଉଛି ପରମ ଧର୍ମ । ଅପରାଧୀନତା ହିଁ ମୋକ୍ଷ ଏବଂ ଅଭୀଷ୍ଟ ଭୋଜନ ହିଁ ସ୍ୱର୍ଗଲାଭ । ଆର୍ହତ-ମାନେ ଭୀତତ୍ରସ୍ତଙ୍କୁ ଅଭୟ, ବ୍ୟାଧିଗ୍ରସ୍ତଙ୍କୁ ଔଷଧ, ବିଦ୍ୟାର୍ଥୀଙ୍କୁ ବିଦ୍ୟା, କ୍ଷୁଧାତୁରଙ୍କୁ ଅନ୍ନଦାନ—ଏହି ଚତୁର୍ବିଧ ଦାନକୁ ପ୍ରାଧାନ୍ୟ ଦେଇଛନ୍ତି । ବୈଦିକ ଧର୍ମର ପୁନଃ ପ୍ରବର୍ତ୍ତନ ପାଇଁ ଶୈବମାନେ ଏହି ରାଜ୍ୟକୁ ଆକ୍ରମଣ କରିଥିଲେ । ତ୍ରିପୁର ଦହନ ଆଖ୍ୟାନଟି ସମଗ୍ର ଭାରତ ବର୍ଷରେ ଗୋଟିଏ

Digitized by PPRACHIN, SOA

ପକ୍ଷରେ ବୌଦ୍ଧ ଓ ଜୈନ ଏବଂ ଅନ୍ୟ ପକ୍ଷରେ ବୈଦିକ ଧର୍ମ ଓ ଶୈବଧର୍ମ-ମାନଙ୍କ ମଧ୍ୟରେ ସାଂସ୍କୃତିକ ସଂଘର୍ଷର ଏକ ସାଙ୍କେତିକ ଚିହ୍ନ । ଶୈବାଗ୍ମର ଓ ଶୈବମାନଙ୍କର ପ୍ରବଳ ଆକ୍ରମଣରେ ଆର୍ହତ ଧର୍ମ ପ୍ରାୟ ଲୋପ ହୋଇଗଲା ।

ହରିଶଙ୍କର କ୍ଷେତ୍ରର ଜାହ୍ନବୀ ଧରା ପୃଷ୍ଠକୁ ଅବତରଣ କରିଛନ୍ତି ଏହା ଭାରତର ମହା ସମନ୍ୱିତ ସାଂସ୍କୃତିକ ରୂପ । ପୁଣ୍ୟ ତୀର୍ଥ ଏହି ଭାରତରେ ବହୁ ମତବାଦ, ଆଗ୍ମର, ସଂସ୍କୃତି, ଧର୍ମବାଦ ଓ ସଭ୍ୟତାର ଧାରା ମିଶିଯାଇଛି । ବୈଦିକ ବ୍ରହ୍ମା, ଦ୍ରାବିଡ଼ ଦେବତା ଶିବ ଓ ବୈଷ୍ଣବ-ମାନଙ୍କର ବିଷ୍ଣୁ ସମସ୍ତଙ୍କ ସାହାଯ୍ୟରେ ସବୁ ଧର୍ମ ମତବାଦର ପ୍ରତୀକ ଭାରତୀୟ ଜନତାର ନେତା ଭଗୀରଥି, ମନ୍ଦାକିନୀ, ସ୍ୱର୍ଗଙ୍ଗା, ସ୍ୱର୍ଣ୍ଣଦୀ ଓ ବିଷ୍ଣୁପଦୀ ନାମରେ ନାମିତ ପବିତ୍ର ଗଙ୍ଗାର ଧରା ପୃଷ୍ଠକୁ ଅବତରଣ, ମହା ସମନ୍ୱୟ ଦୃଶ୍ୟ ଯେପରି ଭାରତୀୟ ଭାବନା ଓ ସଂକଳ୍ପର ପ୍ରତିଷ୍ଠା କରିଛି, ସେହିପରି ତା'ର ସଂସ୍କୃତିକୁ ପ୍ରାଣବନ୍ତ ଓ ଅନବଦ୍ୟ କରି ପାରିଛି ।

ଭୌଗୋଳିକ ଦୃଷ୍ଟିରୁ ଗଙ୍ଗା :

ଗଙ୍ଗାନଦୀ ହିମାଳୟର ଗଙ୍ଗୋତ୍ରୀ ନାମକ ତୁଷାର ସ୍ରୋତ (Glacier)ରୁ ବାହାରି ଭାରତର ଗାଙ୍ଗେୟ ସମତଳକୁ ଅତିକ୍ରମ କରି ବଙ୍ଗୋପସାଗର ମହୋଦଧିରେ ବିଲୀନ ହୋଇଛି । ପ୍ରାଚୀନ କାଳରେ ଏହି ଗଙ୍ଗାନଦୀ ନ ଥିଲା କିମ୍ବା ହିମାଳୟ ମଧ୍ୟ ନ ଥିଲା । ପୃଥିବୀର ସୃଷ୍ଟି ପରେ ଭାରତର ଦାକ୍ଷିଣାତ୍ୟ ଅଞ୍ଚଳ ପ୍ରାଚୀନ ଭୂଖଣ୍ଡରେ ଏକ ଅଂଶ ଭାବେ ଥିଲା । ଏସିଆ ଓ ଦାକ୍ଷିଣାତ୍ୟ ମଝିରେ ଟେଥିସ୍ ଏକ ଅଗଭୀର ସାଗର ଥିଲା । ଭୂଗର୍ଭ ଓ ଭୂତ୍ୱକ୍‌ର ବିବର୍ତ୍ତନ ଏବଂ ପାର୍ଶ୍ୱଚାପ ଫଳରେ ହିମାଳୟର ଉତ୍ପତ୍ତି ହେଲା । ଦାକ୍ଷିଣାତ୍ୟ ମାଳଭୂମିରେ ଉତ୍ତରାଂଶ, ପଶ୍ଚିମରେ ଆରା-ବଳି ପର୍ବତ ଶ୍ରେଣୀ ଓ ଦକ୍ଷିଣରେ ବିନ୍ଧ୍ୟ ପର୍ବତ ଶ୍ରେଣୀଦ୍ୱାରା ଆବଦ୍ଧ । ଏହି ଅଂଶର ନାମ ମାଲୱା ମାଳଭୂମି । ମାଲୱା, ବୁନ୍ଦେଲ ଖଣ୍ଡ ଓ ଛୋଟ-ନାଗପୁର ମାଳଭୂମି ଏହାର ଅନ୍ତର୍ଗତ । ଏହା କ୍ରମଶଃ ଉତ୍ତର ଆଡ଼କୁ ଢାଲୁ ହୋଇ ଉତ୍ତର ଭାରତ ସମତଳ ଅଞ୍ଚଳ ସହିତ ମିଶି ଯାଇଛି । ଏହି ମାଲୱା ଏବଂ ହିମାଳୟରୁ ଆଣିତ ପଙ୍କମାଟିଦ୍ୱାରା ଉତ୍ତର ଭାରତ ସମତଳ ଭୂମି ଗଠିତ ହେଲା । ପୂର୍ବରୁ ପଶ୍ଚିମକୁ ଏହାର ଦୈର୍ଘ୍ୟ ପ୍ରାୟ ୨୫୦୦

Digitized by PPRACHIN, SOA

କ: ମି: । ହିମାଳୟର ଉତ୍ପତ୍ତି ପରେ ହିମାଳୟର ଅପରପାର୍ଶ୍ୱ କୈଳାଶ ପର୍ବତରୁ ବାହାରି ସିନ୍ଧୁ ଓ ବ୍ରହ୍ମପୁତ୍ର ଯଥାକ୍ରମେ ପଶ୍ଚିମ ଓ ପୂର୍ବକୁ ପ୍ରବାହିତ ହୋଇ ଆରବ ସାଗର ଓ ବଙ୍ଗୋପସାଗରରେ ମିଶିଯାଇଛନ୍ତି । ଗଙ୍ଗା, ଯମୁନା ଓ ସରସ୍ୱତୀ ପବିତ୍ର ତ୍ରିବେଣୀ ହୋଇ ଆରବ ସାଗରରେ ପଡୁଥିଲେ । ବର୍ତ୍ତମାନ ଗଙ୍ଗାର ଉପନଦୀ ଗୋମତୀ, ଘର୍ଘରା, ଗଣ୍ଡକ, କୋଶୀ ଓ ତିସ୍ତା ପ୍ରଭୃତି ହିମାଳୟରୁ ବାହାରି ପୂର୍ବାଭିମୁଖୀ ହୋଇ ବ୍ରହ୍ମ-ପୁତ୍ରରେ ମିଶି ଥିଲେ । କେତେକ ଭୂତତ୍ତ୍ୱବିତ୍‌ଙ୍କ ମତରେ ବ୍ରହ୍ମପୁତ୍ର ନଦୀ ପୂର୍ବକୁ ଗତି କଲା ପରେ ଆସାମ ନିକଟରୁ ପୁଣି ଥରେ ମରୁଭୂମି ଦେଇ ଆରବସାଗରରେ ମିଶିଥିଲା । ଅବଶ୍ୟ ଏହି ମତବାଦକୁ ସମ୍ପୂର୍ଣ୍ଣ ରୂପେ ଅସ୍ୱୀକାର କରି ହେବ ନାହିଁ ; କାରଣ ଉତ୍ତର-ଭାରତ ସମତଳ ଭୂମି ସେତେବେଳେ ଗଠିତ ହୋଇ ନ ଥିଲା । ବର୍ତ୍ତମାନର ବ୍ରହ୍ମପୁତ୍ର ଓ ଗଙ୍ଗାର ତ୍ରିକୋଣ ଭୂମି ଅଞ୍ଚଳ ଯଦି ପ୍ରଥମେ ପଙ୍କଦ୍ୱାରା ପୋତି ହୋଇ ପଡ଼ିଥିବ, ବ୍ରହ୍ମପୁତ୍ରର ଗତି ପଥ ନିଶ୍ଚୟ ପଶ୍ଚିମ ମୁଖୀ ହୋଇ ବର୍ତ୍ତମାନର ଆରବ ସାଗରରେ ପଡ଼ିଥିବ ।

D. N. Wadia କହିଛନ୍ତି—

"Ample evidence is found on the subject of the common ancestry of the Brahmaputra, Ganges and Indus rivers, their reversal and capture before attaining their present state which has influenced the course of Indian history many a turn and corner. It was the notable pre-historic river, named the 'Siwalik river' by pilgrim, that flowed from the head of the Sind gulf to the Punjab and thence along the foot of the embryonic Himalayan Chains through Simla and Nainital to Assam." *

---

* History & Culture of Indian People—Vol-1

Digitized by PPRACHIN, SOA

ବର୍ତ୍ତମାନ ଆଧୁନିକ ଭାରତରେ ବୈଦିକ ସିନ୍ଧୁ ଓ ଗଙ୍ଗାନଦୀର ଅବବାହିକାର ସୀମା ନିର୍ଦ୍ଧାରଣ କରିବା କଷ୍ଟକର । ଏମାନଙ୍କ ଅବବାହିକାର ଜଳ ବିଭାଜିକା ରେଖା ହରିଆନା ରାଜ୍ୟରେ ଅବସ୍ଥିତ । ଆମ୍ବାଲାଠାରେ ଏହା ସମୁଦ୍ର ପତନଠାରୁ ମାତ୍ର ୨୮୨ ମିଟର ଉଚ୍ଚ । ଏଥିରୁ ଅନୁମିତ ହୁଏ ଉତ୍ତର ଭାରତ ସମତଳ ଅଞ୍ଚଳର ଜମି ଆମ୍ବାଲାଠାରୁ ଆରବ ସାଗର ଓ ବଙ୍ଗୋପସାଗର ଆଡ଼କୁ ଧୀରେ ଧୀରେ ଢାଲୁ ହୋଇ ଯାଇଛି । ଭୂତତ୍ୱକ ବିବର୍ତ୍ତନ ଫଳରେ ଥର୍ ମରୁଭୂମି ଅଞ୍ଚଳର ଉତ୍‌ଥାନ ପରେ ଗଙ୍ଗାନଦୀ ପୂର୍ବାଭିମୁଖୀ ହୋଇ ବଙ୍ଗୋପସାଗରରେ ପଡ଼ୁଛି । †

ଭୌଗୋଳିକ ଓ ପୌରାଣିକ ସମ୍ପର୍କ :

ପୁରାଣରେ ବର୍ଣ୍ଣିତ ଅଛି, ସାଗର ବଂଶର ଦଗ୍ଧୀଭୂତ ଓ ଅଭିଶାପ-ଗ୍ରସ୍ତ ରାଜପୁତ୍ରମାନଙ୍କୁ ଉଦ୍ଧାର କରିବା ପାଇଁ ଭଗୀରଥ ଗଙ୍ଗାଙ୍କୁ ପୃଥିବୀକୁ ଆଣିଥିଲେ । ତତ୍‌ପୂର୍ବରୁ ଗଙ୍ଗା ସ୍ୱର୍ଗରେ ଥିଲେ । ଭଗୀରଥ ଯେଉଁ ସ୍ଥାନରେ ତପସ୍ୟା କରୁଥିଲେ ତାହା ବିନ୍ଦୁସର ନାମରେ ପ୍ରସିଦ୍ଧ । ହିମାଳୟର ଉତ୍‌ଥାନ ପରେ ଗଙ୍ଗାନଦୀର ସୃଷ୍ଟି । ଭଗୀରଥ ଯେତେବେଳେ ବ୍ରହ୍ମାଙ୍କୁ ଧ୍ୟାନ କରିଛନ୍ତି, ବ୍ରହ୍ମା ଗଙ୍ଗାଙ୍କର ଜନ୍ମ ବୃତ୍ତାନ୍ତ କହିଛନ୍ତି, କିପରି ଗଙ୍ଗା ଜଳକୁ ନିଜ କମଣ୍ଡଳୁ ମଧ୍ୟରେ ପୂରାଇ ଥିଲେ ଏବଂ ସେହି ଜଳ ସମୂହ ବାମନ ଅବତାରରେ ବିଷ୍ଣୁଙ୍କ ନଖ କୋଣରେ ରହିଥିଲା । ଏହାର ତାତ୍ପର୍ଯ୍ୟ ଏହି ଯେ, ପୁରାଣକାରମାନେ ଜନ ଶ୍ରୁତିରୁ ଏହି ତଥ୍ୟ

---

† ବୈଦିକ ସିନ୍ଧୁ ଓ ଗଙ୍ଗା ନଦୀର ସୀମା ନିର୍ଦ୍ଧାରଣ ପାଇଁ ମେକ୍ସମୁଲର, ଲୁଡ୍‌ୱିଗ୍, ଲାସନ୍, ହ୍ୱିଟ୍‌ନେ, ମେକ୍‌ଡୋନେଲ, କେ. ଏମ୍. ମୁନସୀ, ଆଚାର୍ଯ୍ୟ ବଳଦେବ ଉପାଧ୍ୟାୟ, ଡଃ ଏ. ସି. ଦାସ, ସାର୍ ଏ. ଷ୍ଟିନ୍, ମହାପଣ୍ଡିତ ପଣ୍ଡିତ ସାଂକୃତ୍ୟାୟନ ପ୍ରମୁଖ ଆଲୋଚନା କରିଛନ୍ତି । ଏ ସମ୍ପର୍କରେ ଡଃ କୈଳାସନାଥ ଦ୍ୱିବେଦୀଙ୍କ ଲିଖିତ 'ଋଗ୍‌ବୈଦିକ ଭୂଗୋଳ' ଏକ ଗବେଷଣା ମୂଳକ ଗ୍ରନ୍ଥ । ଋଗ୍‌ବେଦର ଆଧାର ଉପରେ ଋଗ୍‌ବେଦ କାଳୀନ ଭୌତିକ ଭୂଗୋଳ ତଥା ଆର୍ଥିକ, ସାଂସ୍କୃତିକ, ରାଜନୈତିକ ଓ ଧାର୍ମିକ ଜୀବନ ସମ୍ପର୍କରେ ଏଥିରେ ଆଲୋଚନା କରାଯାଇଛି । ତାଙ୍କଦ୍ୱାରା ଅଙ୍କିତ ମାନଚିତ୍ରର ଅବଲମ୍ବନରେ ଏଠାରେ ଦିଆଯାଇଥିବା ମାନଚିତ୍ରରୁ ବୈଦିକ ସିନ୍ଧୁ, ଗଙ୍ଗା ତଥା ଅନ୍ୟାନ୍ୟ ନଦୀମାନଙ୍କ ସମ୍ପର୍କରେ ଜଣାପଡ଼େ ।

Digitized by PPRACHIN, SOA



୧। ସରସୁତୀ (ସରସ୍ୱତୀ) ୨। ବିପାଶ (ବ୍ୟାସ) ୩। ପରୁଷ୍ଣୀ (ରାବୀ=ଇରାବତୀ) ୪। ଅସିକ୍ନୀ (ଚେନାବ୍) ୫। ବିତସ୍ତା (ଝେଲମ୍) ୬। ସିନ୍ଧୁ ୭। ଗୋମତୀ (ଝୋବ୍) ୮। କୁଭା (କାବୁଲ) ୯। ସରଜୁ (ହରିରୁଦ ଆଲ୍ଗର) ୧୦। କୁନାର ୧୧। ସୀତା ୧୨। ସୁବାସ୍ତୁ ୧୩। ଅନଢକ୍ଷ ୧୪। ଶ୍ୱେତୀ ୧୫। ଶୁତୁଦ୍ରୀ (ସତ୍‌ଲେଜ୍) ୧୬। ଅକ୍ଷର ୧୭। ଆପୟା ୧୮। ଅନୁସୀତା ୧୯। ଦୃଶଦ୍‌ବତୀ ୨୦। ରକା (ରକସୀ) ୨୧। ସିଫା ୨୨। କୁଲସୀ ୨୩। ଯମୁନା ୨୪। ଗଙ୍ଗା ୨୫। ଅର୍ବାବତ ସମୁଦ୍ର (ପୂର୍ବ) ୨୬। ଦ୍ୱୀପ ୨୭। ପରାବତ ସମୁଦ୍ର (ପଶ୍ଚିମ) ୨୮। ସାରସତ ସମୁଦ୍ର (ଦକ୍ଷିଣ) ୨୯। ବିନ୍ଧ୍ୟ ପର୍ବତମାଳା।

Digitized by PPRACHIN, SOA

ସଂଗ୍ରହ କରି ଥିବେ । ଗଙ୍ଗା ପାର୍ବତ୍ୟ ଶଯ୍ୟା ତ୍ୟାଗ କରି ଉତ୍ତର ଭାରତର ସମତଳ ଭୂମିକୁ ଆସିବା ପୂର୍ବରୁ ଏକ ପର୍ବତ କୋଠରେ ମଧ୍ୟରେ ଗଣ୍ଡ ସୃଷ୍ଟି କରି ତା'ର ସମସ୍ତ ଜଳ କୌଣସି ଏକ ସ୍ତର ସ୍ତର ଶିଳା ମଧ୍ୟରେ ନିର୍ଗତ ହୋଇଥିବ । ଯୁକ୍ତରାଷ୍ଟ୍ର ଆମେରିକା କଲରାଡ଼ୋ ନଦୀରେ ଗ୍ରାଣ୍ଡ କେନଅନ (Grand Canyon) ଗଣ୍ଡ ଏବଂ ଓଡ଼ିଶାର ସାତ କୋଶିଆ ଗଣ୍ଡ ଏହାର ଉଦାହରଣ । ଉତ୍ତର ଭାରତରେ ସମତଳ ଅଞ୍ଚଳ ହିମାଳୟର ମୃତ୍ତିକା ଏବଂ ଶିଳା କ୍ଷୟ ହୋଇ ତାର ପଟୁ ମାଟିଦ୍ୱାରା ଗଠିତ ହୋଇଛି । ଏପରି ଅନେକ ସ୍ଥାନ ଅଛି ଯେଉଁଠାରେ ଉପରେ ସ୍ଥଳଭାଗ ଶୁଷ୍କ ଦିଶୁଥିବ କିନ୍ତୁ ତାର ତଳେ ଗଙ୍ଗାନଦୀ ମାଇଲ ମାଇଲ ଧରି ନିମ୍ନଭାଗରେ ଗଡ଼ି କରି ପୁଣି ବିଭିନ୍ନ ଝର ସୃଷ୍ଟି କରି ଗତି କରିଥିବ । ବର୍ତ୍ତମାନ ହିମାଳୟ ପାଦଦେଶରେ ତରାଇ ଅଞ୍ଚଳ ଏହାର ଉଦାହରଣ । ଶିବପୁରାଣରେ ବର୍ଣ୍ଣନା ଅଛି—

"ନଖର ବିଘାତ ଯୋଗେ ଫାଟି କମଣ୍ଡଳ ।
ବାମନ ପଦ୍ମରେ ପଡ଼ିଲା ସେ ଗଙ୍ଗାଜଳ ॥
ପଡ଼ିବା ତକ୍ଷଣେ ହୋଇଲା ନଖ କୋଣେ ଗୁପ୍ତ ।
କେବଳ ଗୋଟିଏ ବିନ୍ଦୁ ତହିଁ ହୋଇ ଚ୍ୟୁତ ॥
ମେରୁ ଶିଖେ ଅଛି ଉଗ୍ର ଭାବ କରି ତେଜ୍ୟା ।
ସେ ଜଳକୁ ଦେବଗଣ କରୁଛନ୍ତି ପୂଜା ॥
ସ୍ୱର୍ଗଙ୍ଗା ବୋଲିଣ ନାମ ଅଟଇ ତାହାର ।
ପାତାଳରେ ସ୍ରବ ବହୁ ଅଛି ଏକ ଧାର ॥

(ଶିବ ପୁରାଣ, ୨ୟ ଖଣ୍ଡ)

ପୁରାଣକାର ଗଙ୍ଗାଙ୍କର ପ୍ରାକ୍ କାଳୀନ ଅବସ୍ଥା ସୁନ୍ଦର ରୂପେ ଦର୍ଶାଇଛନ୍ତି । ନଖ କୋଣେ ଗୁପ୍ତ ହେବା ଅର୍ଥ ବିରାଟ ଗଣ୍ଡରେ ସ୍ତର ସ୍ତର ବାଲିଗରଡ଼ା-ଶିଳା ଓ ବାଲୁକା ମଧ୍ୟରେ ଗୁପ୍ତ ହେଲେ ମଧ୍ୟ ଉପରେ କିଛି ଅଂଶ 'ଗୋଟିଏ ବିନ୍ଦୁ ତହିଁ ହୋଇ ଚ୍ୟୁତ' ପ୍ଲାବିତ ହେଉଥିଲା, ଯାହାକୁ ଲୋକ ମାନେ ପୂଜା କରୁଥିଲେ । ଏବଂ ଶିଳା ଓ ବାଲୁକା ସ୍ତରରେ ଯାହା ଗୁପ୍ତ ହୋଇ ଥିଲା ତାହାକୁ 'ପାତାଳରେ ସ୍ରବ ବହୁ ଅଛି ଏକ ଧାର' କହୁଥିଲେ ।

Digitized by PPRACHIN, SOA

ପ୍ରାକ୍ କାଳୀନ ଗଙ୍ଗା ଆଧୁନିକ ହରିୟାନା ରାଜ୍ୟରେ ଜଳବିଭାଜିକା ରେଖାକୁ ଅତିକ୍ରମ କରି ପଶ୍ଚିମାଭିମୁଖୀ ହୋଇ ଆରବ ସାଗର ଦିଗରେ ଧାବମାନ ହେଉଥିବା ସମୟରେ ପ୍ରାଚୀନ ଇଞ୍ଜିନିୟର ଭଗୀରଥ ବୈଦିକ ମାନବ, ଦ୍ରାବିଡ଼ ଏବଂ ବୈଷ୍ଣବମାନଙ୍କ ପ୍ରଣାଳୀ ସହଯୋଗରେ ଜଳବିଭାଜକ ରେଖା ଅତିକ୍ରମ କରି ଏକ କେନାଲ ବା ପ୍ରଣାଳୀ ଖୋଳାଇ ବର୍ତ୍ତମାନର ଗାଙ୍ଗେୟ ସମତଳରେ ପକାଇଥିଲେ, ଯାହାକି ବର୍ତ୍ତମାନର ପ୍ରଧାନ ସ୍ରୋତ ହୋଇ ପୂର୍ବଦିଗାଭିମୁଖୀ ହୋଇ ଧାବମାନ ଏବଂ ତା'ର ପଶ୍ଚିମାଭିମୁଖୀ ସ୍ରୋତଟି କାଳର କରାଳ ବିବର୍ତ୍ତନରେ ବିଲୀନ ହୋଇଯାଇଛି । ଶିବ ପୁରାଣରେ ବର୍ଣ୍ଣିତ ଅନ୍ତର୍ବେଦୀଠାରୁ ପଶ୍ଚିମ ଧାରଟି ଥାଇପାରେ ।

"ଅନ୍ତର୍ବେଦୀ ବୋଲି ଥିଲା ପୁଣ୍ୟ ସ୍ଥାନ ଗୋଟି
ସେଠାରେ କାଳନ୍ଦୀ ସଙ୍ଗତରେ ଗଙ୍ଗା ଭେଟି
ଦୁହେଁ ଏକ ସଙ୍ଗ ହୋଇ ପଶ୍ଚିମକୁ ଗଲେ
ତା' ଦେଖନ୍ତେ ଭଗୀରଥ ବିସ୍ମୟ ହୋଇଲେ ॥"

(ଶିବ ପୁରାଣ ୨ୟ ଖଣ୍ଡ)

ହରିଶଙ୍କର କ୍ଷେତ୍ରରେ ଥିବା ଧରା ପୃଷ୍ଠକୁ ଜାହ୍ନବୀ ଅବତରଣ ଚରିତ ପ୍ରାଚୀନ ଇଞ୍ଜିନିୟର ଏବଂ ପ୍ରଶାସନିକ ଭଗୀରଥ ଜାତି ଧର୍ମ ନିର୍ବିଶେଷରେ ସବୁ ଧର୍ମବାଦର ଲୋକମାନଙ୍କର ସହଯୋଗରେ ପ୍ରାକ୍-କାଳୀନ ଗଙ୍ଗାଙ୍କର ଗତିପଥ ବଦଳାଇ ଚିର ମରୁଡ଼ି ପ୍ରପୀଡ଼ିତ ଅଯୋଧ୍ୟାକୁ ଉର୍ବର ଶସ୍ୟଶ୍ୟାମଳା ଏବଂ ଋଦ୍ଧିମନ୍ତ କରି ପାରିଥିଲେ । ଭାରତର ଉତ୍ତର-ପଶ୍ଚିମର ବ୍ରହ୍ମାବର୍ତ୍ତରେ ବୈଦିକ ଆର୍ଯ୍ୟ ବିନ୍ଧ୍ୟାଚଳରେ, ଦ୍ରାବିଡ଼ ଓ ପୂର୍ବ ଭାରତରେ ବ୍ରାତ୍ୟମାନେ ଭାରତର ଭୌଗୋଳିକ ପ୍ରକୃତିକୁ ବଦଳାଇ ପାରିଛନ୍ତି । ସେହିପରି ପବିତ୍ର ଗଙ୍ଗା ଭାରତୀୟ ସଂସ୍କୃତିକୁ ପ୍ରାଣବନ୍ତ ଓ ଅନବଦ୍ୟ କରିପାରିଛି ।

ତ୍ରିବେଣୀ :

ପୁରାଣକାରମାନେ ଗଙ୍ଗା, ଯମୁନା ଓ ସରସ୍ୱତୀ ଏକ ଓ ଅଭିନ୍ନ ଭାବେ ପ୍ରତିପାଦନ କରିଛନ୍ତି । ଶିବ ପୁରାଣରେ ଭଗୀରଥ ଗଙ୍ଗାଙ୍କୁ ସ୍ତୁତି

Digitized by PPRACHIN, SOA

କରି, 'ନମସ୍ତେ ଯମୁନା ମା'ଗୋ ଗଙ୍ଗା, ସରସ୍ୱତୀ—ତୁମ୍ଭେ ତିନ ମୂର୍ତ୍ତି କେବେ ନୁହଁ ଭିନ୍ନ ଭିନ୍ନ' ଇତ୍ୟାଦି କହିଛନ୍ତି । ଯମୁନା ନଦୀ ହିମାଳୟର ଯମୁନୋତ୍ରୀ ନାମକ ତୁଷାର ସ୍ରୋତରୁ ଜନ୍ମ ନେଇଛି । ଯମୁନୋତ୍ରୀର ତୁଷାର ସ୍ରୋତ ନିକଟରେ ବହୁ ଉଷ୍ଣ ପ୍ରସ୍ରବଣ ରହିଛି । ତୀର୍ଥଯାତ୍ରୀମାନେ ଉଷ୍ଣ ପ୍ରସ୍ରବଣର ଜଳ ସହିତ ତୁଷାର ଜଳକୁ ମିଶ୍ରିତ କରି ସ୍ନାନ କରନ୍ତି । ଯମୁନା ନଦୀ ରାଜଧାନୀ ଦିଲ୍ଲୀ ନଗରୀ ଦେଇ ପ୍ରବାହିତ ହୋଇ ଗଙ୍ଗା ସହିତ ପ୍ରୟାଗ ନିକଟରେ ମିଳିତ ହୋଇଛି । କିନ୍ତୁ ସରସ୍ୱତୀ ନଦୀଟି କାହିଁ ?

ଯେଉଁ ସରସ୍ୱତୀ ନଦୀର ବୀଣା ଝଙ୍କାର ସଙ୍ଗୀତ କୁହୁ କୁହୁ ତାନ ଆର୍ଯ୍ୟ ଋଷିମାନଙ୍କ ହୃଦୟକୁ ଉଲ୍ଲସିତ କରୁଥିଲା, ଯେଉଁ ସରସ୍ୱତୀ କୂଳରେ ସେମାନେ କବି ପ୍ରତିଭାର ସନ୍ଧାନ ପାଇଥିଲେ, ମନ୍ତ୍ରଦ୍ରଷ୍ଟା ଆର୍ଯ୍ୟ ଋଷି ଯେଉଁ ନଦୀ କୂଳରେ ନିଜ ନିଜର ଚିନ୍ତା ପ୍ରକାଶ କରି ବୈଦିକ ସୂକ୍ତ ରଚନା କରିଥିଲେ, ସେହି ନଦୀ ଆଜି ବିଲୁପ୍ତ । ଆର୍ଯ୍ୟମାନେ ସରସ୍ୱତୀ ନଦୀର ଅନ୍ତର୍ଦ୍ଧାନରେ ଶୋକାଭିଭୂତ ହୋଇ ତାହାକୁ ସମଗ୍ର ଭାରତବର୍ଷରେ ଖୋଜିଛନ୍ତି ; କିନ୍ତୁ ନିଷ୍ଫଳ ଏ ପରିକଳ୍ପନା ! ନିଷ୍ଫଳ ତାଙ୍କ ଯାତ୍ରା ! ! ଭୂତ୍ତ୍ୱକର ବିବର୍ତ୍ତନ ଫଳରେ ଯେଉଁଠାରେ ଜଳପୂର୍ଣ୍ଣ ନଦୀ ପ୍ରବାହିତ ହେଉଥିଲା, ସେଠାରେ ଶୁଷ୍କ ଉଚ୍ଚ ଭୂମି ଦେଖାଦେଲା । ଏପରିକି ଧରା ପୃଷ୍ଠରେ ଏହି ପବିତ୍ର ନଦୀର ସତ୍ତା ରହିଲା ନାହିଁ ।

R. C. Majumdar ଲେଖିଛନ୍ତି, We can still trace some of its old beds like the Saraswati which was dried up in the 16th or 17th century." ❊

ବୈଦିକ ସାହିତ୍ୟରେ ସରସ୍ୱତୀ ନଦୀର ବହୁଳ ଉଲ୍ଲେଖ ଅଛି । ଆମେ ପ୍ରାଚୀନ ସାହିତ୍ୟ ଋକ୍‌ବେଦରେ ଦେଖିବାକୁ ପାଉ । ସରସ୍ୱତୀର ଆଭିଧାନିକ ଅର୍ଥ ହେଉଛି ଜଳପୂର୍ଣ୍ଣ ବା ହ୍ରଦପୂର୍ଣ୍ଣ । ଏହି ନଦୀର ଜଳ ସ୍ୱଚ୍ଛ, ଶୁଭ୍ର ଓ ପ୍ରଖର । କଥିତ ଅଛି, ହିମାଳୟର ପ୍ଲକ୍ଷ ପ୍ରସ୍ରବଣରୁ ଏହି ନଦୀ ଜନ୍ମ ହୋଇ ଉତ୍ତର କୁରୁର ମେରୁବୃଷ୍ଟ

❊ History & Culture of Indian People—Vol. I Page 95

Digitized by PPRACHIN, SOA

ପର୍ବତ ଓ ବ୍ରହ୍ମାବର୍ତ୍ତ ମଧ୍ୟ ଦେଇ ବହିଯାଉଥିଲା । ଏହି ବ୍ରହ୍ମାବର୍ତ୍ତ ଅଞ୍ଚଳ ସରସ୍ୱତୀ ନଦୀ ଓ ଦୃଷଦ୍‌ବତୀ ନଦୀ ଦ୍ୱୟର ମଧ୍ୟବର୍ତ୍ତୀ ଅଞ୍ଚଳକୁ କୁହାଯାଉଥିଲା ।

ସରସ୍ୱତୀ ଦୃଷଦ୍‌ବତ୍ୟୋର୍ଦ୍ଦେବନଦ୍ୟୋ ଯଦନ୍ତରଂ
ତଂ ଦେବ ନିର୍ମିତଂ ଦେଶଂ ବ୍ରହ୍ମାବର୍ତ୍ତଂ ପ୍ରଚକ୍ଷତେ ॥

(୧୭।୨ ମନୁସ୍ମୃତି)

ଅର୍ଥାତ୍ ସରସ୍ୱତୀ ଓ ଦୃଷଦ୍‌ବତୀ ଏହି ଦେବ ନଦୀଦ୍ୱୟ ମଧ୍ୟରେ ଯେଉଁ ଦେବନିର୍ମିତ ଦେଶ ଅଛି ତାହାକୁ ବ୍ରହ୍ମାବର୍ତ୍ତ କହନ୍ତି ।

ହିମବଦ୍ ବିନ୍ଧ୍ୟୟୋର୍ମଧ୍ୟଂ ଯତ୍ ପ୍ରାଗ୍‌ବିନଶନାଦପି
ପ୍ରତ୍ୟଗେବ ପ୍ରୟାଗାଚ୍ଚ ମଧ୍ୟଦେଶଃ ପ୍ରକୀର୍ତ୍ତିତଃ ॥

(୨୧।୨ ମନୁସ୍ମୃତି)

ଅର୍ଥାତ୍ ହିମାଳୟ ଓ ବିନ୍ଧ୍ୟାଚଳ ମଧ୍ୟରେ ଯେ, ସରସ୍ୱତୀର ପୂର୍ବ ଓ ପ୍ରୟାଗର ପଶ୍ଚିମରେ ଦେଶ ଅଛି ତାହାକୁ ମଧ୍ୟଦେଶ କହନ୍ତି । ଅର୍ଥାତ୍ ବ୍ରହ୍ମାବର୍ତ୍ତର ପୂର୍ବରେ ମଧ୍ୟଦେଶ ବର୍ତ୍ତମାନ ଗଙ୍ଗା ନଦୀ ବହୁଅଛି । କିନ୍ତୁ ଏହି ସରସ୍ୱତୀ ନଦୀର ବିଲୋପ ପରେ ପୁଣି କାର୍ତ୍ତିକ ଭାରତୀୟ ପ୍ରାଣରେ ସରସ୍ୱତୀ ପୂଜା ? A. D. Pusalkar କହିଛନ୍ତି—ବର୍ତ୍ତମାନ କିଛି ଅଂଶ ପ୍ଳକ୍ଷ ପ୍ରସ୍ରବଣଠାରେ ଦେଖାଗଲେ ମଧ୍ୟ ଏହା ପୁନର୍ବାର ଲୁପ୍ତ । "The most striking fact is the disappearance of the Saraswati. The place where the river vanished in the desert is known as Vinasana (Patiala) District and its reappearance at Plaksha Prasravana at a distance of forty four days journey from Vinasana." ❊

ସରସ୍ୱତୀ ନଦୀ ଅନ୍ତଃସଲିଳା ଭାବରେ ଗଙ୍ଗା ଓ ଯମୁନା ସହିତ ପ୍ରୟାଗରେ ମିଳିତ ହୋଇଛି । ଏହି ମିଳନ ସ୍ଥଳୀ ପ୍ରୟାଗ ତୀର୍ଥ ପ୍ରତ୍ୟେକ ଭାରତୀୟଙ୍କ ପକ୍ଷେ ପବିତ୍ର ଏବଂ ଏହାର ତୀର୍ଥୋଦକ ପାନ କରି

❊ The History & Culture of the Indian People, Vol. I, Page 255.

Digitized by PPRACHIN, SOA

ଆମ୍ଭେମାନେ କୃତକୃତ୍ୟ ହୋଇଥାଉଁ । ମୃତ୍ୟୁ ପରେ ପାରଲୌକିକ ଶାନ୍ତି ପାଇଁ ପିତାମାତାଙ୍କର ଅସ୍ଥି ଏହିଠାରେ ବିସର୍ଜନ କରାଯାଏ । ସେଥିପାଇଁ ଆମ ସମାଜରେ କୁମ୍ଭ ମେଳା ଓ ତ୍ରିବେଣୀ ଅମାବାସ୍ୟାରେ ତ୍ରିବେଣୀ ସ୍ନାନ କେଉଁ ପୁରାତନ କାଳରୁ ପ୍ରଚଳିତ । *

ହରିଶଙ୍କରର ଧରା ପୃଷ୍ଠକୁ ଜାହ୍ନବୀ ଅବତରଣର ଦୃଶ୍ୟ ଭାରତୀୟ ସମନ୍ୱିତ ସଂସ୍କୃତିର ପବିତ୍ର ତ୍ରିବେଣୀପରି । ବେଦର ଜନୟିତ୍ରୀ ରୂପେ ସରସ୍ୱତୀ ନଦୀ ଯେପରି ସମ୍ମାନିତା, ମାନବବାଦୀ ଉପନିଷଦର ଜନନୀ ରୂପେ ଗଙ୍ଗା ନଦୀ ଆମର ନମସ୍ୟା, ପ୍ରେମ ଓ ଭକ୍ତିର ପ୍ରତିମୂର୍ତ୍ତି ହେଉଛି ଯମୁନା । ଭାରତରେ ଜ୍ଞାନ, କର୍ମ ଓ ଭକ୍ତିର ଅପୂର୍ବ ମିଳନ ଘଟିଛି ଏବଂ ବିଭିନ୍ନ ଧର୍ମ ସମ୍ପ୍ରଦାୟ ତଥା ଆଦିବାସୀ ସଂସ୍କୃତିର ଏହା ଏକ ସମନ୍ୱୟର ପ୍ରତିମୂର୍ତ୍ତି । ପ୍ରତ୍ୟେକ ମୂର୍ତ୍ତି ଅନ୍ୟର ପରିପନ୍ଥୀ ନ ହୋଇ ପରିପୂରକ ହୋଇଛି । ଏହି ସମ୍ମିଳିତ ମୂର୍ତ୍ତି ଯୁଗ ଯୁଗ ଧରି ଭାରତୀୟ ସଂସ୍କୃତିକୁ ତା'ର ଖୋରାକ ଯୋଗାଇବା ସଙ୍ଗେ ସଙ୍ଗେ ଭାରତୀୟ ଚେତନାର ସମନ୍ୱୟର ପ୍ରତୀକ ହୋଇ ରହିବ ।

---

* ଗଙ୍ଗାକୁ ଯେ ହିନ୍ଦୁମାନେ ଖାଲି ଅମୃତା, ଅଶୋକା, ଅମୃତୋଦକା, ଅମନ୍ଦା, ଅସୁଦା ଓ ଆରୋଗ୍ୟଦା ଭାବେ ଗ୍ରହଣ କରନ୍ତି, ତା ନୁହେଁ । ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ରୋମରେ ଭିରଜିଲ୍ ଓ ଓଭିଡ଼ ଏହାର ପ୍ରଶଂସା କରିଥିଲେ । ଷୋଡ଼ଶ ଶତାବ୍ଦୀରେ ପିଆଜା ନାଭୋନାଠାରେ ଗିଆନ୍ ଲୋରେଞ୍ଜୋଙ୍କଦ୍ୱାରା ନିର୍ମିତ ଚତୁଃନଦୀ ଝରଣାରେ ଗଙ୍ଗ, ଦାନ୍ୟୁବ, ରିଓ ଡ଼ି-ଲା-ପ୍ଲାଟା ଓ ନୀଳନଦୀର ସମ୍ମିଶ୍ରଣ କରାଇଛନ୍ତି । ୧୬୮୧ ରେ ତିନିଜଣ ଫରାସୀ ପର୍ଯ୍ୟଟକ ସ୍ୱିଡେନର ଲିଥିନାଠାରେ ଗଙ୍ଗାର ମହତ୍ତ୍ୱ ଲିପିବଦ୍ଧ କରିଛନ୍ତି । ୧୬୧୨ ରୁ ୧୬୧୭ ମଧ୍ୟରେ Thomas Coryat ଭାରତ ଭ୍ରମଣ କରି ଜାହାଙ୍ଗୀରଙ୍କୁ ଜଣାଇଥିଲେ ଯେ, ବିଶ୍ୱର ପବିତ୍ରତମ ନଦୀ ଗଙ୍ଗା ଦର୍ଶନ ହିଁ ତାଙ୍କ ଭାରତ ଭ୍ରମଣର ଅନ୍ୟତମ ମୁଖ୍ୟ ଉଦ୍ଦେଶ୍ୟ । ଖ୍ରୀ: ୬୪୩ ରେ ଚୀନ ପରିବ୍ରାଜକ ହୁଏନ୍‌ସାଂ ମଧ୍ୟ ଗଙ୍ଗା ନଦୀର ପବିତ୍ରତା ପରୀକ୍ଷା କରିଥିଲେ । ଆବୁଲ୍ ଫଜଲଙ୍କ ଲିଖିତ ଆଇନ୍-ଇ-ଆକବରୀରୁ ଜଣାପଡ଼େ ଯେ, ସମ୍ରାଟ ଆକବର ପ୍ରତ୍ୟହ ଗଙ୍ଗାଜଳ ହିଁ ପାନ କରୁଥିଲେ । ଇଂରେଜ ପର୍ଯ୍ୟଟକ Edward Tarry Joannes de. Taet ଙ୍କ ଅନୁସାରେ ଜାହାଙ୍ଗୀର ମଧ୍ୟ ପ୍ରତ୍ୟହ ଗଙ୍ଗାଜଳ ପାନ କରୁଥିଲେ । ଏପରିକି ରାଜଧାନୀରେ ଥିଲାବେଳେ ତଥା ରାଜଧାନୀରୁ ବାହାରକୁ ଗଲାବେଳେ ମଧ୍ୟ ସମ୍ରାଟ ଆଓରଙ୍ଗଜେବ ଗଙ୍ଗାଜଳ ବ୍ୟବହାର କରୁଥିବା କଥା ଫରାସୀ ପର୍ଯ୍ୟଟକ Bernier ଓ Jean de Theverot ଲେଖିଛନ୍ତି ।

Digitized by PPRACHIN, SOA

ଶ୍ରୀ ହରଶଙ୍କର ସୂଚୀ ମାନଚିତ୍ର



Digitized by PPRACHIN, SOA

ଶ୍ରୀ ହରଶଙ୍କର ବ୍ୟାଖ୍ୟା ମାନଚିତ୍ର (ବେଢ଼ା ପରିକ୍ରମା)



Digitized by PPRACHIN, SOA

ତ୍ରୟୋଦଶ ପରିଚ୍ଛେଦ

ହରିଶଙ୍କର ବେଢ଼ା ପରିକ୍ରମା

(1) ହରିଶଙ୍କର ମନ୍ଦିର, (2) ଭୈରବୀ ମନ୍ଦିର, (3) ପାଦୁକା ମହାଦେବ, (4) ଜଟେଳେଶ୍ୱର ଶିବ, (5) ଭୁବନେଶ୍ୱର ଶିବ, (6) ଜାହ୍ନବୀ ଧରା ପୃଷ୍ଠକୁ ଅବତରଣ, (7) ଦଧି ବାମନ, (8) ରାମ ମନ୍ଦିର, (9) ବୁଦ୍ଧ ଦେବ, (10) ଲକ୍ଷ୍ମୀ ମନ୍ଦିର, (11) ବିନ୍ଧ୍ୟବାସିନୀ ଦୁର୍ଗା, (12) ସେବାୟତ ଗୃହ, (13) ବିଶ୍ରାମ ସ୍ଥଳୀ, (14) ରୋଷେଇ ଘର, (15) ଟ୍ରଷ୍ଟ ବୋର୍ଡର କାର୍ଯ୍ୟାଳୟ, (16) ଧର୍ମଶାଳା, (17) ପୋଲିସ ଫାଣ୍ଡି, (18) କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, (19 ଉଦ୍ୟାନ, 20) ସର୍ଲା ପଥର, (21) ଜଳ-ଭଣ୍ଡାର, (22) ହରିଶଙ୍କର ଝରଣା, (23) ଖପରାଖୋଲକୁ ରାସ୍ତା, (24) ମୁଖ୍ୟ କେନାଲ, (25) ବଣ ଭୋଜି ସ୍ଥଳ, (26) ମୁଖ୍ୟ ଫାଟକ, (27) ଭଣ୍ଡାର ଘର, (28) ଫଗୁ ମଣ୍ଡପ, (29) ଚଢ଼ଆ ଖାନାକୁ ରାସ୍ତା, (30) ଗନ୍ଧ ମାର୍ଦ୍ଦନ ପର୍ବତ ମାଳା, (31) ହରିଣ ଉଦ୍ୟାନକୁ ରାସ୍ତା, (32) ସ୍ନାନ ପାର୍କ, (33) ଯାନ ବାହନ ରଖିବା ସ୍ଥଳୀ ।

Digitized by PPRACHIN, SOA

ଚତୁର୍ଦ୍ଦଶ ପରିଚ୍ଛେଦ

ଶ୍ରୀ ହରିଶଙ୍କରଙ୍କର ଦୈନିକ ନୀତି ନିର୍ଘଣ୍ଟ

ହରିଶଙ୍କର ମନ୍ଦିରରେ ଦୈନିକ ନୀତି ନିର୍ଦ୍ଦିଷ୍ଟ ସମୟମାନଙ୍କରେ ପାଳିତ ହୁଏ । ସାଧାରଣ ଦିନମାନଙ୍କରେ ସକାଳ ୫ ଘଣ୍ଟା ଠାରୁ ରାତି ୯ ଘଣ୍ଟା ପର୍ଯ୍ୟନ୍ତ ଦୈନିକ ନୀତି ଚାଲୁ ରହେ । ପର୍ବପର୍ବାଣୀ ଦିନରେ ରାତିରେ ପହୁଡ଼ ପଡ଼େ ନାହିଁ ।

ସକାଳ ୫ଘଣ୍ଟା ......କବାଟ ଫିଟା ବା ଠାକୁରଙ୍କ ପହଡ଼ ଭଙ୍ଗ
,, ଘ ୫.୩୦ମି:......ପାହାନ୍ତ ଅବକାଶ
,, ଘ ୬ଣ୍ଟା ......ସକାଳ ଧୂପ ବା ମଙ୍ଗଳ ଆରତି
,, ଘ ୬.୩୦ମି:......ବାଳ ଭୋଗ

ସକାଳ ୭.୦୦ ଠାରୁ ସକାଳ ୧୨.୦୦ ପର୍ଯ୍ୟନ୍ତ	ସାଧାରଣ ମେଳା ବା ସର୍ବସାଧାରଣଙ୍କ ଦର୍ଶନ ପାଇଁ ମନ୍ଦିର ଖୋଲା ।

ଘ: ୧୨.୩୦ମି:........ଅନ୍ନ ଭୋଗ ଲାଗିଲା ପରେ ପହୁଡ଼ ପଡ଼େ ।

ଅପରାହ୍ନ ୧.୦୦ ଠାରୁ ସନ୍ଧ୍ୟା ୬.୦୦ ପର୍ଯ୍ୟନ୍ତ	ସାଧାରଣ ମେଳା ବା ଦର୍ଶନ

Digitized by PPRACHIN, SOA

ଘ: ୭·୦୦.........ସନ୍ଧ୍ୟା ଧୂପ ବା ସନ୍ଧ୍ୟା ଆରତି
ଘ: ୭.୩୦ମି: ......ସାନ୍ଧ୍ୟ ବାଳ ଭୋଗ

ରାତ୍ର ଘ: ୭·୩୦ରୁ
ଘ: ୯·୦୦ ପର୍ଯ୍ୟନ୍ତ } ସାହାଣ ମେଲା ବା ଦର୍ଶନ

ରାତ୍ର ଘ: ୯·୦୦ ...ପହୁଡ଼ (ସାଧାରଣ ଦିନମାନଙ୍କରେ)
ପର୍ବ ଦିନମାନଙ୍କରେ ପହୁଡ଼ ପଡ଼େ ନାହିଁ ।

ଦୈନିକ ନୀତି

(୧) କବାଟଫିଟା (ପହୁଡ଼ଭଙ୍ଗ) :

ସକାଳ ପାଞ୍ଚ ଘଟିକା ସମୟରେ ଠାକୁରଙ୍କ ନିଦ୍ରାଭଙ୍ଗ କରିବାକୁ ଶଙ୍ଖଧ୍ୱନି ହୋଇ ଗର୍ଭଗୃହ କବାଟ ଫିଟାଯାଏ ।

(୨) ପାହାନ୍ତ ଅବକାଶ :

ସକାଳ ଘ ୫.୩୦ମିନିଟରୁ ୬·୦୦ ଘଣ୍ଟା ପର୍ଯ୍ୟନ୍ତ ଠାକୁରଙ୍କର ବେଶ ଓଲଗି ବା ମଇଲମ ହୁଏ ।

ପୂର୍ବ ରାତିର ସିଂହାର ବେଶ ଓଲଗି କରି ପରବର୍ତ୍ତୀ ଅବକାଶ ନୀତି ଗ୍ରହଣ କରାଯାଏ । ଠାକୁରଙ୍କ ଦନ୍ତ ମାର୍ଜନ, ସ୍ନାନ ବିଧି କରାଯାଏ । ଭିତର-ଦେଉଳ ଶୋଧ ହୁଏ । ଅବକାଶ ନୀତି ସରିଲା ପରେ ଠାକୁରଙ୍କୁ ତଡ଼ପ (ଜଳକ୍ଲିଷ୍ଟ ବସ୍ତ୍ର ପରିଧାନ) ଓ ଫୁଲ, ଚନ୍ଦନ ଆଦି ଲାଗି କରା ହୁଏ । ଅଳଙ୍କାର (ରୌପ୍ୟ) ପିନ୍ଧାଯାଏ ।

(୩) ମଙ୍ଗଳ ଆରତୀ :

ସକାଳ ଘ: ୬.୦୦ରେ ଠାକୁର ଶ୍ରୀହରିଶଙ୍କରଙ୍କର ପ୍ରଥମ ବନ୍ଦାପନା ହୁଏ । ଏହାକୁ ମଙ୍ଗଳ ଆରତି କୁହାଯାଏ । ଷୋଡ଼ଶ ଉପଚାରରେ ପୂଜା ହୁଏ । ଏହି ପୂଜାରେ ତୁଳସୀ ଓ ବେଲପତ୍ର ଉଭୟ ଲାଗେ ।

Digitized by PPRACHIN, SOA

(୪) ବାଲ ଭୋଗ :

ସକାଳ ଘ: ୬.୩୦ ମିନିଟରେ ବାଲ ଭୋଗ ଲାଗି ହୁଏ । ଏହା ହେଉଛି ଠାକୁରଙ୍କର ପ୍ରଥମ ଭୋଗ ।

(୫) ସାହାଣ ମେଳା :

ସକାଳ ଘ: ୭.୦୦ ଠାରୁ ଦିନ ୧୨.୦୦ ପର୍ଯ୍ୟନ୍ତ ଏବଂ ଅପରାହ୍ଣ ଘ ୧.୦୦ ଠାରୁ ସନ୍ଧ୍ୟା ୬.୦୦ ପର୍ଯ୍ୟନ୍ତ ଏବଂ ସନ୍ଧ୍ୟା ଘ: ୬.୩୦ଠାରୁ ରାତ୍ର ୯.୦୦ ପର୍ଯ୍ୟନ୍ତ ସାହାଣ ମେଳା ବା ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ମନ୍ଦିର ଖୋଲା ରହେ ।

(୬) ମଧ୍ୟାହ୍ନ ଭୋଗ :

ମଧ୍ୟାହ୍ନ ଘ: ୧୨.୩୦ ମିନିଟରେ ଅନ୍ନଭୋଗ ଲାଗି ହୁଏ । ଏଥିରେ ଭାତ, ଡାଲି, ତରକାରୀ, ଭଜା ଇତ୍ୟାଦି ଭୋଗ ହୁଏ । ପର୍ବଦିନମାନଙ୍କରେ ମିଷ୍ଟାନ୍ନ ଭୋଗ ହୁଏ ।

(୭) ମଧ୍ୟାହ୍ନ ପହୁଡ଼ :

ମଧ୍ୟାହ୍ନ ପହୁଡ଼ ସାଧାରଣତଃ ଘ ୧୨.୦୦ରୁ ଘ ୧.୦୦ ମଧ୍ୟରେ ହୁଏ । ଅର୍ଥାତ୍ ଘ ୧୨.୦୦ଠାରୁ ଘ ୧୨.୩୦ ମଧ୍ୟରେ ମଧ୍ୟାହ୍ନ ଭୋଗ ଲାଗି ପରେ ପରେ ପହୁଡ଼ ପଡ଼େ ବା ଠାକୁର ବିଶ୍ରାମ କରନ୍ତି ।

(୮) ମଧ୍ୟାହ୍ନ ପହୁଡ଼ ଫିଟା :

ଅପରାହ୍ଣ ଘ ୧.୦୦ ଠାରୁ ମଧ୍ୟାହ୍ନ ପହୁଡ଼ ଫିଟା ହୁଏ ।

(୯) ଅପରାହ୍ଣ ସାହାଣ ମେଳା :

ଅପରାହ୍ଣ ଘ ୧.୦୦ ଠାରୁ ଘ ୬.୦୦ ପର୍ଯ୍ୟନ୍ତ ସାହାଣ ମେଳା ବା ସର୍ବସାଧାରଣଙ୍କ ଦର୍ଶନ ପାଇଁ ମନ୍ଦିର ଖୋଲା ରହେ ।

(୧୦) ସନ୍ଧ୍ୟା ଆରତୀ :

ସନ୍ଧ୍ୟା ସାତ ଘଣ୍ଟିକା ସମୟରେ କବାଟ ଭିତର ଅବକାଶିତ ପୂଜାରୀ ସ୍ନାନ ସାରି ଠାକୁରଙ୍କ ମଇଲମ ବା ବେଶ ପରିବର୍ତ୍ତନ କରେ ।

Digitized by PPRACHIN, SOA

ଚନ୍ଦନ ଲାଗି କରାଯାଇ ଠାକୁରଙ୍କ ବେଶ ଉଲଗି ହୁଏ । ସନ୍ଧ୍ୟା ଆରତି ସମୟରେ ପଞ୍ଚଉପଚାରରେ ପୂଜା ହୁଏ ।

(୧୧) ସାନ୍ଧ୍ୟ ବାଲ ଭୋଗ :

ସନ୍ଧ୍ୟା ଘ ୭.୦୦ ଠାରୁ ଘ ୭.୩୦ ମଧ୍ୟରେ ସନ୍ଧ୍ୟା ଆରତି ପରେ ପରେ ସାନ୍ଧ୍ୟ ବାଲଭୋଗ ଲାଗେ । ଏଥିରେ ଫଳ, ଅଠା, ମୁଢ଼ି ଇତ୍ୟାଦି ଭୋଗ ଲଗାଯାଏ ।

(୧୨) ପହୁଡ଼ (ମନ୍ଦିର ବନ୍ଦ) :

ରାତ୍ର ଘ ୭.୩୦ ଠାରୁ ଘ ୯.୦୦ ପର୍ଯ୍ୟନ୍ତ ସାହାଣ ମେଲା ପରେ ଅର୍ଥାତ୍ ରାତ୍ର ଘ ୯.୦୦ ସମୟରେ ପହୁଡ଼ ପଡ଼େ; କିନ୍ତୁ ପର୍ବ ଦିନରେ ରାତି ସାରା ମନ୍ଦିର ଖୋଲା ରହେ ।

ଷୋଡ଼ଶ ଉପଚାରରେ ପୂଜା :

ଆସନଂ ସ୍ୱାଗତଂ ପାଦ୍ୟମର୍ଘ୍ୟମାଚମନୀୟକମ୍ ।
ମଧୁପର୍କା ଚମସ୍ନାନ ବସନା ଭରଣାନି ଚ ॥
ସୁଗନ୍ଧ ସୁମନୋ ଧୂପ ଦୀପ ନୈବେଦ୍ୟବନ୍ଦନମ୍
ପ୍ରଯୋଜୟେଦର୍ଚ୍ଚନାୟାମୁପଚାରାଂଶ୍ଚ ଷୋଡ଼ଶଃ ॥

ଆସନ, ସ୍ୱାଗତ, ପାଦ୍ୟ, ଅର୍ଘ୍ୟ, ଆଚମନ, ମଧୁପର୍କ, ପୁନରାଚମନ, ସ୍ନାନ, ବସ୍ତ୍ର, ଭୂଷଣ, ଗନ୍ଧ, ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ ଓ ଆରତି—ଏହି ଷୋଡ଼ଶଉପଚାରର ପୂଜା ସକାଳ ୭.୦୦ ସମୟରେ ଅର୍ଥାତ୍ ମଙ୍ଗଳ ଆରତି ସମୟରେ ହୁଏ ।

ପଞ୍ଚଉପଚାରର ପୂଜା :

ଗନ୍ଧ ଦଦ୍ୟୌ ନୈବେଦ୍ୟାନ୍ତା ପୂଜାଃ ପଞ୍ଚୋପଚାରିକ ।
ପୂଜା ସପ୍ତବିଧାଃ ପ୍ରୋକ୍ତାସ୍ତାସାମେକାଂ ସମାଚରେତ୍ ॥

ଗନ୍ଧ, ପୁଷ୍ପ, ଧୂପ, ଦୀପ ଓ ନୈବେଦ୍ୟ ଏହି ପଞ୍ଚୋପଚାରରେ ପୂଜା ସନ୍ଧ୍ୟା ଆରତି ସମୟରେ ସନ୍ଧ୍ୟା ଘ ୭.୦୦ ରେ ହୁଏ ।

Digitized by PPRACHIN, SOA

ହରଶଙ୍କର କ୍ଷେତ୍ରରେ ପର୍ବ-ପର୍ବାଣୀ

ଶ୍ରୀ ହରଶଙ୍କର କ୍ଷେତ୍ରରେ ପ୍ରତିଦିନର ନିୟମିତ ପୂଜା ବ୍ୟତୀତ ପର୍ବପର୍ବାଣୀମାନଙ୍କରେ ବିଶେଷ ପୂଜା ଅନୁଷ୍ଠିତ ହୁଏ । ଏହି କ୍ଷେତ୍ରରେ ନିମ୍ନଲିଖିତ ପର୍ବପର୍ବାଣୀ ପାଳିତ ହୁଏ ।

୧ । ଶ୍ରୀ ନୃସିଂହନାଥ ଚତୁର୍ଦ୍ଦଶୀ	ବୈଶାଖ ମେଳା
୨ । ବିଷୁବ ସଂକ୍ରାନ୍ତି (ପଣା ସଂକ୍ରାନ୍ତି)	ଚୈତ୍ର
୩ । ରାମ ନବମୀ	ଚୈତ୍ର
୪ । ଦେବସ୍ନାନ ପୂର୍ଣ୍ଣିମା	ଜ୍ୟେଷ୍ଠ
୫ । ନେତ୍ରୋତ୍ସବ	ଆଷାଢ଼
୬ । ରଥଯାତ୍ରା	ଆଷାଢ଼
୭ । ବାହୁଡ଼ା ଯାତ୍ରା	ଆଷାଢ଼
୮ । ଶ୍ରବଣାଭିଷେକ	ରାକ୍ଷୀ ପୂର୍ଣ୍ଣିମା
୯ । ଜନ୍ମାଷ୍ଟମୀ	ଭାଦ୍ରବ
୧୦ । ନବାନ୍ନ	ଭାଦ୍ରବ ଶୁକ୍ଳପକ୍ଷ
୧୧ । ଦୁର୍ଗା ନବମୀ	ଆଶ୍ୱିନ
୧୨ । ଭୈରବୀଙ୍କର ବିଶେଷ ପୂଜା (ମହାଳୟାଠାରୁ ଦୁର୍ଗା ନବମୀ ପର୍ଯ୍ୟନ୍ତ —ନାନ୍ଦୁପଲ୍ଲିରୁ ପୁଝାରୀ ଆସି ଏଠାରେ ବିଶେଷ ପୂଜା ଅନୁଷ୍ଠିତ କରିଥାନ୍ତି)	ଆଶ୍ୱିନ
୧୩ । କୁମାର ପୂର୍ଣ୍ଣିମା	ଆଶ୍ୱିନ
୧୪ । ଦୀପାବଳୀ	କାର୍ତ୍ତିକ
୧୫ । କାର୍ତ୍ତିକ ପୂର୍ଣ୍ଣିମା	ରାସ ପୂର୍ଣ୍ଣିମା
୧୬ । ଲକ୍ଷ୍ମୀ ପୂଜା	ମାର୍ଗଶୀର ଗୁରୁବାର
୧୭ । ମକର ସଂକ୍ରାନ୍ତି	ପୌଷ

Digitized by PPRACHIN, SOA

୧୮ ।	ପୁଷ୍ୟାଭିଷେକ	ପୌଷ ପୂର୍ଣ୍ଣିମା
୧୯ ।	ମାଘ ସପ୍ତମୀ	ପାପହରଣ ସ୍ନାନ
୨୦ ।	ମାଘ ଚତୁର୍ଦ୍ଦଶୀ (ମାଘମେଳା) ...	ମାଘ ପୂର୍ଣ୍ଣିମା
୨୧ ।	ଶିବରାତ୍ରୀ	ଫାଲ୍‌ଗୁନ
୨୨ ।	ଦୋଳ ଯାତ୍ରା	ଫାଲ୍‌ଗୁନ ପୂର୍ଣ୍ଣିମା
୨୩ ।	ଶୀତଳ ଷଷ୍ଠୀ ... (ଶିବଙ୍କ ମୂର୍ତ୍ତିକୁ ନନ୍ଦପଲ୍ଲୀକୁ ନିଆଯାଇ ସେଠାରେ ପାର୍ବତୀ ମୂର୍ତ୍ତିଙ୍କ ସହିତ ବିବାହ ପାଳନ ହୋଇ ମୂର୍ତ୍ତିଙ୍କୁ ବିସର୍ଜ୍ଜନ କରାଯାଏ ।	ଜ୍ୟେଷ୍ଠ ଶୁକ୍ଳପକ୍ଷ
୨୪ ।	ପ୍ରତି ସୋମବାର	ବର୍ଷର ସମସ୍ତ ସୋମବାର

ଠାକୁରଙ୍କର ଖମାର ସମ୍ପତ୍ତି

ହରିଶଙ୍କରଙ୍କର ଦୈନିକ ପୂଜା ବିଧି ପରିଚାଳନା ଓ ଭୋଗ ପାଇଁ ପୂର୍ବରୁ କୌଣସି ସମ୍ପତ୍ତି ନ ଥିଲା । ଟ୍ରଷ୍ଟ ତରଫରୁ ୧୯୮୪ ମସିହାରେ ୯ ଏକର ଜମି କିଣାଯାଇଛି । ଦୈନିକ ୪ କେଜି ଓ ଜଗନ୍ନାଥ (ଦଧିବାମନ)ଙ୍କ ପାଇଁ ଏକ କେଜି, ଅର୍ଥାତ୍ ମୋଟ ପାଞ୍ଚ କିଲୋଗ୍ରାମ ଚାଉଳ ଭୋଗ ଲାଗି ମାଗଣାରେ ଦିଆଯାଏ । ପୂର୍ବରୁ ବରାଦ କଲେ ଭୋଗ ବିକ୍ରି ମଧ୍ୟ କରାଯାଏ ।

ପରିଚାଳନା

ଓଡ଼ିଶା ସରକାରଙ୍କ ଦେବୋତ୍ତର କମିଶନରଙ୍କଦ୍ୱାରା ଟ୍ରଷ୍ଟ ବୋର୍ଡ଼ ଗଠନ କରାଯାଇ ଏହାର ପରିଚାଳନା କରାଯାଉଛି । ଟ୍ରଷ୍ଟ ବୋର୍ଡ଼ର ନିର୍ବାହୀ ଅଧିକାରୀ ପାଟଣାଗଡ଼ର ଅନୁବିଭାଗୀୟ ଅଧିକାରୀ ଅଛନ୍ତି । ହରିଶଙ୍କର ମନ୍ଦିରର ପରିଚାଳନା ପାଇଁ, ପୂଜା, ପ୍ରାୟଶ୍ଚିତ୍ତ ଓ ଅନ୍ୟାନ୍ୟ ଉପଚାରର ନିର୍ଦ୍ଧାରିତ ମାସୁଲ ନିମ୍ନମତେ ଲାଗୁ କରାଯାଇଛି—

Digitized by PPRACHIN, SOA

୧ ।	ଭୋଗ	ଟ ୦.୨୫
୨ ।	ଜଳ ସଇ	ଟ ୧୧.୦୦
୩ ।	ରୁଦ୍ରାଭିଷେକ	ଟ ୧୧.୦୦
୪ ।	ହୋମଯାଗ ଟିକା	ଟ ୩୧.୦୦
୫ ।	ଗଙ୍ଗାଜଳ	ଟ ୫.୨୫
୬ ।	ବାଳପକା	ଟ ୧୧.୦୦
୭ ।	ଧଣ୍ଡିଚଢ଼ା	ଟ ୧୧.୦୦
୮ ।	ବ୍ରତ ଉପନୟନ	ଟ ୫୧.୦୦
୯ ।	ଗୁଆ ବସା	ଟ ୧୧.୦୦
୧୦ ।	ସାମାଜିକ ଜାଣିପୁ ଦୋଷ	ଟ ୫୧.୦୦
୧୧ ।	ଗୁଆ ଉଠା	ଟ ୧୫୧.୦୦
୧୨ ।	ଗୋ ବଧ ପ୍ରାୟଶ୍ଚିତ୍ତ	ଟ ୫୧.୦୦
୧୩ ।	ଘୁଣା ଦୋଷ	ଟ ୨୧.୦୦
୧୪ ।	ଗୋ ହରଣ	ଟ ୧୫୧.୦୦
୧୫ ।	ମାଦକ ଦ୍ରବ୍ୟ ବର୍ଜନ	ଟ ୧୧.୦୦
୧୬ ।	ଅସ୍ଥି ପ୍ରବାହ	ଟ ୬୫.୦୦
୧୭ ।	ମନସ୍କାମନା	ଟ ୧୧.୦୦
୧୮ ।	ଅନ୍ନ ପ୍ରାଶନ	ଟ ୧୧.୦୦

Digitized by PPRACHIN, SOA

ସହାୟକ ଗ୍ରନ୍ଥ ସୂଚୀ

୧ । ଶ୍ରୀମଦ୍ ଭଗବଦ୍ ଗୀତା—ବିହାରୀଲାଲ ପଣ୍ଡିତ

୨ । ଗୀତା ମାହାତ୍ମ୍ୟ—ଡଃ ମାୟାଧର ମାନସିଂହ

୩ । ମନୁସଂହିତା ବା ମନୁ ସ୍ମୃତି—ରାମ ଶଙ୍କର ରାୟ

୪ । ଓଡ଼ିଶାର ଆଦିବାସୀ ସଂସ୍କୃତି—ଶ୍ରୀ ବଂଶୀଧର ମହାନ୍ତି

୫ । ଅତୀତରେ ଓଡ଼ିଶା—ଶିବ ପ୍ରସାଦ ଦାଶ

୬ । ଓଡ଼ିଆ ସାହିତ୍ୟର ଇତିହାସ—ଡଃ ବଂଶୀଧର ମହାନ୍ତି

୭ । ଭାରତୀୟ ତନ୍ତ୍ର ଶାସ୍ତ୍ର—ଶ୍ରୀ ନୀଳମଣି ମିଶ୍ର

୮ । ଓଡ଼ିଆ ସାହିତ୍ୟରେ ତନ୍ତ୍ରର ପ୍ରଭାବ—ଓଡ଼ିଶା ସାହିତ୍ୟ ଏକାଡେମୀ

୯ । ଓଡ଼ିଶାର ସାଂସ୍କୃତିକ ଇତିହାସ—ସମ୍ପାଦନା: ଓଡ଼ିଶା କଲଚରାଲ୍ ଫୋରମ୍

୧୦ । ଶ୍ରୀନୃସିଂହ ଚରିତ—ଯୁଗଦାସ—ସଂପାଦନା: ଶ୍ରୀ ନାରାୟଣ ପୃଷେଠ୍

୧୧ । ଶ୍ରୀମତ୍ ଶଙ୍କରାଚାର୍ଯ୍ୟ ଗ୍ରନ୍ଥାବଳୀ—ଜ୍ୟୋ:ପ: ସିଦ୍ଧାନ୍ତ ଶ୍ରୀ ଦୟାନିଧି ଖଡ଼ିରତ୍ନ ବିଦ୍ୟା ଭୂଷଣ

୧୨ । ତାନ୍ତ୍ରିକ ଗୁରୁ ବା ତନ୍ତ୍ର ଓ ସାଧନ—ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଅନୁବାଦକ: ଶ୍ରୀ ଦୁର୍ଗା ଚରଣ ମହାନ୍ତି

୧୩ । ଜ୍ଞାନୀଗୁରୁ ବା ଜ୍ଞାନ ଓ ସାଧନ ପଦ୍ଧତି—ସ୍ୱାମୀ ନିଗମାନନ୍ଦ ସରସ୍ୱତୀ —ନୀଳାଚଳ ସାରସ୍ୱତ ସଂଘ, ପୁରୀ

୧୪ । ସଂକ୍ଷିପ୍ତ ଶିବପୁରାଣ—ଶ୍ରୀ ପ୍ରାଣକୃଷ୍ଣ ମହାପାତ୍ର

୧୫ । ଶିବ ପୁରାଣ—ଶ୍ରୀ କ୍ଷେତ୍ରମୋହନ ପ୍ରଧାନ

୧୬ । ହିନ୍ଦୁପୂଜା ରହସ୍ୟ—କ୍ରିୟାଯୋଗୀ ସ୍ୱାମୀ ହରିହରାନନ୍ଦ ଗିରି

୧୭ । ଶ୍ରୀଜଗନ୍ନାଥ—କେତୋଟି ନୂତନ ଦିଗନ୍ତ ପୌରୁଷ—ରାଇଚରଣ ଦାସ—ଜୁଲାଇ ୧୯୮୨ ।

୧୮ । ଶଙ୍କରାଚାର୍ଯ୍ୟ ଗ୍ରନ୍ଥାବଳୀ—ଧର୍ମଗ୍ରନ୍ଥ ଷ୍ଟୋର

Digitized by PPRACHIN, SOA

୧୯ । ନୃସିଂହ ଆରାଧନା—ଡଃ ବଂଶୀଧର ମହାନ୍ତି

୨୦ । ଓଡ଼ିଆ ସାହିତ୍ୟ ଓ ଆଦିବାସୀ ସଂସ୍କୃତି—
ଓଡ଼ିଶା ସାହିତ୍ୟ ଏକାଡେମୀ

୨୧ । କାହାଣୀ ଓ କମ୍ବଦନ୍ତୀ—ଶ୍ରୀ ଭଗୀରଥି ନେପାକ୍

୨୨ । ପାତଞ୍ଜଳ ଯୋଗ ଦର୍ଶନ—ମହର୍ଷି ପତଞ୍ଜଳି
ଅନୁବାଦ: ଯଯାତିକେଶରୀ ବିଶ୍ୱାଳ

୨୩ । ସନାତନ ଧର୍ମ ଓ ଦେବ ଦେବୀ ତତ୍ତ୍ୱ—ଶ୍ରୀ ଉପେନ୍ଦ୍ର ନାଥ ହୋତା

୨୪ । ଭାରତୀୟ ସଂସ୍କୃତିରେ ନେତ୍ରୀ ପରିକ୍ରମା—ଡଃ: ସତ୍ୟବାଦୀ ମିଶ୍ର

୨୫ । ଶ୍ରୀଜଗନ୍ନାଥ ଦର୍ଶନ—ଶ୍ରୀ ଗଙ୍ଗାଧର ଗୁରୁ

୨୬ । ଓଡିଶାର କମ୍ବଦନ୍ତୀ—ଡଃ ପ୍ରସନ୍ନ କୁମାର ମିଶ୍ର

୨୭ । ଓଡିଶାର ଶାକ୍ତ ସଂସ୍କୃତି—ସମ୍ପାଦନା: ଓଡିଶା କଲଚରାଲ
ଫୋରମ୍, ଭୁବନେଶ୍ୱର

୨୮ । ଓଡ଼ିଶାର ସଂସ୍କୃତି—ଶ୍ରୀଜଗନ୍ନାଥ ସାଂସ୍କୃତିକ ପରିଷଦ, ଭୁବନେଶ୍ୱର

୨୯ । ଓଡ଼ିଶାର ଐତିହ୍ୟ ଓ ସଂସ୍କୃତି—ଡଃ: ଅର୍ଜୁନ ଯୋଷୀ

୩୦ ସଂସ୍କୃତିର ଧାରା—ଶ୍ରୀ ରାମଚନ୍ଦ୍ର ତ୍ରିପାଠୀ

୩୧ । ଭୂଗୋଳ—ମାଧ୍ୟମିକ ଶିକ୍ଷା ବୋର୍ଡ୍

୩୨ । ପାଲି ଧମ୍ମପଦ—ଅଧ୍ୟାପକ ପ୍ରହ୍ଲାଦ ପ୍ରଧାନ

୩୩ । ଋଗ୍ ବୈଦିକ ଭୂଗୋଳ (ହିନ୍ଦୀ)—ଡଃ କେଦାର ନାଥ ଦ୍ୱିବେଦୀ
ସାହିତ୍ୟ ନିକେତନ, କାନପୁର

୩୪ । ବୃହଦ୍ ଦେବଦେବୀ (ବଙ୍ଗଳା)—ପ୍ରଥମ ଓ ଦ୍ୱିତୀୟ ଭାଗ ।

୩୫ ସୋନପୁର—ପ୍ରାଦେଶିକ ଲେଖକ ସମ୍ମିଳନୀ ସ୍ମରଣିକା ୧୯୮୦-୮୧

36. The Cultural Heritage of India-Vol. II
The Ramkrishna Mission Institute of Culture, Calcutta--Chairman, Board of Editors: Dr. S. Radhakrishnan.

Digitized by PPRACHIN, SOA

37. The History and Culture of the Indian People—The VEDIC AGE. Vol I. General Editor—R. C. Majumdar, Bharatiya Vidya Bhavan, Chaupatty Road, Bombay-7

38. Ancient India and Indian Civilization—Paul Masson-Oursel, H. Willman Grabouska and Philippe Stern.

39. Sakti and Sakta—Essays and Addresses—Sir John Woodroff. Ganesh Co. (Madras) Private Ltd, Madras-17

40. Early Stone Temples of Orissa—Vidya Dehejia.

41. History of Orissa—Dr. N. K. Sahu, Dr. P. K. Misra, Dr. J. K Sahu.

42. History of Orissa—Dr. H. K. Mahtab.

43. Bondo Highlander—Verrier Elwin.

44. New Aspects of History of Orissa Vol. II —Sambalpur University

45. New Aspects of History of Orissa —Sambalpur University

46. Bengal District Gazetteers—Sambalpur L.S.S.O' MALLEY, I. C. S.

47. Orissa District Gazetteers, Bolangir—Sri Nilamani Senapati, I. C. S (Retd) Chief Editor & Dr. N. K. Sahu, Ph. D., D Litt, State Editor.

48. Report of Archaeological Excavation in the Upper Jonk Valley in Nuapara Sub-Division of Kalahandi Dist—Dr. N. K. Sahu.

Digitized by PPRACHIN, SOA

49. Orissa Tourism News Letter, Vol. VIII, No 6 Febru-March 1983—Historical Importance of Nrusingh Nath Hills By Dr. N. K. Sahu.

50. A Pictorial Guide to Aurangabad, Daulatabad, Ellora, Ajanta—S. Siddique.

51. Konark—Debala Mitra.

52. Khajuraho—Krishna Deva.

53. The Culture and Civilization of Ancient India —In Historical Outline —By D. D. Kosambi.

54. India in the time of Patanjali—B. N. Puri.

Digitized by PPRACHIN, SOA